# ପ୍ରାର୍ଥନା

**ଶାନ୍ତି**, ଶାନ୍ତି ବିରାଜମାନ କରୁ ସାରା ପୃଥିବୀ ଉପରେ ।...

ଏକ ନିଶ୍ଚେତନ ନିଦ୍ରା ଅଥବା ଆତ୍ମ-ସନ୍ତୁଷ୍ଟ ଜଡ଼ତାର ଶାନ୍ତି ନୁହେଁ; ଏକ ଆତ୍ମ-ବିସ୍ମରଣୀ ଅଜ୍ଞତା ଏବଂ ଏକ ଅନ୍ଧକାର, ଗୁରୁଭାର ଔଦାସିନ୍ୟର ଶାନ୍ତି ନୁହେଁ । କିନ୍ତୁ ସର୍ବକ୍ଷମ ଶକ୍ତିର ଶାନ୍ତି, ନିଖୁଣ ଭାବ-ବିନିମୟର ଶାନ୍ତି, ସର୍ବାଙ୍ଗୀଣ ଜାଗରଣର ଏବଂ ଯାବତୀୟ ସୀମିତତା ଏବଂ ଯାବତୀୟ ଅନ୍ଧକାର ଅନ୍ତର୍ହିତ ହେବାର ଶାନ୍ତି ।...

ନିଜକୁ କାହିଁକି ଦେବ ଯନ୍ତ୍ରଣା ଏବଂ କରିବ କଷ୍ଟଭୋଗ, କାହିଁକି ଏ ତିକ୍ତ ସଂଘର୍ଷ ଏବଂ ଦୁଃଖଦାୟକ ବିଦ୍ରୋହ, କାହିଁକି ଏ ବୃଥା ହିଂସାଚାର, କାହିଁକି ଏ ନିଶ୍ଚେତନା, ଗୁରୁଭାର ସୁପ୍ତି ? ନିର୍ଭୟରେ ଜାଗିଉଠ, ତୁମ ବିରୋଧସବୁକୁ ପ୍ରଶମିତ କର, ତୁମ ବିବାଦସବୁକୁ ନୀରବ କର, ଉନ୍ମୀଳିତ କର ତୁମ ଚକ୍ଷୁ ଏବଂ ହୃଦୟ : ଶକ୍ତି ଉପସ୍ଥିତ; ଉପସ୍ଥିତ, ଦିବ୍ୟ ବିଶୁଦ୍ଧ, ଦୀପ୍ତିମାନ୍, ପରାକ୍ରାନ୍ତ; ଅନନ୍ତ ପ୍ରେମ ରୂପେ ତାହା ବିଦ୍ୟମାନ, ଏକ ସାର୍ବଭୌମ ଶକ୍ତି, ଏକ ଅବିସମ୍ବାଦିତ ବାସ୍ତବତା, ଏକ ଅମିଶ୍ର ଶାନ୍ତି, ଏକ ଅବିଚ୍ଛିନ୍ନ ସ୍ୱର୍ଗାଶିଷ, ପରମ ଆଶୀର୍ବାଣୀ; ତାହା ସ୍ୱୟଂସ୍ଥିତ, ଅନନ୍ତ ଜ୍ଞାନର ଅସୀମ ବିମଳାନନ୍ଦ... ଏବଂ ତାହା ଆହୁରି ବି ଅଧିକ ଯାହା ବାକ୍ୟାତୀତ, କିନ୍ତୁ ଯାହା ଭାବନା-ଅତିକ୍ରାନ୍ତ ଉଚ୍ଚତର ଜଗତର ଗତି ମଧ୍ୟରେ କ୍ରିୟାରତ – ସାର୍ବଭୌମ ନବରୂପାୟନର କ୍ଷମତା ରୂପେ ଏବଂ ଆହୁରି ମଧ୍ୟ ଅପ୍ରତିରୋଧ୍ୟ ନିରାମୟକାରୀ ରୂପେ ଜଡ଼ର ନିଶ୍ଚେତନ ଅତଳରେ ।...

ଶୁଣ, ଶୁଣ ହେ ଯିଏ ତୁମେ ଜାଣିବାକୁ ଆଗ୍ରହୀ ।

ଚାହଁ, ଯିଏ ଦେଖିବାକୁ ଆଗ୍ରହୀ, ଯାପନ କର ଅଭିନିବିଷ୍ଟ ଜୀବନ :

*ଦିବ୍ୟ ଶକ୍ତି ଉପନୀତ ।*

ଜୁଲାଇ ୭, ୧୯୧୪ – ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

I am concerned with the earth, not with worlds beyond for their own sake; it is a terrestrial realisation that I seek and not a flight to distant summits. All other yogas regard this life as an illusion or a passing phase; the supramental yoga alone regards it as a thing created by the Divine for a progressive manifestation and takes the fulfilment of the life and the body for its object.

– Sri Aurobindo

ପୃଥିବୀକୁ ନେଇହିଁ ମୋର କର୍ମ, ବହିର୍ଜଗତସବୁକୁ ନେଇ ଖାସ୍ ସେମାନଙ୍କ ସକାଶେ ନୁହେଁ; ପାର୍ଥିବ ସିଦ୍ଧିହିଁ ମୋର ଲକ୍ଷ୍ୟ, ସୁଦୂର ଶିଖରସବୁ ଉଦ୍ଦେଶ୍ୟରେ ଉଡ୍ଡୟନ ନୁହେଁ । ଅନ୍ୟସବୁ ଯୋଗ ଏ ଜୀବନକୁ ଏକ ମାୟା ଅଥବା ଅସ୍ଥାୟୀ ପର୍ଯ୍ୟାୟ ଭାବେ ଦେଖନ୍ତି; ଏକମାତ୍ର ଅତିମାନସ ଯୋଗହିଁ ଏହାକୁ ଭଗବାନଙ୍କର କ୍ରମାଗତ ପରିପ୍ରକାଶ ସକାଶେ ସୃଷ୍ଟ ବୋଲି ମନେକରେ ଏବଂ ଜୀବନ ତଥା ସ୍ଥୂଳଦେହର ପରିପୂର୍ଣ୍ଣତା ଏହାର ଲକ୍ଷ୍ୟ ବୋଲି ଗ୍ରହଣ କରେ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୧୮)

## ଶ୍ରୀଅରବିନ୍ଦ

A snake of flame with a dull cloud for tail,
Followed by a dream-brood of glittering thoughts,
A lifted head with many-tinged flickering crests,
It licked at knowledge with a smoky tongue.

ମଳିନ ମେଘଲାଞ୍ଛଯୁକ୍ତ ବହ୍ନିଶିଖାର ଏକ ଭୁଜଙ୍ଗ, ତାହାକୁ ଅନୁସରଣ କରୁଥିଲେ ପ୍ରଭା ବିକିରଣକାରୀ ଭାବନାରାଜିର ସ୍ୱପ୍ନ-ସନ୍ତାନକୁଳ, ବହୁବର୍ଣ୍ଣୀ ଝିଲିମିଲି ଫଣାଚୟ ବିଶିଷ୍ଟ ଉତ୍ତୋଳିତ ଏକ ମସ୍ତକ, ଧୂମାଭ ଜିହ୍ୱା ଦ୍ୱାରା ତାହା ଜ୍ଞାନକୁ ଲେହନ କରି ନେଉଥିଲା ।

A whirlpool sucking in an empty air,
It based on vacancy stupendous claims,
In Nothingness born to Nothingness returned,
Yet all the time unwittingly it drove
Towards the hidden Something that is All.

ଜଳଘୂର୍ଣ୍ଣି ଏକ ଶୋଷି ନେଉଥିଲା ରିକ୍ତ ପବନକୁ, ଶୂନ୍ୟତା ଉପରେ ତାହା ପ୍ରତିଷ୍ଠା କରିଥିଲା ପ୍ରକାଣ୍ଡକାୟ ଦାବିସକଳ, ନାସ୍ତି ମଧ୍ୟରେ ଜନ୍ମ ନେଇ ନାସ୍ତି ମଧ୍ୟକୁ ତାହା ଲେଉଟି ଯାଉଥିଲା, ତଥାପି ସେ ଅଜ୍ଞାତସାରରେ ନିରନ୍ତର ଚାଲିଥିଲା ସଂଗୁପ୍ତ କିଛିର ଅଭିମୁଖେ ଯାହା ସର୍ବାସ୍ତିହିଁ ଅଟେ ।

Ardent to find, incapable to retain,
A brilliant instability was its mark,
To err its inborn trend, its native cue.

ଅନ୍ୱେଷଣ କରିବାକୁ ଉଦ୍‌ଗ୍ରୀବ, ମାତ୍ର ଧାରଣ କରିବାକୁ ଅକ୍ଷମ, ଏକ ଅତ୍ୟୁଜ୍ଜ୍ୱଳ ଅସ୍ଥାୟିତ୍ୱହିଁ ଥିଲା ତା'ର ଚିହ୍ନ, ଭୁଲ୍ କରିବାଟା ତା'ର ଜନ୍ମଗତ ଲକ୍ଷଣ, ତା'ର ସ୍ୱଭାବଜ ସୂଚକ-ସୂତ୍ର ।

At once to an unreflecting credence prone,
It thought all true that flattered its own hopes;
It cherished golden nothings born of wish,
It snatched at the unreal for provender.

ତତ୍‌କ୍ଷଣାତ୍ ଏକ ନିର୍ବିଚାର ବିଶ୍ୱାସ ପ୍ରତି ରହିଥିଲା ତା'ର ପ୍ରବଣତା, ଯାହାସବୁ ତା'ର ନିଜସ୍ୱ ଆଶାରାଶିକୁ ପରିତୁଷ୍ଟ କରୁଥିଲା ସେହିସବୁକୁହିଁ ସେ ସତ୍ୟ ବୋଲି ଭାବି ନେଉଥିଲା; ଇଚ୍ଛା-ସମ୍ଭୂତ ସ୍ୱର୍ଣ୍ଣିମ ନାସ୍ତି ସକଳକୁ ତାହା କରୁଥିଲା ପରମ ଆଦର, ଅବାସ୍ତବକୁ ଝାମ୍ପି ନେଉଥିଲା ଆହାର୍ଯ୍ୟ ରୂପେ ।

In darkness it discovered luminous shapes;
Peering into a shadow-hung half-light
It saw hued images scrawled on Fancy's cave;
Or it swept in circles through conjecture's night
And caught in imagination's camera
Bright scenes of promise held by transient flares,
Fixed in life's air the feet of hurrying dreams,
Kept prints of passing Forms and hooded Powers
And flash-images of half-seen verities.

ଅନ୍ଧକାର ମଧ୍ୟରେ ତାହା ଆବିଷ୍କାର କରୁଥିଲା ଉଜ୍ଜ୍ୱଳ ଆକୃତିରାଜି; ଛାୟାବୃତ ଅର୍ଦ୍ଧାଲୋକ ଭିତରକୁ ନିରୀକ୍ଷଣ କରି ତାହା ଦେଖୁଥିଲା ଯେ କଳ୍ପନାର ଗୁହାରେ ଯତ୍ନହୀନଭାବେ ରେଖାଙ୍କିତ ହୋଇଥିଲା ବର୍ଣ୍ଣିଳ ମୂର୍ତ୍ତିମାଳା; ଅଥବା ଅନୁମାନର ରାତ୍ରି ମଧ୍ୟ ଦେଇ ତାହା ଚକ୍ରାକାରରେ ଘୂରି ଘୂରି ଗତି କରୁଥିଲା ଏବଂ କଳ୍ପନାର ଚିତ୍ରୋତ୍ତୋଳନକାରୀ ଯନ୍ତ୍ର ପେଟିକା (କ୍ୟାମେରା)ରେ ଧରି ରଖୁଥିଲା କ୍ଷଣସ୍ଥାୟୀ ଦିହୁଡ଼ି-ଆଲୋକରେ ବିଧୃତ ପ୍ରତିଶ୍ରୁତିର ଭାସ୍ୱର ଦୃଶ୍ୟାବଳୀ, ପ୍ରାଣର ବାତାବରଣରେ ତାହା ସତ୍ୱର ଧାବମାନ ସ୍ୱପ୍ନଚୟର ପଦସଞ୍ଚରଣକୁ ସ୍ଥିର ନିବଦ୍ଧ କରି ରଖୁଥିଲା, ଚଳମାନ ରୂପାବଳୀ ଓ ଆବୃତମୁଖ ଶକ୍ତି ସମୂହର ମୁଦ୍ରିତ-ଲିପିମାଳା ତଥା ଅଧା ଦେଖା ଯାଥାର୍ଥ୍ୟ ସକଳର ଉଭାସ-ଚିତ୍ରଚୟକୁ ଧରି ରଖୁଥିଲା ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଦିବ୍ୟ-ଚେତନା

## ଶ୍ରୀମା

### ତୁମ ଅନ୍ତରରେ ଥିବା ମନ୍ଦିର

ତୁମ ଚେତନାର ଗଭୀରରେ ରହିଛନ୍ତି ତୁମର ଚୈତ୍ୟସତ୍ତା, ତାହାହିଁ ତୁମ ଭିତରେ ରହିଥିବା ଈଶ୍ୱରଙ୍କ ମନ୍ଦିର । ଏହାହିଁ ହେଉଛନ୍ତି କେନ୍ଦ୍ର, ଯାହାଙ୍କ ଚାରିପଟେ ତୁମର ବିଭିନ୍ନ ଅଂଶଗୁଡ଼ିକ ଆସି ଏକତ୍ରିତ ହେବା ଉଚିତ, ତୁମର ବିଭିନ୍ନ ସତ୍ତାର ବିରୋଧାତ୍ମକ ଗତିବୃତ୍ତିଗୁଡ଼ିକ ବି ଏହିଠାରେ ଆସି ମିଳିତ ହେବା ଉଚିତ । ଥରେ ଯଦି ତୁମେ ତୁମ ଚୈତ୍ୟସତ୍ତାର ଚେତନା ଲାଭ କଲ, ଏବଂ ତା'ର ଅଭୀପ୍ସା ତୁମ ଭିତରେ ଜାଗ୍ରତ୍ ହେଲା, ତୁମର ସବୁକିଛି ସଂଶୟ ଓ ଅସୁବିଧାଗୁଡ଼ିକ ନିଶ୍ଚୟ ଦୂର ହୋଇଯିବ । ଏଥିପାଇଁ କମ୍ ବା ବେଶୀ ସମୟ ହୁଏତ ଲାଗିପାରେ, କିନ୍ତୁ ଶେଷରେ ତୁମେ ସଫଳ ହେବହିଁ ହେବ । ଥରେ ଯଦି ତୁମେ ଈଶ୍ୱରଙ୍କ ଆଡ଼କୁ ଢଳିଲ ଏବଂ କହିଲ ଯେ, ''ପ୍ରଭୁ ! ମୁଁ ଏକାନ୍ତ ଭାବେ ତୁମର ହେବାକୁ ଚାହେଁ,'' ଏବଂ ଈଶ୍ୱର ମଧ କହିଲେ ''ହଁ'', ତା'ହେଲେ ସମଗ୍ର ପୃଥିବୀ ମଧ ତୁମକୁ ସେଥିରୁ ଟାଣିନେଇ ପାରିବ ନାହିଁ । ଯେତେବେଳେ କେନ୍ଦ୍ରୀୟ ସତ୍ତା ନିଜକୁ ସମର୍ପଣ କରିସାରିଛି, ସେତେବେଳେ ମୁଖ୍ୟ ଅସୁବିଧାଟି ଅଦୃଶ୍ୟ ହୋଇଯାଏ । ବାହ୍ୟ ସତ୍ତାଟି ହେଲା ଗୋଟିଏ ପରଦା ଭଳି । ସାଧାରଣ ଲୋକଙ୍କ ଭିତରେ ଏହି ପରଦାଟି ଏତେ ଶକ୍ତ ଓ ମୋଟା ଯେ ସେମାନେ କେତେବେଳେ ହେଲେ ବି ନିଜ ଭିତରେ ଦିବ୍ୟତା ସମ୍ବନ୍ଧେ ସଚେତନ ହୋଇପାରନ୍ତି ନାହିଁ । ଯଦି ଥରକ ପାଇଁ ଏପରିକି ଗୋଟିଏ ମୁହୂର୍ତ୍ତ ପାଇଁ କେବଳ ଅନ୍ତଃପୁରୁଷ କହିଛି ଯେ, ''ମୁଁ ଏହିଠାରେ ତୁମ ଭିତରେ ଅଛି ଓ ମୁଁ ତୁମର,'' ସେତେବେଳେ ତୁମର ବାହ୍ୟ ସତ୍ତା ସହିତ ଏକ 'ସେତୁ' ନିର୍ମିତ ହୋଇଯାଏ ଏବଂ ତା' ଫଳରେ ଆସ୍ତେ ଆସ୍ତେ ସେହି ମୋଟା ପରଦାଟି ପତଳା ହୋଇ ହୋଇ ଆସେ ଏବଂ ଶେଷରେ ଏପରି ଏକ ସମୟ ଆସେ ଯେତେବେଳେ ତୁମର ଦୁଇଟି ଯାକ ସତ୍ତା ଏକାଠି ହୋଇଯାଏ – ଆନ୍ତର ଓ ବାହ୍ୟ ଏକ ହୋଇଯାଏ ।

### ଦିବ୍ୟ-ଚେତନାର ଆସନ

ଚୈତ୍ୟସତ୍ତାହିଁ ହେଉଛନ୍ତି ଦିବ୍ୟଚେତନାର ଆସନ, ବ୍ୟକ୍ତିସତ୍ତା ଭିତରେ ସେହିଁ ଦିବ୍ୟପୁରୁଷ । ସେ ହେଉଛନ୍ତି ଆଲୋକ, ସତ୍ୟ, ଜ୍ଞାନ, ସୌନ୍ଦର୍ଯ୍ୟ ଏବଂ ସଙ୍ଗତିର କେନ୍ଦ୍ର । ତୁମ ସମସ୍ତଙ୍କ ଭିତରେ ସେହି ଦିବ୍ୟପୁରୁଷ ରହି ଏହି କଥାସବୁ ଧୀରେ ଧୀରେ ସୃଷ୍ଟି କରୁଛନ୍ତି । ଏହି ଚୈତ୍ୟସତ୍ତା ହେଉଛନ୍ତି ଦିବ୍ୟ-ଚେତନାର ଅଂଶ ଓ ଅଙ୍ଗବିଶେଷ, ତେଣୁ ସେ ଏହି ଚେତନା ଦ୍ୱାରା ପ୍ରଭାବିତ, ସଙ୍ଗଠିତ ଓ ଗତିଶୀଳ ମଧ ହୋଇଥା'ନ୍ତି । ତୁମ ସମସ୍ତଙ୍କ ଭିତରେ ସେହି ଯେଉଁ ଗଭୀର ଅନ୍ତଃପୁରୁଷ ରହିଛନ୍ତି, ତାଙ୍କୁ ତୁମେ ଖୋଜି ବାହାର କରିବ, କାହିଁକି ନା ତାଙ୍କରି ସହାୟତାରେହିଁ ତୁମେ ତୁମ ଭିତରେ ରହିଥିବା ଈଶ୍ୱରଙ୍କ ସମ୍ପର୍କ ଲାଭ କରିପାରିବ । ସେହି ଚୈତ୍ୟସତ୍ତା ହେଉଛନ୍ତି ଦିବ୍ୟ-ଚେତନା ଓ ବାହ୍ୟ ଚେତନା ଭିତରେ ସଂଯୋଗକାରୀ । ଏହାଙ୍କ ଦ୍ୱାରାହିଁ ଆମର ଆନ୍ତର-ଜୀବନ ଗଠିତ ହୁଏ । ଏହି ଚୈତ୍ୟସତ୍ତାହିଁ ତୁମର ବାହ୍ୟ ପ୍ରକୃତି ଭିତରେ ଦିବ୍ୟ-ଶୃଙ୍ଖଳା ଓ ଶାସନ ପ୍ରତିଷ୍ଠା କରନ୍ତି । ଯଦି ତୁମେ ତୁମର ବାହ୍ୟ ଚେତନାରେ ତୁମ ଚୈତ୍ୟସତ୍ତା ସମ୍ବନ୍ଧେ ଜାଗ୍ରତ୍ ହୋଇପାରିବ ଏବଂ ଅନ୍ତରସ୍ଥିତ ଏହି ସତ୍ତାଙ୍କ ସହିତ ତୁମର ବାହ୍ୟ ପ୍ରକୃତିକୁ ଯୋଗ କରିପାରିବ, ତା'ହେଲେ ତୁମେ ଶୁଦ୍ଧ ଚିରନ୍ତନ ଚେତନାକୁ ପାଇପାରିବ ଓ ତା' ଭିତରେ ବାସ କରିପାରିବ; ... ତୁମେ ତୁମ ଅନ୍ତର ଭିତରେ ସେହି ଚିରନ୍ତନ ଆଲୋକ ଓ ଜ୍ଞାନର ଅବସ୍ଥିତି ସମ୍ବନ୍ଧେ ମଧ ଧୀରେ ଧୀରେ ସଚେତନ ହୋଇ ଉଠିବ ଏବଂ ତାଙ୍କରି ପାଖରେ ନିଜକୁ ସମର୍ପିତ କରିଦେବ, ତା'ପରେ କ୍ରମେ କ୍ରମେ ତୁମେ ତାଙ୍କରି ପାଖରେ ପୂର୍ଣ୍ଣାଙ୍ଗ ଭାବେ ଉତ୍ସର୍ଗୀକୃତ ହୋଇଯିବ ଏବଂ ସବୁ ବିଷୟରେ ତାଙ୍କରି ଦ୍ୱାରା ପରିଚାଳିତ ହୋଇପାରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ଦ୍ୱିତୀୟ ଭାଗ

## (ଊନବିଂଶ ଅଧ୍ୟାୟ)

## ଗୁଣତ୍ରୟ, ମନ ଓ କର୍ମ

**ଶେଖ ଅବଦୁଲ କାଶମ**

ପୂର୍ଣ୍ଣ ଅଧ୍ୟାତ୍ମ ବିକାଶ ସାଧନ ନିମନ୍ତେ କର୍ମ ଏକ ବଳିଷ୍ଠ ମାଧ୍ୟମ । ଯାହାକୁ ଆମେ ସତ୍ୟ ବୋଲି ଧାରଣା କରୁ ତା' ଉପରେ ଆମେ ପ୍ରଥମେ ବିଶ୍ୱାସ ସ୍ଥାପନ କରୁ, ତାକୁ ବାସ୍ତବ ରୂପେ ଉପଲବ୍ଧି କରିବା ପାଇଁ ସଂକଳ୍ପ କରୁ ଏବଂ ଏହି ପ୍ରକ୍ରିୟାରେ କର୍ମର ଆବଶ୍ୟକତା ରହିଛି । କାରଣ କର୍ମ ମାଧ୍ୟମରେ ଯେଉଁ ଅନୁଭବ ପ୍ରାପ୍ତ ହୁଏ ତାହା ଆମର ସେହି ବିଶ୍ୱାସ ବା ଶ୍ରଦ୍ଧାକୁ ପରିପୁଷ୍ଟ ଓ ବଳିଷ୍ଠ କରେ ଯଦ୍ଦ୍ୱାରା ଆମେ ଆଧ୍ୟାତ୍ମିକ ଲକ୍ଷ୍ୟ ସିଦ୍ଧି ଆଡ଼କୁ ଯାତ୍ରା କରିପାରୁ । କର୍ମର ବେଗ, ଗତି ଓ ସ୍ୱରୂପ ନିର୍ଣ୍ଣୟ କରିବା ନିମିତ୍ତ ମାନସିକ ଶକ୍ତି ସମୂହର ମଧ୍ୟ ଆବଶ୍ୟକତା ରହିଛି ।

ଗୀତା ସନ୍ନ୍ୟାସ ଓ ତ୍ୟାଗ ବିଷୟରେ ବାରମ୍ବାର ଆଲୋଚନା କରିଛି । ତେଣୁ ଆମକୁ ଏହି ବିଷୟ ଉପରେ ଗୁରୁତ୍ୱର ସହ ବିଚାର କରିବାକୁ ହେବ । ସଂସାର ପ୍ରତି ବୈରାଗ୍ୟ ପୋଷଣ କରିବା ବା ସଂସାରକୁ ତ୍ୟାଗ କରି ମଠ ବା ପାର୍ବତ୍ୟ ଗୁମ୍ଫାକୁ ପଳାୟନ କରିବା, ଏହାକୁ ତ୍ୟାଗ କୁହାଯାଏ ନାହିଁ । ଗୀତାନୁସାରେ ତ୍ୟାଗର ପ୍ରକୃତ ଅର୍ଥ ହେଲା ସାଂସାରିକ ଜୀବନରେ ଥାଇ କାମନାଶୂନ୍ୟ ଭାବରେ କର୍ମ ସମ୍ପାଦନ କରିବା । ବେଶଭୂଷାରେ ପରିବର୍ତ୍ତନ, ଗୃହ ଓ ପରିବାର ତ୍ୟାଗ, କେତେକ ନିର୍ଦ୍ଦିଷ୍ଟ ପ୍ରକାରର ଖାଦ୍ୟର ବର୍ଜନ ଆଦି ପ୍ରଦର୍ଶନଧର୍ମୀ ବାହ୍ୟ ଆଚରଣ, ଏହାକୁ ସାଧାରଣ ଲୋକେ ସନ୍ନ୍ୟାସ ବୋଲି ବୁଝନ୍ତି । ପରନ୍ତୁ ରାଜସିକ ବାସନା ଓ ଅହଂର ପରିତ୍ୟାଗହିଁ ହେଉଛି ପ୍ରକୃତ ସନ୍ନ୍ୟାସ । ସୁତରାଂ ଗୀତା ଏହି ବିଷୟକୁ ସ୍ପଷ୍ଟ କରିବା ପାଇଁ ସନ୍ନ୍ୟାସ ଓ ତ୍ୟାଗ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିଛି । ବସ୍ତୁସକଳର ବାହ୍ୟ ବର୍ଜନ ହେଉଛି ସନ୍ନ୍ୟାସ ଏବଂ ଆନ୍ତର ବର୍ଜନ ହେଉଛି ତ୍ୟାଗ । ଏହି ଅର୍ଥରେ ତ୍ୟାଗହିଁ ଉତ୍କୃଷ୍ଟ ପନ୍ଥା, ସନ୍ନ୍ୟାସ ନୁହେଁ । ଅର୍ଥାତ୍ ସଂସାରର କର୍ମ ସକଳକୁ ବର୍ଜନ କରିବାକୁ ହେବ ନାହିଁ, ସେଗୁଡ଼ିକୁ ଭଗବାନଙ୍କ ପାଖରେ ସମର୍ପଣ କରିବାକୁ ହେବ । କିନ୍ତୁ କର୍ମ ଓ କର୍ମଫଳ ପ୍ରତି ଆସକ୍ତି ପରିହାର କରିବା ଏକାନ୍ତ ପ୍ରୟୋଜନ । କର୍ମର ଅଧୀଶ୍ୱର ଆମ ପାଇଁ କର୍ମର ବିଧାନ କରିଛନ୍ତି । ତାଙ୍କ ନିର୍ଦ୍ଧାରିତ କର୍ତ୍ତବ୍ୟ କର୍ମ ଶ୍ରଦ୍ଧାପୂର୍ବକ ଓ ସମର୍ପଣଭାବ ସହ ସମ୍ପାଦନ କଲେ ତାହା ଆମର ଆଧ୍ୟାତ୍ମିକ ବିକାଶରେ ସାହାଯ୍ୟ କରିବ । କିନ୍ତୁ କର୍ମର ଫଳ ପାଇଁ ଅହମିକାପୂର୍ଣ୍ଣ ଦାବି ଆମର ରହିବ ନାହିଁ । ସଫଳତା ବା ବିଫଳତା ଯାହା ବି ଆସୁ ତାକୁ ଭଗବାନଙ୍କର ଇଚ୍ଛା ବୋଲି ପ୍ରସନ୍ନ ଚିତ୍ତରେ ଗ୍ରହଣ କରି ନେବାକୁ ହେବ । ଗୀତାନୁସାରେ ପ୍ରକୃତ ସନ୍ନ୍ୟାସ କ'ଣ ତାହା ଶ୍ରୀଅରବିନ୍ଦ ବୁଝାଇ କହିଛନ୍ତି – ''ନିଜକୁ କର୍ତ୍ତା ବୋଲି ଜ୍ଞାନ କରିବାର ଯେଉଁ ମିଥ୍ୟା ଧାରଣା ଆମ୍ଭମାନଙ୍କର ଅଛି ତାହା ତ୍ୟାଗ କରିବା ଉଚିତ; କାରଣ ବସ୍ତୁତଃ ବିଶ୍ୱଶକ୍ତିହିଁ ଆମ୍ଭମାନଙ୍କର ବ୍ୟକ୍ତିତ୍ୱ ଓ ଆମ୍ଭମାନଙ୍କର ଅହଂର ମାଧ୍ୟମରେ କର୍ମ କରନ୍ତି । ଆମ୍ଭମାନଙ୍କର ସକଳ କର୍ମ ଈଶ୍ୱର ଓ ତାହାଙ୍କର ଶକ୍ତିଙ୍କୁ ଅଧ୍ୟାତ୍ମ ଭାବେ ହସ୍ତାନ୍ତର କରିବା – ଏହାହିଁ ଗୀତାର ଶିକ୍ଷାରେ ପ୍ରକୃତ ସନ୍ନ୍ୟାସ ।''

(ଗୀତା-ନିବନ୍ଧମାଳା, ପୃ. ୬୦୬)

ଶରୀର ଧାରଣ କରିଥିବା ପର୍ଯ୍ୟନ୍ତ ସକଳ କର୍ମ ବର୍ଜନ କରିବା ଆଦୌ ସମ୍ଭବ ନୁହେଁ । ଆମର କର୍ମଶୀଳ ସତ୍ତାକୁ ସମାଧିର ପ୍ରାଣହୀନ ନିଶ୍ଚଳ ନୀରବତା ମଧ୍ୟରେ ସ୍ଥାପିତ କରିବା ପ୍ରକୃତ ମୋକ୍ଷ ନୁହେଁ । ସମାଧିର ନିଶ୍ଚଳ ନୀରବତା ମଧ୍ୟରେ ସମସ୍ୟାର ସମାଧାନ ହୁଏ ନାହିଁ । କାରଣ ଶରୀର ମଧ୍ୟରେ ଶ୍ୱାସପ୍ରଶ୍ୱାସ ଫେରି ଆସିବା ପରେ କର୍ମ ପୁନରାୟ ଆରମ୍ଭ ହୁଏ ଏବଂ ଚେତନାର ପୂର୍ବ ଅବସ୍ଥା ପୁଣି ଥରେ ପ୍ରାପ୍ତ ହୁଏ । ପ୍ରକୃତ ମୋକ୍ଷ ଲାଭ କରିବାକୁ ହେଲେ ଆମକୁ ସର୍ବତୋଭାବେ ଅହଂକୁ ବର୍ଜନ କରିବାକୁ ହେବ ଏବଂ ପୁରୁଷୋତ୍ତମଙ୍କ ସହିତ ସକଳ ଅବସ୍ଥାରେ ସଂଯୁକ୍ତ ହୋଇ ରହିବାକୁ ହେବ । ପ୍ରକୃତ ମୋକ୍ଷ ହେଉଛି ସ୍ୱ-ପ୍ରତିଷ୍ଠ (self-existent), ''ସର୍ବଥା

ବର୍ତ୍ତମାନୋଽପି'', ତାହା ଆମର ସକ୍ରିୟତା (action) ବା ନିଷ୍କ୍ରିୟତା (inaction) ଉପରେ ନିର୍ଭରଶୀଳ ନୁହେଁ ।

ମୋକ୍ଷ ପ୍ରାପ୍ତି ପାଇଁ କେଉଁ ପ୍ରକାର କର୍ମ କରିବାକୁ ହେବ ତାହା ଆମର ଜାଣିବା ଆବଶ୍ୟକ । ଗୀତା କହିଛି ଯେ ଯଜ୍ଞ, ଦାନ ଓ ତପସ୍ୟା ଏହି ତିନୋଟି ହେଉଛି ସର୍ବାପେକ୍ଷା ଉତ୍କୃଷ୍ଟ ସାତ୍ତ୍ୱିକ କର୍ମ ଏବଂ ଏହା ଆମର ଅବଶ୍ୟ କରଣୀୟ । ଏଗୁଡ଼ିକୁ ତ୍ୟାଗ କରିବା ଅନୁଚିତ । ଏହିସବୁ କାର୍ଯ୍ୟ ଜ୍ଞାନୀମାନଙ୍କୁ ପବିତ୍ର କରେ ବୋଲି କୁହାଯାଇଛି । –

''ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍ ।
ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ॥''
(୧୮/୫)

ଏହି ତିନୋଟି କର୍ମକୁ ବ୍ୟାପକତମ ଅର୍ଥରେ ଗ୍ରହଣ କରିବା ଆବଶ୍ୟକ । ଗୀତାନୁସାରେ ଆମେ ''ନିୟତ କର୍ମ'' (rightly regulated action) ଅର୍ଥାତ୍ ଶାସ୍ତ୍ର ବିହିତ କର୍ମ କରିବା ଉଚିତ । ଗଭୀର ଅର୍ଥରେ ବୁଝିଲେ, ଶାସ୍ତ୍ର ବା ଯଥାଯଥ ଜ୍ଞାନ (the science and art of right knowledge) ଦ୍ୱାରା ପ୍ରେରିତ କର୍ମହିଁ ଯଥାର୍ଥ କର୍ମ । ଯଥାଯଥ ଜୀବନଧାରାର ତତ୍ତ୍ୱ ଓ ପ୍ରୟୋଗନୀତି ଦ୍ୱାରା ନିୟନ୍ତ୍ରିତ ହୋଇଥିବା (regulated by right works, right living) କର୍ମ ବା ମୂଳପ୍ରକୃତି ଦ୍ୱାରା ନିୟନ୍ତ୍ରିତ ହୋଇଥିବା କର୍ମ (ସ୍ୱଭାବନିୟତଂ କର୍ମ – regulated by the essential nature) ଆମକୁ ଅବଶ୍ୟ କରିବାକୁ ହେବ । ଭଗବାନଙ୍କ ସଂକଳ୍ପ ଦ୍ୱାରା ଯେଉଁ କର୍ମ ନିୟନ୍ତ୍ରିତ ତାହାହିଁ ଶ୍ରେଷ୍ଠ କର୍ତ୍ତବ୍ୟ । ମୁକ୍ତ ପୁରୁଷ ସମ୍ପୂର୍ଣ୍ଣ ଅନାସକ୍ତ ଭାବରେ ଭଗବାନଙ୍କ ପ୍ରେରଣା ଓ ନିର୍ଦ୍ଦେଶ ଅନୁଯାୟୀହିଁ କର୍ମ କରନ୍ତି । ସେହି କର୍ମକୁ ''ମୁକ୍ତସ୍ୟ କର୍ମ'' ବୋଲି କୁହାଯାଇଛି ।

ଗୀତାରେ ଗୁଣର ଭେଦ ଅନୁସାରେ ତିନି ପ୍ରକାର ତ୍ୟାଗ ବିଷୟରେ ବର୍ଣ୍ଣନା କରାଯାଇଛି । ଆସକ୍ତି ଓ ଫଳର ଇଚ୍ଛା ତ୍ୟାଗପୂର୍ବକ ଯେତେବେଳେ ନିୟତ କର୍ମ ବା ସ୍ୱଭାବ ନିୟନ୍ତ୍ରିତ କର୍ମକୁ କର୍ତ୍ତବ୍ୟ କର୍ମ ରୂପେ ବିଚାର କରି ସମ୍ପାଦନ କରାଯାଏ ତାହା ହେଉଛି ସାତ୍ତ୍ୱିକ ତ୍ୟାଗ । କର୍ମସମୂହ ଦୁଃଖଦାୟକ ଅଟନ୍ତି ଅଥବା ସେଗୁଡ଼ିକ ଶରୀର ପକ୍ଷରେ ପୀଡ଼ାଦାୟକ ଏବଂ ମନ ପକ୍ଷରେ କ୍ଳାନ୍ତିକର, ଏପରି ଭାବି ଯଦି ଜଣେ କର୍ମ ପରିତ୍ୟାଗ କରୁଛି ତାହାହେଲେ ସେପରି ତ୍ୟାଗକୁ ରାଜସିକ ତ୍ୟାଗ ବୋଲି କୁହାଯିବ । ପୁନଶ୍ଚ ମୋହବଶତଃ କିଂବା ନିଷ୍କ୍ରିୟତା ଯୋଗୁଁ ଯଦି କର୍ମ ତ୍ୟାଗ କରାଯାଏ ତାହା ତାମସିକ ତ୍ୟାଗ ରୂପେ କଥିତ ହୁଏ । ଗୀତାର ସ୍ପଷ୍ଟ ନିର୍ଦ୍ଦେଶ ଅଛି, ନିୟତ କର୍ମ ଆଦୌ ତ୍ୟାଗ କରିବା ଉଚିତ ନୁହେଁ (ନିୟତସ୍ୟ ତୁ ସନ୍ନ୍ୟାସଃ କର୍ମଣୋ ନୋପପଦ୍ୟତେ) । ଅହଂପ୍ରେରିତ କୌଣସି ପ୍ରକାର ତ୍ୟାଗ କଦାପି ମୁକ୍ତି ପ୍ରଦାନ କରିପାରେ ନାହିଁ ।

ସମସ୍ତ କାମନା ସଂପୂର୍ଣ୍ଣ ଭାବେ ବର୍ଜନୀୟ । ଅହଂ ଦ୍ୱାରା ପ୍ରେରିତ ହୋଇ କୌଣସି କର୍ମ ନିର୍ବାଚନ କରିବା ଉଚିତ ନୁହେଁ । କର୍ମ କରିବା ସମୟରେ ସମସ୍ତ ପ୍ରକାର ଅହଂ-ସର୍ବସ୍ୱ ଭାବନାକୁ ପରିହାର କରିବା ଏକାନ୍ତ ଆବଶ୍ୟକ । ''କର୍ମଟି ମୋର'', ''ମୁଁ କର୍ମୀ'' ଅଥବା ''କର୍ମଟି ଭଗବାନଙ୍କର, କିନ୍ତୁ ମୁଁ କର୍ମୀ'' ଏପରି ଭାବନାରେ ଅହଂ ପ୍ରକାଶିତ ହୁଏ । ଯେଉଁ କର୍ମ ସୁଖକର, ବାଞ୍ଛନୀୟ, ଲାଭଜନକ ବା ସାଫଲ୍ୟମୟ ସେପରି କର୍ମ ପ୍ରତି ଆସକ୍ତି ରଖିବା ଅନୁଚିତ । କର୍ମ ଯାହା ବି ହେଉ ତାହାକୁ ନିଃସ୍ୱାର୍ଥପର ଭାବେ ଓ ଅନ୍ତରାତ୍ମାର ସମ୍ମତି ସହ କରିବା ଆବଶ୍ୟକ । ଯେଉଁ କର୍ମ ଉର୍ଦ୍ଧ୍ୱରୁ ବା ଅନ୍ତର ମଧ୍ୟରୁ ଆଦିଷ୍ଟ ହୋଇଛି ତାହାକୁ 'କର୍ତ୍ତବ୍ୟଂ କର୍ମ' ରୂପେ ନିଶ୍ଚିତ ଭାବେ କରିବାକୁ ହେବ । କୌଣସି କର୍ମ କ୍ଳେଶଜନକ ବା ବିପଜ୍ଜନକ ହୋଇଥିଲେ ମଧ୍ୟ ତାହା ଯଦି କର୍ତ୍ତବ୍ୟ କର୍ମ ତେବେ ତାହାକୁ ବିନା ଦ୍ୱିଧାରେ ସମ୍ପାଦନ କରିବା ଉଚିତ । ଜ୍ଞାନୀ ବ୍ୟକ୍ତିମାନେ କୌଣସି ଅସଙ୍ଗତ ସଂସ୍କାର କିଂବା ସଂକୀର୍ଣ୍ଣ ଆଦର୍ଶ ଦ୍ୱାରା ପ୍ରରୋଚିତ ହୋଇ କର୍ମ କରନ୍ତି ନାହିଁ । ସେମାନେ ସାତ୍ତ୍ୱିକ ମନର ଆଲୋକରେ ପରିଚାଳିତ ହୋଇ ସକଳ କର୍ମ ଦ୍ୱିଧାମୁକ୍ତ ଭାବେ କରନ୍ତି । ଯେଉଁ ଆଭ୍ୟନ୍ତରୀଣ ତ୍ୟାଗ (inner renunciation) ଆତ୍ମାକୁ ନୈର୍ବ୍ୟକ୍ତିକତା ଦିଗରେ ଓ ଭଗବାନଙ୍କ ଦିଗରେ ଉନ୍ନୀତ କରେ ତାହାହିଁ ସେମାନଙ୍କ ପାଇଁ ଆଦର୍ଶ ରୂପେ ଗୃହୀତ ହୁଏ । ସେମାନେ ଆପଣା ପ୍ରକୃତିର ଉଚ୍ଚତମ ଆଦର୍ଶନୀତି ଅନୁସରଣ କରନ୍ତି । ନିଜର ବ୍ୟକ୍ତିଗତ ଇଚ୍ଛାନୁସାରେ ନୁହେଁ, ସକଳ କର୍ମର ଅଧୀଶ୍ୱର ଭଗବାନଙ୍କ ସଂକଳ୍ପ ଅନୁଯାୟୀହିଁ ସେମାନେ କର୍ମ କରନ୍ତି । ଇହଜୀବନରେ ବା ପର ଜୀବନରେ କୌଣସି ପୁରସ୍କାର ବା ପୁଣ୍ୟଫଳ ପ୍ରାପ୍ତ ହେବ ବୋଲି ସେମାନେ କର୍ମ କରନ୍ତି ନାହିଁ, କାରଣ ବ୍ୟକ୍ତିଗତ ଫଳର ଲାଳସା ସେମାନଙ୍କର ନଥାଏ ।

ଯେଉଁମାନେ ଅହଂ ଓ ବାସନାର ଦାସ ହୋଇଥା'ନ୍ତି, ସେମାନେ କର୍ମଫଳ ତ୍ୟାଗ କରି ନଥିବାରୁ ସେମାନଙ୍କୁ ଇହଜଗତରେ ବା ପରଲୋକରେ ଇଷ୍ଟ, ଅନିଷ୍ଟ ଓ ମିଶ୍ରିତ ଏହି

ତିନି ପ୍ରକାର କର୍ମଫଳ ମିଳେ । କିନ୍ତୁ କର୍ମଫଳ ତ୍ୟାଗ କରିଥିବା ମୁକ୍ତ ଆତ୍ମାମାନେ ଏସବୁ ଫଳଭୋଗରୁ ମୁକ୍ତ ହୋଇ ରହିଥା'ନ୍ତି । ସେମାନେ ଆନ୍ତର ତ୍ୟାଗ ଦ୍ୱାରା ସକଳ କର୍ମକୁ ଏକ ମହତ୍ତର ଶକ୍ତି ନିକଟରେ ଅର୍ପଣ କରି ଥିବାରୁ କର୍ମ ବନ୍ଧନରେ ଆବଦ୍ଧ ହୋଇ ନଥା'ନ୍ତି । ଗତାନୁଗତିକ ନୀତି ଅନୁଯାୟୀ କର୍ମ ତ୍ୟାଗ କରିବା ଯଥାର୍ଥ ତ୍ୟାଗ ବା ଯଥାର୍ଥ ସନ୍ନ୍ୟାସ ନୁହେଁ । ଅହଂଭାବରୁ ମୁକ୍ତ ହୋଇ ଅଧ୍ୟାତ୍ମ ପ୍ରକୃତିରେ ପ୍ରତିଷ୍ଠିତ ହେବାହିଁ ଯଥାର୍ଥ ତ୍ୟାଗ ।

କର୍ମସିଦ୍ଧିର ପାଞ୍ଚୋଟି କାରଣ ବିଷୟରେ ଗୀତା ବର୍ଣ୍ଣନା କରିଛି –

''ଅଧିଷ୍ଠାନଂ ତଥା କର୍ତ୍ତା କରଣଂ ଚ ପୃଥଗ୍‌ବିଧମ୍ ।
ବିବିଧାଶ୍ଚ ପୃଥକ୍ ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ॥''
(୧୮/୧୪)

ଏହି କାରଣଗୁଡ଼ିକ ହେଲା – ଅଧିଷ୍ଠାନ (ଦେହ-ପ୍ରାଣ-ମନର ଗଠନ ଯାହା ଆତ୍ମାର ଆଧାର ବା ଭୂମି), କର୍ତ୍ତା (ଯେ କର୍ମୀ, ଯେ କାର୍ଯ୍ୟସାଧନ କରେ), କରଣ (ଚକ୍ଷୁ ଆଦି ବିଭିନ୍ନ ଯନ୍ତ୍ର), ନାନା ପ୍ରକାର ପୃଥକ୍ ଚେଷ୍ଟା (କର୍ମଧାରାର ଶକ୍ତି) ଏବଂ ଦୈବ (Fate ଅର୍ଥାତ୍ ଅନ୍ତରାଳରେ ଥିବା ଶକ୍ତି ବା ଶକ୍ତିସମୂହର ପ୍ରଭାବ ଯାହା କର୍ମକୁ ପରିବର୍ତ୍ତିତ କରେ ଏବଂ କର୍ମ ଓ କର୍ମଫଳର ବିଧାନ ଅନୁସାରେ ଫଳାଫଳ ସ୍ଥିର କରେ) । ମନୁଷ୍ୟ ତା'ର ଶରୀର, ବାଣୀ ଓ ମନ ଦ୍ୱାରା ଯାହା କିଛି କରେ ତାହାର ଗଠନ ଓ ଫଳ ଉପରୋକ୍ତ କାରଣଗୁଡ଼ିକ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ ।

ବାହ୍ୟ ଦୃଷ୍ଟିରେ ଦେଖିଲେ ଅହଂହିଁ କର୍ମର କର୍ତ୍ତା । କିନ୍ତୁ ଅହଂ ହେଉଛି ପ୍ରକୃତିର ଏକ ଯନ୍ତ୍ର, ପ୍ରକୃତି ଦ୍ୱାରା ତାହା ସୃଷ୍ଟ । ଆମେ ଅଜ୍ଞତା ଯୋଗୁଁ ଅହଂକୁହିଁ ଆତ୍ମା ବୋଲି ଭୁଲ୍ ଧାରଣା କରି ବସୁ । ଅହଂରୁ ମୁକ୍ତ ହୋଇ ଆତ୍ମା ମଧ୍ୟରେ ବାସ କଲେ ଏବଂ ନୈର୍ବ୍ୟକ୍ତିକ ଓ ବିଶ୍ୱାତୀତ ଆତ୍ମା ସହିତ ଐକ୍ୟ ଉପଲବ୍ଧି କଲେ ଆମେ ଜାଣିପାରିବା ଯେ ବିଶ୍ୱପ୍ରକୃତିହିଁ ସକଳ କର୍ମର କର୍ତ୍ତ୍ରୀ ଏବଂ ଭଗବାନଙ୍କର ସଂକଳ୍ପହିଁ ବିଶ୍ୱପ୍ରକୃତି ମଧ୍ୟରେ କାର୍ଯ୍ୟକାରୀ ହେଉଛି । ଅହଂଗତ ଅଜ୍ଞାନ ଭିତରେ ଥିବା ପର୍ଯ୍ୟନ୍ତ ଆମେ ଶୁଭାଶୁଭ ଯେଉଁ କର୍ମ କରୁ ତାହା ଆମର ତାମସିକ, ରାଜସିକ ବା ସାତ୍ତ୍ୱିକ ପ୍ରକୃତି ଦ୍ୱାରା ପ୍ରେରିତ ହୋଇଥାଏ ଏବଂ ତଦନୁସାରେ ଆମକୁ ଫଳ ଭୋଗିବାକୁ ହୋଇଥାଏ । ଅନ୍ୟ ପକ୍ଷରେ ମୁକ୍ତ ପୁରୁଷ ଜାଣିଥା'ନ୍ତି ଯେ ତାଙ୍କ ଉପରେ ଯେଉଁ କର୍ମର ଭାର ଅର୍ପିତ ହୋଇଛି ଭଗବାନଙ୍କ ଯନ୍ତ୍ର ରୂପେହିଁ ତାହା ସମ୍ପାଦନ କରିବାକୁ ହେବ । ବସ୍ତୁତଃ ସେ ନିଜେ କର୍ମ କରନ୍ତି ନାହିଁ, ଭାଗବତ ଶକ୍ତିହିଁ ତାଙ୍କ ଭିତରେ ଥାଇ କର୍ମ କରିଥା'ନ୍ତି, ଅର୍ଥାତ୍ ଭାଗବତ ଶକ୍ତିହିଁ ଏକମାତ୍ର କର୍ତ୍ତା ବୋଲି ତାଙ୍କର ସ୍ପଷ୍ଟ ଓ ଅଭ୍ରାନ୍ତ ଉପଲବ୍ଧି ହୋଇ ଥାଏ ।

ସ୍ଥୂଳ ଦୃଷ୍ଟିରେ ଦେଖିଲେ କୁରୁକ୍ଷେତ୍ରର ମହାଯୁଦ୍ଧ ଏକ ଭୀଷଣ ଓ ଅଶୁଭ କର୍ମ ହୋଇପାରେ, ମାତ୍ର ତାହାର ଅନ୍ତରାଳରେ ଏକ ପରମ ଶୁଭ ନିହିତ ରହିଛି । ମାନବଜାତିକୁ ଏକ ନୂତନ ସୃଷ୍ଟି ଓ ଏକ ନୂତନ ଉଦ୍ଦେଶ୍ୟ ଅଭିମୁଖରେ ଅଗ୍ରସର କରାଇ ନେବା ଲାଗି ତାହା ଅଭିପ୍ରେତ । ଏହି ଘୋର କର୍ମରେ ଅର୍ଜୁନ ଭଗବାନଙ୍କ ଦ୍ୱାରା ନିଯୁକ୍ତ ଏକ ଯନ୍ତ୍ର ମାତ୍ର । ତାଙ୍କୁ ସେହି କର୍ମ କରିବାକୁ ହେବ ନୈର୍ବ୍ୟକ୍ତିକ ଭାବେ, ଲୋକସଂଗ୍ରହ ଉଦ୍ଦେଶ୍ୟରେ, ମାନବଜାତିର ଭବିଷ୍ୟତ୍ ସିଦ୍ଧି ସକାଶେ । ସେଠାରେ ବ୍ୟକ୍ତିଗତ କାମନା ବା ଲକ୍ଷ୍ୟର କୌଣସି ସ୍ଥାନ ନାହିଁ । ଜଗତ୍ ପାଇଁ ଯାହା ପ୍ରୟୋଜନ ଭଗବାନଙ୍କ ଜ୍ଞାନମୟ ଓ ସର୍ବଦର୍ଶୀ ସଂକଳ୍ପହିଁ ତାହା କାର୍ଯ୍ୟକାରୀ କରିବ ।

କର୍ମ କରିବା ପାଇଁ ଜ୍ଞାନ ଆବଶ୍ୟକ ହୋଇଥାଏ । ଆଧ୍ୟାତ୍ମିକତାରେ ଜ୍ଞାନର ଏକ ନିର୍ଦ୍ଦିଷ୍ଟ ଭୂମିକା ରହିଛି । ତେଣୁ ପୂର୍ବ ପ୍ରସ୍ତୁତି ସ୍ୱରୂପ ଜ୍ଞାନ ବିଷୟରେ କେତୋଟି ଧାରଣା ଆମର ରହିବା ଦରକାର । ଗୀତାରେ କୁହାଯାଇଛି ଯେ ତିନୋଟି ବିଷୟ ଆମକୁ କର୍ମ ପାଇଁ ପ୍ରେରଣା ଦେଇଥାଏ । ତାହା ହେଲା – ଜ୍ଞାନ, ଜ୍ଞେୟ (ଯାହା ଜାଣିବାର ଅଛି) ଓ ପରିଜ୍ଞାତା (ଯିଏ ଜ୍ଞାନକୁ ଅର୍ଜନ କରେ) । ଏହି ତିନୋଟି ବିଷୟ ଉପରେ ଗୁଣତ୍ରୟର ପ୍ରଭାବ ରହି ଥିବାରୁ ପ୍ରତ୍ୟେକଟି ପୁଣି ତିନି ପ୍ରକାରର । ଯିଏ କର୍ମ ଓ ତଜ୍ଜନିତ ପରିସ୍ଥିତି ସମୂହର ପ୍ରକୃତ ସ୍ୱରୂପ ଦେଖିପାରେ ନାହିଁ, ଯାହାର ଦୃଷ୍ଟି ସଂକୀର୍ଣ୍ଣ ଓ ଏକଦେଶଦର୍ଶୀ, ଯିଏ କାର୍ଯ୍ୟ ଓ କାରଣକୁ ପ୍ରତୀକ୍ଷା ନକରି ତରବର ହୋଇ ମୂଢ଼ତାପୂର୍ବକ କର୍ମ କରିବାକୁ ଉଦ୍ୟତ ହୁଏ, ତାହାର ଜ୍ଞାନକୁ ତାମସିକ ଜ୍ଞାନ କୁହାଯାଏ । ଏପରି ବ୍ୟକ୍ତି ଗତାନୁଗତିକ କର୍ମ ପ୍ରତି ଅତ୍ୟନ୍ତ ଆସକ୍ତ ଥାଏ, କର୍ମସବୁକୁ ଯାନ୍ତ୍ରିକଭାବେ ଓ ଅନ୍ଧଭାବରେ କରିଯାଏ । ତାହାର ଭବିଷ୍ୟତ୍ ଦୃଷ୍ଟି ନଥାଏ । ତାହାର ଜ୍ଞାନ ଅପରିଣାମଦର୍ଶୀ ହୋଇଥାଏ । ଦ୍ୱିତୀୟତଃ, ଯେଉଁ ବ୍ୟକ୍ତି ବସ୍ତୁସକଳକୁ ସର୍ବଦା ପୃଥକ୍ ପୃଥକ୍ କରି ଦେଖେ ଏବଂ ସେସବୁ ମଧ୍ୟରେ ଐକ୍ୟର ନୀତି ଆବିଷ୍କାର କରିପାରେ ନାହିଁ, ଯିଏ ସଂକଳ୍ପ ଓ କର୍ମ ମଧ୍ୟରେ ସମନ୍ୱୟ ସାଧନ କରିପାରେ ନାହିଁ ଏବଂ ଯିଏ କେବଳ ଅହଂ ଓ ବାସନା

ଦ୍ୱାରା ପ୍ରେରିତ ହୋଇ କର୍ମ କରେ ତାହାର ଜ୍ଞାନକୁ ରାଜସିକ ଜ୍ଞାନ କୁହାଯାଏ । ଏପରି ବ୍ୟକ୍ତି ଅର୍ଦ୍ଧ ଜ୍ଞାନ ଓ ଅର୍ଦ୍ଧ ଅଜ୍ଞାନର ବିଭ୍ରାନ୍ତି ମଧ୍ୟରେ ଥାଏ । ତାହାର ବହୁମୁଖୀ ଅହଂମୂଳକ ସଂକଳ୍ପ ତାକୁ ସର୍ବଦା ଅସ୍ଥିର ଓ ଚଞ୍ଚଳ କରି ରଖେ । କୌଣସି ଉଚ୍ଚତର ଆଦର୍ଶ ବା ସତ୍ୟର ନୀତିକୁ ସେ ଦୃଢ଼ଭାବେ ଅନୁସରଣ କରିପାରେ ନାହିଁ । ଅନ୍ୟ ପକ୍ଷରେ ଯେଉଁ ଜ୍ଞାନ ସକଳ ବିଭେଦ ମଧ୍ୟରେ ଏକମେବ ଅବିଭାଜ୍ୟ ସତ୍ତା ବା ଭାବକୁ ଦର୍ଶନ କରେ ତାହା ହେଉଛି ସାତ୍ତ୍ୱିକ ଜ୍ଞାନ । ଗୀତାର ମନୋରମ ଭାଷାରେ —

''ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ ।
ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ ।।''
(୧୮/୨୦)

ଜଗତ୍ ମଧ୍ୟରେ ଏକ ଆତ୍ମା ରହିଛନ୍ତି; ସକଳ ବିଚିତ୍ର ସୃଷ୍ଟିର ଆତ୍ମା ଏକ, ସକଳ କର୍ମର ଅଧୀଶ୍ୱର ଏକ ଏବଂ ସକଳ କର୍ମ ଏକହିଁ ଭଗବାନଙ୍କ ସଂକଳ୍ପର କ୍ରିୟା — ଏହି କଥାର ଉପଲବ୍ଧି ହେଉଛି ସାତ୍ତ୍ୱିକ ଜ୍ଞାନ ।

କର୍ତ୍ତା, କରଣ (instrument) ଓ ଅନୁଷ୍ଠିତ କର୍ମ ଏହି ତିନୋଟି ବିଷୟ ମଧ୍ୟରୁ ପ୍ରତ୍ୟେକଟି ପୁଣି ଗୁଣର ପାର୍ଥକ୍ୟ ଅନୁଯାୟୀ ତିନି ପ୍ରକାରର । ତାମସିକ କର୍ତ୍ତା ଇତର ମନୋବୃତ୍ତି ସହ କର୍ମ କରେ । ତା'ର କର୍ମରେ ଜଡ଼ତା, ଆଳସ୍ୟ, କୁଣ୍ଠିତ ଭାବ, ମନ୍ଦ ଗତି, ଦୀର୍ଘସୂତ୍ରତା ଓ ଶୈଥିଲ୍ୟ ଦେଖାଯାଏ । ସେ ମୂଢ଼ ଓ କୁସଂସ୍କାରଗ୍ରସ୍ତ ହୋଇ ଥାଏ । କର୍ମରେ ସେ କୁଟିଳ ଶଠତା ପ୍ରୟୋଗ କରେ । ତା' ଭିତରେ ଧୈର୍ଯ୍ୟ, ଉତ୍ସାହ ଓ ଆନ୍ତରିକତାର ଅଭାବ ରହିଥାଏ । ରାଜସିକ କର୍ତ୍ତା ବ୍ୟଗ୍ରତାର ସହିତ କର୍ମ ପ୍ରତି ଆସକ୍ତି ହୁଏ, କର୍ମର ଦ୍ରୁତ ସମ୍ପାଦନ ପାଇଁ ସେ ଉତ୍ସୁକ ହୋଇ ଥାଏ । ଫଳ ଓ ପୁରସ୍କାର ନିମିତ୍ତ ତା'ର ତୀବ୍ର ଆକାଙ୍କ୍ଷା ରହିଥାଏ । କର୍ମ ସମ୍ପାଦନ ପାଇଁ ଆବଶ୍ୟକ ହେଲେ ସେ ହିଂସାତ୍ମକ ଓ ନିଷ୍ଠୁର ଉପାୟ ଅବଲମ୍ବନ କରେ । କର୍ମର ସାଫଲ୍ୟରେ ଅତ୍ୟନ୍ତ ହର୍ଷାନ୍ୱିତ ହେବା ଏବଂ ଅସାଫଲ୍ୟରେ ଅତିଶୟ ବିଷାଦଗ୍ରସ୍ତ ହେବା — ଏହା ତା'ର ବିଶେଷ ଲକ୍ଷଣ । ଅନ୍ୟପକ୍ଷରେ ସାତ୍ତ୍ୱିକ କର୍ତ୍ତା ସକଳ ପ୍ରକାର ଆସକ୍ତି ଓ ଅହଂକାରରୁ ମୁକ୍ତ ହୋଇଥା'ନ୍ତି । ସେ ସଦିଚ୍ଛାପୂର୍ଣ୍ଣ ଶୁଦ୍ଧ ହୃଦୟ ନେଇ କର୍ମ କରନ୍ତି । କର୍ମର ସାଫଲ୍ୟ ପାଇଁ ସେ ସର୍ବୋତ୍ତମ ଉଦ୍ୟମ କରନ୍ତି, ମାତ୍ର ସଫଳତା ବା ବିଫଳତା ତାଙ୍କର ଶାନ୍ତ ଓ ସ୍ଥିର ସ୍ୱଭାବକୁ କୌଣସି ପ୍ରକାରେ ପ୍ରଭାବିତ ବା ଆନ୍ଦୋଳିତ କରିପାରେ ନାହିଁ । ସତ୍ତ୍ୱର ଉଚ୍ଚତମ ଅବସ୍ଥାରେ କର୍ତ୍ତାଙ୍କର ଉଦ୍ୟମ ଓ ଉତ୍ସାହ ଅଧ୍ୟାତ୍ମ ତପଃଶକ୍ତିରେ ପରିଣତ ହୁଏ ଏବଂ ଭଗବାନଙ୍କ ଶକ୍ତି ପ୍ରତ୍ୟକ୍ଷଭାବେ ତାଙ୍କ ଭିତରେ କ୍ରିୟାଶୀଳ ହୁଏ । କର୍ମ ଦିବ୍ୟଜ୍ଞାନରୁ ଉତ୍ସାରିତ ହୁଏ ଏବଂ ପରମ ଆନନ୍ଦରେ ପରିପୂର୍ଣ୍ଣ ହୋଇ ଉଠେ ।

ସାତ୍ତ୍ୱିକ ମାନବର କରଣ (instrument) ହେଉଛି ମନ ଭିତରେ ଥିବା ସୁସଙ୍ଗତିପୂର୍ଣ୍ଣ ଯଥାର୍ଥ ଜ୍ଞାନ । ରାଜସିକ କର୍ମୀର କରଣ ଅହଂମୂଳକ କାମନାର ସଂକଳ୍ପ । ଅନ୍ୟପକ୍ଷରେ ତାମସିକ କର୍ମୀ ଦେହଗତ ମନ ଓ ଅସଂସ୍କୃତ ପ୍ରାଣ ପ୍ରକୃତିକୁ ହିଁ କରଣ ରୂପେ ବ୍ୟବହାର କରେ । ମୁକ୍ତ ପୁରୁଷର କରଣ ହେଲା ଏକ ମହତ୍ତର ଅଧ୍ୟାତ୍ମ ଜ୍ୟୋତି ଓ ଶକ୍ତି ଯାହା ଉଚ୍ଚତମ ସାତ୍ତ୍ୱିକ ବୁଦ୍ଧି ଅପେକ୍ଷା ଉଚ୍ଚତର ।

ଯେଉଁ କର୍ମ ବିଭ୍ରାନ୍ତ ମୂଢ଼ ଅଜ୍ଞାନ ମନ ସହିତ କରାଯାଏ ତାହା ତାମସିକ କର୍ମ । କାମନା ଓ ଅହଂବୋଧର ବଶବର୍ତ୍ତୀ ହୋଇ ଯେଉଁ କର୍ମ କରାଯାଏ ତାହା ରାଜସିକ କର୍ମ । ଅନ୍ୟ ପକ୍ଷରେ ଯେଉଁ କର୍ମ ଶାନ୍ତ ଓ ନୈର୍ବ୍ୟକ୍ତିକ ଭାବେ କରାଯାଏ ଏବଂ ଯାହାର ମୂଳରେ କୌଣସି ସ୍ୱାର୍ଥ, ଅହଂ ବା ଆସକ୍ତି ନଥାଏ ତାହା ସାତ୍ତ୍ୱିକ କର୍ମ । ଉଚ୍ଚତମ ଅବସ୍ଥାରେ ସାତ୍ତ୍ୱିକ କର୍ମ ଆତ୍ମା ଦ୍ୱାରା ପରିଚାଳିତ ହୁଏ, ତାହା ଜଗତ୍ ନିମିତ୍ତ ଓ ଭଗବାନଙ୍କ ନିମିତ୍ତ ସମ୍ପାଦିତ ହୁଏ ।

କର୍ମ ନିର୍ବାଚନ ସମୟରେ ବୁଦ୍ଧିର ବିଶିଷ୍ଟ ଭୂମିକା ରହିଛି । ଏ କ୍ଷେତ୍ରରେ ମଧ୍ୟ ଗୁଣତ୍ରୟର ପ୍ରଭାବ ଅନୁଯାୟୀ ବୁଦ୍ଧି ତିନି ପ୍ରକାରର । ତାମସିକ ବୁଦ୍ଧି ମିଥ୍ୟା ଓ ଅଜ୍ଞାନର ଯନ୍ତ୍ର ହୋଇଥାଏ । ଏହା ଆଲୋକକୁ ଅନ୍ଧକାର ଏବଂ ଅନ୍ଧକାରକୁ ଆଲୋକ ବୋଲି କହେ । ଅଧର୍ମକୁ ମଧ୍ୟ ଏହା ଧର୍ମ ବୋଲି ମାନେ । ଯେଉଁ କାର୍ଯ୍ୟ ଅକରଣୀୟ ତାହା କରିବାକୁ ଏହି ପ୍ରକାର ବୁଦ୍ଧି ପ୍ରଚୋଦିତ କରିଥାଏ । ଏହା ପୁଣି ଜଡ଼ତା, ଭୟ ଓ ବିଷାଦକୁ ପ୍ରଶ୍ରୟ ଦିଏ ଏବଂ ଉନ୍ନତି ଓ ପରିବର୍ତ୍ତନ ପ୍ରତି ବିତୃଷ୍ଣା ପୋଷଣ କରେ ।

ରାଜସିକ ବୁଦ୍ଧି ଅହଂ ଓ କାମନା ଦ୍ୱାରା ପରିଚାଳିତ ହୋଇଥାଏ । ଏହା ସ୍ୱାର୍ଥ ଓ ସୁଖର ସନ୍ଧାନରେ ଦୃଢ଼ଭାବେ ଲାଗି ରହେ । କାମନାସମୂହର ତୃପ୍ତି ସାଧନ ଓ ଆକାଂକ୍ଷିତ ଫଳ ଲାଭ ଦିଗରେ ଯାହା ସାହାଯ୍ୟ କରିବ ତାକୁହିଁ ସେ ନ୍ୟାୟ-ସଙ୍ଗତ ବୋଲି ପ୍ରତିପାଦିତ କରେ । ଏହା ଭିତରେ ରହିଥାଏ ଉଗ୍ର ଓ ଉନ୍ମାଦନାମୟ ଚିନ୍ତାଧାରା । ଅନ୍ୟପକ୍ଷରେ ସାତ୍ତ୍ୱିକ ବୁଦ୍ଧି କର୍ତ୍ତବ୍ୟ-ଅକର୍ତ୍ତବ୍ୟ ଓ ନ୍ୟାୟ-ଅନ୍ୟାୟର ପ୍ରଭେଦ ଭଲ ଭାବରେ ଜାଣିଥାଏ । ସାତ୍ତ୍ୱିକ ବୁଦ୍ଧିର ନିର୍ଦ୍ଦେଶରେ ଯେଉଁ କାର୍ଯ୍ୟ କରାଯାଏ

ତାହା ସଙ୍ଗତିମୟ ଓ କଲ୍ୟାଣକାରୀ ହୋଇଥାଏ । ଇନ୍ଦ୍ରିୟ ଓ ପ୍ରାଣ ପ୍ରକୃତିକୁ ସଂଯତ କରିବାରେ ସାତ୍ତ୍ୱିକ ବୁଦ୍ଧିର ବିଶେଷ ପ୍ରୟୋଜନ ରହିଛି । ସାତ୍ତ୍ୱିକ ବୁଦ୍ଧି ମନୁଷ୍ୟକୁ ଭଗବାନଙ୍କ ସହିତ ଯୁକ୍ତ ହେବାକୁ ପ୍ରବୃତ୍ତ କରେ । ତା'ର ଉଚ୍ଚତମ ଅବସ୍ଥାରେ ଏହା ଗୁଣସମୂହରୁ ଊର୍ଦ୍ଧ୍ୱକୁ ଉଠିବାରେ ମଧ୍ୟ ସାହାଯ୍ୟ କରେ । ସୁସଙ୍ଗତି ଓ ଶୃଙ୍ଖଳା ହେଉଛି ସାତ୍ତ୍ୱିକ ବୁଦ୍ଧିର ଅବଦାନ । ଏହା ସୁଖ, ସନ୍ତୋଷ, ଶାନ୍ତି ଓ ସ୍ଥିରତା ପ୍ରଦାନ କରେ । ଜୀବନ ଓ କର୍ମରେ ପ୍ରସନ୍ନତା ଓ ସ୍ୱାଚ୍ଛନ୍ଦ୍ୟ ଅନୁଭବ କରିବା ସକାଶେ ସାତ୍ତ୍ୱିକ ବୁଦ୍ଧିର କ୍ରିୟା ଆବଶ୍ୟକ ହୋଇଥାଏ ।

ରାଜସିକ ବୁଦ୍ଧିର କ୍ରିୟା ଫଳରେ ପ୍ରାପ୍ତ ହେଉଥିବା ସୁଖ ପ୍ରଥମେ ଅମୃତତୁଲ୍ୟ ମନେ ହୁଏ, ମାତ୍ର ଏହାର ପରିଣତି ହୁଏ ବିଷତୁଲ୍ୟ କ୍ଷତିକାରକ । ପରବର୍ତ୍ତୀ କାଳରେ ବା ପରିଶେଷରେ କ୍ଲାନ୍ତି, ଅବସନ୍ନତା, ତିକ୍ତତା, ବିଦ୍ରୋହ, ବିରାଗ ଓ ଯନ୍ତ୍ରଣା ଭୋଗିବାକୁ ପଡ଼େ । ଅନ୍ୟପକ୍ଷରେ ସାତ୍ତ୍ୱିକ ବୁଦ୍ଧି ବିଶୁଦ୍ଧ ସୁଖ ଓ ଆତ୍ମାର ପରିତୃପ୍ତି ଆଣି ଦେଇଥାଏ । ସାତ୍ତ୍ୱିକ ସାଧନାର ଶିଖରରେ ରହିଛି ଆଧ୍ୟାତ୍ମିକ ଶାନ୍ତି ଓ ଆନନ୍ଦ । ସାତ୍ତ୍ୱିକ ପ୍ରକୃତିରୁ ଯେଉଁ ସୁଖ ଶାନ୍ତି ମିଳେ ତାକୁ ଅତିକ୍ରମ କରିପାରିଲେ ଆମେ ଭାଗବତ ଐକ୍ୟର ଅଧ୍ୟାତ୍ମ ପରମାନନ୍ଦରେ ପ୍ରତିଷ୍ଠିତ ହୋଇପାରିବା । ଶ୍ରୀଅରବିନ୍ଦଙ୍କ ଭାଷାରେ –

''Only then can it be possessed when the liberated man, free from ego and its desires, lives at last one with his highest self, one with all beings and one with God in an absolute bliss of the spirit.''

(CWSA, Vol. - 19, p. 506)

ଅର୍ଥାତ୍, ''କେବଳ ସେତେବେଳେହିଁ ତାହା ଅଧିକୃତ ହୁଏ ଯେତେବେଳେ ମୁକ୍ତପୁରୁଷ ଅହଂ ଓ ତାହାର କାମନାସମୂହରୁ ମୁକ୍ତ ହେବା ଯୋଗୁଁ ପରିଶେଷରେ ତାଙ୍କର ଊର୍ଦ୍ଧ୍ୱତମ ଆତ୍ମା ସହିତ ଏକାତ୍ମତାରେ, ସର୍ବଭୂତ ସହିତ ଏକାତ୍ମତାରେ ଏବଂ ଭଗବାନଙ୍କ ସହିତ ଏକାତ୍ମତାରେ ଅଧ୍ୟାତ୍ମ ସତ୍ତାର ପୂର୍ଣ୍ଣତମ ଦିବ୍ୟ ଆନନ୍ଦ ମଧ୍ୟରେ ବାସ କରନ୍ତି ।''

(ଗୀତା-ନିବନ୍ଧମାଳା, ପୃଷ୍ଠା-୬୨୦)

(କ୍ରମଶଃ)

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୮)

### ଆରୋଗ୍ୟଲାଭ (ପୂର୍ବାର୍ଦ୍ଧ) :

ନୀରଦବରଣଙ୍କର 'Twelve Years with Sri Aurobindo'* ପୁସ୍ତକରୁ ଉଦ୍ଧୃତି (ସଂକ୍ଷିପ୍ତ ବିବରଣୀ) : ''ଇତି ମଧ୍ୟରେ ଏକ ସମସ୍ୟା ଦେଖାଦେଲା । ଶ୍ରୀଅରବିନ୍ଦ ସେହି ସମାନ ସ୍ଥିତିରେ ଶୋଇ ରହିଥିବା ହେତୁ ତାଙ୍କ ପିଠିରେ ଖୁବ୍ ଶୀଘ୍ର ଶଯ୍ୟାକ୍ଷତ (bedsore) ଦେଖାଦେଲା । ଏଥିରୁ ଆରୋଗ୍ୟଲାଭ କରିବାକୁ ବେଶ୍ କିଛି ଦିନ ଲାଗିଲା । ପିଠିରେ ଅଧିକ କ୍ଷତ ବା ଘା' ନହେବା ସକାଶେ ରବର ଗଦିର ପ୍ରୟୋଜନ ଥିଲା । ଶ୍ରୀଅରବିନ୍ଦ ପ୍ରତିଦିନ କ୍ଷତ ସମ୍ବନ୍ଧେ ଜାଣିବାକୁ ଚାହୁଁଥିଲେ । ଏହା ପରଠାରୁ ସେ ତାଙ୍କର ନିଜ ସ୍ୱାସ୍ଥ୍ୟ ସମ୍ବନ୍ଧେ ଟିକିନିଖି ବିଷୟସବୁ ଜାଣିବାରେ ସକ୍ରିୟ ଆଗ୍ରହ ଦେଖାଇବା ଆରମ୍ଭ କଲେ । ଉପରୋକ୍ତ ଘଟଣାରୁ ଆମେ ପ୍ରତ୍ୟେକେ ବେଶ୍ ହୃଦୟଙ୍ଗମ କଲୁ ଯେ ଗୁରୁ-ଶିଷ୍ୟଙ୍କ ମଧ୍ୟରେ ଏକ ବ୍ୟକ୍ତିଗତ ଅନ୍ତରଙ୍ଗ ସମ୍ପର୍କ ଗଢ଼ି ଉଠିଛି; ତାଙ୍କ ପ୍ରତି ଥିବା ଆମର ଭୟମିଶ୍ରିତ ଭକ୍ତି ଏବଂ ଦୂରତ୍ୱ-ଭାବଟି କ୍ରମଶଃ ଅନ୍ତର୍ହିତ ହୋଇଉଠିଛି ।...

''ଡାକ୍ତର ମଣିଲାଲଙ୍କର ଆଶ୍ରମରୁ ବିଦାୟ ନେବାର ମୁହୂର୍ତ୍ତ ଆସିଲା । ସେ ନଭେମ୍ବର 'ଦର୍ଶନ'କୁ ଅଳ୍ପ ଦିନ ଛୁଟି ନେଇ ଆସିଥିଲେ ଏବଂ ଏଠାରେ ବେଶ୍ ଅନେକ ଦିନ ରହି ଗଲେଣି । ଆଉ କିଛିଦିନ ଛୁଟି ନେଇ ବି ପାରିବେ ନାହିଁ । ତା' ଛଡ଼ା ଗୁରୁଙ୍କର ସବୁକିଛି ବ୍ୟବସ୍ଥା ବେଶ୍ ନିୟମିତ ଭାବରେ ସୁରୁଖୁରୁରେ ଚାଲିଛି । ତେଣୁ ତାଙ୍କ ଉପସ୍ଥିତିର ମଧ୍ୟ ସେତେ ଆବଶ୍ୟକତା ନଥିଲା । ସଂକଟାପନ୍ନ ସମୟ ତ ପାର ହୋଇଯାଇଛି ।... ତଥାପି ଶ୍ରୀମା'ଙ୍କର କହିବାନୁସାରେ ସେ ଅଳ୍ପ କିଛି ଦିନ ରହି ସ୍ୱସ୍ଥାନକୁ ଫେରିଗଲେ ।...

''ଦିନଗୁଡ଼ିକ ବେଶ୍ ଭଲ ଭାବରେ ଗତିକଲା । ପ୍ରତିଦିନ ଗୁରୁଙ୍କ ସହିତ 'ସାନ୍ଧ୍ୟ ବୈଠକ'('Evening Talks')ରେ ତୀବ୍ର ଆନନ୍ଦଦାୟକ କୌତୁକପୂର୍ଣ୍ଣ କଥାବାର୍ତ୍ତାରେ ଆମେମାନେ ବେଶ୍ ହର୍ଷୋତ୍‌ଫୁଲ୍ଲ ହୋଇ ଉଠୁଥିଲୁ ।... କେବଳ ଥରେ, ମୁଁ ଅପରାହ୍ଣରେ ସାମାନ୍ୟ ବିଶ୍ରାମ ନେଉଥିବା ବେଳେ ତାଙ୍କଠାରୁ ମୋ ସକାଶେ ଡାକରା ଆସିଲା । ମୁଁ ମୁହୂର୍ତ୍ତ ମାତ୍ର କାଳବିଳମ୍ବ ନକରି ଉପରକୁ ଦୌଡ଼ିଗଲି ଏବଂ ତାଙ୍କ ସମ୍ମୁଖରେ ଉପସ୍ଥିତ ହେଲି । କହିବାକୁ ଗଲେ ସାମାନ୍ୟ ଦୁଃଖର ସହିତ ଶ୍ରୀଅରବିନ୍ଦ ମୃଦୁହାସ୍ୟରେ କହିଲେ, 'ଓଃ ! ଏହା ବେଶୀ କିଛି ନୁହେଁ ! ଆଣ୍ଠୁଟି କିଛି ସମୟ ଧରି ଯନ୍ତ୍ରଣା ଦେଉଛି; ବୋଧହୁଏ ତା'ର ଅବସ୍ଥିତିରେ ଟିକିଏ ଏପାଖ ସେପାଖ ହୋଇ ଯାଇଛି ।' ମୁଁ ଆଣ୍ଠୁର ସେଇ ଅଂଶକୁ ଠିକ୍ ସ୍ଥିତିରେ ଅବସ୍ଥାପିତ କରିବାକୁ ଚେଷ୍ଟା କଲି, କିନ୍ତୁ କିଛି ଫଳ ହେଲାନି । କିନ୍ତୁ ସୌଭାଗ୍ୟବଶତଃ ଗୋଡ଼ଟିକୁ ସାମାନ୍ୟ ଟେକି ରଖିବା ସକାଶେ ବ୍ୟବହୃତ ପଟି ବା ସ୍ପ୍ଲିଂଟିକୁ ପୁନଃ ସମାଯୋଜନ କରିଦେବା ଫଳରେ ତା' ଠିକ୍ ସ୍ଥିତିକୁ ଆସି ପାରିଲା । ସେ ତତ୍‌କ୍ଷଣାତ୍ କହି ଉଠିଲେ, 'ଏହା ଏବେ ଠିକ୍ ଅଛି ।'– ମୁଁ ସ୍ୱସ୍ତିର ଦୀର୍ଘନିଃଶ୍ୱାସଟିଏ ପକାଇଲି । କିନ୍ତୁ ଯନ୍ତ୍ରଣାଟି ଯେ 'ବେଶୀ କିଛି ନୁହେଁ'– ଏହା କେବେ ବି

---

* ୧୯୭୨ରେ ନୀରଦବରଣ ଏହି ପୁସ୍ତକଟି ରଚନା କରି ଅଧ୍ୟାୟ ପରେ ଅଧ୍ୟାୟ ସନ୍ଧ୍ୟା ସମୟରେ ଶ୍ରୀମା'ଙ୍କୁ ପଢ଼ି ଶୁଣାଇବାର ଦୁର୍ଲଭ ଓ ଅପୂର୍ବ ଅନୁମତି ତାଙ୍କଠାରୁ ଲାଭ କରି ନିଜକୁ ସୌଭାଗ୍ୟବନ୍ତ ମନେ କରିଥିଲେ ।

ସମଗ୍ର ପୁସ୍ତକଟି ଶ୍ରବଣ କରିବା ପରେ ଏହି ପୁସ୍ତକଟି ସମ୍ବନ୍ଧେ ଶ୍ରୀମାଙ୍କ ସ୍ୱହସ୍ତ ଲିଖିତ ମନ୍ତବ୍ୟର ମର୍ମାନୁବାଦ ନିମ୍ନମତେ :

''ନୀରଦକୁ ଧନ୍ୟବାଦ, ଯାହା ମାଧ୍ୟମରେ ଶ୍ରୀଅରବିନ୍ଦ ଯଥାର୍ଥରେ ଯେପରି ଥିଲେ, ତାଙ୍କର ଅପରୂପ ବୈଚିତ୍ର୍ୟମୟ ପ୍ରତିଭାସର ଏକ ସମ୍ପୂର୍ଣ୍ଣ ଅଜ୍ଞାତ ସ୍ୱରୂପଟି ଆଜି ଆମ ସମ୍ମୁଖରେ ଉଦ୍‌ଘାଟିତ ହୋଇ ଉଠିଲା ।

''ଏହା ଅତ୍ୟନ୍ତ ଚିତ୍ତାକର୍ଷକ ଏବଂ ପ୍ରକୃତରେ ଶିକ୍ଷାପ୍ରଦ !''

– ଶ୍ରୀମା

ସେମିତି ହୋଇ ନପାରେ, କାରଣ ସାମାନ୍ୟ ବା ନଗଣ୍ୟ ଅସ୍ୱସ୍ତିବୋଧ ସକାଶେ ସେ ମୋତେ କେବେ ବି ହଇରାଣ କରି ନଥା'ନ୍ତେ; ଏହା ତାଙ୍କର ସ୍ୱଭାବ ବିରୁଦ୍ଧ।...

''ଇତିମଧ୍ୟରେ ଆମେମାନେ ଅତି ଉତ୍କଣ୍ଠାର ସହିତ ଦିନ ଗଣୁଥାଉ କେବେ ଶ୍ରୀଅରବିନ୍ଦଙ୍କ ଗୋଡ଼ରୁ 'ସ୍ପ୍ଲିଣ୍ଟସ୍'(splints) ଖୋଲାଯିବ। ଫେବ୍ରୁଆରୀ 'ଦର୍ଶନ'ର ସମ୍ଭାବନା ଅଛି କି ନାହିଁ – ଏ ସମ୍ବନ୍ଧରେ ଭକ୍ତଗଣ ଖବର ନେବାକୁ ଆରମ୍ଭ କରି ଦେଇଥିଲେ।... ମାଡ୍ରାସର ବିଶେଷଜ୍ଞ ସର୍ଜନ (ଡା. ନରସିଂହ ଆୟାର୍) ଯିଏକି ଶ୍ରୀଅରବିନ୍ଦଙ୍କୁ ଏହି ସ୍ପ୍ଲିଣ୍ଟସ୍‌ରେ ରଖି ଯାଇଥିଲେ, ସେ ସ୍ପ୍ଲିଣ୍ଟସ୍ ଓ ପାଷ୍ଟରକୁ ଦଶ ସପ୍ତାହ ପରେ ଖୋଲିବାକୁ ନିର୍ଦ୍ଦେଶ ଦେଇ ଯାଇଥିଲେ। କାଡ଼ାଲୋରରୁ ଆସିଥିବା ଡା. ରାଓ କିନ୍ତୁ ମତ ପୋଷଣ କରି ଯାଇଥିଲେ ଯେ ଏହା ଛ' ସପ୍ତାହ ରହୁ ବୋଲି। ସେ ମଝିରେ ମଝିରେ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରୁଥିଲେ ଏବଂ ପରିଶେଷରେ ଯିବାବେଳକୁ କହିଯାଉଥିଲେ ଯେ ଏବେ ଠିକ୍ ଅଛି, ଛ' ସପ୍ତାହ ପରେ ଖୋଲି ଦିଆଯାଇ ପାରେ। ଆମେ କିନ୍ତୁ ସମ୍ଭାବ୍ୟ ବିପଦର ଆଶଙ୍କା ନେବାକୁ ଚାହୁଁ ନଥିଲୁ। ଡାକ୍ତର ଏଥିରେ ଯୁକ୍ତି କଲେ ଯେ ଏଥିରେ ବିପଦର ଆଶଙ୍କା କ'ଣ ଅଛି ? ଯେତେବେଳେ ଶ୍ରୀଅରବିନ୍ଦ ହେଉଛନ୍ତି ଜଣେ ଚିକିତ୍ସାଧୀନ ଅସାଧାରଣ ବ୍ୟକ୍ତି, ସେ ଯେ ନିଜର ଯଥେଷ୍ଟ ଯତ୍ନ ନେବେ, ଏତିକି ତ ତାଙ୍କଠାରୁ ଆଶା କରିପାରୁ। ତାଙ୍କର ବାର ବାର ଏଇ ଧରଣର ଜିଦ୍ ଯୋଗୁଁ ଆମେ ପରିଶେଷରେ ଶ୍ରୀଅରବିନ୍ଦଙ୍କୁ ଏ ବିଷୟରେ ନିଷ୍ପତ୍ତି ନେବାକୁ ସବିନୟ ଅନୁରୋଧ ଜଣାଇଲୁ। ସେ ତାଙ୍କର ସ୍ୱଭାବସିଦ୍ଧ ଢଙ୍ଗରେ କହିଲେ, 'ଯଦି ମୁଁ ଜଣେ ଚିକିତ୍ସାଧୀନ ଥିବା ଅସାଧାରଣ ବ୍ୟକ୍ତି, ତେଣୁ ମୁଁ ନିଶ୍ଚିତ ରୂପେ ଅସାଧାରଣ ସତର୍କତା ଅବଲମ୍ବନ କରିବି। ଯୋଗ-ଶକ୍ତିରାଜି ବି ବେଶ୍ ସକ୍ରିୟ ରହିଛନ୍ତି। କିନ୍ତୁ ବିଶେଷ କରି ମୋର ନିଦ୍ରାବସ୍ଥାରେ ବିପଦ ଘଟାଇବା ଭଳି କୌଣସି ଅଙ୍ଗଚାଳନା ନ ହୋଇଯିବା ସମ୍ବନ୍ଧରେ ମୁଁ ସେତେଟା ନିଃସନ୍ଦେହ ନୁହେଁ। ଠିକ୍ ଅଛି, ଦଶ ସପ୍ତାହ ଓ ଛ' ସପ୍ତାହ ମଧ୍ୟରେ ଆପୋଷ ନିଷ୍ପତ୍ତି ଆଣି ଚାଲ ଆଠ ସପ୍ତାହ କରିଦେବା।' ଡାକ୍ତର ରାଓ ଏଥିରେ ସନ୍ତୁଷ୍ଟ ହୋଇଥିଲେ।... ପରେ ଏହି ସ୍ପ୍ଲିଣ୍ଟସ୍ ଖୋଲାଯିବା ପରେ ଯେଉଁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଥିଲୁ, ସେଥିରୁ ମୁଁ ଦୃଢ଼ନିଶ୍ଚିତ ହୋଇଥିଲି ଯେ ଡା. ରାଓଙ୍କର ସିଦ୍ଧାନ୍ତ ଯଥାର୍ଥ ଥିଲା।...

''ଡାକ୍ତର ମଣିଲାଲ ଯିବା ସମୟରେ ଶ୍ରୀମା'ଙ୍କ ଉପସ୍ଥିତିରେ ମୋତେ ନିର୍ଦ୍ଦେଶ ଦେଇ ଯାଇଥିଲେ ଯେ ମଝିରେ ମଝିରେ ଶ୍ରୀଅରବିନ୍ଦଙ୍କ ଶାରୀରିକ ଅବସ୍ଥା ସମ୍ବନ୍ଧରେ ଜଣାଇବାକୁ। ସବୁକିଛି ଠିକ୍ ଠିକ୍ ଭାବରେ ଗତି କରୁଥିବାରୁ ମୁଁ ଏ ବିଷୟରେ ତାଙ୍କୁ ଜଣାଇବାକୁ ପ୍ରାୟ ବନ୍ଦ କରି ଦେଇଥିଲି। ଶ୍ରୀମା ମୋର ନୀରବତା ଲକ୍ଷ୍ୟ କରି ଶ୍ରୀଅରବିନ୍ଦଙ୍କୁ ଏକଥା ଜଣାଇଲେ। ତା'ପରେ ନିୟମିତ ତାଙ୍କୁ ଲେଖି ଜଣାଇବାକୁ ବାଧ୍ୟ ହୋଇଥିଲି।

''ଚିକିତ୍ସା ସମ୍ବନ୍ଧୀୟ କାର୍ଯ୍ୟକଳାପ ସାଙ୍ଗକୁ ମୋର ଆଉ ଗୋଟିଏ ବୁଦ୍ଧିବୃତ୍ତି ସଂକ୍ରାନ୍ତୀୟ କାମଟିଏ ଥିଲା। ଶ୍ରୀଅରବିନ୍ଦଙ୍କର କର୍ଣ୍ଣଗୋଚର ହେବା ସକାଶେ ଟିକିଏ ବଡ଼ ପାଟିରେ ଦୈନିକ ଖବର କାଗଜ ପଢ଼ି ଶୁଣାଇବା। 'The Hindu' ଖବର କାଗଜଟି ସ୍ୱାଭାବିକ ରୂପେ ତାଙ୍କର ପସନ୍ଦଯୋଗ୍ୟ କାଗଜ ଥିଲା।... ସେ କହୁଥିଲେ, 'ପ୍ରଧାନ ପ୍ରଧାନ ଶିରୋନାମା (prominent headlines) ଗୁଡ଼ିକ ପଢ଼।' ମୁଁ ଗୋଟିକ ପରେ ଗୋଟିଏ ଶିରୋନାମା ବଡ଼ ପାଟିରେ ତାଙ୍କୁ ଶୁଣାଉଥିବା ବେଳେ ବିଶେଷ ବିଶେଷ କ୍ଷେତ୍ରରେ ସେ ମୋତେ ପ୍ରଶ୍ନ କରୁଥିଲେ, 'ଆଚ୍ଛା, ଏଇଟି କ'ଣ କହୁଛି, ଶୁଣିବା।' ଅଥବା ସେ କହୁଥିଲେ, 'ଓ, ସେଇଟି ବିଶେଷ କିଛି ନୁହେଁ। ଆଉ କିଛି ଅଛି ?' ଏମିତି ଭାବରେ ଦଶ ପନ୍ଦର ମିନିଟ ଭିତରେ ସମସ୍ତ ସମ୍ବାଦ ତାଙ୍କୁ ପଢ଼ି ଶୁଣାଇ ଦେଉଥିଲି। କେବେ କେବେ ସମ୍ପାଦକୀୟ ସ୍ତମ୍ଭ(the Editorial)ଟିରେ ତାଙ୍କର ଆଗ୍ରହ ପ୍ରକାଶ ପାଇଥାଏ।... ସନ୍ଧ୍ୟାବେଳେ ପ୍ରଥମେ ପ୍ରଥମେ Weekly New Statesman and Nation, କେବେ କେବେ Manchester Guardian ପତ୍ରିକାଟି ସାଧାରଣତଃ ପୁରାଣୀ ତାଙ୍କୁ ପଢ଼ି ଶୁଣାଉ ଥିଲେ; ପରେ ଏ କାର୍ଯ୍ୟଟି ମୋ ହାତକୁ ଆସିଲା, କିନ୍ତୁ ଅଳ୍ପ ଦିନ ପରେହିଁ ଏହା ବନ୍ଦ ହୋଇ ଯାଇଥିଲା। ଖୁବ୍ ସମ୍ଭବତଃ ଏହିସବୁ ମାଧ୍ୟମ ଦ୍ୱାରା ପୃଥିବୀର ଦ୍ରୁତ-ପରିବର୍ତ୍ତନଶୀଳ ଯାବତୀୟ ରାଜନୈତିକ ଓ ସାଂସ୍କୃତିକ ଗତିବିଧିସବୁ ସମ୍ବନ୍ଧେ ସେ ତାଙ୍କର ସମ୍ପର୍କ ବଜାୟ ରଖି ପାରିଥିଲେ, ଯାହାର ସାଧାରଣ ରୂପରେଖସବୁ ସମ୍ବନ୍ଧେ ସେ ତାଙ୍କର ମହାଜାଗତିକ ଯୌଗିକ ଚେତନାରେ ଆଭ୍ୟନ୍ତରୀଣ ଭାବରେ ସଚେତନ ହୋଇ ପାରୁଥିଲେ।

''ଡିସେମ୍ବର ଓ ଜାନୁଆରୀ ମାସ ଦୁଇଟି ବେଶ୍ ସୁରୁଖୁରୁରେ ବିତିଗଲା। ଆମେ ଏବେ ଶ୍ରୀଅରବିନ୍ଦଙ୍କର ସ୍ପ୍ଲିଣ୍ଟସ୍

ଖୋଲାଯିବା ବିଷୟରେ ସାନନ୍ଦରେ ପ୍ରତୀକ୍ଷା କରିଥାଉ । କାଡ଼ାଲୋରରୁ ଡାକ୍ତର ରାଓ ତାଙ୍କର ସାପ୍ତାହିକ ପରିଦର୍ଶନରେ ଆସି ସ୍ପ୍ଲିଣ୍ଟସ୍ ଖୋଲାଯିବା ସକାଶେ ନଛୋଡ଼ବନ୍ଦା ହୋଇ ଦୃଢ଼ଭାବରେ କହି ଚାଲିଥା'ନ୍ତି । ଆମେ କିନ୍ତୁ ମାଡ୍ରାସର ବିଶେଷଜ୍ଞଙ୍କ କଥାନୁଯାୟୀ ଡା. ରାଓଙ୍କ କଥାରେ ସେତେ ଗୁରୁତ୍ୱ ଦେଉ ନଥିଲୁ । ସେ ଏସମ୍ବନ୍ଧେ ଅବଗତ ହୋଇ ପ୍ରତିଥର ଯିବା ସମୟରେ ପ୍ରତିଶ୍ରୁତି ଦେଉଥିଲେ ଯେ ଠିକ୍ ଅଛି, ମୁଁ ଆଉ କେବେ ବି ଏ ସମ୍ବନ୍ଧରେ ପ୍ରଶ୍ନ ଉଠାଇବି ନାହିଁ; କିନ୍ତୁ ଠିକ୍ ପରବର୍ତ୍ତୀ ପରିଦର୍ଶନରେ ଆସି ସେ ସେହି ସମାନ କଥା ଉତ୍‌ଥାପନ କରୁଥିଲେ ଏବଂ ଯିବାବେଳେ ସେହି ସମାନ ପ୍ରତିଶ୍ରୁତି ଦେଉଥିଲେ – ଏଥିରେ ସେ ଆମ ସମସ୍ତଙ୍କର କିଞ୍ଚିତ୍ କୌତୁହଳର ପାତ୍ର ହୋଇ ଉଠିଥିଲେ ।

''ଫେବ୍ରୁଆରୀ ମାସର ପ୍ରଥମ ସପ୍ତାହ ମଧ୍ୟରେ ଶ୍ରୀଅରବିନ୍ଦଙ୍କର ଆଘାତପ୍ରାପ୍ତ ଗୋଡ଼ରେ କେତେକ ଉଦ୍‌ବେଗଜନକ ଉଦ୍ଦୀପକ ଉପସର୍ଗ ଦୃଷ୍ଟିଗୋଚର ହେଲା – ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଅନୁଭୂତ ହୋଇ ସାମାନ୍ୟ ଫୁଲିଯିବାକୁ ଆରମ୍ଭ କଲା ।... ମାଡ୍ରାସର ବିଶେଷଜ୍ଞ ସର୍ଜନଙ୍କୁ ଖବର ଦିଆଗଲା । ସେ ଆମକୁ ଜଣାଇ ଦେଲେ ଯେ ଅସ୍ଥିଭଙ୍ଗ କ୍ଷେତ୍ରରେ କେତେକ ଘଟଣାରେ ଏମିତି ଗୌଣ ଉପସର୍ଗମାନ ବିରଳ ନୁହେଁ ଏବଂ ଖୁବ୍ ଶୀଘ୍ର ସୁଧାରିଯିବ । ଡା. ରାଓ କିନ୍ତୁ ଏହି ସୁଯୋଗରେ ଯୁକ୍ତି ବାଢ଼ି ବସିଲେ ଯେ ଅତ୍ୟଧିକ ମାତ୍ରାରେ ଅଚଳ ଅବସ୍ଥାରେ ରହିବାକୁ ପଡୁଥିବା ଯୋଗୁଁ ଏହିସବୁ ଉପସର୍ଗ ଦେଖା ଦେଉଛି ଏବଂ ନିଷ୍ପାର ସହ ବାରବାର ସ୍ପ୍ଲିଣ୍ଟସ୍ ଖୋଲି ଦେବାକୁ ସେ ପ୍ରରୋଚିତ କରାଇଲେ । ବିଚରା ଡାକ୍ତରଙ୍କର ଏକାକୀ ଅନୁରୋଧକୁ କେହି ବି କର୍ଣ୍ଣପାତ କଲେ ନାହିଁ । (ମୋର ଯେତେଦୂର ସ୍ମରଣରେ ଅଛି ଶ୍ରୀମା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ଥିଲେ) । ଆମେମାନେ ସର୍ଜନଙ୍କ ଚୂଡ଼ାନ୍ତ ନିର୍ଦ୍ଦେଶକୁ ଦୃଢ଼ ଭାବରେ ନିର୍ଭର କରି ରହିଲୁ । ସର୍ଜନଙ୍କୁ ତୁରନ୍ତ ଆସିବାକୁ ଖବର ଦିଆଗଲା । ସେତେବେଳେ ପଣ୍ଡିଚେରୀରୁ ମାଡ୍ରାସ ପର୍ଯ୍ୟନ୍ତ ଦ୍ରୁତଗତିରେ ଯାଉଥିବା ଯାନବାହନ ନଥିଲା ! ଆମର ମଧ୍ୟ କାର୍‌ଟିଏ ନଥିଲା । ବସ ଚଳାଚଳ କଥା ସେତେବେଳେ ସ୍ୱପ୍ନ ଜଗତର କଥା ଥିଲା । ଆଉ ଟ୍ରେନ୍ ଯାତ୍ରା ଏବେ (୧୯୭୨) ସଦୃଶ ଅତି ମନ୍ଥର ଥିଲା । ମୋର ଯେତେଦୂର ସ୍ମରଣରେ ଅଛି ଫେବ୍ରୁଆରୀ ମାସର ତୃତୀୟ କି ଚତୁର୍ଥ ସପ୍ତାହରେ ବିଶେଷଜ୍ଞ ସର୍ଜନଙ୍କ ଉପସ୍ଥିତିରେ ଶ୍ରୀଅରବିନ୍ଦଙ୍କ ଗୋଡ଼ରୁ ସ୍ପ୍ଲିଣ୍ଟସ୍ ଖୋଲାଗଲା । ଖୋଲିଦେବା ମାତ୍ରେ ଜାନୁଠାରୁ ପାଦ ପର୍ଯ୍ୟନ୍ତ ସକଳ ଅଙ୍ଗ ବେଶ୍ ଫୁଲିଗଲା । ଜଙ୍ଘଟି ତା' ପୂର୍ବସ୍ଥିତିଠାରୁ ଦୁଇଗୁଣ ମୋଟା ହୋଇ ଭୟଙ୍କର ଦିଶିଲା । ଆମେ ସମସ୍ତେ ବିସ୍ମୟ ସହ ବେଶ୍ ଭୟଭୀତ ହୋଇ ଉଠିଲୁ । ଶ୍ରୀମାଙ୍କ ମୁଖମଣ୍ଡଳ ଥିଲା ଗମ୍ଭୀର, ସେ କିନ୍ତୁ ନିର୍ବାକ୍ । ଶ୍ରୀଅରବିନ୍ଦ କିନ୍ତୁ ତାଙ୍କର ସ୍ୱଭାବସିଦ୍ଧ ସ୍ଥିତି ବଜାୟ ରଖିଥିଲେ – ସ୍ଥିର, ନିର୍ବିକାର, ନିରୁଦ୍‌ବିଗ୍ନ ।

''ସର୍ଜନ କିନ୍ତୁ ପୂର୍ବବତ୍ ତାଙ୍କର ଦୃଷ୍ଟିଭଙ୍ଗୀ ସମ୍ବନ୍ଧେ ଆମମାନଙ୍କୁ ଜଣାଇଲେ ଯେ ଏଥିରେ ବିସ୍ମିତ ହେବାର କିଛି ନାହିଁ । ମାଂସପେଶୀର ଏହି ସ୍ଫୀତାବସ୍ଥାର କୌଣସି ଅମଙ୍ଗଳଜନକ ପରିଣାମ ନାହିଁ; ଏହା ଧୀରେ ଧୀରେ କମି ଆସିବ । ସେ ବେଶ୍ ସନ୍ତୁଷ୍ଟ ଥିଲେ ଯେ ଭଗ୍ନାସ୍ଥି ଦୁଇଟି ଦୃଢ଼ଭାବରେ ପରସ୍ପର ଯୋଡ଼ି ହୋଇ ଯାଇଛି । ତେଣୁ ଉପଯୁକ୍ତ ଭାବେ ତଥା ସାବଧାନତାର ସହିତ ଚିକିତ୍ସା ସାଙ୍ଗକୁ ମାଲିସ, କମ୍ପ୍ରେସ୍ (ମୃଦୁଚାପ ପ୍ରୟୋଗ କରି ବ୍ୟାଣ୍ଡେଜ୍ ବାନ୍ଧିବା) ଓ ନିୟମିତ ମନ୍ଥର ଗତିରେ ପଦଚାରଣ କରିବା ଦ୍ୱାରା ଗୋଡ଼ଟି ତା'ର ପୂର୍ବବତ୍ ସ୍ୱାଭାବିକ ଅବସ୍ଥାକୁ ଆସିଯିବ । ଶ୍ରୀମା କିନ୍ତୁ ସର୍ଜନଙ୍କର ଉପରୋକ୍ତ ପ୍ରସ୍ତାବରେ ସହଜରେ ସନ୍ତୁଷ୍ଟ ହେଲେ ନାହିଁ । ସେ ବର୍ତ୍ତମାନର ଏହି ଫୁଲାବସ୍ଥା ସମ୍ବନ୍ଧରେ ସର୍ଜନଙ୍କର ମନୋଯୋଗ ଆକର୍ଷଣ କରି ଦୃଢ଼ ଭାବରେ ପ୍ରଶ୍ନ କଲେ – ଏହି ଧରଣର ଶାରୀରିକ ପରିବର୍ତ୍ତନ ଘଟିବାର କାରଣ କ'ଣ ? ଚିକିତ୍ସା ଶାସ୍ତ୍ର (ପାଥୋଲୋଜି)ରେ ଏହାର ମତାମତ କ'ଣ ? ଅସୁବିଧାଟିରେ ଜଡ଼ିତ ଥିବା ବିଭିନ୍ନ ଉପସର୍ଗ ତଥା ଆସନ୍ନ ବିପଦ କିଂବା ଅନ୍ୟାନ୍ୟ ସମ୍ଭାବ୍ୟ ପରିଣାମ କ'ଣ ଥାଇପାରେ ? ସର୍ଜନ କହିଲେ ଯେ କେବେ କେବେ ବିଭିନ୍ନ ପ୍ରକାର ଅଙ୍ଗଚାଳନା (ମୁଭ୍‌ମେଣ୍ଟସ୍) ରକ୍ତବାହୀ ଶିରାକୁ ସ୍ଥାନଚ୍ୟୁତ କରାଇ ଏଥିରେ ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟା (ଭେନାସ୍ କ୍ଲଟ୍) ଘଟାଇଥାଏ ଏବଂ ଫଳରେ ସାଂଘାତିକ ଅଡୁଆ ଅବସ୍ଥା ଉପୁଜେ । ଶ୍ରୀମା ତତ୍‌କ୍ଷଣାତ୍ ତାଙ୍କୁ ସିଧାସଳଖ ପ୍ରଶ୍ନ କଲେ, 'ଆପଣ ତା'ହେଲେ କିପରି ମାଲିସ ଏବଂ ମନ୍ଥର ଗତିରେ ପଦଚାରଣ କରିବାକୁ ନିର୍ଦ୍ଦେଶ ଦେଉଛନ୍ତି ?' ସର୍ଜନ କିନ୍ତୁ ଜଣେ 'ନାରୀ'ଙ୍କ ପାଖରୁ ଅପ୍ରତ୍ୟାଶିତ ଭାବରେ ତୀକ୍ଷ୍ଣବୁଦ୍ଧିସମ୍ପନ୍ନ ଏପରି ପ୍ରଶ୍ନର ସମ୍ମୁଖୀନ ହେବାକୁ ଆଦୌ ପ୍ରସ୍ତୁତ ନଥିଲେ । ସେ ଅପ୍ରତିଭ ହୋଇ ଉଠିଲେ ଏବଂ ପରେ ମନ୍ତବ୍ୟ ଦେଇଥିଲେ ଯେ ଶ୍ରୀମା ହେଉଛନ୍ତି ଜଣେ ବିଚକ୍ଷଣ ବୁଦ୍ଧିସମ୍ପନ୍ନା ମହୀୟସୀ

ନାରୀ ! ଆମେ ଶ୍ରୀଅରବିନ୍ଦଙ୍କୁ ସମସ୍ତ କଥା ଏବଂ ସର୍ଜନଙ୍କ ମନ୍ତବ୍ୟ ଜଣାଇଲୁ । ଆମ କଥା ଶୁଣି ତାଙ୍କ ଅଧରରେ ଫୁଟି ଉଠିଥିଲା ସ୍ମିତହାସ୍ୟ ।

''ଏହି ଧରଣର ପ୍ରତିକୂଳ ଅବସ୍ଥା ଉପୁଜି ଥିବାରୁ ଆମେ (ଡା. ରାଓଙ୍କ କଥା ସ୍ମରଣରେ ଆଣି) ବେଶ୍ ଅବସାଦଗ୍ରସ୍ତ ହୋଇ ଉଠିଲୁ ।... ପରୋକ୍ଷରେ ଡା. ରାଓଙ୍କର ଏବଂ ପ୍ରତ୍ୟକ୍ଷରେ ଶ୍ରୀମା'ଙ୍କର ଦିବ୍ୟ ଶକ୍ତି ଉପରେ ସମ୍ପୂର୍ଣ୍ଣ ନିର୍ଭରତା ରଖି ସର୍ଜନଙ୍କର ନିର୍ଦ୍ଦେଶାବଳି ମୁତାବକ କ୍ରମଶଃ ଗୁରୁଦେବଙ୍କର ସେବା ଠିକ୍ ଠିକ୍ ଭାବରେ କରି ଚାଲିଲି । ଇତିମଧ୍ୟରେ ଡା. ମଣିଲାଲଙ୍କୁ ପତ୍ର ମାଧ୍ୟମରେ ସବୁ କଥା ଜଣାଇଲି ଏବଂ ଏଠାକୁ ଆସିବା ସମୟରେ ବମ୍ବେରୁ ଶ୍ରୀଅରବିନ୍ଦଙ୍କ ସକାଶେ ବିଭିନ୍ନ ପ୍ରକାରର ଦୁଇ ତିନି ହଳ କ୍ରଚେସ୍ (ପଦଚାରଣ ସକାଶେ ଆଶ୍ରୟ ଦଣ୍ଡ) ଆଣିବାକୁ ଜଣାଇଲି ।

''ଏହାପରେ ଆଉ ଗୋଟିଏ କଥା ଆମର ମନୋଯୋଗ ଆକର୍ଷଣ କଲା — ଡାହାଣ ପାଦଟି ଶୁଖି ସଙ୍କୁଚିତ ହୋଇ ଯାଇଥିଲା; କହିବାକୁ ଗଲେ ତା'ର ସ୍ୱାଭାବିକ ଅବସ୍ଥିତିର ଅଧା ହୋଇ ଉଠିଥିଲା । ଶ୍ରୀମା ଏକ ଉତ୍କୃଷ୍ଟ ଧରଣର ଧଳା ମଲମ ଆଣି ଶ୍ରୀଅରବିନ୍ଦଙ୍କର ସେହି ପାଦରେ ମାଲିସ କରିବାକୁ କହିଲେ । ଶ୍ରୀଅରବିନ୍ଦ ଉଠି ବସିଲେ, ଡାହାଣ ଗୋଡ଼ଟିକୁ ଲମ୍ବାଇ ଦେଲେ; ଶ୍ରୀମା ତାଙ୍କ ପାର୍ଶ୍ୱରେ ଛିଡ଼ା ହୋଇଥା'ନ୍ତି; ମୁଁ ମଲମ ଲଗାଇବା କାମ ଆରମ୍ଭ କଲି । ତାଙ୍କ ଉପସ୍ଥିତିରେ ଗୁରୁଙ୍କ ପାଦରେ ମଲମ ଲଗାଇବା ବେଳେ ମୁଁ କିଞ୍ଚିତ୍ ମାତ୍ରାରେ ମୋର ସ୍ୱାଭାବିକ ଆତ୍ମ-ବିଶ୍ୱାସ ହରାଇ ଅଯତ୍ନ ଭାବରେ ପ୍ରଲେପ ଲଗାଉ ଥିଲି । ଶ୍ରୀମା ଏହା ଲକ୍ଷ୍ୟ କରି କହି ଉଠିଲେ, 'ନା, ନା, ସେପରି ଭାବରେ ନୁହେଁ ।' ତାଙ୍କର ଏହି ଧମକ ମୋତେ ତତ୍କ୍ଷଣାତ୍ ଯଥାର୍ଥ ଭାବରେ ମଲମ ଲଗାଇବାକୁ ଶିଖାଇ ଦେଲା । ତା'ପରେ ମନ୍ଦହାସ୍ୟରେ ଅତି ଆପଣାର ଭାବ ସହ ସେ କହିଲେ, 'ହଁ, ଏବେ ଠିକ୍ ଅଛି ।'... ଶ୍ରୀଅରବିନ୍ଦ ତାଙ୍କର ଚିରାଚରିତ ଭଙ୍ଗିରେ ଆଖି ସାମନାରେ ଘଟୁଥିବା ଦୃଶ୍ୟଟିକୁ ଉପଭୋଗ କରୁଥିଲେ ।... କିଛି ଦିନ ପରେ ତାଙ୍କର ପାଦଟି ବେଶ୍ ସୁନ୍ଦର ଓ କୋମଳ ହୋଇ ଉଠିଲା । (କହିବା ବାହୁଲ୍ୟ ତାଙ୍କର ପଦଯୁଗଳ ସୁନ୍ଦର, ଛୋଟ ଓ କୋମଳ ।)

''ତାଙ୍କର କେଶଗୁଚ୍ଛ ମଧ୍ୟ କିଛିଟା ଅସୁବିଧା ସୃଷ୍ଟି କରୁଥିଲା । କାରଣ ଦୀର୍ଘ ଦିନ ଧରି ସେଇ ଗୋଟିଏ ସ୍ଥିତିରେ ତାହା ଚାପି ହୋଇ ରହିଥିବାରୁ ସେଗୁଡ଼ିକ ଭୀଷଣ ଭାବରେ ପରସ୍ପର ସହିତ ଜଡ଼ିଯାଇ ଏକ ଭୟଙ୍କର ଜଟ ସୃଷ୍ଟି କରିଥିଲା ।... କିପରି ଏହି ଜଟକୁ ଖୋଲିବାକୁ ହେବ ? ଏହି ନାରୀସୁଲଭ ସମସ୍ୟାଟିକୁ ଶ୍ରୀମା'ଙ୍କର ଉପଯୁକ୍ତ ତତ୍ତ୍ୱାବଧାନରେ ସ୍ଥାପନ ନକରି ଏଇଟିକୁ ସମାଧାନ କରିବାର ପ୍ରଯତ୍ନ କରିବାକୁ କ'ଣ ଯେ ଆମକୁ ଏତେ ପ୍ରଗଳ୍ଭ ଭାବରେ ପ୍ରଚୋଦିତ କରିଥିଲା ଏ ସମ୍ବନ୍ଧେ ମୁଁ ଆଦୌ କିଛି କହିପାରିବି ନାହିଁ । ସେଇ ମୁହୂର୍ତ୍ତରେ ଆମର ଘୁଣାକ୍ଷରରେ ବି ଧାରଣା ନଥିଲା ଯେ ଏଇ କର୍ମଟିକୁ ସେ ଅତି ଆନନ୍ଦରେ କରିବେ ବୋଲି; ସେ ନିଜେ ବି ଏ କାମଟିକୁ କରିବା ସମ୍ବନ୍ଧେ ନିଜ ତରଫରୁ ପ୍ରସ୍ତାବ ଦେଇ ନଥିଲେ । ଆଉ ଶ୍ରୀଅରବିନ୍ଦ, କହିବା ବାହୁଲ୍ୟ, ନୀରବ ଥିଲେ । ଆମର ଶ୍ରୀମା'ଙ୍କୁ ଏ ବିଷୟରେ ନିଶ୍ଚିତ ରୂପେ ପଚାରିବା ଉଚିତ ଥିଲା, ତାଙ୍କ ପ୍ରତି ସମ୍ପୂର୍ଣ୍ଣ ଉନ୍ମୁକ୍ତ ବା ସ୍ପଷ୍ଟବାଦୀ ହେବା ଉଚିତ ଥିଲା ! ଶିବଙ୍କ ଜଟା ପରି ଗ୍ରଥିତ କେଶଗୁଚ୍ଛକୁ ଆମର ହତାଶ ଓ ସୂକ୍ଷ୍ମାନୁଭବହୀନ ହସ୍ତଚାଳନା ଦ୍ୱାରା ସୁନ୍ଦର ଭାବରେ ସଜାଡ଼ିବା ସକାଶେ ଆମକୁ ପ୍ରାୟ ଘଣ୍ଟାଟିଏ ଲାଗିଗଲା । ଶ୍ରୀଅରବିନ୍ଦ ତାଙ୍କର ସ୍ୱଭାବସିଦ୍ଧ ନମ୍ରତାର ସହିତ ଆମର କାର୍ଯ୍ୟକୁ ସହଜରେ ସ୍ୱୀକାର କରି ନେଲେ । ତାଙ୍କ ପ୍ରତି ଆମର ଅପରାଧସୂଚକ ଦୁଷ୍କର କର୍ମଟିର ସମାପ୍ତି ପରେ ସେ କେବଳ ଏତିକି ପଚାରିଲେ, 'ତୁମେମାନେ କିଞ୍ଚିତ୍ କେଶ ରଖିଛ ତ ?' ('Have you left some hair ?') ଆମେ ହସି ଉଠିଲୁ । ଏହା ସତ ଯେ ସେ ପରିହାସ କରି ଏହା କହିଥିଲେ : କିନ୍ତୁ ଶାରୀରିକ ସୌନ୍ଦର୍ଯ୍ୟ ଓ ଲାବଣ୍ୟ ପ୍ରତି ସେ ଉଦାସୀନ ନଥିଲେ । ପରେ ଶ୍ରୀମା ଯେତେବେଳେ ଶ୍ରୀଅରବିନ୍ଦଙ୍କର ପ୍ରସାଧନର ଭାର ହାତକୁ ନେଲେ ଏବଂ ତାଙ୍କର କେଶର ଯତ୍ନ ନେଲେ, ପ୍ରତିଥର କେଶଗୁଚ୍ଛକୁ ପାନିଆରେ କୁଣ୍ଡାଇ ଦେଉଥିବା ସମୟରେ ତାଙ୍କ ଶ୍ରୀତନୁରୁ କିଛି ମହାର୍ଘ ଚିକ୍କଣ କେଶ ଝଡ଼ି ପଡୁଥାଏ । ଆଉ ସେହିସବୁ ସ୍ଖଳିତ କେଶଗୁଚ୍ଛ ଚମ୍ପକଲାଲଙ୍କର କୋଷାଗାରକୁ ସମୃଦ୍ଧ କରୁଥିଲା । ଏହିପରି ଭାବରେ କେଶ ଝଡ଼ି ପଡୁଥିବା କଥା ଶ୍ରୀଅରବିନ୍ଦଙ୍କୁ ଜଣାଇବା ପରେ ସେ ସେସବୁକୁ ବନ୍ଦ କରିବା ସକାଶେ ସମ୍ଭବତଃ ତାଙ୍କର ଯୋଗ-ଶକ୍ତି ପ୍ରୟୋଗ କଲେ ଏବଂ ଫଳତଃ ଶେଷ ପର୍ଯ୍ୟନ୍ତ ତାଙ୍କର କେଶଗୁଚ୍ଛ ନିଜସ୍ୱ ଉଜ୍ଜ୍ୱଳତା ଓ ପ୍ରାଚୁର୍ଯ୍ୟ ରକ୍ଷା କରି ପାରିଥିଲା ।''

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

ସିନ୍ଧୁରୁ ବିନ୍ଦୁଏ :

# ପଳାୟନ ନୁହେଁ ପନ୍ଥା

## ସନ୍ତୋଷ ରଥ

ଅନ୍ଧାର, ଅରାତି    ବର୍ଷା, ବତାସି
ଅଘଟଣ ପଟୀୟସୀ
ଗୋଡ଼ ଟାଣିବାକୁ    ପାହାଚ ଶିଉଳି
ଘାଟ ଜଗି ରହେ ବସି । (୧)

ନଇ ସୁଅ ଧାର    ଭଉଁରି ପ୍ରଖର
ଶାଙ୍କୁଚ ପିଟଇ ଲାଞ୍ଜ
ଶାରଦ ସକାଳେ    କାହୁଁ ଘୋଟି ଆସେ
ଅବେଳାରେ ମୁହଁ ସଞ୍ଜ । (୨)

ବୁଡ଼ିଯାଏ ଉଷା    ହଜିଯାଏ ଦିଶା
ବତୀଘର ହୁଏ ପର
ଅଝାଳ ସମ୍ଭାଳି    କାତକୁ ଓଗାଳି
ମଙ୍ଗୁଆଳ ହରବର । (୩)

ଜୀବନ ବେଳାରେ    ଢେଉ ଛୁଇଁ ଫେରେ
ଭାଙ୍ଗେ ଗଢ଼ା ବାଲିଘର
ସପନ ଗେଙ୍ଗୁଟି    ମଣିଷ ସାଉଁଟି
ସାଜେ ପୁଣି ସୌଦାଗର । (୪)

ବୈଶାଖୀ ତାତି    ଚୋରାବାଲି ପ୍ରୀତି
ସମସ୍ୟାର ନାହିଁ ଅନ୍ତ
ସମାଧାନ ପାଇଁ    ସମିଧ ସାଜଇ
ଜୀବନହିଁ କୁରୁକ୍ଷେତ୍ର । (୫)

ସମର ଶୋଣିତେ    ଲେଖା ଭାଲପଟେ
ପରାଜୟ ଅବା ଜୟ
ପରାଜୟ ଡରେ    ପଳାୟନ କଲେ
ତୁଟିବନି କେବେ ଭୟ । (୬)

ପଳାୟନ ରୀତି    ଯା’ ସମର ନୀତି
ସେ ନୁହେଁ ବୀରରେ ଲେଖା
ବିବରେ ବିଳପି    ବିତେ ଦିନରାତି
ପରାଜୟ ଚିର ସଖା । (୭)

ସମସ୍ୟା ସମର    ଦୁହେଁ ସହୋଦର
ଜଳନ୍ତା ଅଗ୍ନିଶିଖା
ଲକ୍ଷ୍ମଣ ଗାର    ନିମିତ୍ତ ମାତର
ନିଜ ବିଧି ନିଜ ଲେଖା । (୮) ❑

“Running away from difficulties is never a way of surmounting or overcoming them. If you flee from the enemy you won’t be able to defeat him and he has every chance of defeating you.”

(CWM, Vol. 15, p. 304)    – The Mother

ଅର୍ଥାତ୍, ‘‘ବାଧାବିପତ୍ତି ଠାରୁ ପଳାୟନ କରିବା କଦାପି ସେଗୁଡ଼ିକୁ ଜୟ କରିବାର କିଂବା ଅତିକ୍ରମ କରିବାର ପନ୍ଥା ନୁହେଁ । ଯଦି ତୁମେ ଶତ୍ରୁ ପାଖରୁ ପଳାୟନ କର ତେବେ ତୁମେ କେବେ ବି ତାକୁ ପରାଜିତ କରିପାରିବ ନାହିଁ ବରଂ ସେ ତୁମକୁ ପରାଜିତ କରିବାର ସମ୍ଭାବନା ଯଥେଷ୍ଟ ଅଧିକ ।’’

– ଶ୍ରୀମା

# ବିବର୍ତ୍ତିତ ଚୈତ୍ୟପୁରୁଷ

**ରାମକୃଷ୍ଣ ଦାସ**

*ପ୍ରଶ୍ନ : ଚୈତ୍ୟପୁରୁଷ କାହାକୁ କହନ୍ତି ?*

ଉତ୍ତର : ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଦୁଇଟି ସତ୍ତା ବାସ କରନ୍ତି — ଚୈତ୍ୟପୁରୁଷ ଓ ଆତ୍ମା । ଚୈତ୍ୟପୁରୁଷ ଭଗବାନଙ୍କ ଅଂଶ, ସେ ହୃଦୟ ଗୁହାର ବହୁତ ଗଭୀରରେ ଅବସ୍ଥିତ । ଅନ୍ୟ ସତ୍ତା ହେଲେ ଆତ୍ମା, ସେ ଶରୀରର ଊର୍ଦ୍ଧ୍ୱରେ ଦ୍ରଷ୍ଟା ରୂପେ ସ୍ଥିତ, ଭଗବାନଙ୍କ ପ୍ରତିଭୂ, କିନ୍ତୁ ଅପରିବର୍ତ୍ତନୀୟ । ଚୈତ୍ୟପୁରୁଷ କ୍ରମବିବର୍ତ୍ତନାନୁସାରେ ବିକାଶଶୀଳ । ସେ ଊର୍ଦ୍ଧ୍ୱସ୍ଥ ଆତ୍ମା ପରି ନିଷ୍କ୍ରିୟ, ଅପରିବର୍ତ୍ତନୀୟ ନୁହନ୍ତି, ସେ ମନ-ପ୍ରାଣ ପଶ୍ଚାତରେ ରହି ସମସ୍ତ ସତ୍ତା ଉପରେ ପ୍ରଭାବ ନିକ୍ଷେପ କରନ୍ତି । ତାଙ୍କର ସ୍ୱାଭାବିକ ଗତି ଭଗବାନଙ୍କ ଆଡ଼କୁ । ତାଙ୍କର ସମସ୍ତ କ୍ରିୟା ଯଥାର୍ଥ, ଅଭ୍ରାନ୍ତ ଏବଂ ସତ୍ୟ ଉପରେ ପ୍ରତିଷ୍ଠିତ । ଏହି ସତ୍ତା ଜାଗ୍ରତ୍ ହେଲେ ମନୁଷ୍ୟ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର ହୋଇ ଭଗବାନଙ୍କୁ ପ୍ରାପ୍ତ ହୁଏ । ଏହାର ଜାଗରଣ ବିନା କେହି ବି ଭଗବାନଙ୍କ ସମ୍ବନ୍ଧରେ ସଚେତ ହୁଏ ନାହିଁ । ଯେଉଁମାନଙ୍କର ଚୈତ୍ୟପୁରୁଷ ସୁପ୍ତ ଅର୍ଥାତ୍ ନିଷ୍କ୍ରିୟ, ସେମାନଙ୍କ ମନ-ବୁଦ୍ଧି ଅତ୍ୟନ୍ତ ବିକଶିତ ହେଲେ ମଧ୍ୟ ଶୁଦ୍ଧ ନୁହନ୍ତି । ସେଥିପାଇଁ ସେମାନେ ମନ-ବୁଦ୍ଧିକୁ କୁପ୍ରବୃତ୍ତିରେ ଲଗାନ୍ତି, ନିଜେ ଭୁଲ୍ ମାର୍ଗରେ ଚାଲନ୍ତି ଏବଂ ଅନେକ ସମୟରେ ଏମାନଙ୍କ ଦ୍ୱାରା ଦେଶ, ଜାତି ଓ ସମାଜର ବହୁତ କ୍ଷତି ଘଟେ । ଏମାନଙ୍କ ମଧ୍ୟରୁ ଯଦି କେହି କେହି ଯଥାର୍ଥରେ ଦେଶ ଓ ଜାତିର ମଙ୍ଗଳ ନିମିତ୍ତ ବହୁତ କାମ କରନ୍ତି, ତଥାପି ଭୁଲ୍‌ବଶତଃ, ଅଜ୍ଞାତରେ ଏମାନଙ୍କ ଦ୍ୱାରା କେତେକ ବିପରୀତ, ଅହିତକର କାର୍ଯ୍ୟ ବି ହୋଇଯାଏ । କାରଣ ମନ, ବୁଦ୍ଧି ଯେତେ ବିକଶିତ ହେଲେ ମଧ୍ୟ ସେସବୁର ସତ୍ୟଦୃଷ୍ଟି ନ ଥାଏ । ଚୈତ୍ୟପୁରୁଷ ସତ୍ୟ ଓ ଜ୍ୟୋତିଃ ସ୍ୱରୂପ । ତାଙ୍କ ପାଖକୁ ଅଜ୍ଞାନ ଅନ୍ଧକାର ଆସିପାରେ ନାହିଁ । ଯେପରି ଦିନ ଓ ରାତି ମଧ୍ୟରେ ପ୍ରଭେଦ, ସେହିପରି ତାଙ୍କ ଦୃଷ୍ଟିରେ ସତ୍ୟ ଓ ଅସତ୍ୟର ପ୍ରଭେଦ । ଚୈତ୍ୟପୁରୁଷ ଜାଗ୍ରତ୍ ହେଲେ ମନ-ବୁଦ୍ଧିକୁ ଆଙ୍ଗୁଳି ନିର୍ଦ୍ଦେଶରେ ସତ୍ୟ ଏବଂ ଅସତ୍ୟକୁ ଚିହ୍ନାଇ ଦିଅନ୍ତି । ଏହି ସତ୍ତାହିଁ ଯଥାର୍ଥରେ ବ୍ୟକ୍ତି । କିନ୍ତୁ ଅଜ୍ଞାନବଶରେ ମନୁଷ୍ୟ ଶରୀର-ମନ-ପ୍ରାଣକୁ କହେ 'ବ୍ୟକ୍ତି' ବା 'ମୁଁ' । ପ୍ରଥମରେ ଏହି ସତ୍ତା ସ୍ୱରୂପ ଥାଏ ଅଗ୍ନିସ୍ଫୁଲିଙ୍ଗ ପରି, ପରନ୍ତୁ ପ୍ରକୃତିର କ୍ରମବିବର୍ତ୍ତନ ଓ ସାଧନା ଦ୍ୱାରା ଜାଗ୍ରତ୍ ଓ ବିକଶିତ ହୋଇ ତାହା ଅଗ୍ନିଶିଖାରେ ପରିଣତ ହୋଇଯାଏ, ମନ ଓ ପ୍ରାଣର ସ୍ଥାନକୁ ଅଧିକାର କରି ନିଜର ପ୍ରଭାବ ସମସ୍ତ ସତ୍ତା ଉପରେ ସ୍ଥାପନ କରେ । ଏହି ସତ୍ତା ଯାହାର ହୃଦୟରେ ଜାଗ୍ରତ୍ ହୁଏ, ସେ ମୂର୍ଖ ବା ପଣ୍ଡିତ ହେଉ, ବୁଦ୍ଧିମାନ୍ ବା ବୁଦ୍ଧିହୀନ ହେଉ, ତାହାର କୌଣସି ସଂଶୟ ରହେ ନାହିଁ; ସେ ସ୍ୱାଭାବିକ ରୂପେ ସନ୍ମାର୍ଗରେ ଚାଲେ । ତାହାକୁ ସନ୍ଦେହ ବା ଭ୍ରମ ସ୍ପର୍ଶ କରେ ନାହିଁ । ବଡ଼ ବଡ଼ ଶାସ୍ତ୍ରଜ୍ଞ, ତାର୍କିକ ପଣ୍ଡିତ ବି ଯୁକ୍ତି ଦ୍ୱାରା ତାକୁ ସତ୍ୟ ମାର୍ଗରୁ ବିଚଳିତ କରିପାରନ୍ତି ନାହିଁ । ମନୁଷ୍ୟ ମଧ୍ୟରେ ମନ-ପ୍ରାଣ-ବୁଦ୍ଧି ବରାବର ନେତୃତ୍ୱ କରୁଥା'ନ୍ତି, ସେଥିପାଇଁ ଚୈତ୍ୟପୁରୁଷ ଏସବୁର ପଶ୍ଚାତରେ ରହି ସମୟକୁ ଅପେକ୍ଷା କରି ରହିଥାଆନ୍ତି ।

ଭଗବାନଙ୍କ କୃପାକୁ କୁହାଯାଏ ଅହେତୁକୀ । ତାହା ମନୁଷ୍ୟର ପ୍ରତିଦାନ ଚାହେଁ ନାହିଁ । ଜୀବକୁ ଦୁଃଖକଷ୍ଟ ରୂପ ଜନ୍ମ-ମରଣ ବିପଦରୁ ଉଦ୍ଧାର କରି ତାକୁ ଅମରତ୍ୱ ଦେବା ତା'ର ସଂକଳ୍ପ । କିନ୍ତୁ ମନୁଷ୍ୟ ସର୍ବଦା ମନ-ପ୍ରାଣ-ଶରୀରର ଅଧୀନ ଥିବାରୁ ସେହି କୃପାକୁ ଭୁଲିଯାଇଥିଲେ ସୁଦ୍ଧା ସେହି କୃପା ବସ୍ତୁତଃ କେବେ ବି ଭୁଲେ ନାହିଁ । ସେଥିପାଇଁ ଭଗବାନ୍ ମନୁଷ୍ୟ ଜୀବନରେ କେବେ କେବେ ବିପଦ ଆସିବାକୁ ଦିଅନ୍ତି । ସେହି ବିପଦ ସମୟରେ ମନ, ପ୍ରାଣ ବ୍ୟାକୁଳ ହୋଇ ପଡ଼ିବାରୁ ସେମାନଙ୍କ କ୍ରିୟା ବନ୍ଦ ହୋଇଯାଏ, ସେହି ଅବସରରେ ଚୈତ୍ୟସତ୍ତା ଯାହାର ଅନ୍ୟ ନାମ ହୃତ୍‌ପୁରୁଷ, ସେ ଜାଗ୍ରତ୍ ହୋଇ ଭଗବାନଙ୍କୁ ଡାକେ ଏବଂ ତତ୍‌କ୍ଷଣାତ୍ ଉତ୍ତର ପାଏ । ଏହାହିଁ ହେଲା ଭଗବାନଙ୍କର ଅହେତୁକୀ କୃପା । ଏହିପରି ପ୍ରତ୍ୟେକ ମନୁଷ୍ୟର ଜୀବନରେ ବାରଂବାର ଘଟେ । ଏହିସବୁ ଘଟଣା ଦ୍ୱାରା ହୃଦୟର ଅନ୍ଧକାର କ୍ରମଶଃ ପତଳା ହୋଇଯାଏ ଏବଂ ଚୈତ୍ୟସତ୍ତା ଭଗବତ୍ ଅଭିମୁଖୀ ହେବାକୁ ସୁଯୋଗ ପାଏ । ଯଦି ଏହି ସତ୍ତା ଥରେ ଭଗବାନଙ୍କୁ ଡାକେ, 'ମୁଁ ତୋର', ଆଉ ଭଗବାନ୍ ସ୍ୱୀକାର କରନ୍ତି, ତେବେ ମହାନ୍ ଅସାଧ ତଥା ଅକଳ୍ପନୀୟ ପ୍ରତିବନ୍ଧକ ଦୂର ହୋଇଯାଏ ଓ ସାଧନା ଆରମ୍ଭ

ହୁଏ । ସେହିଦିନଠାରୁ ତାହାର ଲକ୍ଷ୍ୟରେ ପହଞ୍ଚିବାର ନିର୍ଦ୍ଦିଷ୍ଟ ଦଲିଲ ଉପରେ ଭଗବାନଙ୍କର ସିଲମୋହର ମରା ହୋଇଯାଏ । ବାକି ରହେ ସମୟର କଥା; ଉତ୍‌ଥାନ-ପତନ, ଦୁଃଖକଷ୍ଟ ରୂପ ସାଧନା ମାର୍ଗରେ ଅଗ୍ରସର ହୋଇ ତାହାର ଅଭୀପ୍‌ସା, ସମର୍ପଣ, ତ୍ୟାଗର ତୀବ୍ରତା ଓ ଶିଥିଳତା ଅନୁପାତରେ କମ୍ ବା ବେଶୀ ସମୟରେ ସେ ଅବଶ୍ୟ ଲକ୍ଷ୍ୟରେ ପହୁଞ୍ଚିଯାଏ । ହୃତ୍‌ପୁରୁଷ ଜାଗ୍ରତ୍ ହେଲେ ସେହି କେବଳ ଭଗବାନଙ୍କୁ ସମର୍ପଣ କରେ । ମନ-ପ୍ରାଣ-ଶରୀର ଓ ଆଉ ସମସ୍ତ ଭାଗ ସମର୍ପଣର ବିରୋଧୀ । ସମର୍ପଣ ଯେତେ ପରିମାଣରେ ହୁଏ, ଚୈତ୍ୟସତ୍ତା ତେତେ ଅଧିକ ଜାଗ୍ରତ୍ ହୁଏ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ, ପ୍ରଥମ ଖଣ୍ଡ, ପୃଷ୍ଠା : ୭୩ - ୭୪) ❑

## ଉତ୍ତମ ଶିକ୍ଷକ

ଥରେ ଏକ ପତ୍ରିକାରେ ପ୍ରସିଦ୍ଧ ଶିକ୍ଷକ ଡକ୍ଟର ଶ୍ରୀନିବାସ ଆୟଙ୍ଗାର ତାଙ୍କ ଜୀବନରେ ଭେଟିଥିବା ଦୁଇଜଣ ଶିକ୍ଷକଙ୍କ କଥା ଲେଖିଥିଲେ ଏବଂ ମତବ୍ୟକ୍ତ କରିଥିଲେ ଯେ ଯୁବ ପିଢ଼ିର ଏଇ ଦୁଇଜଣ ଶିକ୍ଷକଙ୍କ ସହିତ ପରିଚିତ ହେଲା ପରେ ସେ ଆଶାବାଦୀ ଯେ ଏଭଳି ଶିକ୍ଷକଙ୍କ ହାତରେ ପିଲାମାନଙ୍କ ଭବିଷ୍ୟତ୍ ବେଶ୍ ସୁରକ୍ଷିତ ।

ସେଇ ଦୁଇଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଥରେ ତାଙ୍କ ସ୍କୁଲର କୁନିକୁନି ପିଲାମାନଙ୍କୁ ନେଇ ଏକ ମେଳା ଦେଖାଇବାକୁ ଯାଇଥିଲେ । ମେଳାରେ ସେ ପିଲାମାନଙ୍କ ସକାଶେ ବେଲୁନ୍ କିଣି ଦେଲେ । ପିଲାମାନେ ମନ ଖୁସିରେ ଚାରିଟା ବେଳେ ନିଜ ବେଲୁନ୍‌ଟି ମାନ ଧରି ଘରକୁ ଫେରୁଥିଲେ । ଗୋଟିଏ ପଡ଼ିଆ ଦେଇ ଆସୁ ଆସୁ ଦମକାଏ ପବନ ଆସି ଗୋଟିଏ ପିଲା ହାତରୁ ବେଲୁନ୍‌କୁ ଉଡ଼ାଇ ନେଲା । ତା' ବେଲୁନ୍ ଉପରକୁ ଉପରକୁ ଉଠି ଯାଉଥିବା ଦେଖି ବିଚରା ପିଲାଟି ଆଖିରେ ଲୁହ ଜକେଇ ଆସିଲା । ଏହା ଦେଖି ସମ୍ପୃକ୍ତ ଶିକ୍ଷକ ନିଜ ଉପସ୍ଥିତ ବୁଦ୍ଧି ଖଟାଇ ସବୁ ପିଲାଙ୍କୁ ଡାକି କହିଲେ, ଚାଲ ଆମେ ଜଣ ଜଣ କରି ନିଜ ବେଲୁନ୍‌କୁ ଉଡ଼ାଇବା । ଦେଖିବା କାହା ବେଲୁନ୍ ସବୁଠାରୁ ଉପରକୁ ଉଠିବ ! ପିଲାଏ ଏ ପ୍ରକାର ଖେଳରେ ଖୁସିରେ କୁରୁଳି ଉଠିଲେ । ସମସ୍ତେ ବେଲୁନ୍‌କୁ ଛାଡ଼ି ଦେଲେ । ଆକାଶରେ ମାଳମାଳ ବେଲୁନ୍‌ର ମହୋତ୍ସବ ଲାଗିଗଲା । ପିଲାଏ ତଳେ ତାଳି ମାରି ନାଚିବାକୁ ଲାଗିଲେ । ଯାହା ମୁହୂର୍ତ୍ତକ ଆଗରୁ ଥିଲା ଜଣେ ପିଲା ପାଇଁ ବିଷାଦମୟ ମୁହୂର୍ତ୍ତ, ପରବର୍ତ୍ତୀ ସମୟରେ ତାହା ଉଲ୍ଲାସରେ ପରିଣତ ହେଲା ।

ସେଇଭଳି ଅନ୍ୟ ଏକ ଘଟନାରେ ଗୋଟିଏ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ ପିଲାମାନଙ୍କୁ ନେଇ ଏକ ପତ୍ରିକା ବାହାର କରିବାକୁ ସ୍ଥିର କଲେ । ପିଲାଏ ଗଳ୍ପ, କବିତା ଲେଖି ଆଣିଲେ । ଜଣେ ପିଲା ଅତି ସୁନ୍ଦର ଅକ୍ଷରରେ କବିତାଟିଏ ଲେଖି ଆଣିଥିଲା । ଶିକ୍ଷକ ଜଣକ ତାହା ପଢ଼ିବା ପରେ ତାଙ୍କ ଚେହେରା ବଦଳିଗଲା । କାରଣ ସେ କବିତାଟି ଥିଲା ଏକ ପ୍ରସିଦ୍ଧ କବିତା ଏବଂ ପିଲାଟି ନିଜ ନିର୍ବୋଧତାରୁ ତାକୁ ଟିପି ଆଣିଥିଲା । ସମ୍ପୃକ୍ତ ଶିକ୍ଷକ ତାକୁ ସମସ୍ତଙ୍କ ଆଗରେ ଅପମାନିତ ନ କରି ଏକାନ୍ତରେ ଡାକି ପଚାରିଲେ, ତୁ ବାବୁ ଏ ଯେଉଁ କବିତାଟି ଲେଖିଛୁ ଏହା କ'ଣ ସ୍ୱରଚିତ ? ପିଲଟି ପ୍ରଥମେ ହଁ ମାରିଲା, କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଡରି ଯାଇ ସତ କଥାଟି କହିଦେଲା । ଶିକ୍ଷକ ଜଣକ ତା' ଉପରେ ବିରକ୍ତ ହେଲେ ନାହିଁ କିନ୍ତୁ କହିଲେ, ତୁ ଦୁଇଟି ଦୋଷ କରିଛୁ । ପ୍ରଥମଟି କପି କରିଛୁ ଏବଂ ଦ୍ୱିତୀୟଟି ମିଛର ଆଶ୍ରୟ ନେଇଛୁ । ଏଣୁ ତୁ ଦଣ୍ଡ ଅବଶ୍ୟ ପାଇବୁ । ତୋ' ଦଣ୍ଡଟି ହେଲା, ତୋ' ଅକ୍ଷର ଭାରି ସୁନ୍ଦର । ଏଥର ପୂରା ପତ୍ରିକାର ସବୁ ଗଳ୍ପ ଓ କବିତାକୁ ତୁ ତୋ' ସୁନ୍ଦର ଅକ୍ଷରରେ ପନ୍ଦର ଦିନ ଭିତରେ କପି କରି ମୋତେ ଦେବୁ । ତା'ପରେ ବହି ଛପା ହେବ । ପିଲାଟି କି ଦଣ୍ଡ ପାଇବ ବୋଲି ଆତଙ୍କିତ ହୋଇ ପଡ଼ିଥିଲା । ଏବେ ଏଇ ଦଣ୍ଡଟି ପାଇ ପ୍ରାଣପଣେ ତା' କାମରେ ଲାଗିଗଲା । ଠିକ୍ ସମୟରେ ଏବଂ ଭଲ ଭାବରେ କାମ ସାରିଲା । କାମକୁ ଉପଭୋଗ ମଧ୍ୟ କଲା । ପତ୍ରିକା ଛପା ହୋଇ ଆସିଲା ପରେ ଦେଖିଲା, ତା'ର ଅକ୍ଷରରେହିଁ ପତ୍ରିକା ଛପା ଯାଇଛି ଏବଂ ସମ୍ପାଦକୀୟରେ ତା'ର ଅଭିନବ ଯୋଗଦାନ ବିଷୟରେ ଲେଖାଯାଇ ତାକୁ ଧନ୍ୟବାଦ ଦିଆଯାଇଛି ।

(ସଂଗୃହୀତ) ❑

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୩)

## ପ୍ରପତ୍ତି

ଏ ପ୍ରଶ୍ନ ବାରଂବାର ସ୍ୱତଃ ମନରେ ଉଠେ ଯେ ଏ ସୃଷ୍ଟିର ଉଦ୍ଦେଶ୍ୟ କ'ଣ ? ଏ ଜଗତର ଶେଷ ପରିଣାମ, ଶେଷ ଲକ୍ଷ୍ୟ କ'ଣ ? ଏ ଜଗତରେ କ'ଣ ବାସ୍ତବରେ କିଛି ସତ୍ୟ ଅଛି ଯାହା ଆମ୍ଭେମାନେ ଉପଲବ୍ଧି କରିପାରିବା ? ପୁନଶ୍ଚ ଜୀବନର ଚରମ ସାର୍ଥକତା କେଉଁଠି ? ସଂସାର ଓ କର୍ମର କିଛି ମୂଲ୍ୟ ଅଛି କି ? ତେବେ ବି ଆମ୍ଭମାନଙ୍କର ଜଗତ୍ ଓ ଜୀବନ ଏପରି ଅସ୍ଥାୟୀ, କ୍ଷଣଭଙ୍ଗୁର, ବଙ୍କାଟଙ୍କା ଓ ପ୍ରପଞ୍ଚ ଯେ ତହିଁରେ ସତ୍ୟର ଉପଲବ୍ଧି କରିବା ତ ଦୂରର କଥା, ସେଥିରେ ସତ୍ୟର ଦର୍ଶନ ମଧ୍ୟ ମିଳେ ନାହିଁ । ନାନା ପ୍ରକାର ଦୁଃଖ, ଅବସାଦ, ଦୁର୍ଦ୍ଦିନ ମଧ୍ୟ ଦେଇ ସଂସାର ଗତି କରୁଅଛି ଏବଂ ଏସବୁକୁ ଦେଖିଲେ ମନରେ ପ୍ରବଳ ସନ୍ଦେହ ଓ ନିରାଶାର ଭାବ ଜନ୍ମେ । ଏଠାରେ ବରାବର ଅଜ୍ଞାନ, ଅବିଦ୍ୟା, ରୋଗ, ଶୋକ ଓ ମୃତ୍ୟୁର ରାଜତ୍ୱ ଚାଲିଛି । ବେଳେବେଳେ ସୃଷ୍ଟି ଏପରି କଦାକାର ଓ କୁରୂପ ବୋଧହୁଏ ଯେ ସୃଷ୍ଟି ନିୟନ୍ତାଙ୍କ ପ୍ରତି ମନରେ ପ୍ରବଳ ବିଦ୍ରୋହ ଜାଗିଉଠେ । ଏସବୁର ଅର୍ଥ କ'ଣ ? ଏ ଜୀବନ ଓ ସଂସାର କାହିଁକି ? ଏ ପ୍ରଶ୍ନର ସମାଧାନ ହେବ କିପରି ?

ବହୁ ପ୍ରସିଦ୍ଧ ଦାର୍ଶନିକ, ମହାପୁରୁଷ, ଋଷି ଓ ଆଚାର୍ଯ୍ୟଗଣ ସୃଷ୍ଟିର ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ତାହାର ପଶ୍ଚାତରେ ନିହିତ ପରମ ସତ୍ୟକୁ ଉଦ୍‌ଘାଟନ କରିବାକୁ ତପସ୍ୟା କରି ଯାଇଅଛନ୍ତି ଏବଂ ସେମାନଙ୍କର ଉପଲବ୍ଧି ମାନବ ସମାଜର କଲ୍ୟାଣ, ଅଗ୍ରଗତି ଓ ଉନ୍ନତି ସକାଶେ ଲିପିବଦ୍ଧ କରି ଯାଇଅଛନ୍ତି । ବେଦ ଓ ଉପନିଷଦ୍‌ର ଋଷିଗଣ ଏହି ସତ୍ୟ ଉପଲବ୍ଧି କରିଥିଲେ ଯେ ଏହିପରି ଦୃଶ୍ୟମାନ ଜଗତର ଅନ୍ତରାଳରେ ଏକ ପରମ, ମହାନ୍, ଅଖଣ୍ଡ ଅବିନାଶୀ ସତ୍ୟ ନିହିତ ଅଛି । ଏପରି ମହାନ୍ ସତ୍ୟହିଁ ଏହି ସୃଷ୍ଟିର ଧାରକ ଓ କର୍ତ୍ତା । କିନ୍ତୁ ଏହି ପରିଦୃଶ୍ୟମାନ ଜଗତରୁ ଫେରିଯାଇ ସେହି ମହାନ୍ ସତ୍ୟରେ ପ୍ରବେଶ ଲାଭ କଲେ ଜୀବନର ସମାଧାନ ହେବ ନାହିଁ । ଅବଶ୍ୟ ଉପନିଷଦ୍‌ରେ ଏ ସତ୍ୟ ଉଦ୍‌ଘାଟିତ ହୋଇଅଛି ଯେ ଏହି ଜଗତହିଁ ବ୍ରହ୍ମ, ସବୁକିଛି ବ୍ରହ୍ମମୟ । ''ସର୍ବ ଖଲୁ ଇଦଂ ବ୍ରହ୍ମଂ'' । ଏହିପରି ମଧ୍ୟ ବ୍ୟକ୍ତିଗତ ଜୀବନର ଚରମ ସତ୍ୟ ଉପଲବ୍ଧି କରି ଋଷିଗଣ କହିଅଛନ୍ତି ଯେ ''ଅହଂ ବ୍ରହ୍ମାସ୍ମି'' ବା ''ସୋଽହଂ'' – ''ମୁଁ ମଧ୍ୟ ବ୍ରହ୍ମନ୍'', ''ମୁଁ ମଧ୍ୟ ତାହା'' । ଏହିସବୁ ଉପଲବ୍ଧି ଥିବା ସତ୍ତ୍ୱେ ଏ ସୃଷ୍ଟିର ଅନ୍ତରାଳରେ ନିହିତ ଶାଶ୍ୱତ ସଦ୍‌ବସ୍ତୁର ଉପଲବ୍ଧି କରିବାହିଁ ଶେଷ କଥା ଥିଲା । ମହାଜ୍ଞାନୀ ଅମିତାଭ ବୁଦ୍ଧ କୌଣସି ପ୍ରକାର ଦାର୍ଶନିକ ପ୍ରଶ୍ନର ସମାଧାନ ପ୍ରତି ବିଶେଷ ଦୃଷ୍ଟି ନଦେଇ ଏହି ଦୁଃଖ ଓ ଶୋକଗ୍ରସ୍ତ ସଂସାରରୁ କିପରି ମୁକ୍ତି ମିଳିବ ତାହାର ପନ୍ଥା ନିର୍ଦ୍ଦେଶ କରିଥିଲେ । ଅବିଦ୍ୟାର ସକଳ ଗ୍ରନ୍ଥିକୁ ଛିନ୍ନ କରି ଜନ୍ମ-ମୃତ୍ୟୁ ଚକ୍ରରୁ ଉଦ୍ଧାର ପାଇବାକୁ ହେଲେ ''ନିର୍ବାଣ'' ପଥ ଧରିବାକୁ ହେବ । ନିର୍ବାଣ – ସେହି ପରମ ଆନନ୍ଦମୟ ଅବସ୍ଥାରେ ବ୍ୟକ୍ତି ସକଳ ପ୍ରକାର ତୃଷ୍ଣା ଓ କାମନା-ବାସନାରୁ ମୁକ୍ତ ହେବା ସହ ସଂସାରର ବନ୍ଧନ ଓ ଜୀବନର ସହସ୍ର କର୍ତ୍ତବ୍ୟରୁ ଚିରଦିନ ପାଇଁ ମୁକ୍ତ ହୁଏ । ଏହି ନିର୍ବାଣ ପ୍ରାପ୍ତି ଦ୍ୱାରା ବ୍ୟକ୍ତିଗତ ଜୀବନର ସମାଧାନ ହୋଇପାରେ, ମାତ୍ର ସମଗ୍ର ଜଗତର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଗୋପନ ତତ୍ତ୍ୱର ପରିପୂର୍ଣ୍ଣ ବିକାଶ ଓ ସିଦ୍ଧି ଲାଭ ହୁଏ ନାହିଁ । ସୃଷ୍ଟିର କ୍ରମବିକାଶ, ସଂବୃଦ୍ଧି ଓ ପୂର୍ଣ୍ଣତା ଏକ କଥା, ଆଉ ନିର୍ବାଣ ଅନ୍ୟ ଏକ କଥା । ଶଙ୍କର ଓ ଅନ୍ୟାନ୍ୟ ଆଚାର୍ଯ୍ୟଗଣ ମଧ୍ୟ ଏ ଜଗତକୁ ମିଥ୍ୟା, ମାୟା, ମରୀଚିକା ବୋଲି ବର୍ଜନ କରି ସାଧନା ଓ ତପସ୍ୟା ବଳରେ ଏ ଜଗତରୁ ଫେରିଯାଇ ପରମବ୍ରହ୍ମରେ ମିଳାଇ ଯିବାହିଁ ଶ୍ରେଷ୍ଠ ବିଷୟ ବୋଲି ପ୍ରତିପାଦିତ କରିଅଛନ୍ତି । ''ବ୍ରହ୍ମ ସତ୍ୟଂ ଜଗତ୍ ମିଥ୍ୟା'' – ଏହି ବାଣୀ ଉଚ୍ଚାରଣ କରି ସଂସାରର ଅର୍ଦ୍ଧସ୍ଫୁଟ, ବିବର୍ତ୍ତନଗତ ସତ୍ୟ ପ୍ରତି ସେମାନେ ଦୃଷ୍ଟି ଦେଇ ନଥିଲେ ।

ଏହିପରି ବହୁ ଆଚାର୍ଯ୍ୟ ଓ ମହାତ୍ମାଗଣ ସଂସାରର ନିଗୂଢ଼ତତ୍ତ୍ୱ ଆବିଷ୍କାର କରିବାକୁ ଯାଇ ବିଭିନ୍ନ ମତ ଉପସ୍ଥାପିତ କରିଛନ୍ତି ସତ, ମାତ୍ର କେହି ହେଲେ ଏ ଦୃଶ୍ୟମାନ ସୃଷ୍ଟିର ରହସ୍ୟ ଉଦ୍‌ଘାଟନ କରି ପାରି ନଥିଲେ । ଅନେକଙ୍କ ଦୃଷ୍ଟିରେ ଏକମାତ୍ର ଶ୍ରୀଅରବିନ୍ଦହିଁ ''ଏ ସୃଷ୍ଟିର ଉଦ୍ଦେଶ୍ୟ କ'ଣ ?'' – ଏହି ଗୁରୁତର ପ୍ରଶ୍ନର ସମାଧାନ କରି ଅଛନ୍ତି । କେବଳ ଯେ ଏ ସୃଷ୍ଟିର ପଶ୍ଚାତରେ ଏକ ଅଖଣ୍ଡ ଅବିନାଶୀ ପରମ

''ସଚ୍ଚିଦାନନ୍ଦ'' ନିହିତ ଅଛନ୍ତି ତାହା ନୁହେଁ, ବରଂ ସେହି ସଚ୍ଚିଦାନନ୍ଦହିଁ ଧୀରେ ଧୀରେ କ୍ରମବିବର୍ତ୍ତନ ପଥରେ ନିଜକୁ ମୁକ୍ତ କରି ଚାଲୁ ଅଛନ୍ତି । ଶ୍ରୀଅରବିନ୍ଦ କହୁଅଛନ୍ତି ଯେ ଏ ଜଗତ୍ ପରିଶେଷରେ ଭଗବାନଙ୍କର ଏକ ଲୀଳାଭୂମିରେ ପରିଣତ ହେବ । ଏହି ଜୀବନହିଁ ଭଗବତ୍ ଶକ୍ତି, ଜ୍ୟୋତିଃ ଓ ସାମର୍ଥ୍ୟରେ ପରିପୂର୍ଣ୍ଣ ହୋଇ ଉଠିବ । ଏହିଠାରେହିଁ ଭଗବାନଙ୍କର ଦିବ୍ୟ-ଆନନ୍ଦମୟ ରାଜ୍ୟ ସ୍ଥାପିତ ହେବ ।

ଶ୍ରୀଅରବିନ୍ଦଙ୍କ ଦର୍ଶନର ଏହି ଗୂଢ଼ତତ୍ତ୍ୱ ଉପଲବ୍ଧି କରିବାକୁ ହେଲେ ଆମ୍ଭମାନଙ୍କୁ ଆହୁରି ଗଭୀରରେ ପ୍ରବେଶ କରିବାକୁ ହେବ । ଶ୍ରୀଅରବିନ୍ଦ କହୁଅଛନ୍ତି ଯେ ଏ ସୃଷ୍ଟିହିଁ ସଚ୍ଚିଦାନନ୍ଦଙ୍କର ଲୀଳାଭୂମି । ଏହି ସୃଷ୍ଟି ପଶ୍ଚାତରେ ଯେପରି ସେ ରହି ଅଛନ୍ତି, ସେହିପରି ଏହି ଦୃଶ୍ୟମାନ ଜଗତ୍ ମଧ୍ୟରେ ବି ନିଜକୁ ସେ ବ୍ୟକ୍ତ ସସୀମ ବସ୍ତୁ-ସତ୍ତା ରୂପେ ପ୍ରକାଶ କରିଅଛନ୍ତି । କିନ୍ତୁ ''ଲୀଳା'' ଶବ୍ଦର ଅର୍ଥ ଏହା ନୁହେଁ ଯେ ଜୀବନ କେବଳ ମିଥ୍ୟା, ମାୟା ଏବଂ କଳ୍ପନା ମାତ୍ର – ଅର୍ଥହୀନ ଓ ଲକ୍ଷ୍ୟହୀନ । ଅଥବା ଲୀଳାର ଅର୍ଥ ଏହା ବି ନୁହେଁ ଯେ ମନୁଷ୍ୟର ସୁଖ, ଦୁଃଖ, ବିପର୍ଯ୍ୟୟ ମଧ୍ୟ ଦେଇ ଭଗବାନ୍ ଗୋଟାଏ ଉତ୍କଟ ଆନନ୍ଦର ଖେଳା ବିସ୍ତାର କରି ଅଛନ୍ତି । ଲୀଳାର ପ୍ରକୃତ ଅର୍ଥ ଏହି ଯେ ଭଗବାନ୍ ଅସୀମ, ଅନନ୍ତ ଓ ଅବ୍ୟକ୍ତ ହେଲେ ମଧ୍ୟ ସେ ସସୀମ, ଶାନ୍ତ ଓ ବ୍ୟକ୍ତ ମଧ୍ୟରେ ନିଜକୁ ପ୍ରକାଶ କରି ପାରି ଅଛନ୍ତି । ଏ ସୃଷ୍ଟି ଓ ଭଗବାନ୍ ଏକ ଓ ଅଭିନ୍ନ ଉପାଦାନରେ ଗଠିତ । ତାଙ୍କର ଶାଶ୍ୱତ, ଅଖଣ୍ଡ ପରମ ଚେତନାର ଅବତରଣ ଫଳରେ ଏହି ସୃଷ୍ଟି ସମ୍ଭବ ହୋଇଅଛି । ଏହି ଜଡ଼ ଓ ଅଜ୍ଞାତ ଜଗତ୍ ମଧ୍ୟରେ ସେହିଁ ଡୁବି ଯାଇ ଅଛନ୍ତି । ସେହି ପରମ ସଚ୍ଚିଦାନନ୍ଦମୟୀ ଚେତନାର ଅବତରଣ ବହୁ ବିଭିନ୍ନ ସ୍ତର ମଧ୍ୟ ଦେଇ ଘଟିଅଛି ।

ଏହି ଚେତନା ଅବତରଣର ସ୍ତର ନିର୍ଣ୍ଣୟ କରି ଶ୍ରୀଅରବିନ୍ଦ ବୈଦିକ ଓ ଉପନିଷଦୀୟ ''ସପ୍ତଲୋକ''ର ସିଦ୍ଧାନ୍ତକୁ ପ୍ରାୟହିଁ ଗ୍ରହଣ କରି ଅଛନ୍ତି । ବିଭିନ୍ନ ଭୂମିରେ ଚେତନାର ରୂପ ଭିନ୍ନ ଭିନ୍ନ ପ୍ରକାର ହୋଇଅଛି । ସତ୍, ଚିତ୍, ଆନନ୍ଦ ଓ ଅତିମାନସ – ଏହି ଭୂମି ଚତୁଃଷ୍ଟୟରେ ସେହି ପରମ ଚେତନା ସ୍ୱୟଂସ୍ଥିତ ଓ ସ୍ୱୟଂସିଦ୍ଧ । ଏହାହିଁ ସୃଷ୍ଟିର ପରାର୍ଦ୍ଧ ଭୂମି । ମନ, ପ୍ରାଣ ଓ ଜଡ଼ ଏହି ଭୂମି ତ୍ରୟରେ ସତ୍ୟର ବିକୃତି ଓ ଚେତନାର କ୍ରମଶଃ ହ୍ରାସ ଓ ପରେ ବିଲୋପ ଘଟିଅଛି । ଏହାହିଁ ସୃଷ୍ଟିର ଅପରାର୍ଦ୍ଧ ଭୂମି । ଯେତେବେଳେ ସେହି ପରମ ଶାଶ୍ୱତ ଚେତନା ଜଡ଼ ଭୂମିରେ ଅବତରଣ କରିଅଛି ସେତେବେଳେ ତାହା ଅଜ୍ଞାନ, ଅବିଦ୍ୟା ଓ ନିଶ୍ଚେତନାର ଗଭୀରତମ ଅନ୍ଧକାରରେ ଡୁବି ଯାଇଅଛି । କ୍ରମବିବର୍ତ୍ତନର ଧାରାରେ ପୁନଶ୍ଚ ଏହି ଶାଶ୍ୱତ ଓ ଅଖଣ୍ଡ ଚେତନା ନିଜକୁ ମୁକ୍ତ କରୁଅଛି । ଜଡ଼ହିଁ ହେଲା ଏହି ପୃଥିବୀ ବିବର୍ତ୍ତନ ଧାରାରେ ପ୍ରଥମ ପ୍ରକାଶ ଭୂମି । ଜଡ଼ବସ୍ତୁ ନିଃସ୍ପନ୍ଦ, ନିର୍ଜୀବ ଓ ମୂକ, ମାତ୍ର ତାହାହିଁ ସଚ୍ଚିଦାନନ୍ଦଙ୍କର ବାସଭୂମି – ''ଅନ୍ନ ବ୍ରହ୍ମ'' । ଏହା ପ୍ରାଣହୀନ ହେଲେ ମଧ୍ୟ ଶକ୍ତିହୀନ ନୁହେଁ ।

ବହୁକାଳ ବିତିଗଲା – ଏହି ଜଡ଼ ମଧ୍ୟରେ ବିବର୍ତ୍ତନ ଧାରାରେ ପ୍ରାଣଭୂମିରୁ ପ୍ରାଣର ଅବତରଣ ଘଟିଲା ଏବଂ ଫଳରେ ଜଡ଼ ସଜୀବ ଓ ପ୍ରାଣବନ୍ତ ହୋଇ ଉଠିଲା । ପ୍ରଥମେ ଜନ୍ମ ହେଲେ ବୃକ୍ଷ, ଲତା ଓ ଗୁଳ୍ମ ଇତ୍ୟାଦି । ଏହିଠାରେ ଉଭିଦ ଜଗତର ପ୍ରସାର ଘଟିଲା । ପୁନଶ୍ଚ କାଳର ଗତିରେ ଏହି ପ୍ରାଣମୟ ଉଭିଦ ଜଗତରୁ କୀଟ, ପତଙ୍ଗ, ନାନାପ୍ରକାର କ୍ଷୁଦ୍ର କ୍ଷୁଦ୍ର ଜୀବଜନ୍ତୁ ଏବଂ ପରିଶେଷରେ ବିରାଟ ପ୍ରାଣୀ ଜଗତର ଉଦ୍ଭବ ହେଲା । ଏହି ପ୍ରାଣୀମାନଙ୍କ ମଧ୍ୟରେ ଏକ ଅସ୍ପଷ୍ଟ ପ୍ରବୃତ୍ତି ଓ ଅସ୍ପଷ୍ଟ ମନର ବିକାଶ ହେଲା । ଏହିଠାରେ କିନ୍ତୁ ବିବର୍ତ୍ତନଧାରା ଥମି ନଯାଇ ଅଗ୍ରସର ହେଲା ଏବଂ ଏହାପରେ ମନୋଭୂମିରୁ ମନର ଅବତରଣ ପ୍ରାଣ ମଧ୍ୟରେ ଘଟିଲା ଏବଂ ଏହିଠାରେ ପ୍ରକୃତିର ନିରବଚ୍ଛିନ୍ନ ଓ ଅସମ୍ପୂର୍ଣ୍ଣ ଗତି ଧାରାରେ ମାନବର ଅଭ୍ୟୁତ୍ଥାନ ଏବେ ବି ଏକ ରହସ୍ୟମୟ ଘଟଣା ।

ମାନବର ଆବିର୍ଭାବ ସଙ୍ଗେ ସଙ୍ଗେ ପ୍ରାଣୀ ଜଗତରେ ବହୁ ପରିବର୍ତ୍ତନ ଦେଖା ଦେଲା । ମନୁଷ୍ୟ ବୁଦ୍ଧିମାନ୍, ପ୍ରଜ୍ଞାବାନ୍, ମନୀଷା-ସମ୍ପନ୍ନ ଓ ସଚେତନ । ସେ ନିଜ ଉପରେ ଏବଂ ସମଗ୍ର ପ୍ରକୃତି ଉପରେ କର୍ତ୍ତୃତ୍ୱ ସ୍ଥାପନ କଲା । ମନୁଷ୍ୟର ବୁଦ୍ଧି, ବିଚାର, ପ୍ରଜ୍ଞାହିଁ ଏବେ ତାହାର ସର୍ବଶ୍ରେଷ୍ଠ ବସ୍ତୁ । କିନ୍ତୁ ମନୁଷ୍ୟ ପ୍ରତି ଗଭୀର ଭାବରେ ଦୃଷ୍ଟି ନିକ୍ଷେପ କଲେ ଜଣାଯାଏ, ମନୁଷ୍ୟ ଏବେ ବି ଗୋଟାଏ ଅର୍ଦ୍ଧପଶୁ । ତାହା ମଧ୍ୟରେ ସେଇ ଶାଶ୍ୱତ ଚେତନା ଓ ପୂର୍ଣ୍ଣ ସତ୍ୟ ଅବିକୃତ ରୂପେ ପ୍ରକାଶିତ ହୋଇ ନାହିଁ । ସେଥିପାଇଁ ଶ୍ରୀଅରବିନ୍ଦ କହୁଅଛନ୍ତି ଯେ ବର୍ତ୍ତମାନ ମନୁଷ୍ୟ ଗୋଟାଏ ମଧ୍ୟବର୍ତ୍ତୀକାଳୀନ ଜୀବ । ସେ ବିବର୍ତ୍ତନ ଧାରାର ଚରମ ବସ୍ତୁ ବା ଚରମ ପରିଣାମ ନୁହେଁ । ଏକ ଅର୍ଦ୍ଧଅଜ୍ଞାନ ଓ ପଶୁ-ମାନବ ସୃଷ୍ଟି କରି ପ୍ରକୃତିର ବିବର୍ତ୍ତନ ଧାରା ଥମିଯିବ ନାହିଁ, କାରଣ ଏହା ଦ୍ୱାରା ପ୍ରକୃତି ତାହାର ଚରମ ଲକ୍ଷ୍ୟ ହାସଲ କରି ନ ପାରେ । ପ୍ରକୃତି ନିହିତ ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି, ପୂର୍ଣ୍ଣଜ୍ୟୋତିଃ ଓ ପୂର୍ଣ୍ଣ ପ୍ରେମର ବିକାଶ ଅବଶ୍ୟମ୍ଭାବୀ । ସୁତରାଂ ପ୍ରକୃତିର

ପରବର୍ତ୍ତୀ ପାବଚ୍ଛରେ ଯେଉଁ ସତ୍ୟ ଉଦ୍‌ଘାଟିତ ହେବ, ତାହାହିଁ ''ଅତିମାନସ ସତ୍ୟ''। ଏହି ସତ୍ୟ ଚେତନାକୁ ଧାରଣ କରିଥିବା ବ୍ୟକ୍ତିହିଁ ହେବ ଅତିମାନବ ବା ଦିବ୍ୟମାନବ। ଏହି ଦିବ୍ୟପୁରୁଷଙ୍କ ମଧ୍ୟରେ ସକଳ ଭଗବତ୍ ବିଭୂତି, ଶକ୍ତି, ସୁଷମା ଓ ଜ୍ୟୋତିର ବିକାଶ ନିଶ୍ଚୟହିଁ ଘଟିବ। କିନ୍ତୁ ପ୍ରଶ୍ନ ଉଠେ ଏହା ହେବ କିପରି ? ବର୍ତ୍ତମାନ ମନୁଷ୍ୟ କିପରି ଭାବେ ପରିବର୍ତ୍ତିତ ହେଲେ ଏହି ସ୍ତରରେ ପହଞ୍ଚି ପାରିବ ?

ମନୁଷ୍ୟ ସୃଷ୍ଟିର ସଙ୍ଗେ ସଙ୍ଗେ ପ୍ରକୃତିର ବିବର୍ତ୍ତନଧାରା ସଚେତନ ଓ ସୁନିୟନ୍ତ୍ରିତ ହୋଇ ଯାଇଅଛି। ଯେହେତୁ ପ୍ରତ୍ୟେକ ମନୁଷ୍ୟ ସଚେତନ, ପ୍ରକୃତି ମଧ୍ୟ ମନୁଷ୍ୟ ମଧ୍ୟ ଦେଇ ସଚେତନ। ଏପର୍ଯ୍ୟନ୍ତ ପ୍ରକୃତିର ବିବର୍ତ୍ତନ ଧାରା ଅଚେତନ, ଅନ୍ଧ ଭାବରେ ଚାଲିଥିଲା; କିନ୍ତୁ ମନୁଷ୍ୟର ଉଦ୍ଭବ ସଙ୍ଗେ ସଙ୍ଗେ ଏ ଅବସ୍ଥା ପରିବର୍ତ୍ତିତ ହୋଇ ଯାଇଅଛି। ମନୁଷ୍ୟ ସଚେତନ ଭାବେ ଅଭୀପ୍ସା କରି ତାହାର ନିଜର ବିବର୍ତ୍ତନ ଧାରାକୁ ଆଗେଇ ନେଇ ଯାଇଅଛି ଏବଂ ଯାଉଅଛି। ମନୁଷ୍ୟ ନିଜର ଦୁଃଖ, ଦୁର୍ବଳତା, ଅକ୍ଷମତା, ଜରା ଓ ବାର୍ଦ୍ଧକ୍ୟ, ଏପରିକି ମୃତ୍ୟୁ ଉପରେ ବିଜୟପ୍ରାପ୍ତ କରିବାକୁ ଆଦିମ କାଳରୁ ଚେଷ୍ଟା କରି ଆସିଛି। ତାହାର ଏହି ବିବର୍ତ୍ତନ ଧାରାକୁ ଯୁଗେ ଯୁଗେ ଅବତାର ଓ ମହାପୁରୁଷଗଣ ଆଗେଇ ନେଇ ଯାଉଅଛନ୍ତି। ମନୁଷ୍ୟର ସଚେତନ ବିବର୍ତ୍ତନର କାହାଣୀହିଁ ହେଲା ତାହାର ଆଧ୍ୟାତ୍ମିକ ବିବର୍ତ୍ତନ ଧାରା। ଯୁଗେ ଯୁଗେ ଭାରତବର୍ଷରେ ଏହା କିପରି ପ୍ରବାହିତ ହୋଇଅଛି ତାହା ଏଠାରେ କିଞ୍ଚିତ୍ ଆଲୋଚନା କରିବା।

(କ୍ରମଶଃ) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,
Bhubaneswar - 751014, Cell No: 9437000646

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୬୩)

## ମହେନ୍ଦ୍ରନାଥ ସ୍ୱାଇଁ

**ଆତ୍ମ-ସନ୍ତୋଷ :**

ଆଧ୍ୟାତ୍ମିକ ପଥରେ ପାଦ ଦେଇଥିବା ଯାତ୍ରୀ ନିମନ୍ତେ କ୍ଳାନ୍ତି, ଅବସାଦ ଓ ଅନିଚ୍ଛା ବ୍ୟତୀତ ଅନ୍ୟ ଏକ ଭୟଙ୍କର ବିପଦ ହେଉଛି, ''ଆତ୍ମ-ସନ୍ତୋଷ'' (Self Satisfaction)। ଯାତ୍ରୀ ଯଦି ଭାବି ନିଅନ୍ତି ଯେ ସେ ଲକ୍ଷ୍ୟସ୍ଥଳରେ ପହଞ୍ଚି ଗଲେଣି, ଶୀର୍ଷରେ ପାଦ ଥାପି ଦେଲେଣି, ତାହା ହେଲେ ସେ ବିରୋଧୀ ଶକ୍ତିମାନଙ୍କର ଏକ ଯନ୍ତା ଭିତରେ ପଶି ଯାଆନ୍ତି। ଅସୀମଙ୍କ ଆଡ଼କୁ ଯାତ୍ରା କଲାବେଳେ ରାସ୍ତାର ଦୂରତ୍ୱ ସୂଚିତ କରିବା ନିମନ୍ତେ ମାଇଲ ଖୁଣ୍ଟମାନ ଦୃଷ୍ଟିଗୋଚର ହୋଇପାରନ୍ତି; କିନ୍ତୁ ରାସ୍ତା ଶେଷ ହୋଇ ନଥାଏ – ଲକ୍ଷ୍ୟସ୍ଥଳ ଆହୁରି ଦୂରରେ ରହିଥାଏ। ଅସୀମ ଓ ଅନନ୍ତଙ୍କର କ'ଣ ଶେଷ ସୀମା ଅଛି କି ? ଅନ୍ତରୀକ୍ଷ ବକ୍ଷରେ ସ୍ଥିତ ତାରକାମାନଙ୍କ ମଧ୍ୟରୁ କେହି କ'ଣ କେବେ ଦାବି କରିଛନ୍ତି କି, ''ସମସ୍ତଙ୍କଠାରୁ ଦୂରରେ ମୋର ଉପସ୍ଥିତି ଏବଂ ମୁଁ ସବୁଠାରୁ ଉଜ୍ଜ୍ୱଳତମ ନକ୍ଷତ୍ର ?''

ଜାନୁଆରୀ ୮, ୧୯୧୪ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ଆମ୍ଭମାନଙ୍କୁ ସତର୍କ କରାଇ ଦେଇଛନ୍ତି ଏହି ପ୍ରକାର ଭୟଙ୍କର ବିପଦ ସମ୍ପର୍କରେ। ତାହା ହେଲା –

"LET us shun the paths that are too easy and ask no effort, the paths which give us the illusion of having reached our goal; let us shun that negligence which opens the door to every downfall, that complacent self-admiration which leads to every abyss. Let us understand that however great may have been our efforts, our struggles, even our victories, compared with the distance yet to be travelled, the one we have already covered is nothing; and that all are equal – infinitesimal grains of dust or identical stars – before Eternity.

"But Thou art the conqueror of all obstacles, the Light that illumines all ignorance, the Love that vanquishes all pride. And no error can persist in front of Thee."

(Prayers and Meditations, P. 50)

''ଯେଉଁ ପଥଗୁଡ଼ିକ ଅତ୍ୟନ୍ତ ସହଜିଆ ଏବଂ ଯେଉଁଥିରେ ଅଗ୍ରସର ହେବା ନିମନ୍ତେ ପ୍ରଚେଷ୍ଟାର ଆବଶ୍ୟକତା ଅନୁଭୂତ ହୁଏ ନାହିଁ, ଯାହା ଆମ ଭିତରେ ଲକ୍ଷ୍ୟସ୍ଥଳରେ ଉପନୀତ ହୋଇ ଯିବାର ଭ୍ରମ ସୃଷ୍ଟି କରେ; ଆସ ସେହି ପଥଗୁଡ଼ିକୁ ତ୍ୟାଗ କରିବା; ଯେଉଁ ଅବହେଳା ପ୍ରତ୍ୟେକ ପତନର ଦ୍ୱାର ଉନ୍ମୁକ୍ତ କରିଦିଏ, ଯାହା ଆତ୍ମ-ସନ୍ତୋଷ ଓ ଆତ୍ମ-ଗୁଣଗାନ କରିବାରେ ବ୍ୟସ୍ତ ରହି ନର୍କର ଦ୍ୱାର ଖୋଲିଦିଏ, ଆସ ସେ ସମସ୍ତଙ୍କୁ ତ୍ୟାଗ କରିବା। ଆସ ବୁଝିବାକୁ ଚେଷ୍ଟା କରିବା ଯେତେ ବାଟ ଆମେ ଚାଲିଲେଣି, ଆଉ ଯେତେ ବାଟ ଚାଲିବାକୁ ବାକି ଅଛି ତାହା ତୁଳନାରେ ଆମର ପ୍ରଚେଷ୍ଟା ଯେତେ ବୃହତ୍ ହେଉ ନା କାହିଁକି, ଆମର ସଂଘର୍ଷ, ଏପରିକି ଆମର ବିଜୟ ଯେତେ ବୃହତ୍ ହେଉ ନା କାହିଁକି ତାହା ଅତ୍ୟନ୍ତ ନ୍ୟୂନ, ସ୍ୱଳ୍ପ, ଏବଂ ସେ ସମସ୍ତ ସମାନ ଏକା କଥା – କ୍ଷୁଦ୍ରାତିକ୍ଷୁଦ୍ର ବାଲିକଣା ହେଉ ଅଥବା ଦୃଷ୍ଟି ପଥାରୂଢ଼ ହେଉଥିବା ତାରକାପୁଞ୍ଜ ହୁଅନ୍ତୁ – ଅନନ୍ତ ଚିରନ୍ତନଙ୍କ ସମ୍ମୁଖରେ ସବୁ ନଗଣ୍ୟ।

''କିନ୍ତୁ ତୁମେ ହେଉଛ ସକଳ ପ୍ରକାର ପ୍ରତିବନ୍ଧକର ବିଜେତା, ସେହି ଦିବ୍ୟାଲୋକ ଯାହା ସକଳ ଅଜ୍ଞାନତାକୁ ଆଲୋକିତ କରି ଦେଉଛି, ସେହି ଦିବ୍ୟ-ପ୍ରେମ ଯାହା ସକଳ ପ୍ରକାର ଗର୍ବ-ଅହଂକାରକୁ ଅତିକ୍ରମ କରିଯାଉଛି ଏବଂ ତୁମ ସମ୍ମୁଖରେ କୌଣସି ପ୍ରକାର ଭୁଲ୍-ଭ୍ରାନ୍ତି ତିଷ୍ଠି ରହି ପାରିବ ନାହିଁ।''

ଉକ୍ତ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦରେ ଦିବ୍ୟଜନନୀ ଶ୍ରୀମା ଆମ୍ଭମାନଙ୍କର ବିକ୍ଷୁବ୍ଧ ହୃଦୟ ଏବଂ ବିଫଳତାକୁ ଆମ ସମ୍ମୁଖରେ ସ୍ପଷ୍ଟ କରି ଦେଇଛନ୍ତି। ଆମେ ସଦାସର୍ବଦା ଆମର ବିଫଳତା ଦ୍ୱାରା ଜର୍ଜରିତ ହେଉଛେ, ଆମେ ଯେଉଁ ପଥରେ

ପାଦ ଦେଇଛେ ତାହା ଶେଷ ହେଉ ନାହିଁ, ସଫଳତା ପ୍ରାପ୍ତ ହେଉ ନାହିଁ । ଆମ ସମ୍ମୁଖରେ ଅନନ୍ତ, ଅସୀମ ସ୍ୱୟଂ ନିଜକୁ ଲମ୍ବେଇ ଦେଇଛନ୍ତି, ଯାହାର ଶେଷ ସୀମା ଆମର ଦୃଷ୍ଟି ପଥାରୂଢ଼ ହେଉ ନାହିଁ, ଅସୀମତା ଆମକୁ ହାତଠାରି ଡାକୁଛି, ପାଖକୁ ଗଲେ ସିଏ ଦୂରକୁ ଚାଲି ଯାଉଛି । କିନ୍ତୁ କେତେକ ଲୋକ ଅଛନ୍ତି ଯେଉଁମାନେ ନିଜ କାର୍ଯ୍ୟ ଓ ଯାତ୍ରାପଥରେ ଆତ୍ମ-ସନ୍ତୋଷ ପ୍ରାପ୍ତ ହୋଇ ଆନନ୍ଦିତ ହୋଇଥା'ନ୍ତି; ସେମାନେ ଭାବନ୍ତି ସେମାନେ ଖୁସିରେ ଅଛନ୍ତି । କିନ୍ତୁ ମା କହୁଛନ୍ତି ଯେ ଆମର ନିଃସ୍ୱ ଭାବ ବା କିଛି ନ ଥିବାର ଭାବନା ହେଉଛି ପରମ ପ୍ରେମିକଙ୍କର ଏକ ବରଦାନ, ଯିଏ ଆମ ଦୃଷ୍ଟିରୁ ସଫଳତାର ଶିଖରଟିକୁ ଲୁଚାଇ ରଖିଛନ୍ତି । ଆମର ଅସଂଖ୍ୟ ଅସମ୍ପୂର୍ଣ୍ଣତା ଏବଂ ଅସାମର୍ଥ୍ୟକୁ ପ୍ରଭୁ ପ୍ରତି ମୁହୂର୍ତ୍ତରେ ଦୟାମାୟା ନରଖି ଆମକୁ ପ୍ରଦର୍ଶିତ କରାଉଛନ୍ତି; ମଝିରେ ମଝିରେ ବିଦ୍ୟୁତ୍ ଝଲକ ସଦୃଶ ନିଜ ମୁଖଶ୍ରୀକୁ ମଧ ଦେଖାଇ ଦେଉଛନ୍ତି; ଉଦ୍ଦେଶ୍ୟ ଆମ ଭିତରେ ସବୁବେଳେ ସେହି ଦିବ୍ୟ-ଜ୍ୟୋତିର୍ମୟ ମୁଖଶ୍ରୀକୁ ଦର୍ଶନ କରିବାର ତୃଷ୍ଣା ଜାଗ୍ରତ୍ ହୋଇ ରହିଥିବ । କିନ୍ତୁ ମା ଆମକୁ ଆଶ୍ୱାସନା ଦେଇ କହୁଛନ୍ତି, ''ପରମ ପ୍ରଭୁ ହେଉଛନ୍ତି ବାଧାବିଘ୍ନର ବିଜେତା; ତାଙ୍କ ଦିବ୍ୟାଲୋକ ସକଳ ପ୍ରକାର ଅନ୍ଧକାରକୁ, ଅଜ୍ଞାନତାକୁ ଦୂରୀଭୂତ କରି ସେହି ସ୍ଥାନରେ ଆଲୋକ ଏବଂ ଜ୍ଞାନର ପ୍ଲାବନ ଛୁଟାଇ ଦେଉଛନ୍ତି । ମନୁଷ୍ୟର ଦମ୍ଭ, ଗର୍ବ ଏବଂ ଅହଂକାର ଦିବ୍ୟପଥରେ ଅଗ୍ରସର ହେବାରେ ବାଧା ସୃଷ୍ଟି କରେ; ପ୍ରଭୁ ତାଙ୍କର ଦିବ୍ୟପ୍ରେମ ଦ୍ୱାରା ଏ ସମସ୍ତଙ୍କୁ ବଦଳାଇ ଦେଉଛନ୍ତି, ମାନବ ହୃଦୟରେ ପ୍ରେମବାରି ସିଞ୍ଚନ-ପୂର୍ବକ ତାକୁ ସୁଶୀତଳ କରି ଦେଉଛନ୍ତି । ହୃଦୟ ଦିବ୍ୟ-ଚେତନାର ସ୍ପର୍ଶ ଲାଭ କରି ଲକ୍ଷ୍ୟ ପଥରେ ତଥା ଆଶୁଫଳ ଲାଭର ଆଶା ନରଖି ପ୍ରଭୁଙ୍କ ପାଦପଦ୍ମରେ ସମ୍ପୂର୍ଣ୍ଣଭାବେ ନିଜକୁ ସମର୍ପିତ କରିଦେଇ ଆଗକୁ ବଢ଼ିବାରେ ଲାଗିଛି । ସୁତରାଂ ପଥ ଯେତେ ଦୀର୍ଘ, ଦୁର୍ଗମ ଏବଂ ଭୟଙ୍କର ହେଉ ନା କାହିଁକି – ଆମକୁ ପ୍ରଭୁଙ୍କ ପାଖରୁ ଯେତେ ପରିମାଣରେ ଆତ୍ମବିଶ୍ୱାସ ପ୍ରାପ୍ତ ହେଉଛି ସେ ସମସ୍ତଙ୍କୁ ପାଥେୟ କରି ଆମେ ଆଗକୁ ବଢ଼ି ପାରିବା । ଫଳତଃ ଏପରି ଏକ ଦିନ ଆସିବ ଯେଉଁଦିନ ଆମର ସକଳ ଅଭାବ ଆଖି ପିଛୁଳାକେ ଦୂରୀଭୂତ ହୋଇଯିବ । ପ୍ରଭୁ ଶ୍ରୀଅରବିନ୍ଦ ଏହି ବିଷୟରେ ସାବିତ୍ରୀ ମହାକାବ୍ୟର ସପ୍ତମ ପର୍ବର ଦ୍ୱିତୀୟ ଅଧ୍ୟାୟରେ ଅପରୂପ, ଅମୃତମୟ, ଦିବ୍ୟ-ଭାଷା ସଂଯୋଜନାର ସହିତ ପ୍ରକାଶ କରିଛନ୍ତି । ତାହା ହେଲା –

"But this is only Matter's first self-view,
A scale and series in the Ignorance.
This is not all we are or all our world.
Our greater self of knowledge waits for us,
A supreme light in the truth-conscious Vast:
It sees from summits beyond thinking mind,
It moves in a splendid air transcending life.
It shall descend and make earth's life divine.
Truth made the world,
not a blind Nature-Force.
For here are not our large diviner heights;
Our summits in the superconscient's blaze
Are glorious with the very face of God:"

(Savitri, P. 484)

ପଦ୍ୟରେ ଭାଷାନ୍ତରର ପ୍ରୟାସ –

''ଏହା ତ କେବଳ ବସ୍ତୁମାନଙ୍କର ପ୍ରାଥମିକ ଆତ୍ମ-ଦୃଶ୍ୟ,
ଅଜ୍ଞାନତା ମଧ୍ୟେ ମାପଦଣ୍ଡଟିଏ କ୍ରମବ୍ୟବସ୍ଥା ଅବଶ୍ୟ ।
ଯାହା ସବୁକିଛି ଦେଖା ଯାଉଅଛି ଆମେ ତ ସେତିକି ନୁହେଁ ।
ଏହି ଜଗତକୁ ଯେପରି ଦେଖୁଛେ ତାହା ତ ସେପରି ନୁହେଁ ।
ଆମରି ସତ୍ତାର ମହାନ୍ ଜ୍ଞାନଟି ଆମକୁ ଅପେକ୍ଷା କରେ,
ସର୍ବୋତ୍ତମ ଜ୍ୟୋତିଃ ବିସ୍ତୃତ ବିଶାଳ ସ୍ଥିତ
ସତ୍ୟ-ଚେତନାରେ :
ଚିନ୍ତାଶୀଳ ମନର ଊର୍ଦ୍ଧ୍ୱରେ ରହି ସେ ଶୀର୍ଷଦେଶୁ ଦେଖୁଅଛି,
ଚମତ୍କାର ଏକ ପରିବେଶ ମଧ୍ୟେ ବିଶ୍ୱାତୀତ ପ୍ରାଣ ଅଛି ।
ସେହି ପ୍ରାଣରାଜ୍ୟେ ସତ୍ୟ-ଦିବ୍ୟଜ୍ୟୋତିଃ
ହେଉଅଛି ଆତଯାତ,
ଦିନେ ସେହି ଜ୍ୟୋତିଃ ଉତ୍ତରି ଆସିବ ହେବ ଏଠି ଅନୁଭୂତ
ପାର୍ଥିବ ଜୀବନ ବଦଳାଇ ଦେବ ଦିବ୍ୟତ୍ୱ ପ୍ରତିଷ୍ଠା ହେବ ।
ଦିବ୍ୟ-ସତ୍ୟ ଏହି ଜଗତ୍ ଗଢ଼ିଛି,
ଅନ୍ଧପ୍ରକୃତିର ବିଶାଳ ଶକତି ପୃଥିବୀକୁ ଗଢ଼ି ନାହିଁ ।
କାରଣ ଏଠାରେ ଆମ ଦିବ୍ୟତ୍ୱର ଉଚ୍ଚତର ରୂପ ନାହିଁ;
ଆମ ଶୀର୍ଷଦେଶ ଅତିମାନସର ଜ୍ୟୋତିଃ ବଳୟରେ ଅଛି
ପ୍ରଭୁଙ୍କର ଦିବ୍ୟ ମୁଖଶ୍ରୀ ସମ୍ମୁଖେ ଗୌରବରେ ଡୁବି ଅଛି ।''

ମା'ଙ୍କ ଉପରେ ଦୃଢ଼ ବିଶ୍ୱାସ ଥିଲେ ସବୁକଥା ଠିକ୍ ହୋଇଯାଏ । ତାହା ଏହିପରି –

ଜୈନକ ଭକ୍ତ ତଥା ସାଧକ ପଣ୍ଡିଚେରୀ ବାହାରେ ରହୁଥା'ନ୍ତି । କିନ୍ତୁ ପ୍ରତ୍ୟେକ ଦର୍ଶନ ଦିବସରେ ଆଶ୍ରମକୁ ଆସି ମା'ଙ୍କର ଦର୍ଶନ ଏବଂ ଆଶୀର୍ବାଦ ଲାଭ କରୁଥା'ନ୍ତି । ତାଙ୍କ ନାମ 'ଆର୍' । 'ଆର୍' ୧୯୫୨ରେ ଦ୍ୱିତୀୟ ଥର ପାଇଁ ଦିବ୍ୟଜନନୀ ଶ୍ରୀମା'ଙ୍କୁ ତାଙ୍କ ପ୍ରକୋଷ୍ଠରେ ସାକ୍ଷାତ୍ କରିବା ନିମନ୍ତେ ଅନୁମତି ପ୍ରାପ୍ତ ହୋଇଥା'ନ୍ତି । ଏହି ସମୟରେ ତାଙ୍କ ହାତରେ ବିଇଞ୍ଚ୍ ବା ଏକଜିମା ରୋଗ ବାହାରି ଥାଏ – ଏହା ତାଙ୍କର ବଂଶଗତ ରୋଗ । ତାଙ୍କ ବାପା ମଧ୍ୟ ଏହି ରୋଗରେ ଯନ୍ତ୍ରଣା ଭୋଗୁଥା'ନ୍ତି । 'ଆର୍' ମା'ଙ୍କୁ ଦର୍ଶନ କରିବାକୁ ଗଲାବେଳେ ତାଙ୍କ ହାତରେ ବିଇଞ୍ଚ୍ ହୋଇଥିଲା । ସେ ମା'ଙ୍କୁ ତାଙ୍କ ହାତ ଦେଖାଇଲେ । ଶ୍ରୀମା ଏହାକୁ ଦେଖି କହିଲେ, "It seems chronic, doctors can not cure it, rather they increase it." ''ଏହା ଏକ ପୁରାତନ ରୋଗ ପରି ମନେ ହେଉଛି । ଡାକ୍ତରମାନେ ଏହାକୁ ଭଲ କରି ପାରିବେ ନାହିଁ; ବରଂ ସେମାନେ ଏହାକୁ ବଢ଼ାଇ ଦେବେ ।'' 'ଆର୍' ବିନମ୍ର ଭାବରେ ପଚାରିଲେ, ''ମା ! ତାହାହେଲେ ଏହା ପ୍ରତି ମୁଁ କିପରି ମନୋଭାବ ପୋଷଣ କରିବି ?'' ମା ଉତ୍ତରରେ କହିଲେ, "You should be indifferent to whether it comes or goes." – ''ଏହି ରୋଗଟି କେତେବେଳେ ଆସୁଛି ଓ କେତେବେଳେ ଯାଉଛି, ସେ ବିଷୟରେ କିଛି ଭାବିବ ନାହିଁ ଏବଂ ସେଥିରୁ ନିଜକୁ ଅଲଗା କରି ରଖ ।'' ମା'ଙ୍କଠାରୁ ଏହି କଥା ଶ୍ରବଣ କଲା ପରେ ସେହିଦିନହିଁ ତାଙ୍କ 'ଏକଜିମା'ର ଶେଷ ଚିହ୍ନଟି (last trace) ମଧ୍ୟ କେଉଁଆଡ଼େ ଉଭେଇ ଗଲା ।

ଏହିପରି ଏଗାର ବର୍ଷ କଟିଗଲା । 'ଆର୍' ଯେତେବେଳେ ତାଙ୍କ ବ୍ୟବସାୟ କାର୍ଯ୍ୟ ନିମନ୍ତେ ମଧ୍ୟ-ପ୍ରାଚ୍ୟ (Middle-East) ଦେଶକୁ ଯାଇଥିଲେ, ସେଠାରେ ସେହି ଚାଲି ଯାଇଥିବା 'ଏକଜିମା' ରୋଗ ପୁନର୍ବାର ଦେଖାଦେଲା । ସେ ମା'ଙ୍କୁ ପ୍ରାର୍ଥନା କରି ଚିଠିଟିଏ ଲେଖିଲେ, 'Mother, let me not be troubled in this foreign land.' – ''ମା, ଏହି ରୋଗ ବିଦେଶରେ ମୋର ଯେପରି ଅସୁବିଧା ସୃଷ୍ଟି ନକରୁ, ସେଥିପାଇଁ ଆଶୀର୍ବାଦ ପ୍ରଦାନ କରନ୍ତୁ ।'' ସେ କୁହନ୍ତି, ଆଶ୍ଚର୍ଯ୍ୟଜନକ ଭାବରେ ତାଙ୍କର 'ଏକଜିମା' କୁଆଡ଼େ ଉଭେଇଗଲା ଏବଂ ସେ ବମ୍ବେରେ ପହଞ୍ଚିବା ମାତ୍ରକେ ପୁଣି ଦେଖାଦେଲା । ଦୁଇ, ତିନି ସପ୍ତାହ ପରେ ସେ ପଣ୍ଡିଚେରୀ ଆସିଲେ ଏବଂ ପହଞ୍ଚିବା ସଙ୍ଗେ ସଙ୍ଗେ ମା'ଙ୍କୁ ଜଣାଇଲେ, ''ମା ! ମୋର 'ଏକଜିମା' ରୋଗର ପୁନଃ ଆର୍ବିଭାବ ଘଟିଛି ।'' ଉତ୍ତରରେ ମା ଲେଖିଲେ, 'Perhaps the faith is dwindling.' – 'ବୋଧହୁଏ ବିଶ୍ୱାସ କ୍ରମଶଃ କମ୍ ହୋଇ ଯାଉଛି ।' ''ମା'ଙ୍କର ଏହି ଉତ୍ତର ମୋ ଗାଲରେ ଏକ ଶକ୍ତ ଚାପୁଡ଼ା ପରି ମନେ ହେଲା ।''

ଏହା ପରେ ସଙ୍ଗେ ସଙ୍ଗେ ମା'ଙ୍କ ଉପରେ ତାଙ୍କର ଆସ୍ଥା ଏବଂ ବିଶ୍ୱାସ ପୁନଃ ଉଦ୍ଦୀପିତ ହୋଇ ଉଠିଲା ଏବଂ 'ଏକଜିମା' କୁଆଡ଼େ ଉଭେଇଗଲା, ଆଉ ଫେରି ଆସିବାକୁ ସାହସ କଲା ନାହିଁ ।

'ଆର୍'ଙ୍କ କର୍ଣ୍ଣ କୁହରରେ ବାରଂବାର ଗୁଞ୍ଜରିତ ହେଉଥିଲା ମା'ଙ୍କ ସେହି ବାଣୀ, "There is no disease which can not be cured by the Divine Grace." – ''ଏପରି କୌଣସି ରୋଗ ନାହିଁ ଯାହା ଦିବ୍ୟକୃପା ଦ୍ୱାରା ଆରୋଗ୍ୟ ପ୍ରାପ୍ତ ହୋଇ ପାରିବ ନାହିଁ ।''

– ଶ୍ରୀମା

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations : The Mother

(୨) Musing on the Mother's Prayers and Meditations, Vol. 1 – by Shyam Kumari.

# ''ଦ୍ୱୀପାନ୍ତରର କଥା'' ଓ ''କାରା-ଜୀବନୀ''
## (୨)

**ପୂର୍ବାଭାସ (ଉତ୍ତରାର୍ଦ୍ଧ) :**

**ବାରୀନ୍ଦ୍ର କୁମାର ଘୋଷ**
(୫.୧.୧୮୮୦ – ୧୮.୪.୧୯୫୯)

ଜନ୍ମ ଲଣ୍ଡନର ଉପକଣ୍ଠରେ କ୍ରୟଡ଼ନରେ । ପିତା ଡା. କୃଷ୍ଣଧନ ଘୋଷ । ତାଙ୍କର ତିନି ପୁତ୍ର – ବିନୟଭୂଷଣ, ମନମୋହନ ଓ ଅରବିନ୍ଦଙ୍କୁ ଇଂଲଣ୍ଡରେ ଯେତେବେଳେ ପଢ଼ାଶୁଣା ପାଇଁ ଛାଡ଼ି ଦେବାକୁ ଯାଆନ୍ତି, ସେତେବେଳେ ବାରୀନ୍ଦ୍ର କୁମାର, ମା ସ୍ୱର୍ଣ୍ଣଲତା ଦେବୀଙ୍କ ଗର୍ଭରେ । ଜାହାଜ ଇଂଲଣ୍ଡରେ ପହଞ୍ଚିବା ପରେହିଁ ବାରୀନ୍ଦ୍ରଙ୍କର ଜନ୍ମ । ସ୍ୱର୍ଣ୍ଣଲତା ସେତେବେଳେ ଡା. ମାଥ୍ୟୁଙ୍କର ଚିକିତ୍ସାରେ ରହିଛନ୍ତି । ତେଣୁ ମାଆ ତାଙ୍କର ନାମ ରଖିଲେ ଇମାନ୍ୟୁଏଲ୍ ମାଥ୍ୟୁ ଘୋଷ । ଇଂଲଣ୍ଡର ରେଜିଷ୍ଟାର୍‌ରେ ଆଜି ବି ସେଇ ନାମ ଅଛି । ପରେ ତାଙ୍କର ନାମକରଣ ହେଲା ବାରୀନ୍ଦ୍ର କୁମାର – ସମୁଦ୍ର ଉପକଣ୍ଠରେ ଜନ୍ମ ବୋଲି ।

ଶୈଶବ ଓ କୈଶୋର ବିତିଯାଏ ଖୁବ୍ କଷ୍ଟରେ ଅସୁସ୍ଥ ମା'ଙ୍କ ସଙ୍ଗେ (ବିହାରର) ଦେଓଘର ନିକଟରେ ରୋହିଣୀରେ । ରାଜନାରାୟଣ ବସୁଙ୍କର ସାନ୍ନିଧ ସେ ଲାଭ କରିଛନ୍ତି । ଦେଓଘର ବିଦ୍ୟାଳୟରୁ ୧୯୦୧ ସାଲରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି । ପାଟଣା କଲେଜରେ ୬ ମାସ ଏଫ୍. ଏ. ପଢ଼ିବା ପରେ ଢାକା କଲେଜରେ ଭର୍ତ୍ତି ହୁଅନ୍ତି । ଏଇ ସମୟରେ ଅଗ୍ରଜ ମନମୋହନ ସେଠାରେ ସ୍ୱନାମଧନ୍ୟ ଇଂରାଜୀ ଅଧ୍ୟାପକ । ମଣିଷ ହୋଇଥିଲେ ସେ ରାଙ୍ଗା ମା' (ମନୋରମା ଦେବୀ)ର କୋଳରେ । ସେ ଥିଲେ ଜଣେ ମହୀୟସୀ ନାରୀ, ଯଦିଓ ଚାଲିଯାଇଛନ୍ତି ବିସ୍ମୃତିର ଅନ୍ଧକାରରେ । ଏକମାତ୍ର ବାରୀନ୍ଦ୍ର ତାଙ୍କର ଦେଖାଶୁଣା କରିଥିଲେ ।

ଏହାର କିଛି କାଳ ପରେ ପାଟନା କଲେଜ ନିକଟରେ ଏକ ଚା ଦୋକାନ ଖୋଲନ୍ତି –''B. Ghosh's Tea Stall'' ।... ... ସେଥିରେ ବିଫଳ ମନୋରଥ ହୋଇ ଅଗ୍ରଜ ଅରବିନ୍ଦଙ୍କ ନିକଟକୁ ଯାଆନ୍ତି । କିଛି କାଳ ବରୋଦାରେ ଅରବିନ୍ଦଙ୍କ ସାନ୍ନିଧରେ ନିରୁପଦ୍ରବ ଜୀବନ କଟାନ୍ତି ପଢ଼ାଶୁଣା କରି । ତା'ପରେ ଚିରାଚରିତ ଅସ୍ଥିର ଚିତ୍ତତାରେ ଧୀରେ ଧୀରେ ବିପ୍ଳବୀ ଆନ୍ଦୋଳନରେ ଯୁକ୍ତ ହୁଅନ୍ତି । ଏଠାରେ ଯୋଗୀ ବିଷ୍ଣୁଭାସ୍କର ଲେଲେଙ୍କ ନିକଟରୁ ସେ ଏବଂ ଅରବିନ୍ଦ ଦୁଇଜଣ ଯାକ ଯୋଗ ସାଧନାର ନିର୍ଦ୍ଦେଶ ନିଅନ୍ତି, କିନ୍ତୁ ଅରବିନ୍ଦଙ୍କ ଭଳି ସେ ସାଧନାରେ ଏକନିଷ୍ଠ ହୋଇ ପାରିଲେ ନାହିଁ । ବିପ୍ଳବୀ କାର୍ଯ୍ୟକ୍ରମ ଦିଗକୁ କ୍ରମଶଃ ତାଙ୍କର ମନ ଝୁଙ୍କି ପଡ଼ିଲା । ନର୍ମଦା ନଦୀ ତୀରରେ ଶାଖାରିୟା ସ୍ୱାମୀଙ୍କ ନିକଟରୁ ଶକ୍ତି ମନ୍ତ୍ରର ଦୀକ୍ଷା ନିଅନ୍ତି । ଅରବିନ୍ଦଙ୍କୁ ସ୍ୱାମୀ 'ଭବାନୀ ମନ୍ଦିର'ର ଧାରଣା ଦିଅନ୍ତି ଏବଂ ଅରବିନ୍ଦ ତା'ଉପରେ ଗୋଟିଏ ଅନବଦ୍ୟ ପୁସ୍ତିକା ରଚନା କରନ୍ତି ।

ଗୁପ୍ତ ବିପ୍ଳବୀ ଦଳ ଗଠନ ନିମନ୍ତେ କଲିକତା ଆସନ୍ତି । ସେଇ ସମୟରେ ଯତୀନ୍ଦ୍ର ନାଥ ବନ୍ଦୋପାଧ୍ୟାୟଙ୍କୁ ମଧ୍ୟ ଅରବିନ୍ଦ କଲିକତା ପଠାଇଥିଲେ ସେଇ ସମାନ ଉଦ୍ଦେଶ୍ୟରେ । ଖୁବ୍ ଶୀଘ୍ର ବାରୀନ୍ଦ୍ର ଏବଂ ଯତୀନ୍ଦ୍ରନାଥଙ୍କ ମଧ୍ୟରେ ବିରୋଧିତା ସୃଷ୍ଟି ହୁଏ । ଅରବିନ୍ଦଙ୍କ ମଧ୍ୟସ୍ଥତାରେ ସାମୟିକ ଭାବେ ବୁଝାମଣା ହେଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ଯତୀନ୍ଦ୍ରନାଥ ଅଲଗା ହୋଇଯାଆନ୍ତି ।

୧୯୦୨-୦୩ ଖ୍ରୀ:ରେ ଫରାସୀ ଚନ୍ଦନ ନଗର ମାଧ୍ୟମରେ ଅସ୍ତ୍ର ଶସ୍ତ୍ର ଆମଦାନୀର ଚେଷ୍ଟା କରନ୍ତି । ଓଡ଼ିଶା ଏବଂ ଆସାମ ଭ୍ରମଣ କରି ସଂଗଠନ ଗଢ଼ି ତୋଳନ୍ତି, ପୂର୍ବ ବଙ୍ଗର ଛୋଟଲାଟ ବ୍ୟାମ୍‌ଫିଲ୍‌ଡ୍ ଫୁଲାର୍‌ଙ୍କୁ ହତ୍ୟା କରିବାର ଚେଷ୍ଟାରେ ସେ ବ୍ୟର୍ଥ ହୁଅନ୍ତି । କିଙ୍ଗସ୍‌ଫୋର୍ଡ଼ଙ୍କୁ ହତ୍ୟା ନିମନ୍ତେ ଖୁଦିରାମ ଏବଂ ପ୍ରଫୁଲ୍ଲ ଚାକୀଙ୍କୁ ମୁଜାଫର୍‌ପୁର ପଠାନ୍ତି । ଡାକ୍ତର ଭୂପେନ୍ଦ୍ରନାଥ ଦତ୍ତ ଏବଂ ଅବିନାଶ ଭଟ୍ଟାଚାର୍ଯ୍ୟଙ୍କୁ ନେଇ ୧୯୦୬ ସାଲରେ ବିପ୍ଳବୀମାନଙ୍କର ପତ୍ରିକା 'ଯୁଗାନ୍ତର' ପ୍ରକାଶ କରି ଏକ ବର୍ଷ ଧରି ନିଜ ଉଦ୍ୟମରେ ଚଳାନ୍ତି । (ବର୍ତ୍ତମାନ 'ଯୁଗାନ୍ତର'ର ସଂଖ୍ୟାଗୁଡ଼ିକ ଜୟା ମିତ୍ର, ଅଂଶୁ ବାନାର୍ଜୀ ଏବଂ ଅମଲେନ୍ଦୁ ଦେ'ଙ୍କର ଏକନିଷ୍ଠ ପରିଶ୍ରମରେ ପୁସ୍ତକାକାରରେ ପ୍ରକାଶିତ ହୋଇଛି – ପ୍ରାପ୍ତି ସ୍ଥାନ : କଲିକତା, ଶ୍ରୀଅରବିନ୍ଦ ଭବନ ।) ବିଖ୍ୟାତ ମୁରାରୀପୁକୁର ବଗିଚା ଘରେ

ବୋମା ତିଆରିର କାରଖାନା ଗଢ଼ି ତୋଳନ୍ତି । ଏଇ ସମୟରେ ଉଲ୍ଲାସକର ତାଙ୍କର ସହଯୋଗୀ ଥିଲେ । ବିଷ୍ଣୁ ଭାସ୍କର ଲେଲେ (କଲିକତାକୁ ଭ୍ରମଣରେ ଆସି)ବାରୀନ୍ଦ୍ରଙ୍କୁ ଏଇ ସମୟରେ ଏଇସବୁ ହିଂସାତ୍ମକ କାର୍ଯ୍ୟରୁ ଅପସରି ଯିବା ପାଇଁ ବାରଂବାର ସତର୍କ କରାନ୍ତି । ପରିଣତି ଯେ ଭୟଙ୍କର ହେବ ଏକଥା ଲେଲେ ବାରଂବାର ମନେ କରାଇ ଦେବା ସତ୍ତ୍ୱେ ବାରୀନ୍ଦ୍ର ସେ ନିଷେଧ ମାନିଲେ ନାହିଁ । ଅରବିନ୍ଦ ମଧ୍ୟ ତାଙ୍କର ଇଂରେଜ-ହତ୍ୟା ପରିକଳ୍ପନାକୁ ସମ୍ମତି ଦେଇ ନାହାନ୍ତି । ସେମାନଙ୍କ ମତକୁ ବାରୀନ୍ଦ୍ର ଗ୍ରାହ୍ୟ କରି ନାହାନ୍ତି । ଫଳସ୍ୱରୂପ ଏଇ ମୁଜାଫର୍‌ପୁର ଘଟଣାକୁ କେନ୍ଦ୍ର କରି ପୁଲିସ ବାରୀନ୍ଦ୍ର ଏବଂ ତାଙ୍କ ଦଳକୁ ୨ ମେ ୧୯୦୮ ସାଲ୍‌ରେ ଗ୍ରେପ୍ତାର କରନ୍ତି । ଅରବିନ୍ଦ ମଧ୍ୟ ସେଥି ସହିତ ଗ୍ରେପ୍ତାର ହୁଅନ୍ତି । ବାରୀନ୍ଦ୍ର ଓ ଉଲ୍ଲାସକର ସ୍ୱୀକାରୋକ୍ତି ଦିଅନ୍ତି ଯେଉଁଥିପାଇଁ ଦେଶବାସୀ ସେମାନଙ୍କର ବିପ୍ଳବ ପ୍ରଚେଷ୍ଟା ସମ୍ବନ୍ଧରେ ଅବହିତ ହୋଇ ପାରନ୍ତି । ସେଥି ସହିତ ସେ କହନ୍ତି –'My mission is over' । ଦଳର ଏକମାତ୍ର ମୁଖ୍ୟ ସଦସ୍ୟ ହେମଚନ୍ଦ୍ର ସ୍ୱୀକାରୋକ୍ତି ଦେଇ ନାହାନ୍ତି ।

ବିଚାରରେ ବାରୀନ୍ଦ୍ରଙ୍କୁ ପ୍ରଥମେ ଫାଶୀର ଆଦେଶ ହୁଏ । ପରେ ଅପିଲରେ ତାଙ୍କୁ ଆଣ୍ଡାମାନରେ ଆଜୀବନ କାରାଦଣ୍ଡ ହୁଏ । ୧୯୦୯ ଡିସେମ୍ବରରୁ ୧୯୨୦ ପର୍ଯ୍ୟନ୍ତ କାରାରୁଦ୍ଧ ଥିଲେ । ଫେରି ଆସି ୧୯୨୦ ସାଲରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାଶଙ୍କ ନିକଟରେ 'ନାରାୟଣ' ପତ୍ରିକାର ଭାର ଗ୍ରହଣ କଲେ । ତା'ପରେ 'ବିଜ୍‌ଲୀ' ପତ୍ରିକା ପ୍ରକାଶ, 'ଆର୍ଯ୍ୟ ପବ୍ଲିଶିଂ ହାଉସ୍' ଗଠନ, ଏବଂ ଚେରି ପ୍ରେସ୍; ଏହା ପରେ ପଣ୍ଡିଚେରୀ ପ୍ରସ୍ଥାନ କିଛି କାଳ ପାଇଁ । ଏହା ପୂର୍ବରୁ ଅବଶ୍ୟ ସେ ଘୁରି ବୁଲିଛନ୍ତି ଅସ୍ଥିର ଚିତ୍ତରେ ଜୀବନର ଯଥାର୍ଥ ଅର୍ଥ ସନ୍ଧାନରେ – କେତେବେଳେ ମତିଲାଲ ରାୟଙ୍କ 'ପ୍ରବର୍ତ୍ତକ ସଂଘ'ରେ, କେତେବେଳେ ଅବା ପାବ୍‌ନା ଜିଲ୍ଲାର ହିମଇତପୁରର ଅନୁକୂଳ ଠାକୁରଙ୍କ ଆଶ୍ରମରେ । ପୁଣି କେତେବେଳେ ଦୟାନନ୍ଦ ଠାକୁରଙ୍କର ଅରୁଣାଚଳ ମିଶନରେ । ପ୍ରବର୍ତ୍ତକ ସଂଘ ବିଷୟରେ ଯେତେବେଳେ ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦଙ୍କୁ ଲେଖନ୍ତି, ସେତେବେଳେହିଁ ପାଆନ୍ତି ଶ୍ରୀଅରବିନ୍ଦଙ୍କ ନିକଟରୁ ବିଖ୍ୟାତ 'ପଣ୍ଡିଚେରୀ ପତ୍ର'– ଏହା ଶ୍ରୀଅରବିନ୍ଦଙ୍କର ବଙ୍ଗଳା ରଚନାବଳୀରେ ଅନ୍ତର୍ଭୁକ୍ତ ରହିଛି । ଏହି ପତ୍ରଟି ନିଜର ସାଧନା ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କର ଗୋଟିଏ ଉତ୍କୃଷ୍ଟ ବଙ୍ଗଳା ରଚନା ।

ବାରୀନ୍ଦ୍ର ଶ୍ରୀଅରବିନ୍ଦଙ୍କ ନିକଟରୁ ସାଧନାର ନିର୍ଦ୍ଦେଶ ଚାହାନ୍ତି, ଶ୍ରୀଅରବିନ୍ଦ ନିର୍ଦ୍ଦେଶ ଦେବାକୁ ସମ୍ମତ ମଧ୍ୟ ହୋଇଛନ୍ତି । ସ୍ୱଭାବତଃ ଏଇ ଭାଇଟି ଉପରେ ଶ୍ରୀଅରବିନ୍ଦଙ୍କର ସ୍ନେହ ଓ କୃପା ଥିଲା ଅବାରିତ ଓ ଅବିରତ । ପଣ୍ଡିଚେରୀରେ ବାରୀନ୍ଦ୍ର କିଛି କାଳ ସାଧନାରେ ନିବିଷ୍ଟ ହୁଅନ୍ତି, ତେବେ ଶେଷ ପର୍ଯ୍ୟନ୍ତ ପାରିଲେ ନାହିଁ । ତାଙ୍କ ବ୍ୟର୍ଥତାର କାରଣ ଶ୍ରୀଅରବିନ୍ଦ ତାଙ୍କୁ ଏକାଧିକ ପତ୍ରରେ ସ୍ପଷ୍ଟ ଭାବରେ ଜଣାଇଛନ୍ତି (ଦ୍ର : 'Autobiographical Notes') । ତେବେ ପଣ୍ଡିଚେରୀରେ ଥିବା ସମୟରେ ବାରୀନ୍ଦ୍ର ଅନେକ ସୂକ୍ଷ୍ମ ଦର୍ଶନ କରିଛନ୍ତି, ଅନେକ ଅଭିଜ୍ଞତା ସଞ୍ଚୟ କରିଛନ୍ତି, ତା'ର ମୂଲ୍ୟ ବି କମ୍ ନୁହେଁ । କିଛି ଭୁଲତ୍ରୁଟି ସତ୍ତ୍ୱେ ତାଙ୍କର 'Sri Aurobindo as I understand Him' ଗୋଟିଏ ଗୁରୁତ୍ୱପୂର୍ଣ୍ଣ ରଚନା । ତା'ଛଡ଼ା ସେ ବିଖ୍ୟାତ ବ୍ୟକ୍ତିମାନଙ୍କ ନିକଟ ସାନ୍ନିଧ୍ୟରେ ଆସିଛନ୍ତି – ଯେପରିକି ଦିଲୀପ କୁମାର ରାୟ, କେମ୍ବ୍ରିଜର ଗଣିତ ଗବେଷକ ଓ ପରବର୍ତ୍ତୀ କାଳରେ ଅସାମାନ୍ୟ କବି ଚାଡ୍‌ଉଇକ୍, ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ, କମଳା ଦେବୀ, ସରୋଜିନୀ ନାଇଡୁଙ୍କର ଭଗ୍ନୀ ମୃଣାଳିନୀ ଚଟ୍ଟୋପାଧ୍ୟାୟ, ଚିତ୍ତରଞ୍ଜନ ଦାଶ ଏବଂ ସର୍ବୋପରି ରବୀନ୍ଦ୍ରନାଥ ।

କଲିକତାର ଭବାନୀପୁରରେ ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶରେ ଗୋଟିଏ ସାଧନକେନ୍ଦ୍ର ଆରମ୍ଭ କରିଥିଲେ ୧୯୨୨ ସାଲରେ, ତେବେ ସେଇଟି ନାନା ସମସ୍ୟାର ସମ୍ମୁଖୀନ ହୋଇ ଶେଷ ପର୍ଯ୍ୟନ୍ତ ତିଷ୍ଠି ପାରିନି । ୧୯୩୩ରେ 'ଦି ଡନ୍ ଅଫ୍ ଇଣ୍ଡିଆ' ନାମକ ଏକ ପତ୍ରିକା ପ୍ରକାଶ କରନ୍ତି । ୧୯୩୬ରେ 'ଭାରତ କୋନ୍ ପଥେ' ପୁସ୍ତିକାରେ ବ୍ରିଟେନ୍‌କୁ ଆମର 'ମନ୍ତ୍ରଗୁରୁ' ହିସାବରେ ଘୋଷଣା କରିଛନ୍ତି ।

କଲିକତାରେ ଥିବାବେଳେ ପଣ୍ଡିଚେରୀର ଶ୍ରୀମାଙ୍କ ନିକଟରୁ ନିୟମିତ ଆର୍ଥିକ ସାହାଯ୍ୟ ପାଇଛନ୍ତି । ପ୍ରୌଢ଼ ବୟସରେ ସେ ବିବାହ କରନ୍ତି । ଶେଷ ବୟସରେ ୧୯୫୦ ସାଲଠାରୁ 'ଦୈନିକ ବସୁମତୀ' ପତ୍ରିକାର ସମ୍ପାଦକ ଥିଲେ । କଲିକତା ବିଶ୍ୱବିଦ୍ୟାଳୟ ତାଙ୍କୁ ରାମାନନ୍ଦ ଲେକ୍‌ଚାରାର୍ କମିଟିରେ ନିଯୁକ୍ତ କରିବାରୁ ''ମାନବାଧିକାର ଓ ତା'ର କ୍ରମବିକାଶ'' ଶୀର୍ଷକ ଚିନ୍ତା-ଉଦ୍ଦୀପକ ପ୍ରବନ୍ଧ ପାଠ କରନ୍ତି ।

କବିତ୍ୱମୟ ଭାଷାରେ ସେ ଅସାଧାରଣ ଗଦ୍ୟକାର ଥିଲେ । ମଝିରେ ମଝିରେ ତାଙ୍କ କବି-ଚିତ୍ତର ଯେଉଁସବୁ ଉପଲବ୍ଧି କଥା ଲେଖିଛନ୍ତି, ସେଥିରେ ପାଠକ ମୁଗ୍ଧ ହେବେ । ସେଥି ସହିତ ପ୍ରଶଂସନୀୟ ତାଙ୍କର ଅକୃତ୍ରିମ ଅକପଟତା, ଯାହା

ସାଧାରଣତଃ ବେଙ୍ଗଲୀ ଆତ୍ମଜୀବନୀକାରମାନଙ୍କ ମଧ୍ୟରେ ଦୁର୍ଲଭ । ତାଙ୍କ ରଚିତ 'ଦ୍ୱୀପାନ୍ତରେର୍ କଥା', 'ଆତ୍ମକଥା', 'ଆତ୍ମକାହାଣୀ' ବେଙ୍ଗଲୀମାନେ ଚିରଦିନ ମନେ ରଖିବେ । ସେଥି ସହିତ ଇତିହାସର ଅମୂଲ୍ୟ ସମ୍ପଦ ହୋଇ ରହିବ ତାଙ୍କର ଓ ଅନ୍ୟ ସତୀର୍ଥମାନଙ୍କ ଦ୍ୱାରା ପ୍ରସ୍ତୁତ 'ଯୁଗାନ୍ତର' ।

ସେ ଇଂରେଜୀ ଭାଷାରେ ବି ଚମତ୍କାର ଲେଖୁଥିଲେ । ତାଙ୍କ ରଚିତ 'The Truth of Life' ଗୋଟିଏ ଅନୁପମ ରଚନା । (କଲିକତାସ୍ଥ ଶ୍ରୀଅରବିନ୍ଦ ଭବନ କର୍ତ୍ତୃକ ପ୍ରକାଶିତ) । ଏହାଛଡ଼ା ଇତସ୍ତତଃ ଭାବେ ରହିଛି ତାଙ୍କର ଅଜସ୍ର ରଚନା କୌଣସି ଯୋଗ୍ୟ ପ୍ରକାଶକଙ୍କ ଉଦ୍ୟୋଗର ଅପେକ୍ଷାରେ ।

ତାଙ୍କ କର୍ମମୟ ଜୀବନର ଅଧିକାଂଶ କାର୍ଯ୍ୟରେ ସେ ପୂର୍ଣ୍ଣ ସଫଳତା ପାଇ ନାହାଁନ୍ତି – ଅଧିକାଂଶ କାର୍ଯ୍ୟ ବ୍ୟର୍ଥ ବା ଅସମାପ୍ତ ରହିଯାଇଛି । ତେବେ ବି ଏ ଜୀବନର ତାତ୍ପର୍ଯ୍ୟ ଅଛି । ସେଇ କଥାଟି ବାରୀନ୍ଦ୍ର କୁମାର 'ଦ୍ୱୀପାନ୍ତରେର୍ କଥା'ରେ ବ୍ୟକ୍ତ କରି ଯାଇଛନ୍ତି ଗ୍ରନ୍ଥର ସମାପ୍ତିରେ – ''... ବୃକ୍ଷଟିର ବୃଦ୍ଧିର କାରଣ ବସନ୍ତର ସ୍ପର୍ଶ ନିଶ୍ଚିତ, ପୁଣି ଝଡ଼ଝଞ୍ଜା ରୌଦ୍ର ତେଜର ସ୍ପର୍ଶ ବି ଅନିବାର୍ଯ୍ୟ । କେବଳ ଅବିରାମ ବସନ୍ତରେ ଜୀବନରେ ମନୁଷ୍ୟତ୍ୱର ମେରୁଦଣ୍ଡ ବି ନିତାନ୍ତ ଅପୁଷ୍ଟ ରହିଯାଏ, ଶକ୍ତିର ସ୍ଫୁରଣରେ ମାନବକୁ ଦେବତା ସଦୃଶ ଗଢ଼ିତୋଳେ ଯେଉଁ ବଜ୍ରାଗ୍ନି ତାହା ଯେ ପରମ ସତ୍ୟ ।'' ସବୁ ଅବସ୍ଥାର ମଧ୍ୟଦେଇ ବାରୀନ୍ଦ୍ର ଯାହା ହୋଇ ଉଠିଛନ୍ତି, ଯେପରି ବଢ଼ି ଉଠିଛନ୍ତି, ଏଇଟାହିଁ ବଡ଼ କଥା । ସେଇ ଦିଗରୁ ତାଙ୍କ ଜୀବନରେ ନାନା ଉତ୍ଥାନ ପତନର ମଧ୍ୟଦେଇ ସେ ତାଙ୍କ ଗୁରୁ ଶ୍ରୀଅରବିନ୍ଦଙ୍କ କଥାର ସତ୍ୟତାକୁହିଁ ଜୀବନ୍ତ କରି ଧରିଛନ୍ତି – ''To me, the ultimate value of a man is not to be measured by what he says or does, but by what he inwardly becomes.''

ମର୍ମାନୁବାଦ : ''ମୋ ଦୃଷ୍ଟିରେ ମଣିଷର ଯଥାର୍ଥ ମୂଲ୍ୟ ତାହାର ଶିକ୍ଷା, ପଦବି, ଯଶ ବା ସେ କ'ଣ କରେ ତାହା ଉପରେ ନିର୍ଭର କରେ ନାହିଁ । ଏହା ନିର୍ଭର କରେ ସେ ଅନ୍ତରରେ ପ୍ରକୃତରେ କ'ଣ ହୋଇଉଠିଛି ।''

(ସୁପ୍ରିୟ ଭଟ୍ଟାଚାର୍ଯ୍ୟଙ୍କ ଦ୍ୱାରା ସମ୍ପାଦିତ ମୂଳ ବଙ୍ଗଳା ଗ୍ରନ୍ଥ
'ଦ୍ୱିପାନ୍ତରରେର୍ କଥା' ଓ 'କାରା-ଜୀବନୀ'
ଗ୍ରନ୍ଥରୁ ସଂଗୃହୀତ ଓ ଅନୂଦିତ)
ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑

# ହୃଦୟର ପ୍ରାର୍ଥନା

## ଦୀପ୍ତି ମିଶ୍ର

ଶାଶ୍ୱତ ଶାନ୍ତିର ପାରାବାର ତୁମେ
ଆହେ ମୃତ୍ୟୁଞ୍ଜୟୀ ପ୍ରେମ
ଆନନ୍ଦ ସ୍ୱରୂପେ ପରିବ୍ୟାପ୍ତ ତୁମେ
ଦିବ୍ୟ ପ୍ରଭୁ ପରଂବ୍ରହ୍ମ । (ଘୋଷା)

ନୀରବତା ମଧ୍ୟେ ଆକୁଳ ହୃଦୟେ
ତୁମକୁ ଖୋଜୁଛି ଆଜି
ସମୟ ବକ୍ଷରେ ରହସ୍ୟର ତାଲା
ଚାବି ତ ଯାଇଛି ହଜି ।
ରହସ୍ୟମୟ ହେ ସଙ୍ଗତିର ଚାବି
ଆଣି ଦିଅ ହାତେ ଆମ । (୧)
ଯୁଗ ଯୁଗାନ୍ତର ଗଡ଼ି ଯାଉଅଛି
ପ୍ରୟାସ ରହିଛି ଜାରି



ପୁଲକିତ ମନ ଉଲ୍ଲାସ ପ୍ରବେଗେ
ପରିତୃପ୍ତ ଶିଶୁ ପରି
ରହିଛି ଅନାଇ ହେ ଚିନ୍ମୟ ସ୍ୱାମୀ
ନିବିଡ଼ ତୋ ଆଲିଙ୍ଗନ । (୨)

ଅନନ୍ତ ଅସୀମ ହେ ପରମ ପ୍ରେମ
ମଧୁର ବୀଣାର ତାରେ
ଭରିଛ ସରଳ ମଧୁ ହାସ୍ୟରୋଳ
ସ୍ପନ୍ଦନ ହୃଦ ମନ୍ଦିରେ
ସକଳ ସୁଷମା ଧରାରେ ବିଛାଅ
ଉଜ୍ଜ୍ୱଳ ଉଷା କିରଣ । (୩)
❑❑❑

ପାଠଚକ୍ରରୁ ଶିକ୍ଷାକେନ୍ଦ୍ର (୮) :

# ଆମ୍ଭର ସିଦ୍ଧାନ୍ତରେ ପରିଚାଳିତ ହେବା

## ପ୍ରସାଦ ତ୍ରିପାଠୀ

କୌଣସି ଏକ କାର୍ଯ୍ୟରେ ଗୋଟିଏ ସରକାରୀ ଅଫିସକୁ ଯାଇଥାଏ । ଅଫିସର ଗେଟ୍ ନିକଟରେ ପହଞ୍ଚି ଭିତରକୁ ଚାହିଁ ଦେଇ ଦେଖିଲି ଏକ ଅପୂର୍ବ ବଗିଚା । ଖୁବ୍ ସୁନ୍ଦର ଘାସ ଗାଲିଚା । ତା'ର କେନ୍ଦ୍ରରେ ଛୋଟିଆ କିନ୍ତୁ ସୁନ୍ଦର ଗୋଲାପ ଗଛ ଗୁଡ଼ିଏ । ଚମତ୍କାର ଫୁଲ ଫୁଟିଛି । ପଡ଼ିଆର ଚାରିପାଖରେ ଋତୁକାଳୀନ ଫୁଲଫୁଟି ଭର୍ତ୍ତି ହୋଇଛି । ଡାଲିଆ, ଜିନିଆ, ଗେଣ୍ଡୁ ପ୍ରଭୃତି ଅନେକ ପ୍ରକାର ଫୁଲ । ଆଉ ଟିକିଏ ଦୂରକୁ ସୂର୍ଯ୍ୟମୁଖୀର ଗୋଟିଏ ଛୋଟିଆ ପଟାଳି । ତାକୁ ଲାଗି କରି କସ୍‌ମସ୍ ଫୁଲ । ବଗିଚାରେ ବାରମାସୀ ଫୁଲର ଅପୂର୍ବ ସମ୍ଭାର । ଟଗର, ତରାଟ, ମନ୍ଦାର, କୁନ୍ଦ, ଜୁଇ, ଜାଇ, ମଲ୍ଲୀ, ଚମ୍ପା, ସ୍ଥଳପଦ୍ମ, ଗୋଡ଼ିବାଣ ପ୍ରଭୃତି ଅନେକ ପ୍ରକାରର ଗଛ ଫୁଲରେ ପରିପୂର୍ଣ୍ଣ । ଖାଲି ସେତିକି ନୁହେଁ – ଗୋଲାପଜାମୁ, ଜାମୁରୋଳ, କରମଙ୍ଗା, ପିଜୁଳି, ଆମ୍ବ, ପଣସ ପ୍ରଭୃତି ଫଳଗଛ ମଧ୍ୟ ଅନେକ । ସେଥିରେ ମଧ୍ୟ ଋତୁ ଅନୁଯାୟୀ ଫଳ ଭରି ରହିଛି ।

ବଗିଚାକୁ ଦେଖି ମୁଁ କାହିଁକି ସେ ଅଫିସକୁ ଯାଇଥିଲି ଭୁଲି ଗଲି । ବାସ୍ତବରେ ସେଠାରେ ମୋର ଜଣେ ବନ୍ଧୁଙ୍କୁ ଭେଟିବାକୁ ଯାଇଥିଲି । ମାତ୍ର ସେ କଥା ଭୁଲି ମୁଁ ବଗିଚାର ଗୋଟିଏ ଘାସ ଗାଲିଚାରେ ବସି ସୌନ୍ଦର୍ଯ୍ୟ ଉପଭୋଗ କରୁଥାଏ । ଏତିକି ବେଳେ ମୋର ବନ୍ଧୁ ସେଠାରେ ପହଞ୍ଚି ମୋତେ ଦେଖି ପକାଇ ଆଶ୍ଚର୍ଯ୍ୟ ହୋଇ ପଚାରିଲେ – ''ଆରେ, ତୁମେ ଏଠାରେ କ'ଣ ବସିଛ !'' ମୁଁ କହିଲି – ''ବାସ୍ତବରେ ମୁଁ ତୁମ ପାଖକୁ ଆସିଥିଲି, କିନ୍ତୁ ବଗିଚାର ଶୋଭା ଦେଖି ଏଇଠାରେ ବସି ପଡ଼ିବାକୁ ଇଚ୍ଛା ହେଲା । ଏ ବଗିଚା ଦାୟିତ୍ୱରେ କିଏ ଅଛନ୍ତି ? ତାଙ୍କୁ ଟିକିଏ ଦେଖିବାକୁ ଇଚ୍ଛା ହେଉଛି ।'' ବନ୍ଧୁ ଜଣକ ମୋ ହାତକୁ ଧରି ଟାଣି ଉଠାଇଲେ ଏବଂ କହିଲେ ଆସ ମୋ ସିଟ୍‌କୁ ଯିବା ଏବଂ ମାଳିକୁ ପରେ ସାକ୍ଷାତ୍ କରିବ । ଏତିକି କଥା ହେବା ପରେ ଦୁଇବନ୍ଧୁ ଉଠିକରି ତାଙ୍କ ସିଟ୍‌କୁ ଚାଲିଗଲୁ ।

ସେଠାରେ ବସି କଥା ହେବା ସମୟରେ ତାଙ୍କ ନିକଟସ୍ଥ ଅନ୍ୟ ଏକ ସିଟ୍‌ରେ କାମ କରୁଥିବା ଏକ କିରାଣି ବାବୁଙ୍କ ନିକଟରେ ଏକ ଦୃଶ୍ୟ ଦେଖିଲି । କୌଣସି ଜଣେ ଭଦ୍ରଲୋକ ତାଙ୍କ ନିକଟକୁ କିଛି କାମ ପାଇଁ ଆସିଥା'ନ୍ତି । କାମଟି ପ୍ରକୃତରେ ସେ କିରାଣି ବାବୁଙ୍କ ଦ୍ୱାରା ହେବ ନାହିଁ; ମାତ୍ର ସେ ଅନ୍ୟକୁ କହି କାମଟି କରାଇ ଦେବା ପାଇଁ ଭଦ୍ରଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ସେଥିପାଇଁ କିଛି ପାରିଶ୍ରମିକ ମଧ୍ୟ ନେଇଛନ୍ତି । ମାତ୍ର ବୋଧହୁଏ ପାରିଶ୍ରମିକ କମ୍ ହେଲା ବୋଲି ସେ ଅତ୍ୟନ୍ତ ଉତ୍ତ୍ୟକ୍ତ ହୋଇ ସେ ଭଦ୍ରଲୋକଙ୍କୁ ଗାଳିଦେଇ ଖୁବ୍ ଦୁର୍ବ୍ୟବହାର କରୁଥାନ୍ତି । ''ମୁଁ କ'ଣ ତୁମର ଚାକର ? ମନ ଇଚ୍ଛା ଚାଲି ଆସୁଛ । ଭିକାରିକୁ ଦେବା ଭଳି ଟଙ୍କା କେତେଟା ଫୋପାଡ଼ି ଦେଉଛ । ମୁଁ ଯେତିକି କହିଛି ତାହାଠାରୁ ଗୋଟିଏ ଟଙ୍କା ବି କମ୍ ହେଲେ ନେବି ନାହିଁ ।'' ଭଦ୍ରଲୋକ ବିଚରା ଅତ୍ୟନ୍ତ ଦୁଃଖରେ କହୁଥା'ନ୍ତି – ''ସାର୍, ଥର ଥର କରି ମୁଁ ପ୍ରାୟ ସବୁ ଦେଇ ସାରିଲିଣି – ଆର ଥରକୁ ବାକି ସବୁ ଆଣିଦେବି । ଟିକେ ଦୟାକରି କାମଟା କରାଇ ଦେବେ ।'' କିରାଣି ବାବୁ କହିଲେ – ''ଏମିତି ଥର ଥର କରି ଦେଲେ ସେସବୁ କୋଉ କାମକୁ ପାଇବ ? ଘରେ ତୁମର ଅନ୍ୟ ଖର୍ଚ୍ଚ କରୁ ନାହଁ ? ଦେଖ, କହୁଛି ଯଦି ସାତ ଦିନ ଭିତରେ ବାକି ସବୁ ଟଙ୍କା ଦେଇ ନଦିଅ ତେବେ ଯାହା ଦେଇଛ ସେସବୁ ଗଲା ବୋଲି ଜାଣିବ – ଆଉ ମୋ ପାଖକୁ ଥରେ ବି ଆସିବ ନାହିଁ ।'' ଭଦ୍ରଲୋକ ବିଚରା କାନ୍ଦୁଣୁ ମାନ୍ଦୁଣୁ ହୋଇ, ''ଠିକ୍ ଅଛି ଆଜ୍ଞା, ସାତଦିନ ଭିତରେ ପୁଣି ଆସିବି – ବାକି ସବୁ ନେଇ ଆସିବି'' କହି ବାହାରକୁ ଆସିଲେ । ଆସିଲା ବେଳେ କିରାଣି ବାବୁଙ୍କ ଅଫିସ ଫୋନ୍, ଘର ଫୋନ୍, ମୋବାଇଲ୍ ଫୋନ୍ ନମ୍ବର ସବୁ ନେଇ ଆସିଲେ ।

ମୁଁ ସେତେବେଳକୁ ମୋ ବନ୍ଧୁଙ୍କ ନିକଟରୁ ଆସି ପୁଣି ବଗିଚାରେ ବସିଥାଏ । ଭଦ୍ରଲୋକ ଜଣକ ଅଫିସରୁ ଆସି ବଗିଚା ମଧ୍ୟରେ ପ୍ରବେଶ କଲେ । ତାଙ୍କୁ ମୁଁ ଠାରି କରି ମୋ ନିକଟକୁ ଡାକିଲି । କହିଲି, ''ଭାଇ ଏଠାକୁ ଆସନ୍ତୁ, ଏଠାରେ ଟିକିଏ ବସନ୍ତୁ ।'' ଭଦ୍ରଲୋକ ଆସିଲେ ମୋ ନିକଟରେ ବସିଲେ । ମୁଁ କହିଲି – ''ଆପଣଙ୍କ ପ୍ରତି ସେ କିରାଣି ବାବୁ ଅତ୍ୟନ୍ତ ଅନୁଚିତ ଆଚରଣ ପ୍ରକାଶ କଲେ – ଆପଣଙ୍କ

ମନଦୁଃଖ ହୋଇଥିବ । ଏତେ ଉତ୍ତ୍ୟକ୍ତ ହୋଇ ସେ କାହିଁକି ପାଟି କରୁଥିଲେ ?'' ଭଦ୍ରଲୋକ କହିଲେ – ''ଗୋଟିଏ ପୁରୁଣା ଅଫିସ ଡକୁମେଣ୍ଟ୍ ଦରକାର ଥିଲା । ଆଉ ଅବଶ୍ୟ ତା'ର କାମ କିଛି ନାହିଁ । ମାତ୍ର ଯେହେତୁ ବେଶ୍ କିଛି ଖର୍ଚ୍ଚ ହୋଇଯାଇଛି – ତେଣୁ ଆଉ ଅଳ୍ପ କିଛି ଖର୍ଚ୍ଚ କରି ନେଇ ପାରିଲେ ଭଲ ହେବ ବୋଲି ଆସିଥିଲି । ମାତ୍ର ସେ ଏପରି ବ୍ୟବହାର କରୁଛନ୍ତି – ଯେତେଥର ଆସିଲେ ଆଜ୍ଞା ଖାଲି ହାତ ବଢ଼ାଇ ଦେଉଛନ୍ତି । ହେଲା – ଏବେ ନେଉଛ ତ ନେଉଛ କିଛି କାମ କରିଦିଅ । ସେତକ ବି ନାହିଁ – ଏପରି ଆଚରଣ, ଛିଃ ଛିଃ ମତେ ନିଜକୁ ଲାଜ ଲାଗୁଛି, ମୁଁ ଏପରି ଏକ ବ୍ୟକ୍ତିଙ୍କ ନିକଟରେ ଏତିକି ସମୟ ନଷ୍ଟ କଲି ।''

ମୁଁ କହିଲି, ''ଥାଉ ସେକଥା ତ ଗଲାଣି – ଏବେ ଏଠାରେ ଟିକେ ବସନ୍ତୁ । ଏ ବଗିଚାକୁ ଥରେ ଦେଖନ୍ତୁ । କେମିତି ଲାଗୁଛି କହିଲେ ?'' ଭଦ୍ରଲୋକ ସେତେବେଳଯାଏ ପ୍ରକୃତିସ୍ଥ ନଥିଲେ । ବସିପଡ଼ି ଧୀରେ ଧୀରେ ବଗିଚାକୁ ଦେଖିଲେ – ସବୁ ଆଡ଼କୁ ଦେଖିଲେ । ଉଠିକରି ଗୋଲାପ ଫୁଲ ନିକଟକୁ ଗଲେ । ସେଠାରୁ ଆସି ସୂର୍ଯ୍ୟମୁଖୀ, ଡାଲିଆ ଫୁଲ ବଗିଚା ପାଖରେ ଛିଡ଼ା ହେଲେ । ଉପରକୁ ଚାହିଁ ଦେଖିଲେ ପିଜୁଳି ଗଛରେ ହଳଦିଆ ହଳଦିଆ ପିଜୁଳି ଭର୍ତ୍ତି । ଚତୁର୍ଦ୍ଦିଗକୁ ଚାହିଁ ପୁଣି ସେ ଘାସ ଗାଲିଚା ଉପରେ ବସି ପଡ଼ିଲେ । ମୁଁ ତାଙ୍କୁ ଚାହୁଁଥାଏ । କହିଲେ, ''ଭାଇ, ଏ ବଗିଚାକୁ ଚାହିଁ ଦେଲେ ସବୁ ଦୁଃଖ ଦୂର ହୋଇ ଯାଉଛି । ଏତେ ସୁନ୍ଦର, ଏତେ ମନୋରମ ବାତାବରଣ – କେଡ଼େ ସୁନ୍ଦର ହୋଇଛି । ଆପଣ ଏଇଥି ପାଇଁ ଏଠାରେ ସେତେବେଳୁ ବସିଛନ୍ତି ?''

ମୁଁ କହିଲି – ''ଏଥିରେ ସନ୍ଦେହ ଅଛି ! ଏତେ ସୁନ୍ଦର ବଗିଚାଟିଏ କିଛି ସମୟ ପାଇଁ ହୃଦୟରେ ସ୍ଥାନ ପାଉ – ଏଇ ଇଚ୍ଛାରେ ମୁଁ ବସିଛି ।'' ଭଦ୍ରଲୋକ ଉଠି ଠିଆ ହେଲେ । ମୁଁ କହିଲି, ''କ'ଣ, ଯିବେ କି ?'' ସେ କହିଲେ, ''ହଁ ଭାଇ, ଆଉ ବସିବାକୁ ଇଚ୍ଛା ହେଉଛି । ମାତ୍ର ସମୟ କାହିଁ – ଯିବାକୁ ହେବ ।'' ମୁଁ କହିଲି, ''ଭାଇ, ମୋର ଗୋଟିଏ ପ୍ରଶ୍ନ ।'' ସେ ପଚାରିଲେ, ''କ'ଣ ପଚାରନ୍ତୁ ।'' ମୁଁ କହିଲି, ''ଯେଉଁ କିରାଣି ଭଦ୍ରଲୋକ ଆପଣଙ୍କୁ ଅତ୍ୟନ୍ତ ଦୁର୍ବ୍ୟବହାର କଲେ, ଆପଣଙ୍କ ଠାରୁ ତାଙ୍କର ନିଜର ଦାୟିତ୍ୱ ପାଳନ କରିବା ପାଇଁ ମଧ୍ୟ ଉତ୍କୋଚ ନେଲେ, ଆପଣଙ୍କ ମନକୁ ଅତ୍ୟନ୍ତ କଷ୍ଟ ଦେଲେ, ଆପଣ ତାଙ୍କ ନିକଟରେ ଏତେ ନ୍ୟୂନ ହୋଇ ଚରମ କୃତଜ୍ଞତାପୂର୍ବକ ନମ୍ର ହୋଇ ଫେରିଲେ ଏବଂ ତାଙ୍କର ସମସ୍ତ ଠିକଣା, ଫୋନ୍ ନମ୍ବର ଇତ୍ୟାଦି ନେଇ ଆସିଲେ । ମାତ୍ର ଏଇ ଯୋଉ ବଗିଚା ଆପଣଙ୍କର ସମସ୍ତ ମନଦୁଃଖକୁ ଗୋଟିଏ ମୁହୂର୍ତ୍ତରେ ଭୁଲାଇ ଦେଇ ପାରିଲା, ଆପଣ ଏକ ଶାନ୍ତି, ଆନନ୍ଦ, ସୌନ୍ଦର୍ଯ୍ୟର ପରିବେଶରେ ପରିପୂର୍ଣ୍ଣ ହୋଇ କିଛି ସମୟ ପାଇଁ ନିଜକୁ ଭୁଲିଗଲେ – ସେ ବଗିଚାକୁ ଯିଏ କରିଛନ୍ତି ତାଙ୍କର ପରିଚୟ ଜାଣିବାକୁ ଆଗ୍ରହ ହେଉ ନାହିଁ ?''

ଏପରି ଏକ ପ୍ରଶ୍ନରେ ଭଦ୍ରଲୋକ ଅପ୍ରତିଭ ହୋଇ ଗଲେ । ଟିକେ ଦୂରରେ ଗାମୁଛାଟିଏ ପିନ୍ଧି ଖୋଲା ଦେହରେ ଠିଆ ହୋଇଥିବା ଯୁବକକୁ ଦେଖାଇ ଦେଇ କହିଲି, ''ଏଇ ସେ ବନ୍ଧୁ, ଏଇ ବଗିଚାର ବିଶ୍ୱକର୍ମା । ତାଙ୍କ ସହିତ ମିଶି ମୁଁ ତାଙ୍କ ଜୀବନ କାହାଣୀ ବୁଝିସାରିଛି । ନିଜ ଗ୍ରାମ ସ୍କୁଲରେ ପାଠ ପଢୁଥିବା ସମୟରେ ପାଠ ନ ଆସିବାରୁ ସ୍କୁଲରେ ଶିକ୍ଷକଙ୍କ ଏବଂ ଘରେ ବୟସ୍କମାନଙ୍କ ତାଡ଼ନାରେ ଘର ଛାଡ଼ି ଚାକିରି କରିବା ଉଦ୍ଦେଶ୍ୟରେ ଆସି ଏଇ ସହରର କୌଣସି ଏକ ମାଳିଙ୍କ ନିକଟରେ କାମ କଲେ । ପିଲାଦିନରୁ ତାଙ୍କର ଗଛ ପ୍ରତି ଏକ ଶ୍ରଦ୍ଧା ଥିଲା ଏବଂ ଉକ୍ତ ମାଳି ମଧ୍ୟ ତାହା ଜାଣି ପାରିଲେ । ସେ ତାକୁ ପିଲାବେଳୁ ସମସ୍ତ ପ୍ରକାରର କାର୍ଯ୍ୟ ଶିଖାଇ ଦେଲେ । ଧୀରେ ଧୀରେ ଗଛ, ପତ୍ର, ଫୁଲ, ଫଳ ପ୍ରଭୃତିଙ୍କ ସହିତ ଏକାତ୍ମ ହୋଇ କାର୍ଯ୍ୟ କରିବାର ଏକ କଳା ତାଙ୍କ ମଧ୍ୟରେ ପ୍ରକାଶ ପାଇଲା । ସେ ଅନୁଭବ କଲେ, ବାସ୍ତବିକ ଏହା ତାଙ୍କ ନିଜସ୍ୱ ଧାରା । ବଗିଚାର ପ୍ରତ୍ୟେକଟି ଗଛ ସହିତ ତାଙ୍କର ଆତ୍ମୀୟତା ପରିସ୍ଫୁଟ । ଯଦି ସେ ନିଜସ୍ୱ ଧାରାକୁ ଚିହ୍ନି ପାରି ନଥା'ନ୍ତେ ତେବେ କୌଣସି ମତେ ସ୍କୁଲ ବଦଳାଇ ପାସ୍ ଫେଲ୍ ହୋଇ ସେଇ କିରାଣି ବାବୁଙ୍କ ଭଳି ଚାକିରିଟିଏ କରି ସେଇଭଳି ଆଚରଣ କରୁଥା'ନ୍ତେ । ମାତ୍ର ପ୍ରଭୁଙ୍କ କୃପାରୁ ସେ ନିଜର ଦିଗ ଜାଣି ପାରିଲେ । ସେ କିରାଣି ବାବୁ ଏବଂ ଏ ମାଳି ଯୁବକଙ୍କ ମଧ୍ୟରେ କିଏ ବାସ୍ତବିକ ଉଚିତ ଶିକ୍ଷା ପ୍ରାପ୍ତ ହୋଇଛନ୍ତି ଏବଂ ଏକ ମୂଲ୍ୟବାନ୍ ଜୀବନ ଯାପନ କରୁଛନ୍ତି ? ଜଣେ ମୁହୂର୍ତ୍ତକ ମଧ୍ୟରେ ଅନ୍ୟକୁ କଷ୍ଟ ଦେଇ ପରିବେଶକୁ ଦୂଷିତ କରିଦେଇ ପାରୁଛନ୍ତି ଏବଂ ଅନ୍ୟ ଜଣେ ମୁହୂର୍ତ୍ତକ ମଧ୍ୟରେ ସମସ୍ତ ଦୁଃଖ, କ୍ଳେଶ, ଯନ୍ତ୍ରଣା, ଅବସାଦ, ବିଷାଦକୁ ଦୂର କରିଦେଇ ଏକ ଆନନ୍ଦର ପରିବେଶ ସୃଷ୍ଟି କରି ପାରୁଛନ୍ତି ? ସେ କିରାଣି ବାବୁ ମଧ୍ୟ ଯଦି ପିଲାବେଳେ ପ୍ରଭୁଙ୍କ କୃପାରୁ ତାଙ୍କର ଆତ୍ମାର ଅସଲ ସିଦ୍ଧାନ୍ତ ସମ୍ପର୍କରେ ସଚେତନ ହୋଇ ଉଚିତ ଦିଗରେ ଅଗ୍ରଗତି

କରିଥା'ନ୍ତେ, ସେ ମଧ୍ୟ ଆଜି ଏପରି ଆଚରଣ ପ୍ରକାଶ କରୁ ନଥା'ନ୍ତେ ।'' ଭଦ୍ରଲୋକ ଜଣଙ୍କ କୃତଜ୍ଞତାରେ ମାଳି ଯୁବକଙ୍କୁ କୁଣ୍ଢାଇ ପକାଇଲେ — ଯୁବକ ଜଣକ ମଧ୍ୟ ଅତ୍ୟନ୍ତ କୃତଜ୍ଞତାର ସହିତ ତାଙ୍କୁ ଶ୍ରଦ୍ଧା ଜ୍ଞାପନ କଲେ ।

ଏହା ହେଉଛି ଏକ ପୂର୍ଣ୍ଣାଙ୍ଗ ଶିକ୍ଷା ଏବଂ ପ୍ରଚଳିତ ଶିକ୍ଷା ମଧ୍ୟରେ ମୌଳିକ ପ୍ରଭେଦ । ମା' କହିଲେ, ''ମୋର କୌଣସି ସନ୍ତାନ ଶୂନ୍ୟ ନୁହନ୍ତି ।'' ଅର୍ଥାତ୍ ପ୍ରତ୍ୟେକ ମଧ୍ୟରେ ସମ୍ଭାବନା ପରିପୂର୍ଣ୍ଣ ହୋଇଅଛି । ସେ ସମ୍ଭାବନାର ପରିସ୍ଫୁଟନହିଁ ଶିକ୍ଷାର ଲକ୍ଷ୍ୟ । କେବେହେଲେ ସମାଜରେ, ପରୀକ୍ଷାରେ, ଅନୁଷ୍ଠାନରେ ଆମ ମାନ ନିର୍ଦ୍ଧାରଣ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ହୋଇ ନପାରେ ।

ତା' ବୋଲି ଆମ ଶିକ୍ଷାକେନ୍ଦ୍ରର ପିଲାମାନେ କେବେହେଲେ କାହାରି ଠାରୁ କୌଣସି ଗୁଣରେ ନ୍ୟୂନ ହେବେ ନାହିଁ, ଊଣା ହେବେ ନାହିଁ । ମାତ୍ର ସେଥିପାଇଁ ମାପିବାର ପଦ୍ଧତି କେବେହେଲେ ପରୀକ୍ଷା ନୁହେଁ । ଆମ ପିଲାମାନେ ସାହସର ସହିତ, ଆତ୍ମ ବିଶ୍ୱାସର ସହିତ ସମାଜକୁ ସମ୍ମୁଖୀନ ହେବେ — ଏହାର ପ୍ରମାଣ କୌଣସି ପରୀକ୍ଷା ଦେଇ ପାରିବ ନାହିଁ । ସେମାନେ ଜୀବନରେ କେବେ ବି ବିଷାଦ, ଅବସାଦରେ ବଞ୍ଚିବେ ନାହିଁ । ଏଥିପାଇଁ ଯେଉଁ ଯୋଗ୍ୟତା ଦରକାର ତାହା କୌଣସି ପରୀକ୍ଷାରେ ପ୍ରମାଣିତ ହୋଇପାରିବ ନାହିଁ, ତାହା ପିଲାମାନଙ୍କ ନିଜସ୍ୱଧାରା ମାଧ୍ୟମରେହିଁ ପ୍ରକାଶିତ ହେବ — ଏଥିପାଇଁ କୌଣସି ଶିକ୍ଷକ ବା ଅଭିଭାବକଙ୍କ କୃପା ଆବଶ୍ୟକ ହେବ ନାହିଁ ।

ଆମେ ବଗିଚାଟିଏ ଦେଖି ଯେପରି ମାଳି କିଏ ବୋଲି ପଚାରିଲୁ — ସେମିତି ଏଇ ଭଳି ଗୋଟିଏ ପିଲା ଦେଖିଲେ ନିଶ୍ଚୟ ପଚାରିବାକୁ ଇଚ୍ଛା ହେବ ଯେ ସେ କେଉଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଆସିଛି ଏବଂ ଏହା ମଧ୍ୟ ଜାଣିବାକୁ ହେବ ଯେ ସେ ଶିକ୍ଷାକେନ୍ଦ୍ରର ମୂଳ ପାଠଚକ୍ର କାହା ପାଇଁ ? କାରଣ ବାସ୍ତବରେ ଯଦି ପାଠଚକ୍ର ନିଜେ ଦୃଢ଼ ହୋଇ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ ଗଢ଼ିଥିବ ଏବଂ ଅହର୍ନିଶ ତା'ର ଚତୁର୍ଦ୍ଦିଗରୁ ତାକୁ ପ୍ରେରଣା, ଉତ୍ସାହ ଦେଇ ଚାଲିଥିବ — ତେବେ କହିବା ବାହୁଲ୍ୟ ଏଥିରେ ନିଶ୍ଚୟ ନିଜର ସତ୍ତାର ନିଜସ୍ୱ ଧାରାକୁ ଜାଣି ସେଇ ଲକ୍ଷ୍ୟରେ ଅଗ୍ରଗତି କରୁଥିବା ଛାତ୍ରଛାତ୍ରୀମାନେହିଁ ଶିକ୍ଷା ଗ୍ରହଣ କରିବେ ।

ଏହାକୁ ପ୍ରକୃତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଏକ ବାସ୍ତବ ରୂପାୟନ ବୋଲି ଆମେ ହୃଦୟଙ୍ଗମ କରି ପାରିବା ।

('ପୂର୍ଣ୍ଣତା ପଥେ', ଫେବ୍ରୁଆରୀ-ଏପ୍ରିଲ : ୨୦୧୨ରୁ ସଂଗୃହୀତ)

❑❑❑

## ରୂପ ବଦଳିଲେ କି ହେବ !

ଏକ ପ୍ରାଚୀନ ଭାରତର ଲୋକକଥା : ଥିଲେ ଜଣେ ସାଧୁ । ତାଙ୍କ କୁଡ଼ିଆରେ ଥାଏ ମୂଷାଟିଏ । ସେ ସାଧୁଙ୍କ ଉଚ୍ଛିଷ୍ଟ ଖାଇ ରହେ; ତାଙ୍କର ଲୁଗାପଟା କାଟେ ନାହିଁ । ଦିନେ ସେ ନିରୀହ ମୂଷାଟି ସାଧୁଙ୍କୁ କହିଲା, ''ବିଲେଇ ଦେଖିଲେ ମୋତେ ବଡ଼ ଛାନିଆ ଲାଗେ । ମୋତେ ବିଲେଇଟିଏ କରି ଦିଅନ୍ତୁ ।'' ସାଧୁଙ୍କ ବିଭୂତି ଯୋଗେ ସେ ବିଲେଇଟିଏ ହୋଇଗଲା । କିନ୍ତୁ କିଛି ସମୟ ବ୍ୟବଧାନରେ ସେ କୁକୁର ଦେଖି ଛାନିଆ ହେଲା । ତା'ର ବିନମ୍ର ଅନୁରୋଧରେ ସାଧୁ ତାକୁ କୁକୁର କରିଦେଲେ । ତେଣିକି ସେ ଗଧିଆକୁ ଦେଖି ଡରନ୍ତେ ସାଧୁ ତାକୁ ଗଧିଆ କରିଦେଲେ । ତା'ପରେ ସେ ଶିକାରୀକୁ ଦେଖି ଡରିବାକୁ ଆରମ୍ଭ କରିଦେଲା ।

ସାଧୁ ତାକୁ କହିଲେ, ''ଦେଖ୍ ! ଯେପର୍ଯ୍ୟନ୍ତ ତୋ ଭିତରୁ ଭୟ ଯାଇ ନାହିଁ ସେପର୍ଯ୍ୟନ୍ତ ଖାଲି ରୂପ ବଦଳାଇଲେ ଟିକିଏ ବି ଲାଭ ହେବ ନାହିଁ । ଭୟ ଉପରେ ବିଜୟ ଲାଭ ପାଇଁ ଚେଷ୍ଟା କର ।''

# ନମ୍ରତା ସମ୍ପର୍କରେ

## (୧)

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାର ପ୍ରକାରର ପୁଷ୍ପ ବାରଟି ଶ୍ରେୟୋଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟୋଗୁଣଗୁଡ଼ିକ ମଧ୍ୟରୁ 'ନମ୍ରତା' (HUMILITY) ହେଉଛି ଅନ୍ୟତମ । ଶ୍ରୀମା ଘାସ ଫୁଲକୁ 'ନମ୍ରତା' ବା 'ବିନୟବୋଧ'ର ଆଧ୍ୟାତ୍ମିକ ପ୍ରତିନିଧି ରୂପେ ଗ୍ରହଣ କରିଛନ୍ତି । ଉଦ୍ଭିଦ ବିଜ୍ଞାନରେ ଲାଟିନ ଭାଷାରେ ଘାସ ଫୁଲକୁ Sporobolus capillaris କୁହାଯାଏ ।

ଶ୍ରୀମା କହନ୍ତି : "Humility: adorable in its simplicity." (MCW, Vol. 14, P. 151)

ଅର୍ଥାତ୍, ''ନମ୍ରତା : ତା'ର ସରଳତାରେ ସେ ଆଦରଣୀୟ ।''

ନିମ୍ନଲିଖିତ ଆଲୋଚନାଟିରେ ନମ୍ରତା ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

### ନମ୍ରତା ସମ୍ପର୍କରେ

କେବଳ ସେହି ସର୍ବୋଚ୍ଚ ପରମ ଚେତନା ଓ ଦିବ୍ୟ ସଂକଳ୍ପହିଁ ବିଦ୍ୟମାନ, ଆମେ ନିଜେ କିଛି ବି ନୋହୁଁ, କିଛି ବି କରିପାରିବା ନାହିଁ । ପରମ ଦିବ୍ୟସତ୍ତାହିଁ ସବୁକିଛି ଜାଣନ୍ତି, ସବୁକିଛି କରନ୍ତି । ପରମ ଦିବ୍ୟସତ୍ତା ଆମକୁ ଯାହା ହେବା ଲାଗି ଇଚ୍ଛା କରନ୍ତି ତାହାହିଁ ହେବା ଲାଗି ଆମେ ଜୀବନଧାରଣ କରିବା । ଏହିପରି ମାନସିକତାହିଁ ବିନୟବୋଧର ପରିଚୟ ଦିଏ ।

ସାଧକ ଶ୍ରୀମାଙ୍କୁ ପଚାରିଛନ୍ତି : ନମ୍ରତା – ''ଆପଣ କ'ଣ ସେହି ଶବ୍ଦଟିକୁ ସମସ୍ତଙ୍କ ପ୍ରତି ବିନୀତ ହୋଇ ରହିବାର ଅର୍ଥରେ କହିଥିଲେ ?''

ଶ୍ରୀମାଙ୍କ ଉତ୍ତର ଥିଲା – ''କଦାପି ନୁହେଁ । ଆଦୌ ନୁହେଁ । ତୁମକୁ କେବଳ ଦିବ୍ୟ ପରମ ସତ୍ତାଙ୍କ ପ୍ରତିହିଁ ବିନୀତ ହୋଇ ରହିବାକୁ ହେବ, ଏକାନ୍ତ ଓ ସମ୍ପୂର୍ଣ୍ଣ ଭାବରେ ବିନୀତ ହୋଇ ରହିବାକୁ ହେବ ।''

(ମାତୃରଚନାବଳୀ – ୧୭, ପୃ. ୧୬୪)

ଯଥାର୍ଥ ନମ୍ରତାର ସଂଜ୍ଞା କ'ଣ ? ଆଧ୍ୟାତ୍ମିକ ଜୀବନରେ ଏହାର କି ପ୍ରକାର ଉପଯୋଗିତା ରହିଛି ? ନମ୍ରତା ସମ୍ବନ୍ଧିତ ବିଭିନ୍ନ ବିଭାବ ସମ୍ପର୍କରେ ଶ୍ରୀମାଶ୍ରୀଅରବିନ୍ଦ କ'ଣ ସବୁ କହି ଯାଇଛନ୍ତି ? ଏପରି କେତୋଟି ପ୍ରଶ୍ନର ଉତ୍ତର ଅନ୍ୱେଷଣ କରିବା ।

### ନମ୍ରତାର ସଂଜ୍ଞା ନିରୂପଣ

ଶ୍ରୀଅରବିନ୍ଦଙ୍କ ଉକ୍ତି ହେଲା – "Perhaps one could say that it [spiritual humility] is to be aware of the relativity of what has been done compared with what is still to be done – and also to be conscious of one's being nothing without the Divine Grace."

(CWSA. Vol. 28, p. 432)

ଏହାର ଭାବାନୁବାଦ ହେଲା – ''ବୋଧହୁଏ ଜଣେ କହିପାରେ ଯେ ତାହା (ଆଧ୍ୟାତ୍ମିକ ନମ୍ରତା)ର ଅର୍ଥ ହେଲା ଯେତେ ଯାହା କରିବା ଲାଗି ବାକି ଅଛି, ତାହା ତୁଳନାରେ ଯାହା ଯେତେ କରାଯାଇଛି ସେସବୁ କିଛି ବି ନୁହେଁ, – ଏହିପରି ଆପେକ୍ଷିକତା ପ୍ରତି ସଚେତନ ହେବା, ପୁନଶ୍ଚ ସଚେତନ ହେବା ଯେ ଦିବ୍ୟକୃପା ବିନା ଆପଣା ସତ୍ତାଟି କିଛି ବି ନୁହେଁ ।''

ଏପରି ଭାବନାହିଁ ବିନୟବୋଧର ମୁଖ୍ୟ ଲକ୍ଷଣ ।

ଶ୍ରୀମାଙ୍କ ବାଣୀ ହେଲା – ''To be humble means for the mind, the vital and the body never to forget that *without the Divine* they know nothing, are nothing and can do nothing; without the Divine they are nothing but

ignorance, chaos and impotence. The Divine alone is Truth, Life, Power, Love, Felicity.''

(CWM., Vol. 14, p. 152)

ଅର୍ଥାତ୍, ''ବିନୀତ ହେବାର ଅର୍ଥ ହେଉଛି ଯେ ଆମର ମନ, ପ୍ରାଣିକ ସତ୍ତା ଓ ଶରୀର କଦାପି ଏହି କଥାଟିକୁ ଭୁଲିଯିବେ ନାହିଁ ଯେ ଦିବ୍ୟ ପରମସତ୍ତାଙ୍କୁ ବାଦ୍ ଦେଇ ସେମାନେ ପ୍ରକୃତରେ କିଛି ଜାଣି ନାହାନ୍ତି, କିଛି ନୁହଁନ୍ତି ଓ କିଛି ବି କରିବା ଲାଗି ସେମାନେ ସକ୍ଷମ ନୁହଁନ୍ତି । ଦିବ୍ୟ ପରମ ସତ୍ତାଙ୍କୁ ବାଦ୍ ଦେଲେ ସେମାନେ କେବଳ ଅଜ୍ଞାନ, ଅରାଜକତା ଏବଂ ଶକ୍ତିହୀନତା ବ୍ୟତୀତ ଆଉ କିଛି ହେଲେ ନୁହଁନ୍ତି । କେବଳ ଦିବ୍ୟ ପରମ ସତ୍ତାହିଁ ସତ୍ୟ, ଜୀବନୀ ଶକ୍ତି, ପ୍ରେମ ଓ ଆନନ୍ଦ ।''

ତେଣୁ ମନ, ପ୍ରାଣିକ ସତ୍ତା ଏବଂ ଦେହକୁ ଚୂଡ଼ାନ୍ତ ଭାବରେ ଏହି କଥାଟିକୁ ଶିକ୍ଷା କରିବାକୁ ଓ ଅନୁଭବ କରିବାକୁ ହେବ ଯେ ସେମାନେ ଦିବ୍ୟ ପରମ ସତ୍ତାଙ୍କୁ ବୁଝିବାକୁ ଏବଂ ତାଙ୍କର ବିଚାର କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ – କେବଳ ମର୍ମତତ୍ତ୍ୱର କ୍ଷେତ୍ରରେ ନୁହେଁ, ତାଙ୍କର ଯାବତୀୟ କ୍ରିୟା ତଥା ପରିପ୍ରକାଶର କ୍ଷେତ୍ରରେ ମଧ୍ୟ ସମ୍ପୂର୍ଣ୍ଣଭାବେ ଅସମର୍ଥ ।

''Humility is that state of consciousness in which, whatever the realisation, you know the infinite is still in front of you.''

(CWM., Vol. 3, p. 175)

ଅର୍ଥାତ୍, ''ନମ୍ରତା ଚେତନାର ସେହି ଅବସ୍ଥା, ଯେଉଁ କ୍ଷେତ୍ରରେ ଉପଲବ୍ଧି ଯାହା ହୋଇ ଥାଉନା କାହିଁକି, ଅନନ୍ତ ପରମସତ୍ତା ତଥାପି ତୁମ ପୁରୋଭାଗରେ ରହିଥିବା ପରି ତୁମେ ଅନୁଭବ କରୁଥିବ ।''

(ମାତୃରଚନାବଳୀ - ୩, ପୃ. ୨୮୧)

''True humility lies in not judging oneself and in letting the Divine determine our real worth.''

(MCW, Vol. - 16, p. 176)

ଅର୍ଥାତ୍, ''ନିଜେ ନିଜକୁ ବିଚାର ନକରି ଆମର ପ୍ରକୃତ ମୂଲ୍ୟାୟନ ପାଇଁ ଭଗବାନଙ୍କ ଉପରେ ସବୁ ଛାଡ଼ିଦେବା ହେଲା ଯଥାର୍ଥ ବିନମ୍ରତା ।''

– ଶ୍ରୀମା

ଆମେ ଆପଣାକୁ ବଡ଼ ମନେ କରିବା ନାହିଁ କି ଛୋଟ ମନେ କରିବା ନାହିଁ; ଦାମ୍ଭିକତା ଓ ହୀନମନ୍ୟତା ଉଭୟର ଉର୍ଦ୍ଧ୍ୱରେ ରହି ଜୀବନଟି ବଞ୍ଚିବା । କେବଳ ଦିବ୍ୟ ପରମସତ୍ତାହିଁ ଆମର ଯଥାର୍ଥ ମୂଲ୍ୟାୟନ କରିବେ ।

ଦିବ୍ୟଜନନୀଙ୍କ ବକ୍ତବ୍ୟ ହେଲା :

''... ଗୋଟିଏ କଥା ସବୁବେଳେ କୁହାହୋଇ ଆସିଛି, କିନ୍ତୁ ସମସ୍ତେ ତା'କୁ କେବଳ ଭୁଲହିଁ ବୁଝିଛନ୍ତି; – ତାହା ହେଉଛି ବିନୟବୋଧର ଆବଶ୍ୟକତା ଏହାକୁ ଅତିଶୟ ଭୁଲ୍ ରୂପରେ ଗ୍ରହଣ କରାଯାଇଥାଏ, ଭୁଲ୍ ଅର୍ଥରେ କୁହାଯାଏ, ଭୁଲ୍ ଅର୍ଥରେ ବୁଝାଯାଏ ଏବଂ ଭୁଲ୍ ଭାବରେ ମଧ୍ୟ ବ୍ୟବହାର କରାଯାଏ । ଯଦି ତୁମେ ଉଚିତ ରୀତିରେ ବିନୀତ ହୋଇ ପାରୁଛ ତେବେ ନିଶ୍ଚିତ ବିନୀତ ହୁଅ; ଅସଲ କଥା ହେଉଛି ଅନୁଚିତ ମାର୍ଗରେ କଦାପି ବିନୀତ ହେବାକୁ ଚେଷ୍ଟା କର ନାହିଁ । କାରଣ ସେପରି କରି ତୁମେ କେଉଁଠି ହେଲେ ପହଞ୍ଚି ପାରିବ ନାହିଁ । କିନ୍ତୁ ଗୋଟିଏ କଥା ଅବଶ୍ୟ ମନେ ରଖିବ : ବୃଥା ଗର୍ବ ବୋଲି କୁହାଯାଉଥିବା ଏହି ବାଲୁଙ୍ଗା ଗଛଟିକୁ ଯଦି ତୁମେ ନିଜ ଭିତରୁ ଉପାଡ଼ି ଫିଙ୍ଗିଦେଇ ପାରିବ, ତେବେ ତୁମେ ପ୍ରକୃତରେ କିଛି କରି ପାରିଲ ବୋଲି ନିଶ୍ଚିୟ କୁହାଯାଇ ପାରିବ । ମାତ୍ର ସେଇଟି କରିବା ଯେ କେଡ଼େ କଷ୍ଟକର, ସେ କଥାଟି ମଧ୍ୟ ଜାଣିଥିବା ଉଚିତ । ଯଦି ତୁମ ଭିତରେ କେବଳ ବୃଥାଗର୍ବ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏକ ଆତ୍ମ-ସନ୍ତୋଷହିଁ ଥାଏ, ତେବେ କଦାପି ଗୋଟିଏ କାର୍ଯ୍ୟକୁ ଭଲ ଭାବରେ କରି ପାରିବ ନାହିଁ, କଦାପି ଏକ ଉତ୍ତମ ବିଚାରକୁ ହୃଦୟରେ ପୋଷଣ କରି ପାରିବ ନାହିଁ, କଦାପି ଯଥୋଚିତ ଭାବରେ କୌଣସି କାର୍ଯ୍ୟରେ ଅଗ୍ରସର ହୋଇ ପାରିବ ନାହିଁ – ଭିତରେ ମିଛଟାରେ ଫୁଲେଇ ନହୋଇ (ଏପରିକି ତୁମର ଅଜାଣତରେ ମଧ୍ୟ) କଦାପି ଏତେ ଟିକିଏ ବି ଆଗକୁ ଯାଇ ପାରିବ ନାହିଁ । ଏବଂ ସେତେବେଳେ ସେଇଟିକୁ ଭାଙ୍ଗିଦେବା ଲାଗି ତୁମକୁ କଠୋର ଭାବରେ ପିଟିବା ଲାଗି ବାଧ୍ୟ ହେବାକୁ ପଡ଼ିବ । ତଥାପି ଭଙ୍ଗା ଖଣ୍ଡଗୁଡ଼ାକ ତୁମ ଭିତରେ ରହିଯିବ ଏବଂ ସେଗୁଡ଼ିକ ପୁଣି କଅଁଳିବାକୁ ଲାଗିବ । ତେଣୁ ଏଥିଲାଗି ଜୀବନସାରା ପ୍ରୟାସ କରିବାକୁ ପଡ଼ିବ ଏବଂ ବାରଂବାର ଚେର ଧରି ଘାତକ ହୋଇ ମାଡ଼ି ଯାଉଥିବା ଏହି ବାଲୁଙ୍ଗା ଗଛଟିକୁ ଉପାଡ଼ି ଫିଙ୍ଗି ଦେବାକୁ କଦାପି ଭୁଲିଯିବ ନାହିଁ; କାରଣ ତୁମେ ହୁଏତ ବିଶ୍ୱାସ କରୁଥିବ ଯେ ଏଇଟି ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇ ସାରିଛି, ମାତ୍ର ତାହାର ମୂଳଟି ତଥାପି ରହିଯାଇଥିବ । ଏବଂ ତୁମେ ଯଥେଷ୍ଟ ବିନୟ ସହକାରେ କହିବାକୁ ଲାଗିବ :

''ମୁଁ ଯେ ଏହି କାର୍ଯ୍ୟଟିକୁ ସାଧ କରି ପାରିଲି, ସେକଥା ଆଦୌ ଠିକ୍ ନୁହେଁ । ମୁଁ ଭାବୁଛି ଭଗବାନହିଁ ତାହା କଲେ । ସିଏ ନଥିଲେ ମୋର ପ୍ରକୃତରେ ଆଉ କି ସାମର୍ଥ୍ୟ ରହିଥା'ନ୍ତା ? ଏବଂ ତା'ପରେ ଠିକ୍ ପରବର୍ତ୍ତୀ ମୁହୂର୍ତ୍ତଟିରେ କେବଳ ଏଭଳି କଥାଟିଏ ଭାବିପାରିଲ ବୋଲି ତୁମେ ଭାରି ଆତ୍ମସନ୍ତୋଷ ଅନୁଭବ କରିବାରେ ଲାଗିଯିବ ।''

(ମାତୃରଚନାବଳୀ - ୫, ପୃ. ୬୫)

ଏଠାରେ ଲକ୍ଷ୍ୟ କରିବାର କଥା ଯେ ଆମ ମାନସିକତାର କେଉଁ ନିଭୃତ କୋଣରେ ଲୁଚି ରହିଥିବା ଅବିଗୁଣଟିକୁ କିପରି ସ୍ପଷ୍ଟ, ସୁନ୍ଦର ଓ ସରଳ ଭାବରେ ଆମ ଆଗରେ ଉଦ୍‌ଘାଟିତ କରି ଦିଆଯାଇଛି ।

ପୁଣି ଦିବ୍ୟଜନନୀ ଶ୍ରୀମାଙ୍କୁ ପ୍ରଶ୍ନ କରାଯାଇଥିଲା :

ପ୍ରଶ୍ନ : ବିନୀତ ହେବାର ଉଚିତ ଓ ଅନୁଚିତ ମାର୍ଗଗୁଡ଼ିକ କ'ଣ ?

ଉତ୍ତର : ଏଇଟି ଭାରି ସରଳ କଥା । ଯେତେବେଳେ ଲୋକମାନଙ୍କୁ ''ବିନୀତ ହୁଅ'' ବୋଲି କୁହାଯାଏ ସେତେବେଳେ ତଦ୍ୱାରା ସେମାନେ ''ଅନ୍ୟମାନଙ୍କ ଆଗରେ ବିନୀତ ହେବା'' ବୋଲିହିଁ ଭାବନ୍ତି । ସେହି ବିନୟ ଏକ ଭୁଲ୍ ବିନୟ । ଅସଲ ବିନୟ ହେଉଛି ଭଗବାନଙ୍କ ସମ୍ମୁଖରେ ବିନୟ; ତାହାର ଅର୍ଥ ହେଉଛି ଯେ ଏହା ଏପରି ଏକ ସୁନିଶ୍ଚିତ, ଯଥାର୍ଥ ଏବଂ **ଜୀବନ୍ତ ଭାବ**, ଯାହାକି ଭଗବାନଙ୍କ ବ୍ୟତୀତ ମୁଁ ଆଦୌ କିଛି ନୁହେଁ, ମୁଁ ଆଦୌ କିଛି କରି ପାରିବି ନାହିଁ ଏବଂ କିଛି ହେଲେ ବୁଝି ପାରିବି ନାହିଁ ବୋଲି ଅନୁଭବ କରୁଥାଏ । ତାହା ଏପରି ଭାବେ ଅନୁଭବ କରୁଥାଏ ଯେ ଜଣେ ଅସାଧାରଣ ଭାବେ ବୁଦ୍ଧିମାନ୍ ଏବଂ ପାରଙ୍ଗମ ହୋଇଥିଲେ ସୁଦ୍ଧା ଭଗବତ୍ ପରମ-ଚେତନାର ତୁଳନାରେ ସେସବୁ ଆଦୌ କିଛି ନୁହେଁ । ଏବଂ ଆମ ଭିତରେ ଏହି ଭାବଟି ଅନୁକ୍ଷଣ ରହିଥିବ, କାରଣ ତେବେ ଯାଇ ଆମେ ଆପଣାର ଦୃଷ୍ଟିରେ ଯଥାର୍ଥରେ ଗ୍ରହଣଶୀଳ ହୋଇ ରହିଥିବା; ତାହା ଏପରି ଏକ ବିନୟପୂର୍ଣ୍ଣ ଗ୍ରହଣଶୀଳତା ହୋଇ ରହିଥିବ ଯାହାକି ଭଗବାନଙ୍କର ବିରୋଧ କରି କୌଣସି ପ୍ରକାର ବ୍ୟକ୍ତିଗତ ଛଳନାକୁ ଉପସ୍ଥାପିତ କରିବା ଲାଗି ଆଦୌ ଇଚ୍ଛା କରୁ ନଥିବ ।

(ମାତୃରଚନାବଳୀ-୫, ପୃ. ୬୬)

ଏ ସମ୍ବନ୍ଧରେ ଦିବ୍ୟଜନନୀଙ୍କର ବାଣୀ ହେଲା :

''True humility consists in knowing that the Supreme Consciousness, the Supreme Will alone exists and that the I is not.''

(CWM., Vol. 14, p. 152)

ଅର୍ଥାତ୍, ''କେବଳ ସେହି ସର୍ବୋଚ୍ଚ ପରମ ଚେତନା ଓ ଦିବ୍ୟ ସଙ୍କଳ୍ପହିଁ ବିଦ୍ୟମାନ, 'ମୁଁ' ବୋଲି ପ୍ରକୃତରେ କିଛି ନାହିଁ । ଏତିକି ଜାଣିପାରିବାର ସାମର୍ଥ୍ୟକୁହିଁ ଯଥାର୍ଥ 'ବିନୟ' କୁହାଯାଏ ।''

ଶ୍ରୀମାଙ୍କ ବକ୍ତବ୍ୟର ଗୁରୁତ୍ୱ ଦୃଷ୍ଟିରୁ ପୁନଶ୍ଚ ଉଲ୍ଲେଖ କରାଯାଇପାରେ ଯେ –

ତେଣୁ ମନ, ପ୍ରାଣିକ ସତ୍ତା ଏବଂ ଦେହକୁ ଚୂଡ଼ାନ୍ତ ଭାବରେ ଏହି କଥାଟିକୁ ଶିକ୍ଷା କରିବାକୁ ହେବ ଯେ ସେମାନେ ଦିବ୍ୟ ପରମସତ୍ତାଙ୍କୁ ବୁଝିବାକୁ ଏବଂ ତାଙ୍କର ବିଚାର କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ । କେବଳ ତାଙ୍କର ମର୍ମତତ୍ତ୍ୱର କ୍ଷେତ୍ରରେ ନୁହେଁ (not only in his essence) ତାଙ୍କର ଯାବତୀୟ କ୍ରିୟା ତଥା ପରିପ୍ରକାଶର କ୍ଷେତ୍ରରେ ମଧ ସମ୍ପୂର୍ଣ୍ଣ ଭାବେ ଅସମର୍ଥ (in his action and manifestation also) ।

ଏହାକୁହିଁ ଯଥାର୍ଥ ବିନୟବୋଧ ବୋଲି ଜାଣିବା ଏବଂ ଏହି ଜ୍ଞାନର ଅଧିକାରୀ ହୋଇ ଆମେ ସ୍ଥିରତା ଓ ଶାନ୍ତି ଅର୍ଜନ କରି ପାରିବା ।

ବିନୟର ଅନ୍ୟ ଏକ ଲକ୍ଷଣ ହେଲା ତାହା ଆପଣା ଆକର୍ଷଣ ଶକ୍ତି ନେଇ ନିଜେ ସନ୍ତୁଷ୍ଟ, ତାହା କଦାପି ଅନ୍ୟର ଦୃଷ୍ଟିକୁ ନିଜ ଆଡ଼କୁ ଆକର୍ଷଣ କରି ନଥାଏ ।

ଆମେ ଯୋଗପଥରେ ଯେତେ ଦୀର୍ଘପଥ ଅତିକ୍ରମ କରିବାରେ ଲାଗିଥିବା ସେତେ ଅଧିକ ଅନୁଭବ କରୁଥିବା ଯେ ଯାହା କରାଯାଇଛି ତାହା ଯାହା କରିବାକୁ ବାକି ଅଛି ତାହା ତୁଳନାରେ କିଛି ବି ନୁହେଁ । ପୁଣି ଅନୁଭବ କରିବା ଯେ ଆମେ ନିଜେ ପ୍ରକୃତରେ କିଛି ବି ନୋହୁଁ, କିଛି ଜାଣି ନାହୁଁ ଓ ନିଜେ କିଛି ବି କରିବା ଲାଗି ଆମର ସାମର୍ଥ୍ୟ ନାହିଁ । କେବଳ ସେହି ଦିବ୍ୟପରମ ସତ୍ତାହିଁ ସବୁକିଛି ଜାଣନ୍ତି, ସବୁକିଛି କରିପାରନ୍ତି ଏବଂ ସେହିଁ କେବଳ ବିଦ୍ୟମାନ ରହିଛନ୍ତି । ସାର୍ ଆଇଜାକ୍ ନିଉଟନ୍ (Sir Isac Newton)ଙ୍କୁ ଭୌତିକ ବିଜ୍ଞାନର ଜନକ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଗଣିତରେ ଓ ଭୌତିକ ବିଜ୍ଞାନ କ୍ଷେତ୍ରରେ ଏହି ଇଂରାଜୀ ବୈଜ୍ଞାନିକଙ୍କ ଅବଦାନ ଅବିସ୍ମରଣୀୟ । ୧୬୮୬ ମସିହାରେ ନିଉଟନ୍‌ଙ୍କ ପ୍ରଣୀତ ଫିଲୋସୋଫିଆ ନେଚୁରାଲିସ୍ ପ୍ରିନ୍‌ସିପିଆ ମେଥମେଟିକା

(Philosophiæ Naturalis Principia Mathematica) ନାମିତ ବହିଟି ବିଜ୍ଞାନର ଇତିହାସରେ ସର୍ବାଧିକ ପ୍ରଭାବଶାଳୀ ଗ୍ରନ୍ଥ ରୂପେ ବିବେଚିତ । ତେବେ ଏହି ମହାନ୍ ବୈଜ୍ଞାନିକ ଲେଖିଛନ୍ତି – ‘‘I do not know what I may appear to the world, but to myself I seem to have been only like a boy playing on the seashore and diverting myself in now and then finding a smoother pebble or a prettier shell than ordinary, whilst the great ocean of truth lay all undiscovered before me.’’ (Isaac Newton)

ଏହାର ଭାବାନୁବାଦ ଏହିପରି ହୋଇପାରେ : ‘‘ସଂସାରର ଲୋକମାନଙ୍କ ଆଖିରେ ମୁଁ କିପରି ଦେଖାଯାଏ ତାହା ମୁଁ ଜାଣେ ନାହିଁ, କିନ୍ତୁ ମୋ ନିଜ ଦୃଷ୍ଟିରେ ମୁଁ ଜଣେ ବାଳକମାତ୍ର, ଯିଏ ମହାସାଗର ତୀରେ ଖେଳିବା ଅବସରରେ ଗୋଟାଏ ମସୃଣ ବାଲିଗରଡ଼ା କିଂବା ସୁନ୍ଦର ଶାମୁକାଟିଏ କେତେବେଳେ କେମିତି ଆବିଷ୍କାର କରୁଛି, ଯେତେବେଳେ କି ସତ୍ୟର ମହାସାଗର ମୋ ସମ୍ମୁଖରେ ଅନାବିଷ୍କୃତ ହୋଇ ପଡ଼ି ରହିଛି ।’’ ସେ ପୁଣି କହନ୍ତି : ‘‘What we know is a drop, what we don’t know is an ocean.’’ ଅର୍ଥାତ୍ – ‘‘ଆମେ ଯାହା ଜାଣୁ ତାହା ଯଦି ଗୋଟିଏ ବିନ୍ଦୁ ହୁଏ, ଯାହା ଆମେ ଜାଣି ନାହୁଁ ତାହା ଏକ ମହାସାଗର ଅଟେ ।’’ ଏହି ବିଖ୍ୟାତ ଉକ୍ତିଟି ମହାନ୍ ବୈଜ୍ଞାନିକ ନିଉଟନ୍‌ଙ୍କର ବିନୟବୋଧର ପରିଚୟ ଦିଏ ।

ଦିବ୍ୟଜନନୀ ଶ୍ରୀମାଙ୍କ ବାଣୀ ହେଲା – “The greater beings are always the most simple and modest.” (CWM, Vol. 17, p. 307)

ଅର୍ଥାତ୍, ‘‘ଉଚ୍ଚତର ସତ୍ତାଗଣ ସର୍ବଦା ଅତି ସରଳ ଓ ଶିଷ୍ଟ ଅଟନ୍ତି ।’’

ଏ ସମ୍ପର୍କରେ ଗୋଟିଏ ରୋଚକ କିଂବଦନ୍ତୀ ମନେ ପଡ଼େ ।

ମୁନି, ଋଷି, ସାଧୁ, ସନ୍ଥମାନଙ୍କ ସମାରୋହରେ ବିଶ୍ୱକଲ୍ୟାଣ ନିମିତ୍ତ ଏକ ମହାଯଜ୍ଞ ଅନୁଷ୍ଠିତ ହେଉଥାଏ ପବିତ୍ର ସରସ୍ୱତୀ ନଦୀକୂଳରେ – ଯାହା ବର୍ତ୍ତମାନ ଭୂଗର୍ଭରେ ବିଲୁପ୍ତ । ପ୍ରଶ୍ନ ହେଲା – ଯଜ୍ଞର ପ୍ରଥମ ଅର୍ଘ୍ୟ କାହାକୁ ଦିଆଯିବ ? ଦେବତାମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ? କିଏ ଏହା ନିର୍ଦ୍ଧାରଣ କରିପାରିବ ? ଏହାର ସମାଧାନ ଲାଗି ମହର୍ଷି ଭୃଗୁ ଆଗେଇ ଆସିଲେ । ଉପସ୍ଥିତ ମୁନିଋଷିମାନଙ୍କ ସମ୍ମତିକ୍ରମେ ମହର୍ଷି ଭୃଗୁ ପ୍ରଥମେ ବ୍ରହ୍ମଲୋକରେ ଯାଇ ପହଞ୍ଚିଲେ । ସେତେବେଳେ ବ୍ରହ୍ମା ଧ୍ୟାନମଗ୍ନ ଥା’ନ୍ତି ଓ ମା ସରସ୍ୱତୀ ନିକଟରେ ବୀଣାବାଦନ କରୁଥା’ନ୍ତି । ମହର୍ଷି ଭୃଗୁ ପହଞ୍ଚିବା ସଙ୍ଗେ ସଙ୍ଗେ ବ୍ରହ୍ମାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ଆରମ୍ଭ କରି ଦେଲେ । ବ୍ରହ୍ମା କ୍ରୋଧାନ୍ୱିତ ହୋଇ ଦଣ୍ଡବିଧାନ କରିବା ଲାଗି ଆଗେଇ ଆସିଲା ବେଳେ ମାତା ସରସ୍ୱତୀ ମହର୍ଷିଙ୍କ ଆଗମନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇ ପିତାମହ ବ୍ରହ୍ମାଙ୍କୁ ଶାନ୍ତ କରାଇ ନେଲେ । ତେବେ ମହର୍ଷି ଭୃଗୁ ନିଜ ପିତାଙ୍କୁ ଶାପ ଦେଲେ : ‘‘କଳିଯୁଗରେ ଆପଣ କୁତ୍ରାପି ପୂଜିତ ହେବେ ନାହିଁ ।’’ ତାହାହିଁ ହେଲା ।

ତତ୍ପରେ ମହାତେଜସ୍ୱୀ ମହର୍ଷି ଭୃଗୁ କୈଳାସ ଅଭିମୁଖେ ମହାଦେବ ଶିବଙ୍କୁ ଭେଟିବା ଲାଗି ଯାତ୍ରା କଲେ । କୈଳାସର ଦ୍ୱାର ଦେଶରେ ଶିବଙ୍କର ବାହନ ନନ୍ଦି ବାଟ ଓଗାଳି କହିଲେ : ‘‘ପ୍ରଭୁ ବର୍ତ୍ତମାନ ମାତା ପାର୍ବତୀଙ୍କ ସହ ଏକାନ୍ତରେ ବାର୍ତ୍ତାଳାପ କରୁଛନ୍ତି, ତେଣୁ ବର୍ତ୍ତମାନ ସାକ୍ଷାତ୍ କରିବା ସମ୍ଭବ ନୁହେଁ ।’’ ଏହା ଶୁଣି ମହର୍ଷି ଭୃଗୁ କ୍ରୋଧାନ୍ୱିତ ହୋଇ ଅଭିଶାପ ଦେଲେ : ‘‘ଏଣିକି ଜଗତରେ ସର୍ବତ୍ର ତାଙ୍କରି ଲିଙ୍ଗହିଁ ପୂଜିତ ହେବ ।’’ ତତ୍ପରେ ମହାତେଜସ୍ୱୀ ମହର୍ଷି ଭୃଗୁ ବୈକୁଣ୍ଠପୁରରେ ଉପସ୍ଥିତ ହୋଇ ଲକ୍ଷ୍ୟ କଲେ ଯେ ଶ୍ରୀବିଷ୍ଣୁ କ୍ଷୀରସାଗରରେ କାୟା ବିସ୍ତାର କରିଥିବା ଅନନ୍ତ-ଶେଷନାଗ କୋଳରେ ଗଭୀର ନିଦ୍ରାମଗ୍ନ ଓ ଭୁବନମୋହିନୀ ମାତା ମହାଲକ୍ଷ୍ମୀ ତାଙ୍କରି ପଦସେବା କରୁଛନ୍ତି । କ୍ଷୀର ସମୁଦ୍ରରେ ପ୍ରଚଣ୍ଡ ବିଷଧର ସର୍ପର ଛାୟାରେ ଶ୍ରୀବିଷ୍ଣୁ ଏହିପରି ଶୟନ କରିଥିବାର ସ୍ଥିତି ସୂଚାଇ ଦିଏ ଯେ ପ୍ରଭୁ ଯାବତୀୟ ଅସ୍ୱସ୍ତିକର ପରିସ୍ଥିତି ଓ ପରିବେଶରେ ମଧ୍ୟ ନିଶ୍ଚିନ୍ତ, ନିର୍ବିକାର, ଅଟଳ ଓ ଅବିଚଳିତ ରହିଥା’ନ୍ତି । ମହର୍ଷି ଭୃଗୁ ମହାନିଦ୍ରାରୁ ଉଠିବା ଲାଗି ଶ୍ରୀବିଷ୍ଣୁଙ୍କୁ ବାରଂବାର ଅନୁରୋଧ କରିବା ସତ୍ତ୍ୱେ ଶ୍ରୀବିଷ୍ଣୁଙ୍କ ସମାଧି ସ୍ଥିତି ଭଙ୍ଗ ହେଲା ନାହିଁ । ଏଥିପାଇଁ ମହର୍ଷି ଭୃଗୁ ଉତ୍‌କ୍ଷିପ୍ତ ହୋଇ ଶ୍ରୀବିଷ୍ଣୁଙ୍କ ବକ୍ଷସ୍ଥଳରେ ପ୍ରଚଣ୍ଡ ପଦାଘାତ କଲେ । ଶ୍ରୀବିଷ୍ଣୁଙ୍କ ଯୋଗନିଦ୍ରା ଭଙ୍ଗ ହେଲା । ସେ ତତ୍‌କ୍ଷଣାତ୍ ମହର୍ଷିଙ୍କ ପଦଯୁଗଳକୁ ଧରି ପକାଇ ଆଉଁସି ଦେଇ କହିଲେ, ‘‘ହେ ମୁନିଶ୍ରେଷ୍ଠ ! ଆପଣଙ୍କ ପାଦକୁ କେତେ କଷ୍ଟ ହୋଇ ନଥିବ ସତେ ! ମୋ ବକ୍ଷସ୍ଥଳ ତ ବଜ୍ରଠାରୁ କଠିନ; କିନ୍ତୁ ଆପଣଙ୍କ କୋମଳ ପାଦରେ ଆଘାତ ଲାଗି କଷ୍ଟ ଦେଇଥିବ ।’’ ଏହା କହି ଶ୍ରୀବିଷ୍ଣୁ ମହର୍ଷିଙ୍କ ପଦତଳେ ଥିବା

ତୃତୀୟ ନେତ୍ରଟିକୁ ଆଉଁସିବା ଛଳରେ ନଷ୍ଟ କରି ଦେଲେ । ମହର୍ଷିଙ୍କର ଏହି ତୃତୀୟ ନେତ୍ରହିଁ ତାଙ୍କର ଜ୍ଞାନଗରିମା ଏବଂ ଅହଂକାରର କାରଣ ହୋଇ ରହିଥିଲା; ତାହା ନଷ୍ଟ ହେଲା ପରେ ମହର୍ଷି ଯଥାର୍ଥରେ ପ୍ରଜ୍ଞାବାନ୍ ହେଲେ । ତେବେ ଶ୍ରୀବିଷ୍ଣୁଙ୍କର ବକ୍ଷସ୍ଥଳରେ ମହର୍ଷିଙ୍କର ପାଦର ଛାପ ରହିଗଲା । ତାହା ''ଶ୍ରୀବତ୍ସ ଲାଞ୍ଛନ'' ବା ''ଶ୍ରୀବତ୍ସାଙ୍କ'' ରୂପେ ଶ୍ରୀବିଷ୍ଣୁଙ୍କ ପ୍ରତ୍ୟେକ ବିଗ୍ରହର ବକ୍ଷସ୍ଥଳରେ ଦର୍ଶାଯାଇଥାଏ । ଭଗବାନ୍ ସ୍ୱୟଂ କେତେ ଯେ ବିନମ୍ର ହୋଇ ପାରନ୍ତି – ଏହା ହେଲା ତାହାର ଏକ ଜ୍ୱଳନ୍ତ ଉଦାହରଣ । ଏ ସଂକ୍ରାନ୍ତରେ ଦିବ୍ୟ ଜନନୀଙ୍କର ନିମ୍ନୋକ୍ତ ବାଣୀଟି ପ୍ରଣିଧାନ ଯୋଗ୍ୟ ।

''Paradoxical thought it may sound, the Divine who is absolutely perfect is at the same time absolutely humble – humble as nothing else can ever be.''

(CWM, Vol. 3, p. 175)

''ଏକଥା ଯଦିଓ ବିରୋଧାଭାସ ପରି ଶୁଣା ଯାଇପାରେ, ପରମ ଦିବ୍ୟସତ୍ତା ଯିଏ ଅବିମିଶ୍ର ଭାବେ ପରିପୂର୍ଣ୍ଣ, ସେ ସମକାଳରେ ସମ୍ପୂର୍ଣ୍ଣ ରୂପେ ବିନମ୍ର – ଏତେ ବିନମ୍ର ଯେ ଆଉ କେହି ବି ସେତେଟା ବିନମ୍ର ହୋଇ ନପାରେ ।''

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଜୀବନର ପ୍ରତ୍ୟେକ ଘଟଣା ବିନୟବୋଧର ଏକ ଅଭିବ୍ୟକ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ କେତେବେଳେ ବି କାହା ପ୍ରତି କ୍ରୋଧ ପ୍ରକାଶ କରିବାର ଘଟଣା କୁତ୍ରାପି ଲକ୍ଷ୍ୟ କରାଯାଇ ନାହିଁ । ପୋଲିସ ଅଣ୍ଡାରେ ବେଡ଼ି ବାନ୍ଧୁ କିଂବା ମେସ୍(mess)ରେ ଯୁବକ ସାଧକଗଣ ଅଲଣା ତରକାରି ପରସନ୍ତୁ କି ରାନ୍ଧୁଣିଆ ସ୍ୱାଦହୀନ ଖାଦ୍ୟ ପ୍ରସ୍ତୁତ କରୁ କିଂବା ଚାକର କାହାରିକୁ ଅମାନ୍ୟ କରୁ କିଂବା ଜ୍ୱର ପୀଡ଼ିତ ଯୁବକ ବହୁ ଶ୍ରମ ଓ ସମୟ ବିନିମୟରେ ଲେଖା ଯାଇଥିବା ପାଣ୍ଡୁଲିପିରେ ବାନ୍ତି କରିଦେଉ, କୌଣସି ଘଟଣାରେ କ୍ରୋଧ କିଂବା ରୋଷ ବ୍ୟକ୍ତ କରିବା ତାଙ୍କର ସ୍ୱଭାବ ବହିର୍ଭୂତ ହୋଇ ରହିଥିଲା । ଝରକାଟି ବନ୍ଦ କରି ଦେବା ଲାଗି କିଂବା ଫ୍ୟାନ୍‌ର ସ୍ୱିଚ୍‌କୁ ବ୍ୟବହାର କରିବା ଲାଗି ଅନୁରୋଧ କରିବାରେ ମଧ୍ୟ ବିନୟବୋଧର ବିରଳ ଆଭାସ ରହିଥାଏ । ସେ ଥିଲେ ନମ୍ରତା ଓ ଶାଳୀନତାର ମୂର୍ତ୍ତିମନ୍ତ ପ୍ରତୀକ ବା ଚଳନ୍ତି ପ୍ରତିମା । ଏହା କହିବାହିଁ ଆପଣାର ଏକ ଧୃଷ୍ଟତା ପରି ବୋଧ ହୁଏ ।

### ଅତିମାନସ ନମ୍ରତା ସମ୍ପର୍କରେ ଶ୍ରୀମାଙ୍କ ଉକ୍ତି

ବିନୟ ବା ନମ୍ରତାକୁ ଆମେ ଆମ ଚେତନାର ସେହି ସ୍ତର ବୋଲି ଜାଣିବା ଯେଉଁଥିରେ କି ତୁମର ଉପଲବ୍ଧି ଯାହା ହୋଇଥାଉ ପଛକେ, ଅନନ୍ତହୀନ ପରମସତ୍ତାଙ୍କୁ ତୁମେ ତଥାପି ତୁମ ସମ୍ମୁଖରେ ଉପସ୍ଥିତ ରହିଥିବା ପରି ଅନୁଭବ କରୁଥିବ । ନିଃସ୍ୱାର୍ଥପର ପ୍ରଶଂସାର ଯେଉଁ ଅତିବିରଳ ଗୁଣଟି ବିଷୟରେ ମୁଁ ତୁମ୍ଭମାନଙ୍କୁ କହିଛି ସେଇଟିକୁ ମଧ୍ୟ ଆମେ ନମ୍ରତାର ଆଉ ଗୋଟିଏ ବିଭାବ ବୋଲି ଜାଣିବା । କାରଣ ଯିଏ ଗୋଟା ସୁଦ୍ଧା ଉଦ୍ଧତ ହୋଇ ରହିଥିବ କେବଳ ସିଏହିଁ ଗୁଣର ପ୍ରଶଂସା କରିବାକୁ ଅସମ୍ମତ ହେବ ଏବଂ ଆପଣାର କ୍ଷୁଦ୍ର କୃତିତ୍ୱଗୁଡ଼ାକୁ ନେଇ ପରମ ଆତ୍ମସନ୍ତୋଷ ଅନୁଭବ କରିବାରେ ଲାଗିଥିବ । ଆପଣା ସମ୍ମୁଖରେ ଯେଉଁ ଅନନ୍ତହୀନ ସତ୍ତା ବିରାଜିତ ଅଛନ୍ତି ସେ ଏକାବେଳକେ ବିସ୍ମୃତ ହୋଇ ରହିଥିବେ । ତୁମ ଭିତରେ ସାରବତ୍ତା ଅଥବା ଦିବ୍ୟତା ବୋଲି କିଛି ନ ଥିଲାବେଳେ ଯେ ତୁମେ କେବଳ ନମ୍ର ହେବ ସେକଥା ମୋଟେ ନୁହେଁ, ମାତ୍ର ତୁମେ ଯେତେବେଳେ ଆତ୍ମ ରୂପାନ୍ତରର ମାର୍ଗରେ ଅଗ୍ରସର ହୋଇ ଯାଉଥିବ ସେତେବେଳେ ମଧ୍ୟ ତୁମକୁ ନମ୍ର ରହିବାକୁ ପଡ଼ିବ । ଏକଥା ହୁଏତ ପରସ୍ପର-ବିରୋଧୀ ବୋଲି ବୋଧ ହୋଇପାରେ । ପରମ ଦିବ୍ୟସତ୍ତା ହେଉଛନ୍ତି ଗୋଟିଏ ଦିଗରେ ସର୍ବପରିପୂର୍ଣ୍ଣତାଯୁକ୍ତ ଏବଂ ଆଉ ଗୋଟିଏ ଦିଗରେ ଏକାନ୍ତ ନମ୍ରତାଯୁକ୍ତ; – ଏତେ ନମ୍ରତାଯୁକ୍ତ ଯେ ଆଉ କୌଣସି ବସ୍ତୁ ସେତେ ଦୂର ନମ୍ରତାଯୁକ୍ତ ହୋଇ କଦାପି ରହିପାରିବ ନାହିଁ । ସିଏ ଆତ୍ମପ୍ରଶଂସାରେ ଆପଣାର କ୍ଷଣେ ମାତ୍ର ସମୟ ବି କେବେହେଲେ ଦିଅନ୍ତି ନାହିଁ : ଏଣେ ସେ ହେଉଛନ୍ତି ସବୁକିଛି; ତଥାପି ଯାହାକିଛି ତାଙ୍କଠାରୁ ଏବେ ମଧ୍ୟ ଅସଂପୃକ୍ତ ହୋଇ ରହିଛି, ସିଏ ଆପଣାକୁ ତାହାରି ଭିତରେ ଆବିଷ୍କାର କରିବା ଲାଗି ସତତ ପଥ ସନ୍ଧାନ କରୁଥା'ନ୍ତି । ଏବଂ ଠିକ୍ ସେହି କାରଣରୁ ସିଏ ଆପଣାର ସତ୍ତା ମଧ୍ୟରେ ଏତେ ବୃହତ୍‌କାୟ ଭାବରେ ତାଙ୍କଠାରୁ ବର୍ଜିତ ହୋଇ ରହିଥିବା ଏହି ସବୁକିଛିର ସର୍ଜନା କରିଛନ୍ତି, ଏହି ପ୍ରାତିଭାସିକ ଜଗତକୁ ସୃଷ୍ଟି କରିଛନ୍ତି, ସିଏ ଆପଣାକୁ ଏପରି ଏକ ରୂପାୟତନ ମଧ୍ୟରେ ଆଣି ପ୍ରବିଷ୍ଟ କରାଇଛନ୍ତି, ଯେଉଁଥିରେ କି ସେ କାଳର ଭୂମି ଉପରେ ଅନନ୍ତହୀନ ଭାବରେ ଶାଶ୍ୱତ ଚେତନା ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଧାରଣ କରି ରହିଥିବା ସାରବସ୍ତୁଟିର ଅନନ୍ତ ଉପାଦାନଗୁଡ଼ିକୁ ଆବିଷ୍କାର ଓ ଉଦ୍‌ଘାଟିତ କରିବାରେ ଲାଗିଥିବେ ।...

''ବାହ୍ୟତଃ ଜଡ଼ ସବୁଠାରୁ ଅଧିକ ପରିମାଣରେ ଅଦିବ୍ୟ ହୋଇରହିଛି, ଏବଂ ସେହି ଜଡ଼ର ସୋପାନରେ ଏକ ରୂପାନ୍ତର ସାଧନ ଘଟାଇବାକୁହିଁ ପରମେଶ୍ୱରଙ୍କର ଏହି ଅନିର୍ବଚନୀୟ **ବିନମ୍ରତାର ଏକ ସର୍ବୋତ୍ତମ ସର୍ବବୃହତ୍ ବିଜୟ ବୋଲି** କୁହାଯାଇ ପାରିବ । ପରିଶେଷରେ ଏହିପରି ଜଡ଼ ଯେତେବେଳେ ରୂପାନ୍ତରିତ ହୋଇଯିବ ସେତେବେଳେ **ଅତିମାନସ ନମ୍ରତା ତାହାର ଏକ ସ୍ୱଭାବଗତ ଗୁଣ ହୋଇ ରହିବ ।''**

(ମାତୃରଚନାବଳୀ-୩, ପୃ. ୨୮୦-୨୮୧)

ଏହାପରେ ଶ୍ରୀମା ବୁଝାଇବାକୁ ଯାଇ କହୁଛନ୍ତି ଯେ ରୂପାନ୍ତରିତ ଶରୀରରେ ୪ଟି ଗୁଣ ପରିଲକ୍ଷିତ ହେବ – ଲଘୁତା, ଅନ୍ତହୀନ ଅନୁକୂଳତା ବା ସ୍ୱଚ୍ଛତା, ନମନୀୟତା ଏବଂ ଭାସ୍ୱରତା (lightness, adaptability or transparancy, plasticity and luminosity.) ।

(CWM, Vol. 3, p. 175)

''ଜଡ଼ ଶରୀର ସମ୍ପୂର୍ଣ୍ଣ ରୂପେ ରୂପାନ୍ତରିତ ହୋଇ ଦିବ୍ୟ ଶରୀରରେ ପରିଣତ ହେଲେ ସେତେବେଳେ ତାହା ସତେ ଅବା ପବନରେ ଚାଲୁଥିବା ପରି ଅନୁଭବ କରୁଥିବ, ସେଥିରେ କୌଣସି ଗୁରୁଭାରଯୁକ୍ତତା ରହିବ ନାହିଁ, କୌଣସି ତମଃ ରହିବ ନାହିଁ ବା ଅଚେତନା ରହିବ ନାହିଁ । ଅନୁକୂଳତାର କ୍ଷେତ୍ରରେ ତା'ର ସାମର୍ଥ୍ୟର କୌଣସି ସୀମା ରହିବ ନାହିଁ; ତାହାକୁ ସେତେବେଳେ ଯେକୌଣସି ପରିବେଶରେ ରଖାଗଲେ ମଧ ତାହା ଅନାୟାସରେ ତତ୍‌କ୍ଷଣାତ୍ ତା' ଉପରେ କରାଯାଉଥିବା ଦାବି ଅନୁସାରେ ଯଥା ସମର୍ଥ ହୋଇ କାର୍ଯ୍ୟ କରିପାରିବ ।... ଯେତେବେଳେ ପ୍ରତିକୂଳଶକ୍ତି ଆସି ସେହି ଶରୀରରେ ପ୍ରବେଶ କରିବାକୁ ଚେଷ୍ଟା କରୁଥିବ, **ଅତିମାନସ ନମ୍ରତା ସେହିସବୁ ଶକ୍ତିର** ଯାବତୀୟ ଆକ୍ରମଣର ସମ୍ମୁଖୀନ ହେବା ଲାଗି ସେତେବେଳେ ଶରୀରଟିକୁ ସମର୍ଥ କରି ରଖିବ । ଶରୀର ସେହି ଆକ୍ରମଣଗୁଡ଼ିକ ଆଗରେ ସେତେବେଳେ କୌଣସି ପ୍ରକାର ତନ୍ଦ୍ରାଯୁକ୍ତ ପ୍ରତିରୋଧ କରିବାକୁ ଚେଷ୍ଟା କରିବ ନାହିଁ । ମାତ୍ର, ତାହା ଅନ୍ୟ ପକ୍ଷରେ ଏତେ ଅଧିକ ପରିମାଣରେ ନମନୀୟଶୀଳ ହୋଇରହିଥିବ ଯେ ତାହା ଶକ୍ତିଗୁଡ଼ିକୁ ଅତିକ୍ରାନ୍ତ କରିଯିବା ଲାଗି ବାଟ ଛାଡ଼ିଦେବ ଏବଂ ସେହି ଉପାୟରେହିଁ ସେଗୁଡ଼ିକର ଶକ୍ତିକୁ ଚୂର୍ଣ୍ଣ କରିଦେବ । ତେଣୁ, ତାକୁ ଆଉ କୌଣସି କ୍ଷତିକାରକ ପରିଣାମ ଭୋଗ କରିବାକୁ ପଡ଼ିବ ନାହିଁ । ଏବଂ ସାଂଘାତିକ ଯେତେ ଭୟଙ୍କର ଆକ୍ରମଣଗୁଡ଼ିକ ମଧ ତାହାକୁ ତଥାପି ଅକ୍ଷତ ଛାଡ଼ି ଦେଇଯିବ ।

(CWM, Vol. 3, p. 175)

## ବିନୟବୋଧର ଉପଯୋଗିତା

ଦିବ୍ୟଜନନୀ ଶ୍ରୀମାଙ୍କ ଭାଷାରେ :

"A true and sincere humility is our safeguard – it is the surest way to the indispensable dissolution of the ego... Without them each step is a danger; with them the victory is certain.''

(CWM, Vol. 14, p. 153)

ଏହାର ଭାବାନୁବାଦ ହେଲା –

''ଯଥାର୍ଥରେ ଏକ ଆନ୍ତରିକତାଯୁକ୍ତ ବିନୟବୋଧ ହେଉଛି ଆମର ରକ୍ଷାକବଚ – ଅହଂ ବିଲୁପ୍ତିର ସେହି ଅପରିହାର୍ଯ୍ୟ ଲକ୍ଷ୍ୟ ସାଧନ ଲାଗି ଏହାହିଁ ନିଶ୍ଚିତତମ ମାର୍ଗ ।... ଏହି ଦୁଇଟି ଗୁଣ ନଥିଲେ ଆମକୁ ପଦେ ପଦେ ବିପଦର ସମ୍ମୁଖୀନ ହେବାକୁ ପଡ଼ିବ; କିନ୍ତୁ ସେସବୁ ସାଙ୍ଗରେ ରହିଥିଲେ ବିଜୟ ସୁନିଶ୍ଚିତ ।''

ଯଥାର୍ଥରେ ବିନୟବୋଧହିଁ ଯାବତୀୟ ପ୍ରତିକୂଳ ଆକ୍ରମଣ ବିରୁଦ୍ଧରେ ଏକ ନିଶ୍ଚିତତମ ରକ୍ଷାକବଚ ରୂପେ କାର୍ଯ୍ୟ କରିଥାଏ । ବସ୍ତୁତଃ, ମନୁଷ୍ୟ ସତ୍ତାର ଜୀବନକ୍ଷେତ୍ରରେ ସର୍ବଦା ଏହି ଗର୍ବରୂପୀ କବାଟଟି ଉପରେହିଁ ପରମ ବୈରୀଟି ଆସି କର ବାଡ଼େଇ ଥାଏ, କାରଣ ଏହି କବାଟଟିହିଁ ତାହାକୁ ଭିତରକୁ ଡାକି ଆଣିବା ଲାଗି ଆପେ ଆପେ ଖୋଲି ଯାଇଥାଏ ।

ଶ୍ରୀମାଙ୍କ ଉକ୍ତି ହେଲା – "Whatever is your personal value or even your individual realisation, the first quality required in yoga is *humility."* (CWM, Vol. 14, p. 153)

ଅର୍ଥାତ୍, ''ଜଣେ ବ୍ୟକ୍ତି ହିସାବରେ ତୁମର ମୂଲ୍ୟ ତଥା ଉପଲବ୍ଧି ଯାହା ହୋଇଥାଉ ନା କାହିଁକି, 'ବିନୟ' ହେଉଛି ଯୋଗ ସାଧନାରେ ଆବଶ୍ୟକ ହେଉଥିବା ସର୍ବପ୍ରଥମ ଗୁଣ ।''

ପୁଣି ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଉକ୍ତି ହେଲା :

''Humility before the Divine is also a

sine qua non of the spiritual life, and spiritual pride, arrogance or vanity and selfassurance press always downward.''

(CWSA, Vol. 29, p. 42)

ଅର୍ଥାତ୍, ''ଆଧ୍ୟାତ୍ମିକ ଜୀବନ ନିମିତ୍ତ ପରମ ଦିବ୍ୟସତ୍ତାଙ୍କ ସମ୍ମୁଖରେ ବିନୟବୋଧ ଏକ ଅପରିହାର୍ଯ୍ୟ ଆବଶ୍ୟକତା ରୂପେ ରହିଥାଏ ଓ ଆଧ୍ୟାତ୍ମିକ ଗର୍ବ, ଔଦ୍ଧତ୍ୟ, ବୃଥା ଆସ୍ଫାଳନ, ଆତ୍ମପ୍ରତ୍ୟୟତା ସର୍ବଦା ନିମ୍ନଗାମୀ କରିଦିଏ ।''

ଅନେକ ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟରେ ନିମ୍ନୋକ୍ତ ଶ୍ଳୋକଟିକୁ ସେମାନଙ୍କର ସ୍ୱୀକୃତ-ଆଦର୍ଶର ନିୟାମକ (Motto) ରୂପେ ବ୍ୟବହାର କରିଥା'ନ୍ତି ।

ଶ୍ଳୋକଟି ହେଲା –

''ବିଦ୍ୟା ଦଦାତି ବିନୟଂ ବିନୟାଦ୍ ଯାଣି ପାତ୍ରତାମ୍,
ପାତ୍ରତ୍ୱାଦଧନ ମାପ୍ନୋତି ଧନାଦ ଧର୍ମ ତତଃ ସୁଖମ୍ ।''

(ସଂସ୍କୃତ ନୀତି ସଂଗ୍ରହ)

ଏହାର ଭାବାର୍ଥ ହେଲା : ''ଯଥାର୍ଥ ଜ୍ଞାନ ବିନୟ ପ୍ରଦାନ କରେ । ବିନୟବୋଧ ଯୋଗ୍ୟତା ପ୍ରଦାନ କରେ । ଯୋଗ୍ୟତା ଯୋଗୁଁ ଧନ ଆସେ । ଧନ ବିନିମୟରେ ଧର୍ମ ସଞ୍ଚୟ କରାଯାଏ । ଧର୍ମ ଯୋଗୁଁ ସୁଖ ପ୍ରାପ୍ତ ହୁଏ ।''

ଅପର ପକ୍ଷେ ବିନୟବୋଧ ନଥିଲେ ବିଦ୍ୟାର୍ଜନ କରିବା ସମ୍ଭବ ନୁହେଁ । ଶାସ୍ତ୍ରରେ କୁହାଯାଇଛି ''ପ୍ରଣିପାତେନ, ପରିପ୍ରଶ୍ନେନ ସେବୟା'' – ଜ୍ଞାନ ଅର୍ଜନ କରିବାର ଯଥାର୍ଥ ଉପାୟ ।

''ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ॥''

(ଶ୍ରୀମଦ୍ ଭଗବଦ୍ ଗୀତା, ୪ର୍ଥ ଅଧ୍ୟାୟ, ୩୪ ଶ୍ଳୋକ)

ଭଗବାନ୍ ଶ୍ରୀକୃଷ୍ଣ ଯଥାର୍ଥ ଜ୍ଞାନଲାଭର ଉପାୟ ଅର୍ଜୁନଙ୍କୁ କହୁଛନ୍ତି । ଗୁରୁଚରଣରେ ବିନୟର ସହ ଦଣ୍ଡବତ ପ୍ରଣାମ କରିବା ଦ୍ୱାରା, ଯଥାର୍ଥ ଜାଣିବାର ଇଚ୍ଛା ନେଇ ପ୍ରଶ୍ନ ପଚାରିବା ଦ୍ୱାରା ଓ ଗୁରୁଙ୍କର ସେବା କରିବା ଦ୍ୱାରା ଶ୍ରୋତ୍ରିୟ ଓ ବ୍ରହ୍ମଜ୍ଞ ଗୁରୁଙ୍କଠାରୁ ଯଥାର୍ଥ ଜ୍ଞାନ ପ୍ରାପ୍ତ ହୋଇଥାଏ ।

ବିନୟବୋଧ ଜ୍ଞାନଲାଭ କରିବାରେ ସହାୟକ ହୁଏ । ଜ୍ଞାନଲାଭ କଲେ ଜଣେ ବିନୟୀ ହୁଏ ।

''ନମନ୍ତି ଫଳିନୋ ବୃକ୍ଷାଃ ନମନ୍ତି ଗୁଣିନୋ ଜନାଃ,
ଶୁଷ୍କ ବୃକ୍ଷଶ୍ଚ ମୂର୍ଖଶ୍ଚ ନ ନମନ୍ତି କଦାଚନ ।''

– ସଂସ୍କୃତ ସୁଭାଷିତ

ଅର୍ଥାତ୍, ଫଳନ୍ତି ବୃକ୍ଷ ଓ ଗୁଣବାନ୍ ବ୍ୟକ୍ତି ସର୍ବଦା ନଇଁ ପଡ଼ନ୍ତି, ଅନ୍ୟପକ୍ଷେ ଶୁଷ୍କକାଠ ଓ ମୂର୍ଖବ୍ୟକ୍ତି କଦାପି ନଇଁ ନଥା'ନ୍ତି । ଜ୍ଞାନୀମାନେ ଶିଷ୍ଟ, ବିନମ୍ର ହୁଅନ୍ତି; ମୂର୍ଖମାନଙ୍କର ନମ୍ରତାବୋଧ ନଥାଏ । ଫଳଭରା ବୃକ୍ଷ ଭୂମିକୁ ସ୍ପର୍ଶ କରିଥାଏ, ଠିକ୍ ସେହିପରି ଗୁଣୀଜ୍ଞାନୀ ମଣିଷ ସମସ୍ତଙ୍କ ପ୍ରତି ନମ୍ର ବ୍ୟବହାର କରିଥାନ୍ତି ।

Agenda ରେ ଶ୍ରୀମା' କହନ୍ତି :

"Humility, a perfect humility, is the condition for all realization. The mind is so cocksure. It thinks it knows everything, understands everything. And if ever it acts through idealism to serve a cause that appears noble to it, it becomes even more arrogant more intransigent, and it is almost impossible to make it see that there might be something still higher beyond its noble conceptions and its great altruistic or other ideals. Humility is the only remedy. I am not speaking of humility as conceived by certain religions, with this God that belittles his creatures and only likes to see them down on their knees. When I was a child, this kind of humility revolted me, and I refused to believe in a God that wants to belittle his creatures. I don't mean that kind of humility, but rather the recognition that one does not know, that one knows nothing, and that there may be something beyond what presently appears to us as the truest, the most noble or disinterested. True humility consists in constantly referring oneself to the Lord, in placing all before Him. When I receive a blow (and there are quite a few of them in my sadhana), my immediate, spontaneous reaction, like a spring, is to throw myself before Him and to say, 'Thou, Lord.' Without this humility,

I would never have been able to realize anything. And I say ‘I’ only to make myself understood, but in fact ‘I’ means the Lord through this body, his instrument. When you begin living THIS kind of humility, it means you are drawing nearer to the realization. It is the condition, the starting point.”

(Mother's Agenda, December 21, 1957)

ଏହାର ଭାବାନୁବାଦ ହେଲା –

‘‘ବିନୟ, ଏକ **ପୂର୍ଣ୍ଣାଙ୍ଗ ବିନୟ** ଯାବତୀୟ ଉପଲବ୍ଧି ନିମିତ୍ତ ଏକ ମାତ୍ର ସର୍ତ୍ତ ହୋଇ ରହିଛି । ମନ ସର୍ବଦା ଆତ୍ମ-ପ୍ରତ୍ୟୟ ସମ୍ପନ୍ନ (ସବ୍ ଜାନତା) । ସେ ଭାବେ ଯେ ସେ ସବୁ ଜାଣିଛି, ସବୁ ବୁଝିଛି ଓ ଯଦି ତାହା କେବେ ନିଜର ଲକ୍ଷ୍ୟ ହାସଲ କରିବା ଲାଗି ନିଜକୁ ମହାନ୍ ବୋଧ ହେଉଥିବା କୌଣସି ଆଦର୍ଶକୁ ଅନୁସରଣ କରୁଥାଏ ତେବେ ତଦ୍ଦ୍ୱାରା ସେ ଏତେ ଦାମ୍ଭିକ ବା ଉଦ୍ଧତ, ଅମାନ୍ୟ ବା ଅବାଧ ହୋଇ ଯାଇଥାଏ ଯେ ତା’ର ଊର୍ଦ୍ଧ୍ୱରେ ତଦ୍ ଅପେକ୍ଷା ଆହୁରି ଅଧିକ ମହତ୍ତର ବା ବୃହତ୍ତର ପରୋପକାରୀ ବା ନିଃସ୍ୱାର୍ଥପର ଅନ୍ୟ ଆଦର୍ଶମାନ ଥାଇପାରେ ବୋଲି ତା’କୁ ହୃଦ୍‌ବୋଧ କରାଇବା ଅସମ୍ଭବ ହୋଇ ପଡ଼େ । **ନମ୍ରତାହିଁ** ଏକମାତ୍ର ପ୍ରତିକାର । ମୁଁ ଧର୍ମମାନଙ୍କରେ କଳନା କରାଯାଇଥିବା ସେହି ଭଗବାନଙ୍କ କଥା କହୁ ନାହିଁ ଯେଉଁମାନେ ଆପଣା ସୃଷ୍ଟ ଜୀବମାନଙ୍କୁ ସର୍ବଦା ନତଜାନୁ ହୋଇ ସେମାନଙ୍କ ସମ୍ମୁଖରେ ରହିଥିବାର ଅବସ୍ଥାକୁ ପସନ୍ଦ କରନ୍ତି । ମୁଁ ଯେତେବେଳେ ଶିଶୁଟିଏ ଥିଲି, ଏହି ପ୍ରକାର **ନମ୍ରତା** ମୋ ମନରେ ବିଦ୍ରୋହ ସୃଷ୍ଟି କରୁଥିଲା । ସୃଷ୍ଟି କରିଥିବା ଆପଣା ଜୀବମାନଙ୍କୁ ଘୃଣା ବା ହେୟ ମନେ କରୁଥିବା ଭଗବାନଙ୍କୁ ବିଶ୍ୱାସ କରିବା ଲାଗି ମୁଁ ଅସ୍ୱୀକାର କରୁଥିଲି । ସେହି ପ୍ରକାର **ନମ୍ରତା** ମୋର ଗ୍ରହଣୀୟ ନଥିଲା । ବରଂ ଜଣେ ସ୍ୱୟଂ କିଛି ବି ଜାଣେ ନାହିଁ ଓ ବର୍ତ୍ତମାନ ଆମ୍ଭମାନଙ୍କୁ ସର୍ବୋତ୍ତମ, ମହତ୍ତମ କିଂବା ଅଗ୍ରହଣୀୟ ସତ୍ୟ ବୋଲି ମନେ ହେଉଥିବା ତା’ର ପରପାରରେ ଅନ୍ୟ କିଛି ଥାଇପାରେ – ଏହି ପ୍ରକାର ମନୋଭାବକୁ ମୁଁ ସ୍ୱୀକାର କରେ । **ଯଥାର୍ଥ ନମ୍ରତା** ହେଲା ନିରନ୍ତର ପରମ ପ୍ରଭୁଙ୍କ ନିକଟରେ ନିଜକୁ ନିବେଦନ କରିବା ଓ କହିବା – ‘‘ତୁମେହିଁ କେବଳ’’ (ତ୍ୱମେବ କେବଳଂ) ।... ଏହିପରି ବିନୟବୋଧ ବ୍ୟତୀତ ମୁଁ କୌଣସି କିଛି ଉପଲବ୍ଧି କରିପାରି ନଥା’ନ୍ତି । ଏବଂ ମୁଁ କହେ, ପ୍ରଭୁ ଏହି ଶରୀର ଅର୍ଥାତ୍ ତାଙ୍କର ଏଇ ଯନ୍ତ୍ର ମାଧ୍ୟମରେ କେବଳ ବୋଧଗମ୍ୟ ହେବା ଲାଗି ବା ବୁଝିବା ଲାଗି ନିଜକୁ ‘ମୁଁ’ ବୋଲି ଯାହା ନିର୍ଦ୍ଦେଶିତ କରୁଛି ।... ଯେତେବେଳେ ତୁମେ ଏହି ପ୍ରକାର **ବିନୟବୋଧକୁ** ନେଇ ଜୀବନ ବଞ୍ଚିବାକୁ ଆରମ୍ଭ କରିବ, ତେବେ ତାହାର ଅର୍ଥ ହେଲା ତୁମେ ଉପଲବ୍ଧିର ନିକଟତର ହେବା ଲାଗି ଆଗେଇ ଚାଲିଛ । ଏହା ହେଲା ସର୍ତ୍ତ, ପ୍ରାରମ୍ଭ ବିନ୍ଦୁ ।’’

(କ୍ରମଶଃ)

❑❑❑

ଦିବ୍ୟକୃପା ଉପରେ ଅବିଚଳ ଆସ୍ଥା ଏବଂ ବିଶ୍ୱାସ ସହକାରେ କେବଳ ମାତ୍ର ସର୍ବସଂହତ ଭାବେ ଶାନ୍ତିମୟ ଏବଂ ଅଚଞ୍ଚଳ ରହିବା ଦ୍ୱାରାହିଁ ତୁମେ ପରିସ୍ଥିତିସବୁ ଯେତିକି ଉତ୍ତମ ହେବା ସମ୍ଭବ, ତାହା ହେବା ଦିଗରେ ପଥ ସୁଗମ କରିପାରିବ । **ସବୁଠୁଁ ଉତ୍ତମ ସର୍ବଦା ସଂଘଟିତ ହୁଏ** ସେହିମାନଙ୍କ କ୍ଷେତ୍ରରେ ଯେଉଁମାନେ ସେମାନଙ୍କ ସମଗ୍ର ବିଶ୍ୱାସ ଭଗବାନଙ୍କ ଉପରେ ଏବଂ **କେବଳ ମାତ୍ର** ଭଗବାନଙ୍କ ଉପରେହିଁ ନ୍ୟସ୍ତ କରିଥା’ନ୍ତି ।

– ଶ୍ରୀମା

# କବି ନିଶିକାନ୍ତ

## (୨୨)

ହେ କନକୋଜ୍ଜ୍ୱଳ, ସବିତା-ବରଣୀ,
ଜନନୀ ମୀରା, ତାମସ-ହରଣୀ,
ମଳିନ-ମହିର୍ ତଳେ ଅବତୀର୍ଣ୍ଣା,
ତୁମି ବୈକୁଣ୍ଠ-ବିକାଶ-ବିକୀର୍ଣ୍ଣା,
ଅମରାମର୍ମବିମଣ୍ଡିତ ଅମଳେ,
ମା, ଲହ ପ୍ରଣାମ ତବ ପଦ-କମଳେ ।

– ନିଶିକାନ୍ତ

('ପ୍ରଣାମ' : 'ବନ୍ଦେ ମାତରମ୍' କାବ୍ୟଗ୍ରନ୍ଥ)

ନଳିନୀକାନ୍ତଙ୍କ ଉକ୍ତିରେ : ''ନିଶିକାନ୍ତଙ୍କର କାବ୍ୟ ତଥା ତାଙ୍କ ଜୀବନର ବୀଜମନ୍ତ୍ର ହେଉଛି ମାତୃମନ୍ତ୍ର ।... ଏବଂ ଯେଉଁ ଅନୁଷ୍ଠାନରେ, ଯେଉଁ ଶାରୀର କ୍ରିୟାରେ, ଯେଉଁ ଯନ୍ତ୍ରକୁ ଆଶ୍ରୟ କରି ଏ ମନ୍ତ୍ର ସାଧିତ ହୋଇଛି, ତା' ହେଉଛି ଭୂଲୁଣ୍ଠିତ ପ୍ରଣତି, ସାଷ୍ଟାଙ୍ଗ ପ୍ରଣାମ ।... ଏବଂ ଯେଉଁ ଆଦିରସରେ ଜାରିତ, ପ୍ରାଣିତ ସେଇ ମନ୍ତ୍ରଟି ହେଉଛି – 'ସା ପରାନୁରକ୍ତି' ।''

(ବଙ୍ଗଳା 'ପୁରୋଧା', ଜୁଲାଇ ୧୯୭୩, ପୃ. ୭୧)

ସୁଭାଷ ଘୋଷାଲ ବର୍ଣ୍ଣନା କରିଛନ୍ତି : ''ନିଶିକାନ୍ତଙ୍କର 'ଅଲକାନନ୍ଦା' (୧୯୪୦) ଓ 'ଦିଗନ୍ତ' (୧୯୪୪) ପ୍ରକାଶ ପାଇବା ପରେ ୧୯୫୧ ('ନବଦୀପନ' ପ୍ରକାଶ) ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ କାବ୍ୟଗ୍ରନ୍ଥ ପ୍ରକାଶ ପାଇଛି ।... ଏ କ୍ଷେତ୍ରରେ ଗୋଟିଏ କଥା ଉଲ୍ଲେଖ କରିବା ଆବଶ୍ୟକ : ଶ୍ରୀମା ଚିରଦିନ ସକାଶେ ଭାରତକୁ ଚାଲି ଆସିଛନ୍ତି ୨୪ ଏପ୍ରିଲ ୧୯୨୦ରେ । ତାଙ୍କର ସେଇ ଆଗମନର ପଚିଶ ବର୍ଷ ପୂର୍ତ୍ତି ହୁଏ ୧୯୪୫ରେ । ଇତି ମଧ୍ୟରେ ସାରା ଜଗତବ୍ୟାପୀ ମହାସମରର ହୃଦୟ ବିଦାରକ ଓ ହୃଦୟହୀନତାର ପରିସ୍ଥିତିରେ ଦେଶ-ଦେଶାନ୍ତରରେ ଯେଉଁ ନିଷ୍ପ୍ରଦୀପ ବା ଅନ୍ଧକାରମୟ ପଟଭୂମିର ସୃଷ୍ଟି ହୁଏ, ସେହି ପରିସ୍ଥିତିରେ ପରାଜୟ ସ୍ୱୀକାର ନକରି ଶ୍ରୀମା'ଙ୍କର ଏଇ ଆଗମନୀର* ରଜତ ଜୟନ୍ତୀ ବର୍ଷରେ ପ୍ରଜ୍ୱଳିତ ହୋଇ ଉଠିଛି କବିଙ୍କର 'ପଁଚିଶ ପ୍ରଦୀପ' କାବ୍ୟଗ୍ରନ୍ଥ । ପୁନଶ୍ଚ ୧୯୪୬ରେ ଶ୍ରୀଅରବିନ୍ଦଙ୍କର ସପ୍ତତି ବର୍ଷ ଜନ୍ମତିଥି ଉପଲକ୍ଷେ ୧୫ ଅଗଷ୍ଟରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଶ୍ରୀଚରଣ କମଳରେ ଉତ୍ସର୍ଗୀକୃତ ତାଙ୍କର 'ଦିନେର୍ ସୂର୍ଯ୍ୟ' କାବ୍ୟଗ୍ରନ୍ଥ । ସାତୋଟି ଅଧ୍ୟାୟରେ ସଜ୍ଜିତ ସମୁଦାୟ ୧୫୧ଟି ସ୍ତବକର ସମାହାର ଘଟିଛି ଏଇ ଗ୍ରନ୍ଥରେ ।

''କିନ୍ତୁ ୧୯୫୨ରୁ ତାଙ୍କର ଦେହାବସାନ (୧୯୭୩) ପର୍ଯ୍ୟନ୍ତ ଏଇ ଦୀର୍ଘ ସମୟ ମଧ୍ୟରେ ତାଙ୍କର କୌଣସି ଗ୍ରନ୍ଥ ପ୍ରକାଶିତ ହୋଇନି । ମରଣୋତ୍ତର ତାଙ୍କର ଦୁଇଟି ଗ୍ରନ୍ଥ 'ଶିଖା ଶତଦଳ' ଓ 'ଲୀଳାୟନ' । 'ଶିଖା ଶତଦଳ'ରେ ସନ୍ନିବେଶିତ ଶହେଟି କବିତା କବି ନିଶିକାନ୍ତଙ୍କର ସ୍ୱ-ନିର୍ବାଚିତ ଶ୍ରୀଅରବିନ୍ଦ ଶତବାର୍ଷିକୀ କାବ୍ୟ-ସଂକଳନ । କବିଙ୍କର ଜୀବଦ୍ଦଶାରେ ତାଙ୍କର ଶତବାର୍ଷିକୀ ଗ୍ରନ୍ଥ ପ୍ରକାଶିତ ନହୋଇ ପାରିଲେ ମଧ୍ୟ କବି ଦେଖି ଯାଇଛନ୍ତି ଏହାର ଶହେ ପୃଷ୍ଠାର ପୂର୍ଣ୍ଣ ପରିକଳ୍ପନା; ଦେଖିଛନ୍ତି ଏହାର ଅର୍ଦ୍ଧାଂଶ ମୁଦ୍ରଣ ଏବଂ ଅନୁମୋଦନ କରି ଯାଇଛନ୍ତି ଆଶ୍ରମ ଶିଳ୍ପୀ ସଞ୍ଜୀବନଙ୍କ କୃତ ପ୍ରଚ୍ଛଦପଟ୍ଟ । ଏହି କାବ୍ୟ-ସଂକଳନଟିରେ ରହିଛି ତାଙ୍କର ଏକ ପ୍ରସିଦ୍ଧ କବିତା 'ପଣ୍ଡିଚେରୀର୍ ଈଶାନ୍ କୋଣେର୍ ପ୍ରାନ୍ତର୍' ।''

('ନିଶିକାନ୍ତ', ପୃ. ୩୮ - ୩୯)

'ସାଧକ କବି ନିଶିକାନ୍ତ ପ୍ରସଙ୍ଗେ' କହିବାକୁ ଯାଇ ନୀରଦବରଣ ଉଲ୍ଲେଖ କରିଛନ୍ତି : ''ତା'ପରେ (୧୯୫୧ ପରେ) ତାଙ୍କର ଦୀର୍ଘ ପନ୍ଦର-କୋଡ଼ିଏ ବର୍ଷର ନୀରବତା । କବି ଯେତେବେଳେ ପ୍ରାୟ ଶଯ୍ୟାଶାୟୀ, ରଚନା କଲେ ତାଙ୍କର ଦୀର୍ଘତମ ଶେଷ କବିତା 'ଲୀଳାୟନ' । ତାଙ୍କ ନିଜ ଭାଷାରେ, 'ଲେଖକ ଏଇ ଧରଣର ଜୀବନ କାହାଣୀମୂଳକ ଗୀତିକାବ୍ୟ ବା ପାଲାକୀର୍ତ୍ତନ ଇତିପୂର୍ବରୁ ରଚନା କରି ନାହାନ୍ତି... ।' ମାତ୍ରାବୃତ୍ତ ସପ୍ତମାତ୍ରିକ ଛନ୍ଦେ ଗୁନ୍ଥା ଏତେ ଲମ୍ବା କବିତା ରୋଗାକ୍ରାନ୍ତ

---

* "The anniversary of my return to Pondicherry (24 April 1920), which was the tangible sign of the sure Victory over the adverse forces."

(CWM, Vol. 13, P. 62) – The Mother

କବି କିପରି ରଚନା କଲେ ଭାବିଲେ ଅବାକ୍ ଲାଗେ । ବଙ୍ଗଳା କାବ୍ୟରେ ଅଦ୍ୱିତୀୟ ସମ୍ପଦ, ଅବତାରବାଦୀ ନିଶିକାନ୍ତଙ୍କର ଲିରିକ୍ ପ୍ରତିଭାର ଅପରୂପ ନିଦର୍ଶନ ।...

''ଶ୍ରୀଅରବିନ୍ଦଙ୍କ ସଂସ୍ପର୍ଶରେ ଆସି ଊର୍ଦ୍ଧ୍ୱ କାବ୍ୟ-ଜଗତର ଦ୍ୱାର ତାଙ୍କ ସମ୍ମୁଖରେ ଖୋଲି ଯାଇଥିଲା ।... ନିଶିକାନ୍ତଙ୍କର କାବ୍ୟ-ସରସ୍ୱତୀ ସରସ୍ୱତୀର ସ୍ରୋତ ସଦୃଶ ଅବତରି ଆସିଲା । ବିକଳ୍ପରେ ଶ୍ରୀଅରବିନ୍ଦଙ୍କ ଭାଷାରେ, 'Nishikanto came out in much the same way, a sudden Brahmaputra of inspiration.' ଗୁରୁ କହିଛନ୍ତି ବ୍ରହ୍ମପୁତ୍ର, ମୁଁ କହିଛି ସରସ୍ୱତୀ । ନିଶିକାନ୍ତ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କର ପୁତ୍ର କହିଲେ ଆଦୌ ଭୁଲ୍ ହେବନି । ଏଇ ବ୍ରହ୍ମାପୁତ୍ରଙ୍କର ନିୟମିତ କାବ୍ୟ ସୃଷ୍ଟିର ବୟଃକାଳ ମାତ୍ର କେତୋଟି ବର୍ଷ । ଏଇ ସ୍ୱଳ୍ପ ପରିସର ମଧ୍ୟରେ ସେ କାବ୍ୟର କଳ୍ପନାତୀତ ଯେଉଁ ନନ୍ଦନକାନନ ସୃଷ୍ଟି କରିଛନ୍ତି ତା'ର ତୁଳନା ତାଙ୍କର ସମସାମୟିକ ଆଶ୍ରମ-କବି ହାରୀନ୍ ଚଟ୍ଟୋପାଧ୍ୟାୟଙ୍କ ସଙ୍ଗେ କରାଯାଇପାରେ – ଯାହାଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ ତାଙ୍କର 'ଆର୍ଯ୍ୟ' ପତ୍ରିକାରେ ଭବିଷ୍ୟ ବାଣୀ କରିଥିଲେ, 'He may turn out to be a supreme singer of the Spirit' ବା ଏଇ ଧରଣର କିଛି ।

''ନିଶିକାନ୍ତଙ୍କ କ୍ଷେତ୍ରରେ ଗୁରୁଙ୍କର ସେହି ଭବିଷ୍ୟ ବାଣୀ ମୂର୍ତ୍ତିମନ୍ତ ହୋଇ ଉଠିଛି ।... ନିଶିକାନ୍ତଙ୍କର କବି-ପ୍ରତିଭା ସମ୍ବନ୍ଧରେ ଏତେ ଉଚ୍ଚାଶା ପୋଷଣ କରିବାର ମୂଳରେ ରହିଛି ତାଙ୍କ ଉଦ୍ଦେଶ୍ୟରେ ଗୁରୁଙ୍କର ନାନା ମତ, ବିଶେଷ କରି ଗୋଟିଏ ଉକ୍ତି :

''ସେଦିନ ଗୁରୁଦେବ ବିଛଣାରେ ଶୋଇଛନ୍ତି । ଆମେ ତାଙ୍କୁ ଘେରି ରହି କବି ଓ କାବ୍ୟ ସମ୍ବନ୍ଧେ ପ୍ରଶ୍ନବାଣରେ ଅସ୍ଥିର କରି ପକାଉ ଥିଲୁ । କଥା ଉଠିଲା କବି-ପ୍ରତିଭା (poetic genius) ସମ୍ବନ୍ଧେ, କେଉଁ କବିଙ୍କୁ ପ୍ରତିଭାବାନ୍ ଆଖ୍ୟା ଦିଆଯାଇ ପାରେ । ରବୀନ୍ଦ୍ରନାଥ, ମାଇକେଲ୍ ମଧୁସୂଦନ, ହାରୀନ୍ ଇତ୍ୟାଦିଙ୍କ ପରେ ଆସିଲା ନିଶିକାନ୍ତଙ୍କର ନାମ । ତତ୍‌କ୍ଷଣାତ୍ ଗୁରୁ କହି ଉଠିଲେ, 'Oh, Nishikanto !' ଆଉ ତାଙ୍କର 'ଆଜାନୁଲମ୍ବିତ ମହାବାହୁ'କୁ ଏପରି ବିସ୍ତାର କରି ଦେଲେ ଯେ ଭଙ୍ଗୀଟି ଚିରକାଳ ସକାଶେ ଅବିସ୍ମରଣୀୟ ହୋଇ ରହିଗଲା; ଅଥଚ ଏ ଧରଣର ସୁସ୍ପଷ୍ଟ, ବାଗ୍ମୀ ଅଙ୍ଗଭଙ୍ଗୀ ତାଙ୍କ ପକ୍ଷେ ଯାହା ବିରଳ, କହିବାକୁ ଗଲେ ଗୁରୁଙ୍କର ସ୍ୱଭାବ ବିରୁଦ୍ଧ !''

('ରଚନା-ବିଚିତ୍ରା', ପୃ. ୧୫୧-୫୪)

'ଧନ୍ୟଜନ୍ମା ନିଶିକାନ୍ତ' ଶିରୋନାମାର ପ୍ରବନ୍ଧରେ ଏକଦା କାୟା-ଛାୟା ସଦୃଶ ଘନିଷ୍ଠ ବନ୍ଧୁ ଦିଲୀପ କୁମାର ରାୟ ଉଲ୍ଲେଖ କରିଛନ୍ତି :

ଉପନିଷଦ୍‌ରେ ବର୍ଣ୍ଣିତ ଅଛି : 'ସେହି ପରାପ୍ରରଙ୍କୁ ଯିଏ ଦେଖନ୍ତି, ତାଙ୍କର ହୃଦୟର ଗ୍ରନ୍ଥି ଖୋଲିଯାଏ, ସବୁ ସନ୍ଦେହ ଦୂର ହୁଏ ଏବଂ କର୍ମବନ୍ଧନ ନଷ୍ଟ ହୋଇଯାଏ ।'

(ମୁଣ୍ଡକ ଉପନିଷଦ୍, ୨ୟ ମୁଣ୍ଡକ, ଶ୍ଳୋକ : ୮)

ଗୀତାରେ ମଧ୍ୟ କୁହାଯାଇଛି : 'ଉପବାସାଦି ଦ୍ୱାରା ନିରାହାର ବ୍ୟକ୍ତିର ବିଷୟ (ଇନ୍ଦ୍ରିୟାନୁଭୂତି ସକଳ) ନିବର୍ତ୍ତି ଯାଏ ସତ୍ୟ, କିନ୍ତୁ ତା'ର କାମନା ନିବର୍ତ୍ତି ନଥାଏ । ସ୍ଥିତପ୍ରଜ୍ଞ ବ୍ୟକ୍ତିର କାମନା ପରମାତ୍ମା ସାକ୍ଷାତ୍କାର ହେବା ହେତୁ ସ୍ୱୟଂ ନିବୃତ୍ତ ହୋଇଯାଏ ।' (ଅଧ୍ୟାୟ - ୨; ଶ୍ଳୋକ - ୫୯)

କବି ନିଶିକାନ୍ତଙ୍କ ଭିତରେ ଘଟିଥିଲା ଏକ ବିରଳ ସମନ୍ୱୟ । ସେ ଥିଲେ କବି ଓରଫ ଦ୍ରଷ୍ଟା ଏବଂ ସାଧକ ଓରଫ ଉଦାସୀ । ତେଣୁ ସେ ପ୍ରତିଭାବାନ୍ ହୋଇ ଉଠିଥିଲେ ମଧ୍ୟ ନିଜକୁ 'ଦୀନ' ବୋଲି ଚିହ୍ନି ପାରି ପାଇଥିଲେ ସେଇ ପରମ ଦର୍ଶନ, ଯାହାର ବହ୍ନି-ବରରେ ଆମର ସବୁ ଖାଦ (ଅଧମ ଧାତୁ) ସୁନା ପାଲଟି ଯାଏ ।

ଦୀର୍ଘ ଚାଳିଶ ବର୍ଷ ସାଧନା କରି ପାଇଥିଲେ କୃଷ୍ଣ ଦର୍ଶନ – ଏଇ ବହୁ ଦୁର୍ଲଭ ଦର୍ଶନର ବିଚିତ୍ର ବର୍ଣ୍ଣନା ସେ କରି ଯାଇଛନ୍ତି ତାଙ୍କର ହୃଦ୍ୟ କବିତାଗୁଚ୍ଛ 'ଲୀଳାୟନ'ରେ । ସେଥିରେ ତାଙ୍କର ମଧୁର ପ୍ରାଣୋଚ୍ଛ୍ୱାସ କୀର୍ତ୍ତନରେ ପ୍ରତି ସ୍ତବକର ଶେଷରେ ବାଜି ଉଠିଛି ଆନନ୍ଦାତିଶଯ୍ୟ କୃତଜ୍ଞତାର ଦୁଆ, ସଙ୍ଗୀତର ଧ୍ରୁବପଦ – 'ଦିୟେଛ ଦର୍ଶନ ଦୀନଜନେ ।'

('ଶ୍ୟାମଲ ସୁନ୍ଦର, ମୁରଲୀ ମନୋହର,
ଦିୟେଛ ଦର୍ଶନ ଦୀନଜନେ ।')

('ଶୃଣ୍ୱନ୍ତୁ', ଭାଦ୍ର – ୧୩୮୦, ପୃ. ୧୫୮)

ନିଶିକାନ୍ତଙ୍କର ଶେଷକୃତି 'ଲୀଳାୟନ'ର ସୁଦୀର୍ଘ କାବ୍ୟଗ୍ରନ୍ଥ ମାଧ୍ୟମରେ ତାଙ୍କର ଆତ୍ମ-କାହାଣୀ ମଧ୍ୟ ସଂଯୋଜିତ ହୋଇଛି । ଏହା ୧୯୭୩ ଝୁଲଣ ପୂର୍ଣ୍ଣିମାରେ କଲିକତାରୁ ଶ୍ରୀ ନିର୍ମଲେନ୍ଦୁ ଶେଖର ବାଗ୍‌ଚିଙ୍କ ଦ୍ୱାରା ପ୍ରକାଶିତ ।

ଏହି କାବ୍ୟ-ଗ୍ରନ୍ଥଟିରେ ରହିଛି ତିନୋଟି ପର୍ଯ୍ୟାୟ :

ପ୍ରଥମଟିରେ ରହିଛି କୃଷ୍ଣଲୀଳା, ଅବତାର ମାଳା (ପ୍ରାଚୀନ ଯୁଗ), ଅବତାର ମାଳା (ଆଧୁନିକ ଯୁଗ) ଏବଂ ରାସ ପୂର୍ଣ୍ଣିମାରେ ଦିବ୍ୟ-ଦର୍ଶନ । ସବୁଗୁଡ଼ିକ ହେଉଛି ପଦ୍ୟ-ରଚନା ।

ଦ୍ୱିତୀୟ : ପୌରାଣିକୀ ଧାରାର ପ୍ରଣାଳୀରେ ପ୍ରବହମାନ ଇତିହାସ – 'ମୁରଲୀ ମନୋହର କାହାଣୀ' ଶିରୋନାମାରେ ଗଦ୍ୟ ରଚନା ।

ଏବଂ ତୃତୀୟ ବା ଶେଷ ପର୍ଯ୍ୟାୟରେ ରହିଛି କବିଙ୍କର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ଶ୍ରୀଯୁକ୍ତ ହେମାଙ୍ଗପଦ ବରାଟଙ୍କ ସହିତ ତାଙ୍କର ଚିଠିପତ୍ର ଓ ଆଳାପ ଆଲୋଚନାର ଇତିବୃତ୍ତ – 'କବି କାହାଣୀ' ଶିରୋନାମାରେ ଗଦ୍ୟ ରଚନା ।

ଏହି ଶେଷୋକ୍ତ ପର୍ଯ୍ୟାୟରୁ କିଛି ଉଦ୍ଧୃତି : ପ୍ରଥମେ ହେମାଙ୍ଗପଦଙ୍କୁ କବିଙ୍କର କେତୋଟି ଚିଠି –

୨୦ ଅକ୍ଟୋବର ୧୯୭୧ :

ଅନେକ ଚେଷ୍ଟା କରି ମଧ୍ୟ 'ମୁରଲୀ ମନୋହର' କବିତାଟି ଶେଷ କରି ପାରିଲି ନାହିଁ । ଏହା ତ କବି ରବୀନ୍ଦ୍ରନାଥ ବା ନେହେରୁଙ୍କର ଉଦ୍ଦେଶ୍ୟରେ ରଚିତ ନୁହେଁ । ଏଇଟି ଯେ କୃଷ୍ଣ ବିଷୟକ ରଚନା । ଶ୍ରୀକୃଷ୍ଣଙ୍କ ସମ୍ପର୍କରେ ତୁମର ଦିବ୍ୟ-ଦର୍ଶନ ଏବଂ ମୋର ଦିବ୍ୟ-ଦର୍ଶନ ମିଶି ଏହା ଏକ ଅପୂର୍ବ ସୁଦୀର୍ଘ ଗୀତି କବିତାରେ ପରିଣତ ହୋଇ ଚାଲିଛି । ଆଗରୁ ଯାହା ଲେଖିଥିଲି ତା' ସହିତ ଯୁକ୍ତ ହୋଇଛି ଅନେକ ନୂତନ ଅନୁଚ୍ଛେଦ । ପୁଣି ଅସୁସ୍ଥ ହୋଇ ପଡ଼ିଛି; ଆଖି ଦୁଇଟି ଲାଲ ହୋଇ ପୁଣି ଝାପ୍‌ସା ହୋଇ ଉଠିଛି । କିନ୍ତୁ ମନେ ମନେ ନିତ୍ୟ ନୂତନ ଅନୁଚ୍ଛେଦ ଗୁଞ୍ଜନ କରୁଛି ।

୭ ଡିସେମ୍ବର ୧୯୭୧ :

... ଦିବ୍ୟ-ଦର୍ଶନ କାହାଣୀର (ଗୀତି କବିତାଟିର) ନାମ ଦେଇଛି 'ଲୀଳାୟନ' ।

୧୧ ଏପ୍ରିଲ ୧୯୭୨ :

ମା ଭୈଃ । ମାତ୍ର ଘଣ୍ଟାକ ପୂର୍ବରୁ 'ଲୀଳାୟନ' ଶେଷ ହୋଇଛି ।... ଏହା ୧୦୦୦ ଧାଡ଼ିରୁ ବେଶୀ ହୋଇଛି ।

୧୮ ଏପ୍ରିଲ ୧୯୭୨ :

ଶେଷ ଆଡ଼କୁ ଏମିତି ଏକ ଝୁଙ୍କରେ କବିତାଟି ଶେଷ କରିଛି ଯେ ଶରୀର ସେହି ନିର୍ଘାତ ପରିଶ୍ରମ ସହ୍ୟ କରି ପାରିନି । ତଥାପି ମୁରଲୀ ମନୋହରଙ୍କର କୃପା ଭାବି ବେଶ୍ ଭଲ ଅଛି ।

୧ ମେ ୧୯୭୨ :

'ଲୀଳାୟନ' କପି କରିବା କାର୍ଯ୍ୟ ଶେଷ ହୋଇଛି । କେବଳ ମନେ ହେଉଛି ଯେ ତୁମେ ଯଦି ହଠାତ୍ ଏହି ସମୟରେ ଥରେ ଏଠାକୁ ଆସି ଯାଆନ୍ତ ତେବେ ତୁମକୁ ସାମନାରେ ବସାଇ ପୂରା କବିତାଟି ଶୁଣାଇ, ସବୁ ବୁଝାଇ କହିବାର ସୁଯୋଗ ପାଆନ୍ତି । ଏହା ଏପରି ଏକ ତୀବ୍ର ଆକାଙ୍କ୍ଷା ଯେ ଚିଠିରେ ଲେଖି ବୁଝାଇ ହୁଏ ନାହିଁ ।

*

ହେମାଙ୍ଗପଦଙ୍କ ଉକ୍ତିରେ :

''ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମର ଅନତି ଦୂରରେ କବିଙ୍କର ବାସଗୃହ । ୧୯୭୨ ମସିହାର କୁମାର ପୂର୍ଣ୍ଣିମା ସନ୍ଧ୍ୟାରେ ଗୃହ ସମ୍ମୁଖସ୍ଥ ବୃଦ୍ଧ ବକୁଳ ଗଛ ତଳେ ବସି କବି ମୋତେ କହିଲେ :

'' 'ମୋର କାବ୍ୟ-ସାଧନାର ସୁନାର ଫସଲ 'ଲୀଳାୟନ' ଯାହାକୁ ସଞ୍ଚୟ କରିବାକୁ ଶରୀର ବେଶ୍ ଅବସନ୍ନ ହୋଇ ପଡ଼ିଛି । ଏଇଟି ମୋର ପ୍ରଥମ ସୁଦୀର୍ଘ ପାଲାକୀର୍ତ୍ତନ ରଚନା । ପାଲା-କୀର୍ତ୍ତନ ଆମମାନଙ୍କର ନିଜସ୍ୱ ସମ୍ପଦ । ଜଗତରେ ଅନ୍ୟତ୍ର ଏମିତି ଅଛି ବୋଲି ଜାଣେନି । କୀର୍ତ୍ତନର ଆସରରେ 'ଲୀଳାୟନ'ର ବ୍ୟଞ୍ଜନା ହୋଇ ଉଠିବ ଯେମିତି ବିଚିତ୍ର, ସେମିତି ଗଭୀର ମଧ୍ୟ ।...'

''ଏହା ପରେ କବି କହି ଚାଲିଲେ ଶାନ୍ତିନିକେତନ ଛାଡ଼ିବା ପରଠାରୁ ପଣ୍ଡିଚେରୀରେ ପଦାର୍ପଣ ପର୍ଯ୍ୟନ୍ତ ଆତ୍ମ-କାହାଣୀ ।...

'' 'ମହାଗୁରୁଙ୍କର ଆଶ୍ରମରେ ତଥା ଶ୍ରୀମା'ଙ୍କର ଚରଣ ତଳେ ପଡ଼ି ରହିଛି କେତେ ଦିନ, କେତେ କାଳ । ନିଃସଂକୋଚରେ କହିପାରେ ଗୁରୁଙ୍କର କୃପା ଲାଭ କରିଛି । ସେ କୃପା ଅଶେଷ, ଅପାର; ତା'ର କୂଳକିନାରା କଳନା କରି ହୁଏ ନାହିଁ । ଗୁରୁକୃପା ଭିନ୍ନ କୃଷ୍ଣ ଦର୍ଶନ ହୁଏ ନାହିଁ । ଆଜି ମୋର କହିବାକୁ କିଛି ବାଧା ନାହିଁ ଯେ ଦର୍ଶନ ସେ ଦେଇଛନ୍ତି । ହସ୍‌ପିଟାଲରେ ଶୋଇଛି, ବ୍ୟାଧିର ପ୍ରକୋପ ବେଶ୍ ବଢ଼ି ଚାଲୁଥାଏ, ସେଥିପ୍ରତି ମୋର ଭ୍ରୂକ୍ଷେପ ନଥାଏ । ଅନୁଚ୍ଛେଦ ପରେ ଅନୁଚ୍ଛେଦ ଗୁଞ୍ଜନ ହୋଇ ଚାଲିଛି । ଅକସ୍ମାତ୍ ଦିନେ ଉପରଓଳିରେ ମୁହୂର୍ତ୍ତକ ସକାଶେ ମନେ ହେଲା ଡାକ୍ତର ବା ନର୍ସ ମୋତେ ଯେମିତି କହୁଛନ୍ତି, 'କବି, ଲେଖନୀ ତୁମର ବିରାମହୀନ ।' ଦେହ ଜୀର୍ଣ୍ଣ, କଡ଼ ଲେଉଟିବାକୁ ବି ବ୍ୟଥା ହୁଏ । ଆଖି ଖୋଲି ଚାରି ଆଡ଼କୁ ଅନାଇ ଦେଖିଲି କେହି କୁଆଡ଼େ ନାହାନ୍ତି; ଘରେ ପ୍ରଚଣ୍ଡ ଆଲୋକ । ସେଇ ଆଲୋକ ଭିତରେ ଦେଖିଲି ମୋ ମଥାର ପଶ୍ଚାତରେ ପାର୍ଥସାରଥି । ଦୁଇ ଆଖି ମେଲାଇ ଭଲ କରି ଦେଖିବାକୁ ଚେଷ୍ଟା କରି ଦେଖିଲି ପାର୍ଥସାରଥିଙ୍କର ମୂର୍ତ୍ତି ନାହିଁ, ଦେଖିଲି ଦ୍ୱିଭୁଜ ମୁରଲୀଧାରୀ ମୂର୍ତ୍ତି, – ଚକିତ ଦର୍ଶନ ଅଥବା

ଚଞ୍ଚଳ ଦର୍ଶନ ବୋଲି କହିପାରିବି ନାହିଁ । ଦୃଷ୍ଟିଭ୍ରମ ବି ନୁହେଁ, ଯାହାଙ୍କୁ ଦେଖିଲି ସେହିଁ ସ୍ୱୟଂ ମୁରଲୀ ମନୋହର । ମନେ ମନେ ଶ୍ରୀଅରବିନ୍ଦଙ୍କର 'କୃଷ୍ଣ' କବିତାର ଶେଷ ଦୁଇଟି ଚରଣ ସ୍ମରଣ କଲି :

'For this one moment lived the ages past;
The world now throbs fulfilled in me at last.'

'' 'ଗୁରୁଙ୍କର କୃଷ୍ଣ-ଦର୍ଶନ ହୋଇଥିଲା ବାର ବାର, ବହୁ ବାର ।... ଇହଜୀବନରେ କୃତାର୍ଥ ମୁଁ । ଆସନ୍ତା କାଲି ସକାଳେ ତୁମ ସହିତ ଆଶ୍ରମକୁ ଯିବି ସମାଧି ଦର୍ଶନ କରିବାକୁ । ଆମ ଦୁହିଁଙ୍କର ଆଳାପର ସାକ୍ଷୀ ରହିଲା ଏଇ 'ବୃଦ୍ଧ ବକୁଳ' ।'...

''ପରଦିନ ପ୍ରଭାତରେ ସମାଧି ପ୍ରଣାମ ସମାପନାନ୍ତେ ପୁନରାୟ ବକୁଳ ଗଛର ଛାୟାରେ ବସି ଆରମ୍ଭରୁହିଁ କବି କହିଲେ, 'ତୁମ ସହିତ ମୋର ପ୍ରଥମ ଦେଖା ୧୯୫୨ ମସିହା ଅଗଷ୍ଟ ୪ ତାରିଖରେ,— ସମୁଦ୍ର ତୀରରେ, ପ୍ରଭାତ ସମୟରେ । ଏତେ ଦିନ ପରେ ବୁଝିଲି ଯେ ସେଇ ଶୁଭକ୍ଷଣରେ 'ଲୀଳାୟନ' କାବ୍ୟର ସୂଚନା ।' — କବି ଅସୁସ୍ଥ, ଅଳ୍ପ ସମୟ ରହିଲେ । ତା'ପରେ ସେଇ ମୁଖମଣ୍ଡଳ, ସେହି ହସ, ସେଇ କୃଷ୍ଣକଥା; କଥାରେ ଥରେ ବି ପୁନରୁକ୍ତି ନାହିଁ । ପୁଣି କହିବାକୁ ଲାଗିଲେ, 'ଏକାଦଶ ଶତାବ୍ଦୀରେ ଜୟଦେବଙ୍କର ଆବିର୍ଭାବ । ତାଙ୍କର 'ଗୀତଗୋବିନ୍ଦ'ରେ ରୂପାୟିତ ହୋଇଛି ଶ୍ରୀକୃଷ୍ଣଙ୍କର ବସନ୍ତ-ରାସ । ପରବର୍ତ୍ତୀ କାଳରେ ଆସିଲେ ଚଣ୍ଡୀଦାସ ଓ ବିଦ୍ୟାପତି । ପଥିକୃତ୍, ଅର୍ଥାତ୍ ପଥପ୍ରଦର୍ଶକ, ଅଗ୍ରକର୍ମୀ ସେମାନେ । ଏମାନଙ୍କ ପରେ ଆସିଲେ ଶ୍ରୀଚୈତନ୍ୟ ମହାପ୍ରଭୁ । ତାଙ୍କରି କଣ୍ଠରେହିଁ ଧ୍ୱନିତ ହୋଇଥିଲା : 'ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।' ମର୍ମଜ୍ଞ ଶ୍ରୋତାଙ୍କର ଅନ୍ତର୍ଲୋକରେ ଆଲୋଡ଼ନ ସୃଷ୍ଟି କରିବାରେ ଏହି ମହାସ୍ତବର ତୁଳନା ନାହିଁ । ଭଗବାନ୍ ଶ୍ରୀକୃଷ୍ଣଙ୍କର ବୃନ୍ଦାବନ ଲୀଳାର ରହସ୍ୟଲୋକର ପ୍ରବେଶ ଦ୍ୱାର ଖୋଲି ଦେଇଥିଲେ ତାଙ୍କରିହିଁ ଅବତାର ଶ୍ରୀଚୈତନ୍ୟ ମହାପ୍ରଭୁ । ପ୍ରାୟ ସମାନ ସମୟରେ ବୈଷ୍ଣବ ପଦାବଳି କାବ୍ୟରେ 'ନିର୍ଝରେର୍ ସ୍ୱପ୍ନଭଙ୍ଗ' ହୋଇ ଥିଲା ।'...

''ଶ୍ରୀମତୀଙ୍କର (ଅର୍ଥାତ୍ ଶ୍ରୀରାଧାଙ୍କର) ଅଭିସାର ପ୍ରସଙ୍ଗରେ କବି କହିଲେ, 'କଣ୍ଟକାକୀର୍ଣ୍ଣ ପଥରେ ଚାଲିବାକୁ ହେବ, ଏହି କାରଣରୁ ଶ୍ରୀମତୀ ନିଜ ଅଙ୍ଗନରେ ଇତସ୍ତତଃ କଣ୍ଟକ ବିକ୍ଷିପ୍ତ କରି ଚାଲିବାକୁ ଅଭ୍ୟାସ କରିଥିଲେ । କଳସ ପରେ କଳସ ପୂର୍ଣ୍ଣ ଜଳକୁ ଶୂନ୍ୟ କରି ଚଲା ପଥଟିକୁ ଖସଡ଼ା କରି ଦେବାକୁ ତାଙ୍କର ତିଳେ ମାତ୍ର କୁଣ୍ଠା ନଥିଲା । ଗୀତିକାର ଗୋବିନ୍ଦ ଦାସଙ୍କର କବିତାରେ ଶ୍ରୀରାଧାଙ୍କର ଅଭିସାର ଚିତ୍ରାୟିତ ହୋଇଛି ।' ଆଖି ବୁଜି ମୃଦୁକଣ୍ଠରେ କବି ଗାଇ ଉଠିଲେ :

'କଣ୍ଟକ ଗାଡ଼ି କମଳସମ ପଦତଳ
ମଞ୍ଜୀର ଚୀରହି ଝାଁପି ।
ଗାଗରି-ବାରି ଢାରି କରି ପୀଛଲ
ଚଲତହି ଅଙ୍ଗୁଲି ଚାପି ॥'

'ଭାବ ସଦୃଶ ପଦ, ସେ ପଦରେ ତତ୍ତ୍ୱ ଚିପୁଡ଼ି ରସ ବାହାର କରିଛନ୍ତି ପଦକର୍ତ୍ତା ଗୋବିନ୍ଦ ଦାସ । କହିପାରିବ, ଶ୍ରୀମତୀଙ୍କର ଅଭିସାର ଅଥବା ତାଙ୍କର ତପଶ୍ଚର୍ଯ୍ୟା — ଏ ଦୁଇଟି ମଧ୍ୟରେ କେଉଁଠି ପାର୍ଥକ୍ୟ ଏବଂ କେତେ ?' ...

''ଏହା ପରେ, କୌତୁହଳବଶରେ, ଅନ୍ୟ ଏକ ଦିନରେ ତାଙ୍କୁ ପଚାରିଲି, 'ହେ କବି, ଆଜକୁ ତିରିଶ ବର୍ଷ ପୂର୍ବରୁ ତୁମର 'ପ୍ରଶ୍ନ' କବିତାରେ ଆପଣ ଜାଣିବାକୁ ଚାହିଁଥିଲେ — 'ଉତ୍ତର ପାଇଛନ୍ତି ?' ଉଦ୍ଦୀପ୍ତ କବି ଈଷତ୍ ହସି କହିଲେ : 'ସ୍ମରଗରଳ ଖଣ୍ଡନଂ ମମ ଶିରସି ମଣ୍ଡନଂ'' ପର୍ଯ୍ୟନ୍ତ ଲେଖି କବି ଜୟଦେବଙ୍କର ଲେଖନୀ ସ୍ତବ୍ଧ ହୋଇ ଯାଏ । କବି ଗାଧୋଇବାକୁ ଯାଆନ୍ତି । ସେଇ ଅବସରରେ ଭଗବାନ୍ ସ୍ୱୟଂ ଆସି ସେଇ ପଦର ପାଦପୂରଣ କରି ସ୍ୱହସ୍ତରେ ଲେଖିଲେ 'ଦେହି ପଦପଲ୍ଲବ ମୁଦାରମ୍' । ଏକଦା ସର୍ବକାଳର କବି ଜୟଦେବ ଯାହାଙ୍କ କରୁଣାରେ ଧନ୍ୟ ହୋଇଥିଲେ, ତୁମମାନଙ୍କର ଏଇ କବି ପ୍ରତି ମଧ୍ୟ ତାଙ୍କର କରୁଣା ବର୍ଷିତ ହୋଇଛି ଅଜସ୍ର ଧାରାରେ । ତେଣୁ ସକଳ ସଂଳାପ ସମ୍ପୂର୍ଣ୍ଣ ଓ ସମାପ୍ତ କରିଛି 'ଲୀଳାୟନ'ରେ —

'ହେ ଅନୁକମ୍ପାର୍
ଅମିୟ-ପାରାବାର୍
ନିୟେଛ ମୋରେ ତବ ଲୀଳାୟନେ ।'

''ଏହାପରେ କବି ନୀରବ ରହିଲେ — ଭଗବାନ୍ ମୁରଲୀ ମନୋହରଙ୍କର ଶ୍ରୀଧାମ ବୃନ୍ଦାବନରେ; କବି ତାଙ୍କର ବାଞ୍ଛିତ ଆନନ୍ଦଲୋକରେ ।

''ମୁରଲୀ ମନୋହର କାହାଣୀ ଓ କବି କାହାଣୀ ମିଶି ଏକାକାର ହୋଇଛି । କବି କାହାଣୀର ଏହି ସ୍ୱଚ୍ଛନ୍ଦ ପରିଣାମ ହେଉଛି ଦେବତାଙ୍କର ଅଶେଷ ପ୍ରସାଦ ।''

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

# ପ୍ରଣାମ ନାରୀଶକ୍ତି

## (୧)

### ସୂର୍ଯ୍ୟକାନ୍ତି ମହାନ୍ତି

ମହାକାଳ ଓ ମହାକାଶର ବିସ୍ତୃତ ପରିସର ମଧ୍ୟରେ ପରିବ୍ୟାପ୍ତ ହୋଇଛି ଅଗଣିତ ମହିୟସୀ ନାରୀମାନଙ୍କର ମହନୀୟ ଜୀବନ କାହାଣୀ । ନାରୀ ନିଜର ମହାନୁଭବତା ଓ ଉଦାର ହୃଦୟ ଯୋଗୁଁ ହୋଇ ଆସିଛି ପରିବାର ପାଇଁ ଆନନ୍ଦର ଅଗ୍ରଦୂତ, ସମାଜର ଶାନ୍ତିଦୂତ, ଜାତୀୟ ସଂସ୍କୃତିର ସଂରକ୍ଷକ ଏବଂ ସଭ୍ୟତାର ଧର୍ମ ପ୍ରଚାରକ ।

ଯେଉଁ ନାରୀମାନଙ୍କର ଜନ୍ମ ଓ ସଫଳତା ପ୍ରାପ୍ତି ହୋଇଥିଲା ବହୁବିଧ ସାଂସ୍କୃତିକ ପ୍ରଥା ମଧ୍ୟରେ, ଯେଉଁମାନେ ସମାଜରେ ବହୁ ବାଧା ଓ ଆହ୍ୱାନର ସମ୍ମୁଖୀନ ହୋଇ ମଧ୍ୟ ନିଜକୁ ବିଭିନ୍ନ କାର୍ଯ୍ୟ ପରିସରରେ ପ୍ରତିଷ୍ଠିତ କରି ପାରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ନିଜେ ନିଜ ଜୀବନର ଏକମାତ୍ର ପ୍ରେରଣା ଓ ସୃଜନଶୀଳତାର ଉତ୍ସ । ଆଉ ସେହି ଅସାଧାରଣ ନାରୀମାନଙ୍କର ଜୀବନୀ ତଥ୍ୟର ଘୋର ଅଭାବ ପରିଲକ୍ଷିତ ହେବା ସତ୍ତ୍ୱେ ସେମାନଙ୍କର ମହତ୍ କାର୍ଯ୍ୟରେ ଏ ମାନବସମାଜ ଉଦ୍‌ବୁଦ୍ଧ ହୋଇ ଆସୁଛି ଯୁଗ ଯୁଗ ଧରି ।

ତେବେ କାହିଁକି ନାରୀମାନଙ୍କ ବିଷୟରେ ଏ ଅବତାରଣା ? କାରଣ, ଆମର ନିଜସ୍ୱ ସମ୍ପୂର୍ଣ୍ଣ ଜୀବନ ପ୍ରକ୍ରିୟା ନାରୀ ସହିତ ଜଡ଼ିତ । ଉଭୟ ନାରୀ ଓ ପୁରୁଷ କେବଳ ନାରୀଠାରୁହିଁ ଜନ୍ମ ଏବଂ ତାଙ୍କ ଦ୍ୱାରା ଲାଳନପାଳନ ମଧ୍ୟ । ଆମର ସମ୍ପୂର୍ଣ୍ଣ ସ୍ଥିତିହିଁ ସେମାନଙ୍କଠାରେ ନିହିତ । 'ନାରୀ' ଶବ୍ଦ କେବଳ ଏକ ବିଶେଷ୍ୟ ପଦ ନୁହେଁ, ଏହା ପଦ ପ୍ରକରଣର ସମସ୍ତ ବିଭାଗ, ଯଥା : – ବିଶେଷଣ, ସର୍ବନାମ, ଅବ୍ୟୟ ଓ କ୍ରିୟାକୁ ମଧ୍ୟ ଅନ୍ତର୍ଭୁକ୍ତ କରେ । ଏହା ମଧ୍ୟ ବ୍ୟବହୃତ ହୁଏ ରୂପକ ଓ ଉପମାରେ । ବିଶ୍ୱ ସାହିତ୍ୟର ମହାକାବ୍ୟଗୁଡ଼ିକୁ ଏହା ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦିତ କରିଛି ।

ପୁରାତନ ଯୁଗରେ ନାରୀର ସାମାଜିକ ସ୍ଥିତି କିପରି ଥିଲା, ତାହା ବୈଦିକ ଯୁଗରୁହିଁ ଆରମ୍ଭ କରାଯାଇପାରେ । କାରଣ, ବେଦ ହେଉଛି ଭାରତୀୟ ଧର୍ମ, ସାହିତ୍ୟ ଓ ସଭ୍ୟତାର ସର୍ବପ୍ରାଚୀନ ଲିଖିତ ପ୍ରମାଣପତ୍ର । ବେଦ ସମୂହକୁ ଦେବ ଓ ଦେବୀ ଉଭୟ ନିୟନ୍ତ୍ରଣ କରୁଥିଲେ । କେତେକ ବିଦ୍ୱାନ୍‌ଙ୍କ ମତାନୁଯାୟୀ ନାରୀର ବ୍ୟକ୍ତିତ୍ୱ ଓ ଗଠନମୂଳକ କାର୍ଯ୍ୟକାରିତାର ସୂଚନା ପରିଲକ୍ଷିତ ହୁଏ ଦେବୀମାନଙ୍କ ବର୍ଣ୍ଣନାରେ । ପୁରାଣ ଅନୁଯାୟୀ – ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା, କାଳୀ, ଗାୟତ୍ରୀ ଆଦି ବିଭିନ୍ନ ଦେବୀମାନଙ୍କ ପାଇଁ ନିର୍ମିତ ହୋଇଛି ଅଲଗା ଅଲଗା ମନ୍ଦିର, ଯେଉଁଠାରେ ଭକ୍ତିର ସହ ପୂଜାର୍ଚ୍ଚନା କରାଯାଏ ।

ଏପରିକି ହୋମ କରିବା ସମୟରେ ପ୍ରତ୍ୟେକ ମନ୍ତ୍ର ବା ଶ୍ଳୋକ 'ସ୍ୱାହା'ଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଏ । ସ୍ୱାହା ହେଉଛନ୍ତି ଅଗ୍ନିଙ୍କର ପତ୍ନୀ । ଦେବୀ ଭାଗବତ ପୁରାଣ ଅନୁଯାୟୀ – ସମସ୍ତ ପ୍ରାର୍ଥନା ସ୍ତ୍ରୀ ସ୍ୱାହାଙ୍କ ମାଧ୍ୟମରେ ଅଗ୍ନିଙ୍କୁ ଅର୍ପଣ କରାଯାଏ ।

ସହସ୍ର ସହସ୍ର ବର୍ଷ ଧରି ପୁଣ୍ୟାତ୍ମା ନାରୀମାନଙ୍କର ଜୀବନ କାହାଣୀ ଆଗ୍ରହ ଓ ଆନନ୍ଦର ସହିତ ପଠନ କରି କୋଟି କୋଟି ଭାରତୀୟ ଉଦ୍‌ବୁଦ୍ଧ ଓ ଅନୁପ୍ରାଣିତ ହୋଇଛନ୍ତି । ଅନୁଧ୍ୟାନରୁ ଜଣାଯାଏ ଯେ ସେମାନଙ୍କର ସାମାଜିକ ସ୍ଥିତି ବୈଦିକ ଯୁଗରେ ଉନ୍ନତ ସ୍ତରରେ ଥିଲା । ବାଳକମାନଙ୍କ ପରି ବାଳିକାମାନଙ୍କର ମଧ୍ୟ କମ୍ ବୟସରେ ଉପନୟନ ହେଉଥିଲା ଏବଂ ତା'ପରେ ବୈଦିକ ଶିକ୍ଷା ଆରମ୍ଭ ହେଉଥିଲା । ଏହି ପ୍ରଥା ବହୁବର୍ଷ ପର୍ଯ୍ୟନ୍ତ ଚାଲିଥିବାର ପ୍ରମାଣ ମଧ୍ୟ ଅଛି । ସେତେବେଳେ ବାଳିକାମାନଙ୍କର ଉଚ୍ଚଶିକ୍ଷାକୁ ସମାଜରେ ଗ୍ରହଣ କରାଯାଉଥିଲା । ଏପରିକି ପରବର୍ତ୍ତୀ ବୈଦିକ ଯୁଗରେ ମଧ୍ୟ ଦୁଇ ପ୍ରକାରର ଶିକ୍ଷିତା ନାରୀ ଥିଲେ । (୧) ସଦ୍ୟୋଦ୍ୱାହା – ଯେଉଁମାନେ ବିବାହ ପର୍ଯ୍ୟନ୍ତ ଶିକ୍ଷାଲାଭ କରୁଥିଲେ ଏବଂ (୨) ବ୍ରହ୍ମବାଦିନୀ – ଯେଉଁମାନେ ଅବିବାହିତା ରହୁଥିଲେ ଏବଂ ସେମାନଙ୍କର ଶିକ୍ଷା ଆଜୀବନ ଚାଲୁଥିଲା । କାରଣ, ନାରୀମାନଙ୍କ ପାଇଁ ବିବାହ ବାଧ୍ୟତାମୂଳକ ନଥିଲା ଏବଂ ଉଚ୍ଚଶିକ୍ଷା ବି ଉନ୍ମୁକ୍ତ ଥିଲା । ଅନେକ ନାରୀ ନିଜକୁ ସମାଜରେ ଦାର୍ଶନିକ, ତର୍କବିଶାରଦ ଏବଂ ଆଚାର୍ଯ୍ୟ ଭାବରେ ପ୍ରତିଷ୍ଠିତ କରି ପାରିଥିଲେ । ଏପରିକି ବିଖ୍ୟାତ ଆଚାର୍ଯ୍ୟମାନଙ୍କ ତାଲିକାରେ ଯେଉଁ ନାରୀମାନଙ୍କ ନାମ ଥିଲା ସେମାନେ ହେଲେ ଗାର୍ଗୀ, ବାଚକ ନବି, ପ୍ରାତିଥେୟୀ, ସୁଲଭା, ମୈତ୍ରେୟୀ ଆଦି ।

ପୁନଶ୍ଚ ସମସ୍ତ ଧାର୍ମିକ କାର୍ଯ୍ୟାନୁଷ୍ଠାନ ସମ୍ପନ୍ନ କରିବାରେ ପୁରୁଷମାନଙ୍କ ପରି ନାରୀମାନେ ମଧ୍ୟ ଅଧିକାର ପ୍ରାପ୍ତ ଥିଲେ । ସ୍ୱାମୀ ଓ ସ୍ତ୍ରୀ ଉଭୟ ମିଳିତ ଭାବରେ ଧାର୍ମିକ ପ୍ରାର୍ଥନା ଓ ହୋମ ଇତ୍ୟାଦି କାର୍ଯ୍ୟ ଯେ କରୁଥିଲେ ଏତିକି ନୁହେଁ, ସ୍ତ୍ରୀ ଏକା ବି ସ୍ୱାମୀଙ୍କ ଅନୁପସ୍ଥିତିରେ ସମସ୍ତ ଯଜ୍ଞୀୟ କାର୍ଯ୍ୟ ସମାପନ କରି ପାରୁଥିଲା । ଏପରିକି ଯେଉଁମାନେ ଶ୍ଳୋକ ବା ସ୍ତୋତ୍ର ବା ମନ୍ତ୍ର ରଚନା କରିଥିଲେ, ସେଭଳି ନାରୀମାନଙ୍କୁ ଦୂର ଦୃଷ୍ଟିସମ୍ପନ୍ନ ଜ୍ଞାନୀ ଏବଂ ଋଷି ଭାବରେ ବିବେଚନା କରାଯାଉଥିଲା । କେତେକ ମନ୍ତ୍ର ନାରୀମାନେହିଁ ରଚନା କରିଥିଲେ । ଏମାନଙ୍କ ମଧ୍ୟରେ ଲୋପାମୁଦ୍ରା, ଅପାଳା, ବିଶ୍ୱବାରା, ନିବାବରି, ସିକତା ଓ ଘୋଷା ପ୍ରସିଦ୍ଧ ଥିଲେ । ସେମାନଙ୍କ ନାମ ପରବର୍ତ୍ତୀ ସାହିତ୍ୟରେ ସଂରକ୍ଷିତ ରହିଛି । ଏଥିରୁ ପ୍ରମାଣ ମିଳେ ଯେ ମାତା ଭାବରେ ନାରୀ ଯେ ପରିବାର ଓ ସମାଜରେ ଉଚ୍ଚତମ ସ୍ଥାନରେ ଥିଲା ସେତିକି ନୁହେଁ, ଆଧ୍ୟାତ୍ମିକତାର ଉଚ୍ଚତମ ଉପଲବ୍ଧି କ୍ଷେତ୍ରରେ ମଧ୍ୟ ତା'ର ରହିଥିଲା ଗଭୀର ଅନ୍ତର୍ନିହିତ ଶକ୍ତି ।

ଆହୁରି ଆଶ୍ଚର୍ଯ୍ୟର କଥା ଥିଲା ଯେ ନାରୀମାନେ ଶିଳ୍ପୋଦ୍ୟୋଗୀ ଥିଲେ । ସେମାନେ ବୟନ ଶିଳ୍ପରେ ଉନ୍ନତ ମାନର ବସ୍ତ୍ର ଉତ୍ପାଦନ ସହିତ ଧନୁ ଓ ଶର ନିର୍ମାଣ କ୍ଷେତ୍ରରେ ନିପୁଣ ଥିଲେ । ଏସବୁ ବ୍ୟତୀତ ଗୃହ ବାହାରେ ସମସ୍ତ ପ୍ରକାର କୃଷିକାର୍ଯ୍ୟ ମଧ୍ୟ କରୁଥିଲେ । ଧନୁ ଓ ଶର ନିର୍ମାଣ କରୁଥିବା ନାରୀମାନଙ୍କୁ ଇଷୁକର୍ତ୍ତ୍ରୀ କୁହାଯାଉଥିଲା । ପୁନଶ୍ଚ ସେମାନେ କଳା, ସଙ୍ଗୀତ, ନୃତ୍ୟ ଆଦିରେ ନିପୁଣ ଥିଲେ । ଏପରିକି ସାଧାରଣ ସଭାରେ ବକ୍ତୃତା ଦେଇ ଶ୍ରୋତାମାନଙ୍କୁ ଚମତ୍କୃତ କରିବାରେ ସକ୍ଷମ ଥିଲେ । ପୁନଶ୍ଚ ଶସ୍ୟ ଅମଳ ସମୟରେ କେବଳ ନାରୀମାନଙ୍କ ଦ୍ୱାରା 'ସୀତା ଯାଗ' ନାମକ ପର୍ବ ପାଳନ କରାଯାଉଥିଲା । ସେହିପରି ମଧ୍ୟ ଗାଭୀର ଗର୍ଭ ସଞ୍ଚାର ସୁନିଶ୍ଚିତ ଓ ସୁରକ୍ଷିତ କରିବା ପାଇଁ 'ରୁଦ୍ର ଯାଗ'[୨] ପର୍ବପାଳନ ନାରୀମାନେହିଁ କରୁଥିଲେ ।

ଅବଶ୍ୟ ଏହା ସତ୍ୟ ଯେ ଭାରତରେ ଏହି ମହାନ୍ ନାରୀମାନଙ୍କ ପ୍ରକୃତ ଜୀବନ ବିଷୟରେ ଆମେ ଏକଦମ୍ କମ୍ ଜାଣିଛୁ । ମାତ୍ର ସେମାନେ ପ୍ରାୟତଃ ପୁରୁଷଙ୍କ ସହିତ ସମାନ ଭାବରେ ଉପଯୁକ୍ତ ଥିଲେ । ଏପରିକି କେତେକ କ୍ଷେତ୍ରରେ ପୁରୁଷଙ୍କ ଠାରୁ ନାରୀମାନେ ଆଗୁଆ ବି ଥିଲେ । ତେବେ ବୈଦିକ ଯୁଗର ପରବର୍ତ୍ତୀ ସମୟରେ କନ୍ୟାର ଆବଶ୍ୟକତା କମ୍ ଥିବାର ପ୍ରମାଣ ମିଳେ । ତଥାପି ବି ଉପନିଷଦ୍ ଯୁଗରେ ଧାର୍ମିକ କ୍ଷେତ୍ରରେ ନାରୀକୁ କେବେ ବି ନ୍ୟୂନ ମନେ କରାଯାଇ ନଥିଲା । ପୁତ୍ର ଜନ୍ମ ବେଳେ ଯେଉଁ ଆନନ୍ଦ, କନ୍ୟା ଜନ୍ମ ବେଳେ ତାହା ସେପରିହିଁ ଥିଲା । ତେବେ କନ୍ୟାର ଶିକ୍ଷା ଗୁରୁ ଗୃହରେ ନ ହୋଇ ପିତା, ଭ୍ରାତା ବା ଅନ୍ୟମାନଙ୍କ ଦ୍ୱାରା ନିଜ ଗୃହରେ ବ୍ୟବସ୍ଥା କରାଯାଉଥିଲା ।

ଏହାର ପରବର୍ତ୍ତୀ ସମୟରେ ବାଳିକାର ଉପନୟନ ବନ୍ଦ ହୋଇଥିଲା ଏବଂ ବିନା ବେଦ ମନ୍ତ୍ରରେ ସଂସ୍କାର କରାଗଲା । ଧୀରେ ଧୀରେ ତା' ବି ବନ୍ଦ ହୋଇଗଲା । ନାରୀ 'ଦ୍ୱିଜ' ପରିବର୍ତ୍ତେ 'ଶୁଦ୍ର'ଭାବରେ ପରିଗଣିତ ହେଲା । ତା'ପରେ ସ୍ମୃତିଯୁଗର ଶେଷ ସୁଦ୍ଧା ବେଦ ପଠନ କରିବାକୁ ନାରୀକୁ ନିଷିଦ୍ଧ କରାଗଲା । ବେଦର କେତେକ ଶ୍ଳୋକ ବା ମନ୍ତ୍ର ନାରୀ ରଚନା କରିଥିବା ବେଳେ ତା'ର ପଠନ ଉପରେ ବି ନିଷେଧାଜ୍ଞା ଜାରି କରାଗଲା । ଏପରିକି ନାରୀ ପାଇଁ ବେଦ ଶୁଣିବା ପାପ ବୋଲି ବିବେଚନା କରାଗଲା । ସେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳା ହୋଇ ରହିଲା । ଶାସ୍ତ୍ର ଅଧ୍ୟୟନ ତାକୁ ମନା ଥିବାରୁ କେଉଁଟା ଭୁଲ୍ ବା କେଉଁଟା ଠିକ୍ ତାହା ସେ ଜାଣି ପାରିଲା ନାହିଁ । ଏପରିକି ନାରୀ ଶିକ୍ଷାକୁ ଅଶୁଭ ବୋଲି ବିବେଚନା କରାଗଲା ।

ଏପରିକି ଗୌତମ ବୁଦ୍ଧ ବି ଏହାର ଊର୍ଦ୍ଧ୍ୱରେ ନଥିଲେ । ତାଙ୍କ ଆଶ୍ରମରେ ଧାର୍ମିକ ଶୃଙ୍ଖଳାରେ ନାରୀର ପ୍ରବେଶ ଅଧିକାର ନଥିଲା । ତେବେ ଯେତେବେଳେ ପ୍ରବେଶ ଅନୁମତି ଦିଆଗଲା – ଏ ଧର୍ମର ଅଧଃପତନ ଆରମ୍ଭ ହେଲା ବୋଲି ସେ କହିଥିଲେ ।[୩] ଅବଶ୍ୟ ନାରୀମାନଙ୍କ ଠାରୁ ଖୁବ୍ କଠିନ ପରୀକ୍ଷା ନିଆ ଯାଉଥିଲା ।

ଶ୍ରୀଅରବିନ୍ଦ କହନ୍ତି, "If a women has tempted thee, is it her fault or thee ? Be not a fool and a self-deceiver."[୪]

ଏପରିକି କନ୍‌ଫୁସିଅସ୍, ଆରିଷ୍ଟଟଲ୍, ମିଲଟନ୍ ଓ ରୁଷୋ ଆଦି ବଡ଼ ବଡ଼ ଦାର୍ଶନିକ ଓ କବିଙ୍କ ମତରେ ନାରୀ ପୁରୁଷଠାରୁ ନିକୃଷ୍ଟ ହୋଇଥିବାରୁ ସେ ପୁରୁଷର ଅଧସ୍ତନ ହୋଇ ରହିବା ଆବଶ୍ୟକ[୫] । ଏପରିକି ନାରୀକୁ ନର୍କର ଦ୍ୱାର ବୋଲି ମଧ୍ୟ କୁହାଗଲା ।

ପୁନଶ୍ଚ ମୁସଲମାନମାନଙ୍କ ଆକ୍ରମଣ ପରେ ନାରୀର ସୁରକ୍ଷା ପାଇଁ ପରଦା ପ୍ରଥା ପ୍ରଚଳନ ନିଶ୍ଚିତ ହୋଇଥିଲା ଏବଂ

ଅନେକ କଠୋର ନିୟମ ଲାଗୁ କରାଗଲା । ସେମାନେ ଶତ୍ରୁ ଦ୍ୱାରା ଆକ୍ରମଣର ଶିକାର ହେଲେ ଏବଂ ସମାଜରେ ବି ବାସନ୍ଦ କରାଗଲା । ଏଣୁ ସେମାନେ ନିଜ ଧର୍ମକୁ ଫେରି ପାରିଲେ ନାହିଁ । ଅତଏବ ବିବାହ ନକରି ପୁରୁଷ ସାଥୀରେ ରହିବାକୁ ବାଧ କରାଗଲା । ଏହିପରି ଭାବରେ ନାରୀର ସାମାଜିକ ସ୍ଥିତିରେ ଘୋର ଅବନତି ଘଟିଲା ।

ତେବେ ରାଜପରିବାରମାନଙ୍କରେ ନାରୀର ସ୍ଥିତି ଭିନ୍ନ ଥିଲା । ରାଜକୁମାରୀମାନଙ୍କୁ ସାମରିକ ଓ ଶାସନତାନ୍ତ୍ରିକ ଶିକ୍ଷା ଦିଆଯାଉଥିଲା । ଚାଲୁକ୍ୟ ବଂଶରେ ରାଜକୁମାରୀ ଆକ୍କାଦେବୀ ଓ ଇନ୍ଦୋରର ରାଣୀ ଅହଲ୍ୟାବାଈ ଅତି ଉନ୍ନତ ଶାସକ ଥିଲେ । ଜଣେ ଇଂରେଜ ଅଧିକାରୀ ଲେଖିଥିଲେ ଯେ ନାରୀର ଶାସନ କାଳରେ ଆଇନ ଶୃଙ୍ଖଳା, କୃଷି କ୍ଷେତ୍ର ଓ ଆର୍ଥିକ ସ୍ତରରେ ପ୍ରଜା ସମୃଦ୍ଧ ଥିଲେ । ସେମାନେ ସଫଳ ଶାସକ ଭାବରେ ପ୍ରମାଣିତ ବି ହୋଇଥିଲେ । ଅସ୍ତ୍ରଚାଳନାରେ ନିପୁଣ, ଅପୂର୍ବ ସାହସୀ ଏବଂ ମାତୃଭୂମି ପାଇଁ ନିଜର ପ୍ରାଣୋତ୍ସର୍ଗର ଅନନ୍ୟ ପ୍ରେରଣାଦାୟକ ଉଦାହରଣ ଦେଇଛନ୍ତି ପ୍ରାଣୋତ୍ସର୍ଗର ଝାନ୍ସୀର ରାଣୀ ଲକ୍ଷ୍ମୀବାଈ ।

ସେହିପରି ସତବାହନ ସାମ୍ରାଜ୍ୟର ରାଣୀ ନୟନିକା ଥିଲେ ଏକାଧାରରେ ଜଣେ ଶାସକ ଏବଂ ସାମରିକ ସେନାପତି । ଅନ୍ୟ ଜଣେ ରାଣୀ ନାୟକୀ ଦେବୀ ମହମ୍ମଦ ଘୋରୀଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ଶ୍ରୀଲଙ୍କାର ଅନୁରାଧାପୁରର ବିଖ୍ୟାତ ରାଣୀ ଅନୁଲା ଏସିଆର ପ୍ରଥମ ନାରୀ ଶାସକ ଥିଲେ ଏବଂ ଅନ୍ୟ ଜଣେ ରାଣୀ ସୁଗୁଲା ପାହାଡ଼ରେ ଅନେକ ଦୁର୍ଗ ନିର୍ମାଣ କରି ଦଶବର୍ଷ ଧରି ଶତ୍ରୁ ସହ ଯୁଦ୍ଧ ଚଳାଇଥିଲେ । ଶ୍ରୀଲଙ୍କା ଇତିହାସରେ ତାଙ୍କୁ କୁହାଯାଏ – ''ନିର୍ଭୀକ ଓ ବିଦ୍ରୋହୀ ରାଣୀ ସୁଗୁଲା ।''

ପରବର୍ତ୍ତୀ ସମୟରେ ଭାରତରେ ସାବିତ୍ରୀବାଈ ଫୁଲେ ଭାରତର ପ୍ରଥମ ଶିକ୍ଷୟିତ୍ରୀ ହୋଇଥିଲେ । ସ୍ୱାଧୀନ ଭାରତରେ ରାଜକୁମାରୀ ଅମୃତ କାଉର୍ ନୂଆ ଦିଲ୍ଲୀରେ AIMS ପ୍ରତିଷ୍ଠା କରିଥିଲେ । ତେବେ କେବଳ ଭାରତରେ ନୁହେଁ ପୃଥିବୀର ବିଭିନ୍ନ ଦେଶରେ ଅନେକ ନାରୀ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିଲେ । କବି ଭାବରେ Emily Dickinson, ଗଣିତଜ୍ଞ Somya Kurtovsky, ସେବା କ୍ଷେତ୍ରରେ Florence Nightingale, ବିଜ୍ଞାନରେ Marie Curie ଆଦି ପ୍ରସିଦ୍ଧ ଥିଲେ । ଫ୍ରାନସ୍‌ର ରକ୍ଷାକର୍ତ୍ତ୍ରୀ ଭାବରେ ଉଭା ହୋଇଥିଲେ ଜୋନ୍ ଅଫ ଆର୍କ, ଯାହାଙ୍କୁ ନିଜ ଦେଶର ନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ଜୀବନ୍ତ ଦଗ୍ଧ କରାଯାଇଥିଲା ବିପୁଳ ଜନସମାଗମ ମଧ୍ୟରେ, ନଗରୀର ମଧ୍ୟ ଭାଗରେ ।

ଏହିପରି ଭାବରେ ସମସ୍ତ ପ୍ରକାର ନିର୍ଯାତନା ସତ୍ତ୍ୱେ ନାରୀର ଜୟଯାତ୍ରା ବିଶ୍ୱ ଇତିହାସର ପୃଷ୍ଠା ମଣ୍ଡିତ କରିଛି ।

ଏହି ସାଧ୍ୱୀ ଓ ପୁଣ୍ୟାତ୍ମା ନାରୀମାନଙ୍କୁ ମୋର ନମ୍ର ସମ୍ମାନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୨୦୨୨ର ନୂତନ ଦିବସରେ ସେଣ୍ଟ୍ ପିଟର୍ସ୍ ବାସିଲିକାର ରୋମାନ୍ କ୍ୟାଥୋଲିକ୍ ଚର୍ଚ୍ଚରେ ଧର୍ମଗୁରୁ ପୋପ୍ ଏକ ସମାରୋହରେ ବିଶ୍ୱରେ 'ମହିଳା ବିରୋଧୀ ହିଂସା'ରୋକିବାକୁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଯେ ଜୀବନର ସୂତ୍ରଧାରୀ ତଥା ବିଶ୍ୱକୁ ଏକତ୍ର କରି ରଖିବାରେ ଗୁରୁଦାୟିତ୍ୱ ତୁଲାଉ ଥିବା ମହିଳାଙ୍କ ବିରୋଧରେ ହିଂସା ବନ୍ଦ କରିବା ହେଉଛି ନୂତନ ବର୍ଷର ପ୍ରଥମ ପସନ୍ଦ ।

ନାରୀମାନଙ୍କ ଉପରେ ଶ୍ରୀମା କହନ୍ତି : "But women, women are in principle the executive power. You must never forget that."(୬)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Great women of India, Editors – Swami Madhavanand & Ramesh Ch. Majumdar, Publisher – Swami Gambhira Nanda. Page No. 2; (୨) ତତ୍ରୈବ – P. 3; (୩) ତତ୍ରୈବ – P. 22

(୪) On women – P. 1

(୫) Great women of India, Editors – Swami Madhavanand & Ramesh Ch. Majumdar, Publisher – Swami Gambhira Nanda. Page No. 23

(୬) CWM, Vol. 12, P. 426

ଇତିହାସର କେତୋଟି ମୁହୂର୍ତ୍ତ :

# ଅସହାୟାର ପ୍ରତିଶୋଧ

## ମନୋଜ ଦାସ

ଗ୍ରୀସ୍ ଭୂଖଣ୍ଡର ଉପାନ୍ତରେ ଥାଏ ଏକ ସମୃଦ୍ଧ ନଗରୀ । ନାମ ତା'ର ଥିବେସ୍ ।

ଆଲେକ୍‌ଜାଣ୍ଡାର ଦିଗ୍‌ବିଜୟରେ ବାହାରି ପ୍ରଥମେ ସେହି ମୁଲକର ଯେଉଁସବୁ ଅଞ୍ଚଳର ଜନସାଧାରଣ ବା ଶାସକମାନେ ତାଙ୍କ ବଶ୍ୟତା ସ୍ୱୀକାର କଲେ ନାହିଁ ସେମାନଙ୍କ ଉପରେ ଦାଉ ସାଧିବାକୁ ଲାଗିଲେ । ସେହି କାର୍ଯ୍ୟକ୍ରମରେ ସେ ଥିବେସ୍ ଆକ୍ରମଣ କଲେ । ତାଙ୍କ ସୈନ୍ୟମାନେ ପରିବାର ପରେ ପରିବାର ଲୁଣ୍ଠନ କରୁଥା'ନ୍ତି, ନାଗରିକମାନଙ୍କୁ ନିର୍ମମ ଭାବରେ ହତ୍ୟା କରୁଥା'ନ୍ତି, ଘରଦ୍ୱାର ଜଳାଇ ଦେଉଥା'ନ୍ତି ।

ତାଙ୍କ ସୈନ୍ୟମାନେ ଅନେକଗୁଡ଼ିଏ ଦଳରେ ବିଭକ୍ତ ହୋଇଥା'ନ୍ତି । ନଗରୀର କେଉଁ ଅଞ୍ଚଳ କେଉଁ ସୈନ୍ୟଦଳ ଧ୍ୱସ୍ତବିଧ୍ୱସ୍ତ କରିବ ତାହା ସ୍ୱୟଂ ମହାବୀର ଆଲେକ୍‌ଜାଣ୍ଡାର ନିର୍ଣ୍ଣୟ କରି ଦେଇଥା'ନ୍ତି । ପ୍ରତ୍ୟେକ ଦଳ ଜଣେ ଜଣେ କୁଜି ସେନାପତିଙ୍କ ନେତୃତ୍ୱରେ ପରିଚାଳିତ ହେଉଥା'ନ୍ତି ।

ନଗରୀର ଗୋଟିଏ ଭାଗରେ ବେଶ୍ ବଡ଼ ଧରଣର କୋଠାଟିଏ ଥାଏ । ସେ କୋଠାର ଏକମାତ୍ର ବାସିନ୍ଦା ଜଣେ ବୁଢ଼ୀ । ଘରଟି ଆଡ଼େ ଅନାଇଲେ ଜଣେ ଭାବିବ ସେ ଘରେ ବହୁ ଟଙ୍କାପଇସା, ସୁନା, ରୁପା । କିନ୍ତୁ ବୁଢ଼ୀର ପୂର୍ବ ପିଢ଼ିର ଗୃହସ୍ୱାମୀମାନେ ସିନା ଧନୀ ଥିଲେ, ବୁଢ଼ୀ ବିଚାରୀ ପାଖରେ ବିଶେଷ କିଛି ନଥାଏ ।

ସେ ଘରଟି ଯେଉଁ କୁଜି ସେନାପତି ଭାଗରେ ପଡ଼ିଥିଲା, ସେ ଯେତେ ପରିମାଣର ଧନସମ୍ପଦ ପାଇବ ବୋଲି ଆଶା କରୁଥିଲା ସେତେ ପାଇଲା ନାହିଁ । ଅତଏବ ସେ ବୁଢ଼ୀ ଉପରେ ଭୀଷଣ ରାଗିଗଲା । ତାକୁ ଦୁଇ ଚାପୁଡ଼ା ଦେଇ ଚିତ୍କାର କରି ପଚାରିଲା, ''ଆଉ ଧନରତ୍ନ କେଉଁଠି ରଖିଛୁ କହ ।''

ବୁଢ଼ୀ ଗାଲ ଆଉଁଶି କହିଲା, ''ଆରେ ବାବୁ, ତୁମମାନଙ୍କ ଡରରେ ସବୁ ଗୋଟାଏ ପେଟିରେ ଭର୍ତ୍ତି କରି ଏମିତି ଏକ ସ୍ଥାନରେ ଲୁଚାଇ ଦେଇଛି, ତାକୁ ବାହାର କରିବା ତୁମ ପାଇଁ ମଧ୍ୟ କଠିନ ହେବ ।''

କୁଜି ସେନାପତିର ନୟନ ଯୋଡ଼ିକ ଲୋଭରେ ଝଲସି ଉଠିଲା ।

''କହ କେଉଁଠି !'' ସେ ବୁଢ଼ୀକୁ ଝିଙ୍କି ଦେଇ ପଚାରିଲା ।

''ହଉ, ଚାଲ !'' ବୁଢ଼ୀ ଦୀର୍ଘନିଃଶ୍ୱାସ ଛାଡ଼ି କହିଲା । ''କିନ୍ତୁ ସେତକ ପାଇଗଲେ ମୋତେ ମାରି ପକାଇବ ନାହିଁ ତ ?'' ସେ ପ୍ରଶ୍ନ କଲା ।

''ସାଧାରଣତଃ ଆମେ ମାରି ପକାଉ, ତେବେ ତୋତେ ଛାଡ଼ିଦେବି ।'' ଆଶାୟୀ କୁଜି ସେନାପତି କହିଲା ।

ବୁଢ଼ୀ ତାକୁ ତା' କୋଠା ପଛପଟକୁ ନେଇଗଲା । କୁଜି ସେନାପତି ଚାହୁଁ ନଥିଲା ତା' ସୈନ୍ୟମାନେ ସେ ଗୋପନ ସମ୍ପଦ ଦେଖନ୍ତୁ । ସେମାନଙ୍କୁ କୋଠାର କୋଣ ବିକୋଣ ଖାନତଲାସ କରିବାକୁ ଆଦେଶ ଦେଇ ସେ ବୁଢ଼ୀ ସହ ଚାଲି ଆସିଥାଏ ।

ବାଡ଼ିର ଗୋଟାଏ କୋଣରେ କୂଅଟିଏ । ତହିଁ ଚାରିପଟେ କାନ୍ଥ ମୋଟେ ଉଚ୍ଚ ନୁହେଁ ।

''ପେଟି ଗୋଟିକ ମୁଁ ଏହାରି ଭିତରେ ପକାଇ ଦେଇଛି । ଅବଶ୍ୟ ପାଣି ବେଶୀ ନାହିଁ ।'' ବୁଢ଼ୀ କହିଲା ।

କୁଜି ସେନାପତି ନଇଁପଡ଼ି କୂଅ ଭିତରକୁ ଅନାଇବା ମାତ୍ରେ ବୁଢ଼ୀ ତାକୁ ପଛରୁ ଦେଲା ଗୋଟାଏ ପ୍ରଚଣ୍ଡ ଧକ୍କା — ନିଜର ସମସ୍ତ ବଳ ଠୁଳ କରି ।

କୂଅଟି ଥିଲା ଖୁବ୍ ଗଭୀର । ବହଳ ପଙ୍କରେ ଭର୍ତ୍ତି । କୁଜି ସେନାପତି ଥରେ ବିକଳ ଚିତ୍କାର କରି ଅଦୃଶ୍ୟ ହୋଇଗଲା ।

ସେ ଚିତ୍କାର ଶୁଣି ପକାଇଲା ତା'ର ସହକାରୀ । କାରଣ ସେ ତା' ସେନାପତି ଉପରେ ଆଖି ରଖିଥାଏ । ସେନାପତି ଏକାକୀ ବୁଢ଼ୀର ବିପୁଳ ସମ୍ପଦ ମାଡ଼ି ବସିବ, ତାକୁ ଭାଗ ମିଳିବ ନାହିଁ, ସେ କେମିତି ତାହା ସହ୍ୟ କରନ୍ତା ? ସେ ସହକାରୀଟିର ଆତଙ୍କିତ ଡାକରେ ସୈନ୍ୟମାନେ ଦଉଡ଼ି ଆସିଲେ । ବୁଢ଼ୀକୁ ସେମାନେ ବାନ୍ଧି ପକାଇଲେ । କିନ୍ତୁ ସେନାପତିକୁ ଉଦ୍ଧାର କରିବା ନୋହିଲା ।

ବୁଢ଼ୀକୁ ସେମାନେ ମାରି ପକାଇଥା'ନ୍ତେ; କିନ୍ତୁ ନିୟମ ହେଲା ଯିଏ ସେନାପତି ଭଳି ବରିଷ୍ଠ କର୍ମଚାରୀଙ୍କୁ ମାରିବ ତାକୁ ଖାଲି ପ୍ରାଣଦଣ୍ଡ ଦେଲେ ଚଳିବ ନାହିଁ, ତାକୁ ନାନା ପ୍ରକାରେ କଲବଲ କରି ମାରିବା ଚାହି ।

କେଉଁ ଯୁକ୍ତିଯୁକ୍ତ ପ୍ରଣାଳୀରେ ବୁଢ଼ୀକୁ କୁଜି ସେନାପତି ପାଖକୁ ପ୍ରେରଣ କରାଯିବ ସେକଥା ନିଜେ ମହାବୀର ଆଲେକ୍‌ଜାଣ୍ଡାର ସ୍ଥିର କରିବା ଉଚିତ ବୋଲି ଭାବି ସେମାନେ ବୁଢ଼ୀକୁ ନେଇ ତାଙ୍କ ଆଗରେ ହାଜର କରାଇଲେ ।

''ତୁମେ ଏତେ ବଡ଼ ଅପରାଧ କରିବା ନିମନ୍ତେ ସାହସ କଲ କେମିତି ?'' ଆଲେକ୍‌ଜାଣ୍ଡାର ପ୍ରଶ୍ନ କଲେ ।

''ରାଜା ! ମୋର ଆତ୍ମସମ୍ମାନ ମୋତେ ସେ ସାହସ ଦେଲା । ତୁମେମାନେ ଆକ୍ରମଣକାରୀ । ଲୁଣ୍ଠନ କରିବା ତୁମ କାମ । କିନ୍ତୁ ମୋତେ ଚାପୁଡ଼ା ମାରିବା ଭଳି ଅସଭ୍ୟତା କଲା ଯେଉଁ ଅଭଦ୍ର, ତାକୁ ଦଣ୍ଡ ଦେବାର ଅଧିକାର ମୋର ଅବଶ୍ୟ ଥିଲା ।'' ବୁଢ଼ୀ କହିଲା ।

ଆଲେକ୍‌ଜାଣ୍ଡାର ଟିକିଏ ରହିଯାଇ କହିଲେ, ''ଅବଶ୍ୟ ଥିଲା । ତୁମକୁ ଦଣ୍ଡ ଦିଆଯିବ ନାହିଁ ।''

ସେତିକି ନୁହେଁ, ବୁଢ଼ୀ ଘରୁ ଲୁଣ୍ଠିତ ଧନ ତାକୁ ଫେରସ୍ତ ଦିଆଗଲା ।

('ମନୋଜ ଦାସ ପରିବେଷିତ ଅର୍ଦ୍ଧଶତ କିଶୋର କାହାଣୀ'ରୁ ସଂଗୃହୀତ, ପୃ.୧୩୦-୧୩୨)

❑❑❑

## ଶାହରିଅରଙ୍କ ଦ୍ୱନ୍ଦ୍ୱ

ପାରସ୍ୟର ରାଜା ଶାହରିଅର ଥିଲେ ପ୍ରବଳ ପ୍ରତାପୀ । ତାଙ୍କ ସାମ୍ରାଜ୍ୟ ଥିଲା ବେଶ୍ ବଡ଼ । ତାଙ୍କ ପରାକ୍ରମରେ ଆଖପାଖର ସମସ୍ତେ ଥରହର ହେଉଥିଲେ । ଜଣେ ପରାକ୍ରମଶାଳୀ ରାଜା ଭାବେ ତାଙ୍କ ମନରେ ବି ଭାରି ଗର୍ବ ଥିଲା ।

ଦିନକର କଥା । ରାଜା ରାତିରେ ଶୋଇ ସ୍ୱପ୍ନଟିଏ ଦେଖିଲେ ଯେ ଜଣେ ଶତ୍ରୁ ରାଜା ତାଙ୍କ ରାଜ୍ୟ ଉପରେ ଆକ୍ରମଣ କରିଛି । ସେ ଆକ୍ରମଣର ପ୍ରତିରୋଧ କରିବାରେ ଶାହରିଅର ଅସମର୍ଥ ହୋଇଛନ୍ତି । ତେଣୁ ସେ ପଳାୟନ କରିଛନ୍ତି । ଗୋଟିଏ ମରୁଯାତ୍ରୀ ଦଳରେ ସେ ସାମିଲ ହୋଇ ଯାଇଛନ୍ତି । ସେଠାରେ ତାଙ୍କୁ ଓଟମାନଙ୍କ ତତ୍ତ୍ୱାବଧାରକ ହେବାର କାମ ମିଳିଛି । ସେଇ ମରୁଯାତ୍ରୀ ଦଳର ସର୍ଦ୍ଦାର ଭାରି କ୍ରୁର । ସେ ତାଙ୍କୁ ଠିକ୍ ଭାବେ ଖାଇବାକୁ ଦେଉ ନାହିଁ । ଦିନକର କଥା । ଭୋକରେ ଆକୁଳ ଶାହରିଅର ଜଣେ ବୃଦ୍ଧ ସହଯାତ୍ରୀଙ୍କୁ ତାଙ୍କ ଖାଦ୍ୟ ଭାଗ ମାଗିଛନ୍ତି । ସେ ଯେଉଁ ଖାଦ୍ୟ ଦେଇଛନ୍ତି ତାକୁ ଏକାନ୍ତରେ ବସି ଖାଇଲା ବେଳକୁ କାହାର ଗୋଇଠା ମାଡ଼ରେ ସେ ଖାଦ୍ୟ ବି ଛିନ୍ନଛତ୍ର ହୋଇଯାଇଛି । ତା'ପରେ ତାଙ୍କ ପିଠିରେ ଚାବୁକ ମାରି ମରୁଯାତ୍ରୀ ଦଳର ସର୍ଦ୍ଦାର କହୁଛି – ଆମ ଓଟ ଭିତରୁ ଗୋଟିଏ ମରି ଯାଇଛି, ସେଥିପାଇଁ ତୁ ଦଣ୍ଡିତ ହେବୁ । ଏତିକିରେ ଶାହରିଅରଙ୍କ ନିଦ ଭାଙ୍ଗି ଯାଇଛି । ସେ ଆଖି ମଳି ଉଠି ବସିଛନ୍ତି ଏବଂ ତାଙ୍କ ଦେହରୁ ଗମଗମ ହୋଇ ଝାଳ ବହି ଯାଉଛି ।

ତା'ପରେ ତାଙ୍କୁ ନିଦ ହେଲା ନାହିଁ । ସକାଳୁ ସେ ଯାହାକୁ ଦେଖିଲେ ପଚାରିଲେ – ଏଇଟା ସତ୍ୟ ନା ସେଇଟା ସତ୍ୟ । ଏହା ଶୁଣି ସମସ୍ତେ ପ୍ରଶ୍ନର ଗୂଢ଼ କାରଣ ଜାଣିବାକୁ ଚାହିଁଲେ । ଶାହରିଅର ସେମାନଙ୍କୁ ସ୍ୱପ୍ନ କଥା କହିଲେ । ତାହା ଶୁଣି ସମସ୍ତେ କହିଲେ – ମହାରାଜ, ସେଇଟା ସ୍ୱପ୍ନ । ତାହା କ'ଣ କେବେ ସତ ହୋଇପାରେ ? ଏଇଟା ସତ । ଆପଣ ହେଉଛନ୍ତି ରାଜଚକ୍ରବର୍ତ୍ତୀ ଶାହରିଅର । କିନ୍ତୁ ଏଥିରେ ଶାହରିଅରଙ୍କ ମନ ମାନିଲା ନାହିଁ । ସେ ଜଣେ ସୁଫୀ ସନ୍ଥଙ୍କୁ ପଚାରିଲେ । ସୁଫୀ ସନ୍ଥ କହିଲେ ମହାରାଜ, ସତ କହିଲେ ଦୁଇଟି ଯାକ ହେଲା ମିଥ୍ୟା । ସ୍ୱପ୍ନ ତୁଟିଗଲା ମାତ୍ରକେ ଯେମିତି ଆପଣଙ୍କ ଦୁର୍ଦ୍ଦଶା ସରିଗଲା – ସେମିତି ଏଠାରେ ଆପଣଙ୍କ କାଳ ପୂରିଯିବା ମାତ୍ରକେ ଆପଣଙ୍କ ସବୁ ଐଶ୍ୱର୍ଯ୍ୟ ସରିଯିବ । ତେଣୁ ଦୁଇଟି ଯାକ ସାମୟିକ ଏବଂ ଅଳୀକ ।

ଶାହରିଅରଙ୍କୁ ଏ ଉତ୍ତର ବେଶ୍ ଭଲ ଲାଗିଲା । ସେ ଏଣିକି ରାଜ୍ୟ ଜୟରେ ମନ ନ ବଳାଇ କେମିତି ଶୁଦ୍ଧ ଓ ପବିତ୍ର ଜୀବନ ଜିଇବେ ସେଥିରେ ମନ ଦେଲେ ।

(ସଂଗୃହୀତ) ❑

# ମୁକ୍ତିଦାତା ପର୍ସିୟସ୍

## (୩)

## ପ୍ରତିଭା ଦାସ

[**ପୁସ୍ତିକା ସମ୍ପର୍କରେ ସାମାନ୍ୟ ସୂଚନା :** ଶ୍ରୀଅରବିନ୍ଦଙ୍କ ରଚିତ ଚାରିଗୋଟି ନାଟକ ମଧ୍ୟରୁ ଅନ୍ୟତମ ''Perseus the Deliverer'' ନାଟକର ବିଷୟବସ୍ତୁକୁ ଆଧାର କରି ଏହି ପୁସ୍ତକ ରଚିତ । ତେବେ ଏହି ପୁସ୍ତକ 'ମୁକ୍ତିଦାତା ପର୍ସିୟସ୍'ଟି ମୂଳ ନାଟକର ଅନୁବାଦ ନୁହେଁ ବା ନାଟକ ଆକାରରେ ପରିବେଷିତ ନୁହେଁ । ଏହା ମୂଳ ନାଟକର ଏକ କାହାଣୀ ରୂପାନ୍ତର ମାତ୍ର । ମୂଳ ନାଟକ ପାଞ୍ଚୋଟି ଅଙ୍କରେ ବିଭକ୍ତ ଏବଂ ପ୍ରତି ଅଙ୍କରେ ରହିଛି ତିନୋଟି ଲେଖାଏଁ ଦୃଶ୍ୟ, କେବଳ ଚତୁର୍ଥରେ ଚାରୋଟି ।

ଏହି ପୁସ୍ତକକୁ ମଧ୍ୟ ପାଞ୍ଚଟି ଭାଗରେ ବିଭକ୍ତ କରାଯାଇଛି ଏବଂ ପ୍ରତିଟି ଦୃଶ୍ୟକୁ ଯେଉଁ ସ୍ଥାନର ଘଟଣା ସେହି ସ୍ଥାନକୁ ଶିରୋନାମା ସ୍ୱରୂପ ରଖି ବର୍ଣ୍ଣନା ଦିଆଯାଇଛି । ସଂକ୍ଷେପରେ କହିଲେ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ମୂଳ ନାଟକରେ ବିଷୟବସ୍ତୁ ଯେଉଁଭଳି କ୍ରମରେ ପରିବେଷଣ କରାଯାଇଛି, କାହାଣୀ ମଧ୍ୟ ସେହି କ୍ରମ ଅନୁସରଣ କରିଛି । ଦୁଇଶହ ଏକ ପୃଷ୍ଠାର ନାଟକକୁ ଅଠାବନ ପୃଷ୍ଠାର କ୍ଷୁଦ୍ର ଅବୟବ ଭିତରେ କାହାଣୀ ରୂପ ଦିଆଯାଇଛି । କ୍ଷୁଦ୍ର ପରିସର ହେଲେ ବି ସ୍ଥାନେ ସ୍ଥାନେ ନଟୀଙ୍କ ମୁଖରେ କଥୋପକଥନ ଆକାରରେ ମୂଳ ନାଟକର ଅତୀବ ସୁନ୍ଦର ପ୍ରକାଶକୁ ଅନ୍ତତଃ ଭାବାନୁବାଦରେ ରୂପ ଦେବାର ଲୋଭ ସମ୍ବରଣ କରି ହୋଇ ନାହିଁ । ଫଳତଃ କାହାଣୀଟି ସର୍ବତୋ ରୂପେ ରଚୟିତ୍ରୀଙ୍କର ଧାରାରେ ଏକ ବର୍ଣ୍ଣନା ହୋଇ ରହି ନାହିଁ; ଏବଂ ତେଣୁ ତାହା ମୂଳ ନାଟକର ଦିବ୍ୟ ପ୍ରକାଶ ଭଙ୍ଗୀରୁ ସମ୍ପୂର୍ଣ୍ଣ ବଞ୍ଚିତ ହୋଇ ନାହିଁ ।

ମୂଳ ନାଟକଟି ଏକ ଗ୍ରୀକ୍ ପୌରାଣିକ ଉପାଖ୍ୟାନର ବିଷୟବସ୍ତୁ ଉପରେ ଆଧାରିତ । ବୀଜ ସ୍ୱରୂପ କ୍ଷୁଦ୍ର ବିଷୟବସ୍ତୁଟି ଶ୍ରୀଅରବିନ୍ଦଙ୍କ ଅମର ଲେଖନୀର ଦିବ୍ୟ ରସରେ ଅଙ୍କୁରିତ ହୋଇ ପଲ୍ଲବ-ପୁଷ୍ପରେ ମଣ୍ଡିତ ହୋଇ ଏକ ମନୋରମ ତନୁଶ୍ରୀ ଧାରଣ କରିଛି । ଶ୍ରୀଅରବିନ୍ଦଙ୍କ ରଚନା ସଂଗ୍ରହର ଷଷ୍ଠ ଖଣ୍ଡ Collected Plays ର ପ୍ରଥମ ନାଟକ ହେଲା ''Perseus the deliverer'' । ମୂଳ ନାଟକଟି ପାଠ କରି ଶ୍ରୀଅରବିନ୍ଦଙ୍କ ଲେଖନୀର ଦିବ୍ୟରସ ଗ୍ରହଣ କରିବା ଲାଗି ଆମର ଏହି ''ମୁକ୍ତିଦାତା ପର୍ସିୟସ୍'' ଶୀର୍ଷକ ପୁସ୍ତକଟି ପ୍ରେରଣା ସ୍ୱରୂପ ହେବ ବୋଲି ଆଶା କରୁ । ଏହି ପୁସ୍ତକଟି ଧାରାବାହିକ ଭାବେ ମାସିକ ପତ୍ରିକା 'ନବପ୍ରକାଶ'ରେ ସ୍ଥାନିତ ହେବାର ପ୍ରୟାସ କରାଯାଉଛି । — ସମ୍ପାଦନା]

### ମୁକ୍ତିଦାତା ପର୍ସିୟସ୍
### ରାଜ ଅନ୍ତଃପୁର ମଧ୍ୟେ...

ରାଜକୁମାରୀ ଏଣ୍ଡ୍ରୋମିଡ଼ା ବଦ୍ଧପରିକରା, ମନ୍ଦିରରେ ଥିବା ବନ୍ଦୀଦ୍ୱୟଙ୍କୁ ସେ ମୁକ୍ତ କରିବେହିଁ କରିବେ । ସହାୟକାରିଣୀ ଭାବେ ତାଙ୍କ ସହ ଯିବା ପାଇଁ କହୁଛନ୍ତି ସେ ତାଙ୍କର ପ୍ରିୟ ପରିଚାରିକା ଡାଇମିଡ଼ିକୁ । ଡାଇମିଡ଼ି ଭୟଭୀତା, କାରଣ ସେ ଅନୁମାନ କରିପାରୁଛି ସେହି ଦୁଃସାହସିକ କାର୍ଯ୍ୟର ପରିଣତି କେତେ ଭୟାବହ ହେବ । ରାଜକୁମାରୀ ତାଙ୍କ ପ୍ରତି ଡାଇମିଡ଼ିର ଅଶେଷ ଶ୍ରଦ୍ଧା ବିଷୟରେ ଅବହିତ ଥାଇ ତା'କୁ କହନ୍ତି : ତୁ ମୋତେ ଧମକ ଦେଖାଉଛୁ, କ୍ରୁଦ୍ଧ ଜନତା ମୋତେ ଚିରି ପକାଇବେ ବୋଲି କହି । କିନ୍ତୁ ଜାଣିରଖ ଡାଇମିଡ଼ି, ସେହି ବଣିକଙ୍କର ଶୋଚନୀୟ ହୃଦୟମାନ ସେମାନଙ୍କ ବକ୍ଷଦେଶରୁ ଉତ୍ପାଟିତ ହେବାର ଦାରୁଣ ଦୃଶ୍ୟ ମୁଁ ସହି ପାରିବିନି, ଭୟ ଓ କରୁଣାରେ ଜଡ଼ ସଡ଼ ହୋଇ ମୁଁ ତୋରି ପାଦ ତଳେ ମରି ପଡ଼ିବି । ସେତେବେଳେ ଯାଇ ଅନୁତାପ କରିବୁ ତୋର ନୃଶଂସତା କଥା ସ୍ମରଣ କରି ।

ବିଚାରୀ ଡାଇମିଡ଼ି — ଏଣୁ ମାରିଲେ ଗୋ-ହତ୍ୟା, ତେଣୁ ମାରିଲେ ବହ୍ମ-ହତ୍ୟା ! ଅନନ୍ୟୋପାୟା ସେ ରାଜି ହୁଏ । ରାଜକୁମାରୀକୁ ତା'ର ସେ ଏକା ଛାଡ଼ି ପାରିବ ନାହିଁ ମରିବା ଲାଗି, ଦରକାର ହେଲେ ସେ ନିଜେ ବି ମରିବ ।

ଏଣ୍ଡ୍ରୋମିଡ଼ା ଆଗେଇ ଯାଆନ୍ତି ବନ୍ଦୀମାନଙ୍କ ଉଦ୍ଧାର ଲାଗି । କହୁଥା'ନ୍ତି : ହେ ଭୟ-ବିକମ୍ପିତ ମୋର ମାନୁଷୀ ସାଥୀମାନେ, ପ୍ରତିଟି ଦୀର୍ଘ ମୁହୂର୍ତ୍ତ ତୁମର ଥିବ ତୁମ ହୃଦୟ

ଲାଗି ସଂଗ୍ରାମ । ମୋତେ କ୍ଷମାକର ମୋର ଅବାଞ୍ଛିତ ବିଳମ୍ବ ଲାଗି । ବଧିର ସ୍ୱର୍ଗରେ ଯଦି କେହି ଦେବତା ଥାଅ ଯେ କି ମଣିଷ ଲାଗି କରୁଣା କରେ ସେମାନଙ୍କୁ ସହାୟ କର, ତେବେ ହେ ଦେବତା, ମୋତେ ସାହାଯ୍ୟ କର । ମୁଁ ଏଣ୍ଡ୍ରୋମିଡ଼ା, ଏହି ପୃଥିବୀର ଜଣେ ମାନବୀ ମାତ୍ର, ମୁଁ ରକ୍ଷା କରିବାକୁ ଚାହେଁ ମୋର ଭାଇମାନଙ୍କୁ ।

ସେତିକିବେଳେ ସ୍ୱର୍ଗ ପଥରେ ଆବିର୍ଭୂତା ହୁଅନ୍ତି ଦେବୀ ଏଥିନୀ । ରାଜକୁମାରୀ ସେହି ଦେବୀଙ୍କର ଆଲୋକରେ ଉଲ୍ଲସିତା ହୋଇ ଉଠନ୍ତି । ବିସ୍ମୟ-ବିହ୍ୱଳା ହୋଇ ପ୍ରଶ୍ନ କରନ୍ତି : କିଏ ତୁମେ ଦେବୀ — ତୁମ ନାମ ସିରିଆରେ ଅଶ୍ରୁତପୂର୍ବ ?

ଦେବୀ : ମୁଁ ସେହି, ଯେ କରୁଣା ବହେ ଦୁଃଖ-ତାପ କ୍ଲିଷ୍ଟ ମାନବ ଆତ୍ମା ଲାଗି, ସହାୟ କରେ ସେମାନଙ୍କୁ ।

ରାଜକୁମାରୀ ତାଙ୍କ ପଦ ତଳେ ପ୍ରଲମ୍ବିତା ହୋଇ ପ୍ରାର୍ଥନା ଜଣାନ୍ତି : ହେ ଆନନ୍ଦମୟୀ ଦେବୀ, ମୋତେ ତୁମ ଚରଣ-ଚୁମ୍ବନରୁ ବଞ୍ଚିତ କରନା । ତେବେ ଖାଲି ଶୂନ୍ୟ ନୀଳ ଆକାଶ ନାହିଁ, ଶୀତଳ ଅନମନୀୟ ଆଇନ ନାହିଁ — ତୁମେ ଅଛ ବିଦ୍ୟମାନା ।

ଏଥିନୀ : ମଥା ତୋଳ, ହେ କାସିଓପ୍-କନ୍ୟା ! ତୁ ତେବେ ଉଦ୍ଧାର କରିବୁ ମୋର ପ୍ରିୟ ମାନୁଷୀ ଆତ୍ମା ଏହି ଦୁଇ ବେବିଲନୀୟଙ୍କୁ ? ତୁହିଁ କେବଳ ପ୍ରାପ୍ତ କଲୁ ସେହି ଜ୍ଞାନ, ଯାହା ମୁଁ ଚାହେଁ । ହେ ଶିଶୁ ମୋର । ଭୟ କରନା, ତୋତେ କୋପାନ୍ୱିତ ଜନତା ଶାସ୍ତି ଦେବ । ସମୁଦ୍ରରୁ ରାକ୍ଷସ ଉତ୍‌ଥିତ ହେବ ତୋର ଅଙ୍ଗପ୍ରତ୍ୟଙ୍ଗ ବିଦାରି ଖାଇବାକୁ । କିନ୍ତୁ ଶିଶୁ ମୋର, ତୁ ମୋର ପ୍ରିୟ, ମାଭୈଃ । ମୁଁ ରହିଛି ତୋ ସହ ଅଦୃଶ୍ୟ ଶରୀରରେ ।

ଏତିକି କହି ଦେବୀ ଅଦୃଶ୍ୟା ହୁଅନ୍ତି । ଆଉ ଠିକ୍ ସେତିକିବେଳେ ରାଜକୁମାରୀ କେତେଦୂର ଆଗେଇଲେଣି ଦେଖିବାକୁ ଆସି ଡାଇମିଡ଼ି ଆଶ୍ଚର୍ଯ୍ୟାନ୍ୱିତ ହୁଏ : କ'ଣ ତୁମେ ଏବେ ବି ଯାଇ ନାହଁ ? କିନ୍ତୁ ତୁମ ଚତୁଃପାର୍ଶ୍ୱରେ ଏ କି ଆଲୋକ ! ତୁମେ କେତେ ବଦଳି ଯାଇଛ, ରାଜକୁମାରୀ !

## ପୋସାଇଡ଼ନ୍‌ଙ୍କ ମନ୍ଦିରରେ ...

ମନ୍ଦିର ସେବକ ସିରିଅସ୍ ମନକୁ ମନ ଅଭିଯୋଗ କରି ଚାଲିଛି ତା'ର ଏତେ ଦିନର ବିଶ୍ୱସ୍ତ ସେବାର ପ୍ରତିଦାନରେ ସେ କିପରି ହୋଇଛି ପ୍ରବଞ୍ଚିତ । ପୋସାଇଡ଼ନ୍ ତାଙ୍କ କୋଷାଗାର ଭରି ବସି ରହିଛନ୍ତି, ସେବକକୁ ତାଙ୍କର ସାନ୍ତ୍ୱନା ସ୍ୱରୂପ ଗୋଟିଏ ମିଥ୍ୟା-ମୁଦ୍ରା ବି ମିଳିନି । ତେବେ ସେ ଲୁଟି କରି ନେବ ତାଙ୍କର କୋଷାଗାର ଏବଂ ଯାଇ ବାସ କରିବ ଲେବାନନ୍ ଉପରେ, ଯେଉଁଠିକୁ ପୋସାଇଡ଼ନ୍‌ଙ୍କର ସମୁଦ୍ରରାକ୍ଷସମାନେ ଯାଇ ପାରିବେନି, ଗୋଡ଼ାଇ ଗଲେ ବି ଅଣନିଃଶ୍ୱାସୀ ହୋଇ ଫେରିବେ ।

ଏତିକିବେଳେ ରାଜକୁମାର ଆୟଲାସ୍ ସେଠାରେ ପହୁଞ୍ଚି ସିରିଅସ୍‌କୁ କହନ୍ତି : ମୁଁ ତୋତେ ସ୍ୱର୍ଣ୍ଣ ଦେବି, ତୁ ତୋର ମୁକ୍ତି ସେଥିରେ କିଣି ପାରିବୁ । କିନ୍ତୁ ତୋତେ ମୋର ଗୋଟିଏ କାର୍ଯ୍ୟ କରିବାକୁ ହେବ ।

ସିରିଅସ୍ ଭୟ ପାଇଛି । ବିଚାରା, ତା'ର ଆପଣା ମନକୁ କହୁଥିବା କଥା କିଏ ଶୁଣିଦେଲା । ଏବେ ତା'ର କ'ଣ ହେବ ? ରାଜକୁମାର ଆୟଲାସ୍‌ଠାରୁ ଆଶ୍ୱାସନା ପାଇ ସେ ପଚାରୁଛି : ତୁମେ ନିଶ୍ଚିତ ଜଣେ ଦେବତା, ନହେଲେ ମୋ ମନ କଥା ବା କିପରି ଜାଣନ୍ତ ? ତେବେ ବୃଦ୍ଧ ପିତା ଭଗବାନ୍ ଜିଅସ୍ ତୁମକୁ ନୂଆ ଦେବତା କଲେ; କିନ୍ତୁ ମୋ ପରି ଚୋରମାନଙ୍କୁ ସହାୟ କରିବା ବ୍ୟତୀତ ଆଉ ଭଲ କାମ କ'ଣ ତୁମକୁ ଦେଇ ପାରିଲେନି ?

ତତ୍ପରେ ରାଜକୁମାର ଆୟଲାସ୍‌ଙ୍କଠାରେ ଆସି ଉପସ୍ଥିତ ହୋଇଛନ୍ତି ପର୍ସିୟସ୍ । ତାଙ୍କୁ ଦେଖି ସିରିଅସ୍ ଭାବ ଗଦ୍‌ଗଦ୍ ହୋଇ ଭଗବାନ୍ ଜିଅସ୍ ବୋଲି ଭାବିଛି ।

ସେମାନେ ନିର୍ଦ୍ଦେଶ ଦେଇଛନ୍ତି ସିରିଅସ୍‌ଙ୍କୁ ଯାଇ ବନ୍ଦୀ ଦ୍ୱୟଙ୍କୁ ମୁକ୍ତ କରି ଆଣିବାକୁ । ସିରିଅସ୍ ଭୁଲି ନାହିଁ ପର୍ସିୟସ୍‌ଙ୍କର ସେଦିନର ବୀରତ୍ୱ କଥା, ଯେଉଁ ଦିନ ତାଙ୍କ ଯୁଦ୍ଧ ଫଳକରୁ ସ୍ଫୁରିଥିଲା, ତା' ଭାଷାରେ ଫସଫରସ୍ ଆଲୋକ ।

ବନ୍ଦୀଦ୍ୱୟଙ୍କୁ ଧରି ଆସିଛି ସିରିଅସ୍ । ସ୍କର୍ଦ୍ଦାସ୍ ଭୀତତ୍ରସ୍ତ ବଣିକ ମୁକ୍ତି ଲାଗି ପ୍ରତିଶ୍ରୁତି ଦେଇଛି ପର୍ସିୟସ୍‌ଙ୍କୁ : ତୁମେ ମୋତେ ମୁକ୍ତ କର, ମୁଁ ଯାଇ ମୋ ଦେଶରୁ ତୁମ ଲାଗି ଆଣିବି ପ୍ରଭୂତ ଅର୍ଥ । ଟିରାନାସ୍ ଏଠାରେ ଥାଆନ୍ତୁ ।

ପର୍ସିୟସ୍ କହନ୍ତି : ତେବେ ତୁମେ ବନ୍ଦୀ ଥାଅ ଏଠାରେ, ଟିରାନାସ୍ ଯାଇ ଆଣନ୍ତୁ ଅର୍ଥ ।

ଏଇଠି ଖୋଲି ଯାଇଛି ସ୍କର୍ଦ୍ଦାସ୍‌ର ମୁଖା । ତା'ର ପ୍ରତାରଣା ବ୍ୟଞ୍ଜକ ଉକ୍ତି । ଏହି ଭୀତ, ପ୍ରତାରକ ବଣିକ ପର୍ସିୟସ୍‌ଙ୍କ ହୃଦୟରେ ଉଦ୍ରେକ କରି ପାରିନି ସହାନୁଭୂତି । ସେ ପ୍ରଥମେ ମୁକ୍ତି ଦେଇଛନ୍ତି ଟିରାନାସ୍‌ଙ୍କୁ ।

ଠିକ୍ ସେହି ସମୟରେ – ନାରୀ କଣ୍ଠର ଆବାଜ। ସିରିଅସ୍‌ର ନାମ ଧରି କେହି ଡାକୁଛି । ଅନ୍ତରାଳରେ ଛପି ଯାଇଛନ୍ତି ଆୟଲାସ୍ ଓ ପର୍ସିୟସ୍ । ଗଲାବେଳେ ଆୟଲାସ୍ ବଣିକଙ୍କୁ କହିଛନ୍ତି, ସେମାନଙ୍କ ବିଷୟରେ କିଛି ନ କହିବା ଲାଗି ।

ପ୍ରବେଶ କରିଛନ୍ତି ଡାଇମିଡ଼ି ଓ ଏଣ୍ଡ୍ରୋମିଡ଼ା । ବିସ୍ମୟଚକିତ ସିରିଅସ୍ ମୁହଁରୁ ସ୍ଫୁରିତ ହୋଇଛି : ରାଜକୁମାରୀ ଏଣ୍ଡ୍ରୋମିଡ଼ା !

ଅନ୍ତରାଳରୁ ପର୍ସିୟସ୍ ନିରୀକ୍ଷଣ କରିଛନ୍ତି ରାଜକୁମାରୀଙ୍କୁ ଓ ନେପଥ୍ୟରେ କହୁଛନ୍ତି : ଏଣ୍ଡ୍ରୋମିଡ଼ା ! ଆୟଲାସ୍‌ର ଗୋଲାପୀ ଭଗିନୀ । ଶିଶୁ ଦେବୀ ଏ, ସଦ୍ୟ ପତିତ ହୋଇଛି ସ୍ୱର୍ଗରୁ । ଏବେ ବି ତା'ର ମୁଖ ମଣ୍ଡଳରେ ଲାଖି ରହିଛି ଆଲୋକର ଝଲକ ।

ଏଣ୍ଡ୍ରୋମିଡ଼ା ସିରିଅସ୍‌ଙ୍କୁ ଯାଚିଛନ୍ତି ଉତ୍କୋଚ ଡାଇମିଡ଼ି ମାଧ୍ୟମରେ । ଦୁଇ ତରଫରୁ ଧନ ପ୍ରାପ୍ତିର ପ୍ରତିଶ୍ରୁତି ପାଇ ମୁକ୍ତି ଲାଗି ଧନ ଲୋଲୁପ ସିରିଅସ୍‌ର ପାଦ ଆଉ ତଳେ ଲାଗୁନି । ସ୍କୃର୍ଦ୍ଧାସ୍, ଭୀତ ବଣିକ ରାଜକୁମାରୀଙ୍କର ମୁକ୍ତିଦାନର ପ୍ରତିଶ୍ରୁତିରେ ଆନନ୍ଦ ଚକିତ । ରାଜକୁମାରୀ ତାକୁ ସସ୍ନେହେ ପଚାରିଛନ୍ତି ଅନ୍ୟ ବଣିକଙ୍କ କଥା । ପର୍ସିୟସ୍‌ଙ୍କ ଦ୍ୱାରା ସେତେବେଳକୁ ମୁକ୍ତ ବଣିକ ଟିରାନାସ୍ ଆଗେଇ ଆସି ତାଙ୍କର ବନ୍ଧନ ମୁକ୍ତ ହସ୍ତ ଦର୍ଶାଇ ରାଜକୁମାରୀଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି ।

ରାଜକୁମାରୀ ବିସ୍ମୟବିମୂଢ଼ା : ଆରେ, କିଏ କଲା ସେହି ଆନନ୍ଦକର କରଣୀ, ଯାହା ଭଗବାନ୍ ମୋତେ ଦେଇଥିଲେ ?

ଟିରାନାସ୍ କହନ୍ତି : ଯେ ମୋତେ ମୁକ୍ତିଦେଲେ ସେ ତୁମରି ଭଳି ଜଣେ ଦୀପ୍ତିବନ୍ତ ଦେବତା, ତୁମରି ପରି କରୁଣାସିକ୍ତ ମଧୁରିମା ।

ରାଜକୁମାରୀ କହନ୍ତି : ସେହି ଦେବତାଙ୍କୁ ମୁଁ ନିରେଖିଛି ମୋର ସ୍ୱପ୍ନରେ ।

ଅଧୈର୍ଯ୍ୟ ସ୍କୃର୍ଦ୍ଧାସ୍ ବାଧା ଦିଏ କଥାରେ । ତା'ର ମୁକ୍ତି ତୁରନ୍ତ ପ୍ରୟୋଜନ । ଅର୍ଦ୍ଧ ମୃତ୍ୟୁ ସେ ଭୋଗି ସାରିଲାଣି ଭୟର ଚାପରେ ।

ଅତି ମଧୁର ଆଳାପ ମଧ୍ୟରେ ଦୟାର୍ଦ୍ର ହୃଦୟା ରାଜକୁମାରୀ ମୁକ୍ତ କରନ୍ତି ସ୍କୃର୍ଦ୍ଧାସ୍‌କୁ । ଉଭୟଙ୍କୁ ନେଇ ଏକ ଗୁହା ମଧ୍ୟରେ ଲୁଚାଇ ରଖିବାକୁ ନିର୍ଦ୍ଦେଶ ଦିଅନ୍ତି ସିରିଅସ୍‌କୁ । ପରେ ଭାଇ ଆୟଲାସ୍‌ଙ୍କଠାରୁ ଅର୍ଥ ଆଣି ସେମାନଙ୍କୁ ଦେଲେ ସେମାନେ ପଳାୟନ କରି ପାରିବେ – ସେହି ପ୍ରତିଶ୍ରୁତି ସେମାନଙ୍କୁ ଦେଇ ରାଜକୁମାରୀ ବିଦାୟ ଘେନନ୍ତି ଡାଇମିଡ଼ି ସହ ।

ପର୍ସିୟସ୍ ଅନ୍ତରାଳରୁ ବାହାରି ନେପଥ୍ୟରେ କହନ୍ତି : ରାଜକୁମାରୀ ଏଣ୍ଡ୍ରୋମିଡ଼ା, ତୁମେହିଁ ମୋର ସହଚରୀ । ଏବେ ମୁଁ ବୁଝିଛି କାହିଁକି ମୋର ଆଗ୍ରହୀ ପାଦୁକା ବାଧା ନମାନି ମୋତେ ବୋହି ଆଣିଲା ସିରିଆ ରାଜ୍ୟକୁ ।

ଆଶ୍ଚର୍ଯ୍ୟଚକିତ ଆୟଲାସ୍ କହନ୍ତି : ଏ ମୋ ଭଉଣୀ ଏଣ୍ଡ୍ରୋମିଡ଼ା ନା ଆଉ କେହି ? ତା'ର ଏ ରୂପ ତ ମୁଁ କେବେ ପ୍ରତ୍ୟକ୍ଷ କରିନି । ଯାହାକୁ ଆମେ ଭଲ ପାଉ ଆଉ ଯାହା ସହ ବାସ କରୁ ତା'କୁ ଆମେ କେତେ କମ୍ ଜାଣୁ ! ସେ ପ୍ରକାଶ୍ୟରେ ଏକ ଶକ୍ତିଶାଳୀ ଭୟଙ୍କର ଦେବତାଙ୍କୁ ବାଧା ଦେଇ ଚାଲିଗଲା !

ପର୍ସିୟସ୍ : ଦେବୀ ଏଥିନୀ ମୋତେ ଏହି ହର୍ଷୋତ୍‌ଫୁଲ୍ଲ ସାଗର ତୀରକୁ ପ୍ରେରଣ କଲେ ଯେଉଁଠି ଅଛନ୍ତି ସୌରଭଙ୍ଗଯୁକ୍ତ କେଶଧାରୀ ଦୁଇଟି ସୁନ୍ଦର ଭାଇ-ଭଉଣୀ । ମୁଁ କ'ଣ ଏଠାରେ ପ୍ରତ୍ୟକ୍ଷ କରିବି କିପରି ସେମାନଙ୍କର ସୌନ୍ଦର୍ଯ୍ୟ ନଷ୍ଟୀଭୂତ ହେବ ଚତୁର ପୁରୋହିତ ଓ ରକ୍ତଲୋଲୁପ ଦେବତାଙ୍କ ଦ୍ୱାରା କୃତ ମୃତ୍ୟୁର କରାଳ ଲୀଳାରେ ? ନା, ରାଜକୁମାର ଭୟ କରନା । ମୋ ହାତରେ ରହିଛି ଦେବୀ ଏଥିନୀଙ୍କର ତୀକ୍ଷ୍ଣ ତରବାରି ।

## ସେହି ମନ୍ଦିରର ଅନ୍ଧକାରରେ ...

ମନ୍ଦିର ସେବକ ସିରିଅସ୍‌ର ନାମ ଧରି ଡାକୁ ଡାକୁ ମନ୍ଦିରର ଅନ୍ଧକାରରେ ପ୍ରବେଶ କରନ୍ତି ପୁରୋହିତ ପଲିଡ଼ନ୍ । ଭୟସଙ୍କୁଳ ସେହି ବାତାବରଣ । ଦୀର୍ଘ ଚାଳିଶି ବର୍ଷର ଆତଯାତ ପରେ ବି ସେହି ବାତାବରଣ ସହ ଏପର୍ଯ୍ୟନ୍ତ ଅଭ୍ୟସ୍ତ ହୋଇ ନାହାନ୍ତି ପୁରୋହିତ । ଅଭ୍ୟନ୍ତରରୁ ଫେରୁ ଫେରୁ ବ୍ୟସ୍ତ ବିବ୍ରତ ହୋଇ ଚିତ୍କାର କରନ୍ତି ପୁରୋହିତ : ନିଦ୍ରିତ ସିରିଆ, ଜାଗ୍ରତ୍ ହୁଅ । ତୁମକୁ ସଂହାର କରାଯାଇଛି, ତୁମ ହୃଦୟମାନ କର୍ତ୍ତିତ ହୋଇଛି, ତୁମକୁ ଚୂଡ଼ାନ୍ତ ଅବମାନନା କରାଯାଇଛି । ତୁମର ଶସ୍ୟ ସମ୍ଭାର, ତୁମର ପୁତ୍ର-କନ୍ୟା ସମସ୍ତ ବିଧ୍ୱସ୍ତ ହେବ । ଦେବ ଉଦ୍ଦିଷ୍ଟ ବଳି – କିଏ କରିପାରେ ତାଙ୍କୁ ମୁକ୍ତ ? ହୋଇ ପାରେନା ସେ ଭୃତ୍ୟ ସିରିଅସ୍ । ନିଶ୍ଚୟ ସେ ଦେବତା ଘୃଣାକାରୀ

ରାଜପୁତ୍ର ଆୟଲାସ୍ । ମନେହୁଏ ଭୃତ୍ୟ ସିରିଅସ୍ କେଉଁଠି ପଡ଼ିଛି ମୃତ ହୋଇ । ମୁଁ ବଜାଇବି ସତର୍କ ଘଣ୍ଟା । ଜାଗ୍ରତ୍ ହୁଅ ସିରିଆବାସୀ ।

ଏମିତି ଅସ୍ଥିର ହୋଇ ସେ ବଜାଇଲେ ଘଣ୍ଟା । ହଠାତ୍ ସେତିକିବେଳେ ସେ ଅନୁଭବ କଲେ ତାଙ୍କ ସମ୍ମୁଖରେ ଏକ କୃଷ୍ଣ ଛାୟାକୃତି । ଭୟଭୀତ ହୋଇ ସେ ନିଜକୁ ପ୍ରଶ୍ନ କରନ୍ତି : ଏହା କେଉଁ ଦେବତାର ଛାୟାମୂର୍ତ୍ତି ।

ତାହା ଥିଲା ପୋସାଇଡ଼ନ୍‌ଙ୍କର ଛାୟାମୂର୍ତ୍ତି । ପ୍ରଥମେ ତାହା ଛାୟାଚ୍ଛନ୍ନ ଥିଲା । ପରେ ସ୍ୱଷ୍ଟ ହୋଇ ଉଠିଲା । ଅନ୍ଧକାର ମଧ୍ୟରେ ସେ ମୂର୍ତ୍ତି ଭୟଙ୍କର ଦିଶୁଥିଲା ।

ପୋସାଇଡ଼ନ୍ : ପଲିଡ଼ନ୍, ଦେ' ମୋର ବଳି ।

ପୁରୋହିତ କହନ୍ତି : ହେ ଅବମାନିତ ଦେବତା, ମୋ ଉପରେ ନ ପଡୁ ତୁମର କଠିନ ଦଣ୍ଡ ! ମୁଁ ନିରପରାଧ ।

ଜଳ ଦେବତା ଗର୍ଜନ୍ତି : ତୁ ବା କିପରି ନିରପରାଧ ହେଲୁ, ଅଯୋଗ୍ୟ ପୁରୋହିତ ? ତୁ ବ୍ୟସ୍ତ ଥିଲୁ ତୋର ମାନୁଷୀ ହୀନ ଲକ୍ଷ୍ୟ ସାଧନ ଲାଗି ଯୋଜନା କରିବାରେ । ଆଉ ସେତିକିବେଳେ ଅବାଧ ଗତିରେ କେହି ଆସି ମୋରି ଛାତ ତଳୁ ମୋ ବଳିକୁ ଛଡ଼ାଇ ନେଇଗଲା । ମୁଁ ମୋର ମନ୍ଦିରରେ ଅପମାନିତ ହୋଇଛି ।

ପୁରୋହିତ କହନ୍ତି : ତେବେ ପ୍ରଭୁ, ତୁମେ ତୁମର ଇଚ୍ଛା ଘୋଷଣା କର । ତାହା ହେବ ପାଳିତ ।

ପୋସାଇଡ଼ନ୍ କହନ୍ତି : ମୁଁ ହେବି ଜାଗ୍ରତ୍ । ସିରିଆ ଶତ୍ରୁର ଆକ୍ରମଣରେ ହେବ ଜନହୀନ । ତା'ର ରାଜଧାନୀରେ ଚିତ୍କାର କରିବେ ଶ୍ୱେନ, ଶୃଗାଳ । ମୋର ଜାତି ସମୁଦ୍ରର ଗଭୀରରୁ ଉଠି ତୁମ ରାସ୍ତା ଘାଟରେ ବୁଲିବେ । ତୁମର ସବଳ, ସଶସ୍ତ୍ର ମଣିଷମାନେ ଅସହାୟ ହୋଇ କ୍ରନ୍ଦନ କରିବେ ଦୁର୍ବଳ ମଣିବନ୍ଧ ନାରୀମାନଙ୍କ ପରି ଆମରଣ । ଆଉ ତୋର ପରିଣତି ହେବ ଶୋଚନୀୟ, ଜୀବନ୍ତ ରୂପେ ନରକରେ ।

ପଲିଡ଼ନ୍ : ହେ ଭୟଙ୍କର ଦେବତା ।

ପୋସାଇଡ଼ନ୍ : ଯଦି ତୁ ଚାହୁଁ ଏହି ଭୟଙ୍କର ପରିଣତିରୁ ରକ୍ଷା ପାଇବୁ ଏବଂ ମୋର ସିରିଆକୁ ନିରାପଦରେ ରଖିବୁ, ତେବେ ବେବିଲନୀୟ ବନ୍ଦୀଙ୍କର ଉଦ୍ଧାରକାରୀଙ୍କୁ ଆଣି ମୋଠାରେ ବଳି ଦେ' । ଏବେ ବି ଜୀବିତ ଆୟଲାସ୍‌ର ହୃଦୟ ଆଣି ମୋତେ ଅର୍ପଣ କର । ସିଫିଆସର ଅପବିତ୍ର ଗୃହ ଆଲୋକରୁ ପୋଛି ହୋଇଯାଉ । ତୋ'ର ହୀନ ଲକ୍ଷ୍ୟ ହୃଦୟରୁ ଦୂରେଇ ଦେ' । ନିର୍ଭୟ ହେବାକୁ ଭୁଲନା । ତୁ ଯଦି ଯୋଗ୍ୟ ହେଉ, ତେବେ ମୁଁ ତୋ ମଧ୍ୟରେ ବାସ କରିବି ।

ତତ୍ପରେ ପୋସାଇଡ଼ନ୍ ଅଦୃଶ୍ୟ ହୋଇ ଯାଆନ୍ତି । ଆଉ ସେତିକିବେଳେ ସେଠାରେ ଆସି ପହଞ୍ଚୁଛନ୍ତି ସିରିଆର ରାଜା । ତାଙ୍କ ସହ ସୈନ୍ୟସାମନ୍ତ, ଜନତାର ନେତା ଏବଂ ବହୁ ସଂଖ୍ୟକ ମଶାଲ । ରାଜା ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କରନ୍ତି : ଏହି ମର୍ମ ବିଦାରକ ଘଣ୍ଟାଧ୍ୱନି ତୁମେ କାହିଁକି କଲ ପୁରୋହିତ, ଯାହା କର୍ଣ୍ଣପାତ କରି ସମଗ୍ର ସିରିଆ ଥରହର । ମଶାଲର ଆଲୁଅରେ ତୁମ ଚେହେରା ଲାଗୁଛି ଯେପରି ଏକ ଅଶରୀରୀର ।

ପୁରୋହିତ କହନ୍ତି : ରାଜା ଏହା ତୁମ ଆଉ ତୁମ ପରିବାରର ମୃତ୍ୟୁର କରାଳ ଘଣ୍ଟା ।

ତତ୍ପରେ ପୁରୋହିତ ବ୍ୟାଖ୍ୟାନ କରନ୍ତି ପୋସାଇଡ଼ନ୍‌ଙ୍କର ଜାଗୃତି ବିଷୟ । ସିରିଆର ଜନତା ଉଦ୍ଦେଶ୍ୟରେ ସାବଧାନ ବାଣୀ ଶୁଣାନ୍ତି । ପୋସାଇଡ଼ନ୍‌ଙ୍କର ଅବମାନନାର ପ୍ରତିଶୋଧ କିପରି ସେମାନଙ୍କର ସନ୍ତାନସନ୍ତତି, ପରିବାରକୁ ଗ୍ରାସ କରିବ ତାହା ସୂଚାଇ ଦିଅନ୍ତି ।

ମୂହ୍ୟମାନ ଜନତାର ନେତା ଥେରପସ୍ କହନ୍ତି : ହେ ପୁରୋହିତ ତୁମେହିଁ ଆମର ରାଜା । ଆମକୁ ଆଦେଶ ଦିଅ କ'ଣ କରିବାକୁ ହେବ ।

ପଲିଡ଼ନ୍ ଆଦେଶ ଦିଅନ୍ତି : କେସିଓପିଆ ଓ ତା'ର କନ୍ୟାକୁ ଏଠାକୁ ଆଣ । କୁହ, ସିରିଆର ରାଜା ସେମାନଙ୍କୁ ଏଠାରେ ଉପସ୍ଥିତ ହେବାକୁ ଆଦେଶ ଦିଅନ୍ତୁ ।

କେସିଓପିଆ ଅର୍ଥାତ୍ ସିରିଆର ରାଣୀ ଆଉ ତାଙ୍କ କନ୍ୟା ରାଜକୁମାରୀ ଏଣ୍ଡ୍ରୋମିଡ଼ାଙ୍କ ଉପରେ ପୁରୋହିତ ପଲିଡ଼ନ୍‌ର ଆଦେଶ ! ଟାୟାରର ରାଜା ଫିନିଅସ୍ ଅପେକ୍ଷାରେ ରହୁଛନ୍ତି ରାଜକୁମାରୀଙ୍କ ପାଣିଗ୍ରହଣ ଉଦ୍ଦେଶ୍ୟରେ । ଆଉ ସେମାନେ ମା' କନ୍ୟା ଆସିବେ ଜନତା ସମ୍ମୁଖକୁ ଶାସ୍ତି ପାଇବାକୁ ପୁରୋହିତ କର୍ତ୍ତୃକ । ଏଯାବତ୍ ପୁରୋହିତଙ୍କର ସବୁକିଛି ଯୋଜନା ଫିନିଅସ୍‌ଙ୍କୁ ମନେ ହେଉଥିଲା ଆୟଲାସ୍‌ଙ୍କ ବିରୁଦ୍ଧରେ । ସ୍ୱୟଂ ରାଣୀ ଓ ରାଜକୁମାରୀ ପୁଣି ବିପଦ ମଧ୍ୟକୁ ଆସିବେ ! ତାହା ଫିନିଅସ୍ ସହ୍ୟ କରି ପାରନ୍ତିନି । ଅତି ତୀବ୍ର ରୂପେ ସେ ନିନ୍ଦା କରନ୍ତି ପୋସାଇଡ଼ନ୍‌ଙ୍କୁ ଓ ତାଙ୍କ ପୁରୋହିତଙ୍କୁ ।

ସେତିକିବେଳେ ସୈନ୍ୟମାନେ ଆସି ସମ୍ବାଦ ଦିଅନ୍ତି ଯେ ଜଣେ ବଣିକ ଅନୁସନ୍ଧାନ ପରେ ମିଳିଛି । ସୈନ୍ୟମାନେ ଧରି ଆଣିଛନ୍ତି ସ୍ମର୍ଦ୍ଧାସଙ୍କୁ । ପୁରୋହିତ ତାକୁ ପ୍ରଶ୍ନ କରନ୍ତି :

କେଉଁ ଅପବିତ୍ର ହସ୍ତ ତୁମକୁ ମୁକ୍ତି ଦେଲା, ନିଃସଙ୍କୋଚରେ କୁହ । ତାଚ୍ଛଲ୍ୟ କରି ପୁରୋହିତ ରାଜାଙ୍କୁ କହନ୍ତି : ଏବେ ତୁମେ ଥରିବା ଆରମ୍ଭ କର, ରାଜା । ବର୍ତ୍ତମାନ ଜାଣିବ କିଏ ଅପରାଧୀ !

ରାଜା ହତାଶ ହୋଇ ଭାବନ୍ତି : ନିଶ୍ଚୟ ମୋର ଚଞ୍ଚଳ-ମସ୍ତିଷ୍କ ପୁତ୍ର ଆୟଲାସ୍ ଏହା କରିଛି ।

ସ୍ମର୍ଦ୍ଧାସ୍ କିନ୍ତୁ ବିମନା ହୋଇ କହି ପକାଏ : ହାୟ, ମୋତେ ସେହି ମଧୁରହାସିଣୀ, ଦୟାର୍ଦ୍ରନୟନାର ନାମ ମୃତ୍ୟୁ ଆଗରେ ପ୍ରକାଶ କରିବାକୁ ହେବ ! ମୁଁ ତାହା କରି ପାରିବି ନି ।

ପଲିଡ଼ନ୍ ଆଶ୍ଚର୍ଯ୍ୟ ହୁଅନ୍ତି : ଜଣେ ନାରୀର କାର୍ଯ୍ୟ ଏ ?

ରାଜା କିନ୍ତୁ ଆଶ୍ୱସ୍ତ ହୁଅନ୍ତି : ଆଃ, ତାଙ୍କ ଆୟଲାସ୍ ତେବେ ଏହା କରିନି ।

ପଲିଡ଼ନ୍ ନିର୍ଭୟ ଦେଇ କହନ୍ତି ସ୍ମର୍ଦ୍ଧାସ୍‌ଙ୍କୁ : କୁହ ତୁମେ ଅପରାଧୀର ନାମ, ତୁମକୁ ମିଳିବ ଅନେକ ସ୍ୱର୍ଣ୍ଣ, ସ୍ୱଦେଶକୁ ଫେରିବାର ଜାହାଜ ।

ସ୍ମର୍ଦ୍ଧାସ୍ କହେ ଆୟଲାସ୍‌ର ନାମ । ପୁରୋହିତ କିନ୍ତୁ ବିଶ୍ୱାସ କରନ୍ତି ନି । ଉତ୍କୋଚର ପରିମାଣ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବଣିକକୁ ନିର୍ଭର ପ୍ରତିଶ୍ରୁତି ଦିଅନ୍ତି ମୁକ୍ତିର । ଅନନ୍ୟୋପାୟ ହୋଇ ସେ କହି ପକାଏ ରାଜକୁମାରୀ ଏଣ୍ଡ୍ରୋମିଡ଼ାର ନାମ । ସେ ଆସିଥିଲେ ତାଙ୍କ ପରିଚାରିକା ଡାଇମିଡ଼ି ସହ ଏବଂ ସେହିଁ କଲେ ମୁକ୍ତ ।

ଟାୟାରର ଫିନିଅସ୍ ତାହା ବିଶ୍ୱାସ କରନ୍ତି ନାହିଁ । ଏକ ମୃଦୁ କୋମଳ ଶିଶୁ କେବେ ଏ କାର୍ଯ୍ୟ କରିପାରେ ? ନା — ପୁରୋହିତଙ୍କ ଦ୍ୱାରା ଏହା କିଛି ଗୋଟିଏ କୁଚକ୍ର ବୋଲି ସେ ମନେ କରନ୍ତି ।

ପଲିଡ଼ନ୍ ତାଙ୍କୁ ପରିହାସ କରି କହନ୍ତି : ସେ ମୃତ୍ୟୁର ବଧୂ, ତୁମର ନୁହେଁ । ମୃତ୍ୟୁ ସହ ରାଜକୁମାରୀର ଯନ୍ତ୍ରଣାଦାୟକ ବିବାହ ଅନୁଷ୍ଠାନରେ ତୁମେ ସର୍ବୋତ୍ତମ ବ୍ୟକ୍ତି ହେବ କି ?

ଫିନିଅସ୍ ସ୍ୱର ନିମ୍ନ କରି ପଚାରନ୍ତି : ମୁଁ ସିରିଆ ରାଜ୍ୟ ପାଇବି ତ ?

ପୁରୋହିତ : ତାହା ମୋର ହେଲେ ମୁଁ ତୁମକୁ ଦେବି ।

ସେହି ଅବସରରେ ଆଶ୍ଚର୍ଯ୍ୟଚକିତା ରାଣୀ ଓ ରାଜକୁମାରୀଙ୍କୁ ଧରି ସୈନ୍ୟମାନେ ଆସନ୍ତି । ତାଙ୍କ ଉପରେ ପୁରୋହିତଙ୍କର ଆଦେଶଜାରିର ରହସ୍ୟ ସେ ବୁଝନ୍ତି ନି । ସେ ପୁରୋହିତକୁ କହନ୍ତି : ମୋର ସ୍ୱାମୀ, ସିରିଆର ସମ୍ରାଟ ଏଠାରେ ଦଣ୍ଡାୟମାନ ଥାଉ ଥାଉ ତୁମେ ଆମ ମା' କନ୍ୟାଙ୍କ ଉପରେ ଆଦେଶ ଜାରି କରିବାକୁ କିଏ ?

କିନ୍ତୁ ରାଜାଙ୍କୁ ଦେଖନ୍ତି ସେ ନୀରବ, ସାଧାରଣ ଏକ ପ୍ରଜା ଭଳି ଅବନତମୁଖୀ ।

ପୁରୋହିତ ଆହ୍ୱାନ ଦିଅନ୍ତି ରାଜକୁମାରୀଙ୍କୁ ଆଗେଇ ଆସିବାକୁ । ରାଣୀ ବାଧା ଦିଅନ୍ତି । ତତ୍ପରେ ତାଙ୍କୁ ଜଣାଇ ଦିଆଯାଏ ରାଜକୁମାରୀଙ୍କର ଅପରାଧ ।

ପରିଚାରିକା ଡାଇମିଡ଼ି ରାଜକୁମାରୀଙ୍କୁ ନେପଥ୍ୟରେ ଅନୁଯୋଗ କରେ : ତୁମେ ପ୍ରକାଶ କରନା ତୁମର ଦୋଷ । ତା'ହେଲେ ଆମେ ପ୍ରାଣରକ୍ଷା କରି ପାରିବୁ ।

ରାଜକୁମାରୀ କହନ୍ତି : ମୁଁ ବା କାହିଁକି ତାହା ଗୁପ୍ତ ରଖିବି ଡାଇମିଡ଼ି ? ଯଦି ସେମାନଙ୍କୁ ମୁକ୍ତି ଦେବାକୁ ମୋ ହୃଦୟରେ ସାହସ ଥିଲା ତେବେ ସ୍ୱୀକାର କରିବାକୁ କ'ଣ ସାହସ ନାହିଁ ? ମୁଁ ଜଣେ ରାଜକୁମାରୀ, ମୁଁ ବା କାହିଁକି ମିଥ୍ୟା କହିବି ? ମୁଁ ଭୀରୁ ନୁହେଁ ।

ପୁନର୍ବାର ସେହି ବଣିକଙ୍କୁ ବାଧ୍ୟ କରନ୍ତେ ସେ ଯଦିଓ ସଙ୍କୁଚିତ ହେଲା ରାଜକୁମାରୀଙ୍କର ମୁଖରେ ବିଷଣ୍ଣ ହସ ଦେଖି, ତଥାପି ଶେଷ ପର୍ଯ୍ୟନ୍ତ ଚିହ୍ନାଇ ଦେଲା : ଏହି ହିଁ ତା'ର ମୁକ୍ତିଦାତ୍ରୀ, ଆଉ ଏଇ ଦାସୀକନ୍ୟା ତାଙ୍କର ସହାୟକାରିଣୀ ।

ରାଣୀ ପ୍ରତିବାଦ କରନ୍ତି । ଯୁକ୍ତି ଦିଅନ୍ତି : ଭୟରେ ଏ ଲୋକ ମିଥ୍ୟା କହୁଛି । ତା'କୁ ପ୍ରଶ୍ନ କରାଯାଉ ।

ପୁରୋହିତ ତାହା ବାରଣ କରନ୍ତି । ରାଣୀ ସମବେତ ସିରିଆବାସୀଙ୍କ ଉଦ୍ଦେଶ୍ୟରେ କହନ୍ତି : ଏସବୁ ଏହି କୁଚକ୍ରୀ ପୁରୋହିତଙ୍କର ଯୋଜନା । ଦେଖ ସେ କେମିତି ମଳିନ ଦିଶୁଛନ୍ତି । ପୋସାଇଡ଼ନ୍‌ଙ୍କ ନାମରେ ଶେଷ କରିବେ ରାଜବଂଶ ଓ ନିଜେ ଗ୍ରହଣ କରିବେ ରାଜପଦବୀ ।

ଜନତା ରାଣୀଙ୍କର ବ୍ୟକ୍ତିତ୍ୱରେ ପ୍ରଭାବିତ ହୁଏ । ସେ ଚିତ୍କାର କରେ : ରାଣୀ ଠିକ୍ କହୁଛନ୍ତି । ଶକ୍ତି ଅପବ୍ୟବହାରକାରୀ ଏ ପୁରୋହିତକୁ ଫାଶୀ ଦିଅ ।

ଦୋଷ ଲେଉଟି ପୁରୋହିତଙ୍କ ଉପରକୁ ଆସିବାର ଦେଖି ସେ କହନ୍ତି : ଠିକ୍ ଅଛି ତେବେ ବଣିକମାନଙ୍କୁ ପ୍ରଶ୍ନ କରାଯାଉ ।

ସେତିକିବେଳେ କଂସେଇ ପେରିସସ୍ ଆଗେଇ ଆସେ

ସ୍ପର୍ଦ୍ଧାସ ଆଡ଼କୁ ତା'ର ତୀକ୍ଷ୍ଣ ଛୁରିକା ଧରି । ଭୀତ ବଣିକ କ୍ରନ୍ଦନ କରୁ କରୁ ରାଜକୁମାରୀଙ୍କୁ ଅନୁଯୋଗ କରେ ତାକୁ ଉଦ୍ଧାର କରିବାକୁ ।

ରାଜକୁମାରୀ ତତ୍‌କ୍ଷଣାତ୍ କହନ୍ତି କଂସେଇ ଉଦ୍ଦେଶ୍ୟରେ : ନା ତୁମର ନୃଶଂସ ହସ୍ତ ତା' ଉପରେ ତୁମେ ନ୍ୟସ୍ତ କରନା, ଯାହାକୁ ମୁଁ କରିଛି ମୁକ୍ତ ।

କଂସେଇ କହେ : ଆହା, କୁନି ରାଜକୁମାରୀ ଆମର ? କାହିଁକି କଲ ତୁମେ ଏ କାର୍ଯ୍ୟ ।

ରାଜକୁମାରୀ ଉତ୍ତର ଦିଅନ୍ତି : କାରଣ ମୁଁ ଚାହିଁ ନ ଥିଲି ସେମାନଙ୍କର ମାନୁଷୀ ହୃଦୟଟିମାନ ଛିଣ୍ଡାଇ ଖାଇଥା'ନ୍ତା ସେହି ଅସୁର, ଯାହାକୁ ତୁମେ ପୂଜା କର ଦେବତା କହି । ମୁଁ କଷ୍ଟ କ'ଣ ଜାଣେ, ତେଣୁ ଅନ୍ୟର କଷ୍ଟ ବୁଝେ । ଚାହିଁଲେ ମୋତେ ହତ୍ୟାକର, ମୁଁ ହିଁ ଅପରାଧିନୀ ।

ପୁରୋହିତ ତାଚ୍ଛଲ୍ୟ କରନ୍ତି : ଏବେ ରାଣୀ ନୀରବ କାହିଁକି ? ମୁଁ ପରା କୁଚକ୍ରୀ ? ପୋସାଇଡ଼ନ୍ ଚାହାନ୍ତି, ସମୁଦ୍ର ତୀରରେ ଅପରାଧିନୀକୁ ଆବଦ୍ଧ ରଖାଯିବ । ସମୁଦ୍ରରୁ ରାକ୍ଷସମାନେ ଉତ୍‌ଥିତ ହୋଇ ତାକୁ ଖାଇବେ ଖଣ୍ଡ ଖଣ୍ଡ କରି । ଦେଶରୁ ଶାନ୍ତି ଓ ଧୌତି ପାଇଁ ବ୍ୟବହୃତ ହେବ ପୁରାତନ ତୁମ ରାଜବଂଶର ରୁଧିର ।

ରାଣୀ ପୂର୍ବବତ୍ ସାହସ ରଖି କହନ୍ତି : ମୋର ଶିଶୁ କନ୍ୟାକୁ ମୁଁ ଛାତିରେ ଯାକି ଫେରିଯିବି । ଆଉ ବେବିଲନୀୟ ବଣିକଗଣ, ତୁମେ ମଧ୍ୟ ଆସ ଉଆସକୁ ।

ପଲିଡ଼ନ୍ ଚିତ୍କାର କରନ୍ତି : ସେମାନଙ୍କୁ ବାଧାଦିଅ ସୈନ୍ୟଗଣ ! ସେମାନଙ୍କ ପଥ ଅଟକାଅ ଟାୟାର ରାଜା ଫିନିଅସ୍ ।

କେହି ଶୁଣନ୍ତିନି । ସେନାପତି କହନ୍ତି : ରାଜ ଶରୀରରେ ଆମେ ହାତ ଦେବୁ ନାହିଁ ।

ଫିନିଅସ୍ କହନ୍ତି : ତୁମେ ଭୁଲ୍ କଲ ପୁରୋହିତ । ଆୟଲାସ୍‌ର ମସ୍ତକ ନମାଗି ମାଗିଲ କୋମଳ ଶରୀରା ଏଣ୍ଡ୍ରୋମିଡ଼ାର ମସ୍ତକ । ଆଉ ତାହାହିଁ କଲା ନଗରବାସୀଙ୍କର କରୁଣା ଉଦ୍ରେକ ।

ପୁରୋହିତ ପାଗଳ ପରି ଚିତ୍କାର କଲେ : ହେ ଭୟଙ୍କର ପୋସାଇଡ଼ନ୍ । ତୁମେହିଁ ନିଅ ତୁମର ପ୍ରତିଶୋଧ । କାହିଁ ସେ ଶକ୍ତି ଯାହା ମୋ ଦେହରେ ଲେସା ହେବାର ପ୍ରତିଶ୍ରୁତି ତୁମେ ଦେଇଥିଲ ? ମୁଁ ଅକୃତକାର୍ଯ୍ୟ ହେଲି ।

କ୍ଷଣକର ନୀରବତା ପରେ ସେ ମସ୍ତକ ଉଠାଇ କହିଲେ :

କାଲି ହେବ ସିରିଆ-ବାସୀ, କାଲି ପୋସାଇଡ଼ନ୍‌ର ଦିନ ।

(କ୍ରମଶଃ) ❑

ତୁମ ଭିତରେ ଯଦି ଅଭୀପ୍ସା ରହିଛି, ତୁମ ଭିତରେ ଯଦି ସଂକଳ୍ପ ରହିଛି, ଏକଥା ଚୂଡ଼ାନ୍ତ ନିଶ୍ଚିତ ଯେ ଶୀଘ୍ର ହେଉ ବା ବିଳମ୍ବରେ ହେଉ, ତୁମେ କୃତକାର୍ଯ୍ୟ ହେବ । ଆଉ ମୁଁ ଏକଥା କହୁଛି ତୁମ ତୁଳନାରେ ସମ୍ଭବତଃ କମ୍ ଅନୁକୂଳ ପରିସ୍ଥିତିରେ ଥିବା ଅତି ସାଧାରଣ ଲୋକଙ୍କ ପାଇଁ, କିନ୍ତୁ ଯେଉଁମାନେ ନିଜକୁ ଜାଣିବାକୁ ଶିଖିପାରିବେ ଏବଂ ନିଜ ଉପରେ ବିଜୟ ଲାଭ କରିପାରିବେ, ନିଜ ଉପରେ କର୍ତ୍ତୃତ୍ୱ ପ୍ରତିଷ୍ଠା କରିପାରିବେ, ନିଜକୁ ଆୟତ୍ତରେ ରଖିପାରିବେ । ତେଣୁ ପରିସ୍ଥିତି ଅନୁକୂଳ ହୋଇଥିଲେ ସାଫଲ୍ୟ ଦିଗରେ ତୁମର ବହୁତ ଅଧିକ ସମ୍ଭାବନା ରହିଛି । ଗୋଟାଏ କଥା ସର୍ବଦା ଦରକାର, ଖେଳରୁ ଓହରି ନ ଆସିବା – ଯେହେତୁ ଏହା ଏକ ମହତ୍ ଖେଳ ଏବଂ ଏହାର ପରିଣତି ଦୃଷ୍ଟିରୁ ଶେଷଯାଏ ଏହା ଖେଳିବାର ଶ୍ରମ ହେବ ଯଥାର୍ଥ ।

– ଶ୍ରୀମା

# ଅତନ୍ଦ୍ର ଆଶାର ମହକ

## ଅଜିତ ମହାନ୍ତି

ଏମିତି କେଉଁ ଅନ୍ଧାର ନାହିଁ
ଯାହା ଆଲୁଅ ନ ଦେଖି ଫେରିଯିବ,
ଏମିତି କେଉଁ ରାତି ନାହିଁ
ଯାହା ସକାଳ ଅପେକ୍ଷାରେ ନ ଥିବ ।

ସବୁ ଆସକ୍ତ ବେଳାରେ କେହି ଜଣେ ଆସୁଛନ୍ତି
ମୁକୁଳାଇ ଦେବାର ସ୍ୱପ୍ନ ବୁଣିଦେଇ
କୋଳେଇ ନିଅନ୍ତି ।

ମା !
ଅନନ୍ତ ଆଶାର ପ୍ରତ୍ୟୟ ଦେଇ ସେ ଅଛନ୍ତି,
ପାଦ ସ୍ପର୍ଶେ ଯା'ର ପୃଥିବୀ ଧନ୍ୟା,
ଅପରୂପା ଅନନ୍ୟା ସେ ।

କଥା କୁହ ମାଆ ! ଦିବ୍ୟ ଜୀବନର କଥା
ଅନ୍ଧାରରୁ ମୁକୁଳି ଯିବା ଆଲୁଅର କଥା
ହାତ ହଲାଇ ଦେଲେ ମାଆ
ଅମୃତର ଧାରା ବହିଯିବ
ପୃଥିବୀର ତୃଷା ମେଣ୍ଟିଯିବ ।

ଅମୃତତ୍ୱର ଆଡ଼କୁ ଗୋଟିଏ ପାଦ ଆଗେଇବାକୁ
ଶକ୍ତିହୀନ ମଣିଷ ଶକ୍ତିର ସୌନ୍ଦର୍ଯ୍ୟରେ ବିକଶି ଉଠିବ ।
ରାସ୍ତା ସାରା ଜଳମୟ,
ରତ୍ନ ପାଦୁକାରେ ଢାଙ୍କିଦେଇ ପାଦକୁ ତାହାର
ଅବରୁଦ୍ଧ ଦ୍ୱାରସବୁ ଧୀରେ ଖୋଲିଯିବ ।

ଆମେ ତ ବାଲୁତ ଶିଶୁ,
ମା'ର ପଣତ ତଳ ନିଶ୍ଚିତ ସୌଭାଗ୍ୟ
ହାରୁଥିବା ଜୀବନରେ ଜିତିବାର ଶୁଭ ଶଙ୍ଖନାଦ ।
ଦେଖ ସେହି କରୁଣାର ଧାରା
ଅଯାଚିତେ ଝରିପଡ଼େ ସହସ୍ର ଧାରାରେ ।
ଜୀବନକୁ ଦେଖିବାକୁ ଚେଷ୍ଟା କର ପାନ୍ଥ,
ଏ ଜୀବନ ତ ଏକ ଶାଶ୍ୱତ ଜୀବନ
ତେଣୁ ଆମେ ସବୁ ଅମୃତ ସନ୍ତାନ ।

ଫିଟିଲାଣି ରାସ୍ତା ଏବେ,
ମା ହାତର ଅମୃତର ଧାରା ମିଛ ନୁହେଁ
କିଂବା ମିଛ ନୁହେଁ ଦିବ୍ୟ ଜୀବନ ଓ ତା'
ସୂଚନାର ଅନିନ୍ଦ୍ୟ ଉପଚାର ।

ସତ୍ୟର ପଥ, ଆଲୋକର ପଥ ଓ ଆନନ୍ଦର ପଥ
ମିଶାମିଶି ସବୁଆଡ଼ ଆଲୋକିତ,
ସୁବର୍ଣ୍ଣ ସୂର୍ଯ୍ୟର ରକ୍ତିମ ଆଭାରେ
ଦିଗ୍‌ବଳୟ ଉଦ୍ଭାସିତ ।

ଦେଖିଛ ସେ ଦୁଇ ଚକ୍ଷୁ ସୂର୍ଯ୍ୟ ଆଉ ଚନ୍ଦ୍ର
ଆତଯାତ ସୂକ୍ଷ୍ମ ଓ ଅସୂକ୍ଷ୍ମ
ସବୁଆଡ଼େ ବାଟ ଖୋଲା,
ଆଉ କ'ଣ ମଣିଷର ଲୋଡ଼ା !
ଏବେ କେବଳ ଅତିମାନସ
ଦିବ୍ୟତାକୁ ଅପେକ୍ଷା । ❑



ଚେତନାର ଦିଗ୍‌ବଳୟ :

# ଆତ୍ମହତ୍ୟା : ଗବେଷଣାଲବ୍ଧ ସିଦ୍ଧାନ୍ତ ଏବଂ ଆଧ୍ୟାତ୍ମିକ ଜ୍ଞାନ

**ପ୍ରଶ୍ନ :** ଇଚ୍ଛାମୃତ୍ୟୁ ଅର୍ଥାତ୍ ଆତ୍ମହତ୍ୟା କ'ଣ ନିଷିଦ୍ଧ କର୍ମ ? ପରଜନ୍ମ ଉପରେ ଏହାର କି ପ୍ରଭାବ ପଡ଼ିବାର ସମ୍ଭାବନା ଥାଇପାରେ ?

**ଉତ୍ତର :** ''ଇଚ୍ଛାମୃତ୍ୟୁ'' ଓ ''ଆତ୍ମହତ୍ୟା'' ଦୁଇ ଶବ୍ଦର ଆକ୍ଷରିକ ଅର୍ଥ ଏକ ହୋଇଥିଲେ ମଧ୍ୟ ଏ ଦୁଇଟି ପରସ୍ପର ପ୍ରତିଶବ୍ଦ ନୁହଁନ୍ତି । ଦୁଇର ବ୍ୟବହାରଗତ ତାତ୍ପର୍ଯ୍ୟ ଭିନ୍ନ । ପ୍ରଥମେ ଆତ୍ମହତ୍ୟା ଉପରେ ଆଲୋକପାତ କରାଯାଉ ।

ଆତ୍ମହତ୍ୟା ବର୍ଜନୀୟ ବୋଲି ଧର୍ମ, ପରମ୍ପରା ଏବଂ କାନୁନ ବହୁ କାଳ ଧରି ମତ ବ୍ୟକ୍ତ କରିବା କଥା ଏବଂ ନିକଟ ଅତୀତ ପର୍ଯ୍ୟନ୍ତ ଆଇନ ଦୃଷ୍ଟିରୁ ତାହା ଦଣ୍ଡନୀୟ ରୂପେ ବିବେଚିତ ହେବା କଥା ପ୍ରାୟ ସମସ୍ତଙ୍କୁ ଜଣାଥିବ । ପରିବାର ସକାଶେ ତ ନିଶ୍ଚୟ; କିନ୍ତୁ ସମାଜ ଉପରେ ମଧ୍ୟ ଯେକୌଣସି ଆତ୍ମହତ୍ୟାର ପ୍ରଭାବ ବିଷାଦମୟ ହୋଇଥାଏ । କିନ୍ତୁ ଆତ୍ମହତ୍ୟାକାରୀ ସ୍ୱୟଂ ଯଦି ସେ କର୍ମଟି କରି ସୁଖୀ ହେଉଥା'ନ୍ତା ତେବେ ଏସବୁ ପ୍ରତିକ୍ରିୟା ସହ୍ୟ କରାଯାଇ ପାରନ୍ତା । କିନ୍ତୁ ବାସ୍ତବତା କ'ଣ ? ଆତ୍ମହତ୍ୟା ପରେ ବ୍ୟକ୍ତିଟିର, ଅର୍ଥାତ୍ ତା'ର ଚେତନାର ଅବସ୍ଥା କ'ଣ ହୁଏ ? ଏ ପ୍ରଶ୍ନର ନିର୍ଭରଯୋଗ୍ୟ ଉତ୍ତର କେବଳ ମାତ୍ର ନିର୍ଭରଯୋଗ୍ୟ ଆଧ୍ୟାତ୍ମିକ ପ୍ରାଜ୍ଞମାନଙ୍କଠାରୁ ଆଶା କରାଯାଇପାରେ । ସେଭଳି ଉତ୍ତର ଉପସ୍ଥାପନ କରିବା ପୂର୍ବରୁ ଆମେ ଏ ଦିଗରେ ସଂପ୍ରତି ଦୀର୍ଘ ତଥା ପ୍ରଶଂସାଯୋଗ୍ୟ ମନୋବୈଜ୍ଞାନିକ ଗବେଷଣା କରିଥିବା ଜଣେ ଧୀମାନ୍‌ଙ୍କ ସିଦ୍ଧାନ୍ତ ଉପରେ ଧ୍ୟାନ ଦେବା । ଧୀମାନ୍‌ଙ୍କ ନାମ ବର୍ତ୍ତମାନ ଜିଜ୍ଞାସୁ ଜଗତରେ ମୋଟାମୋଟି ସୁପରିଚିତ; ଡାକ୍ତର ରେମଣ୍ଡ୍ ମୁଡ଼ି (Raymond Moody); ତାଙ୍କ ବହୁ ପ୍ରସାରିତ ବହିଟିର ନାମ ''ଜୀବନ ପରବର୍ତ୍ତୀ ଜୀବନ'' (Life after Life) ।

ସେ ତାଙ୍କ ଗବେଷଣା ନିମନ୍ତେ ବାଛିଥିଲେ ଗୋଟିଏ ଅଭିନବ ବିଷୟ; କେବେ କେବେ ଚିକିତ୍ସା ବିଜ୍ଞାନ ଦୃଷ୍ଟିରୁ ମୃତ (Clinically dead) ବିବେଚିତ ବ୍ୟକ୍ତିଟିଏ ଅଚାନକେ ଚେଇଁ ଉଠେ । ଉପରୋକ୍ତ ଧୀମାନ୍ ସେହିମାନଙ୍କୁ ଭେଟି ମୃତ୍ୟୁ ଏବଂ ସେ ପର୍ଯ୍ୟାୟରୁ ଅପ୍ରତ୍ୟାଶିତ ଭାବେ କଳେବର ଭିତରକୁ ପ୍ରତ୍ୟାବର୍ତ୍ତନର ମଧ୍ୟବର୍ତ୍ତୀ ସମୟ ଭିତରେ ସେମାନଙ୍କର ଯେଉଁ ଅଭିଜ୍ଞତା ହୋଇଛି, ତାହା ଲିପିବଦ୍ଧ କରିଛନ୍ତି । କେବଳ ଗୋଟାଏ ଶ୍ରେଣୀର ପ୍ରତ୍ୟାଗତଙ୍କୁ ଛାଡ଼ି ଆଉ ସମସ୍ତଙ୍କ ଅଭିଜ୍ଞତା ଚମତ୍କାର । ଯେଉଁ ଶ୍ରେଣୀର ପ୍ରତ୍ୟାଗତମାନଙ୍କ ଅଭିଜ୍ଞତା ବିଭୀଷିକାପୂର୍ଣ୍ଣ, ସେମାନେ ଆତ୍ମହତ୍ୟା କରିଥିଲେ – ଅର୍ଥାତ୍ ସେ ଉଦ୍ୟମରେ ସଫଳ ହୋଇ ମଧ୍ୟ କୌଣସି ଅଜ୍ଞାତ କାରଣରୁ ଦେହ ଭିତରେ ପୁନଃ ପ୍ରବିଷ୍ଟ ହୋଇଥିଲେ । ତେଣୁ ଆତ୍ମହତ୍ୟା ଖାଲି ସାମାଜିକ ବା ଆଧ୍ୟାତ୍ମିକ ଦୃଷ୍ଟିରୁ ବର୍ଜନୀୟ ନୁହେଁ, ଆତ୍ମହତ୍ୟା ପାଇଁ ପ୍ରବେଗର ଶିକାର ବନିଥିବା ବ୍ୟକ୍ତି ଆପଣା ସ୍ୱାର୍ଥ ଦୃଷ୍ଟିରୁ ସେଭଳି କର୍ମରୁ ନିବୃତ୍ତ ରହିବା ନିମନ୍ତେ ଏହା ଏକ ଚେତାବନୀ ।

ଯେଉଁମାନେ ସ୍ୱାଭାବିକ କାରଣରୁ ମୃତ୍ୟୁବରଣ କରି ପୁଣି ଜୀବନ୍ୟାସ ପାଇଥିଲେ, ସେମାନଙ୍କ ଅଭିଜ୍ଞତା ତାତ୍ପର୍ଯ୍ୟପୂର୍ଣ୍ଣ । ଏପରିକି ମୃତ ବୋଲି ଘୋଷିତ ଜଣେ ଡାକ୍ତର ପୁନଃଜୀବିତ ହେବା ମାତ୍ରେ ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିବା ବନ୍ଧୁ ଡାକ୍ତର ଜଣକ ଉପରେ ସେ ଭାରି ଖପା ହେଲେ, କାରଣ ମୃତ୍ୟୁ ଅନ୍ତେ ସେ ଯେଉଁ ପ୍ରଶାନ୍ତ ଅବସ୍ଥାରେ ଥିଲେ, ସେଥିରୁ ବଞ୍ଚିତ ହୋଇ ସେ ବଡ଼ ମ୍ରିୟମାଣ ! ତାଙ୍କ ଅପ୍ରତ୍ୟାଶିତ ଜୀବନ୍ୟାସ ଯେ ଡାକ୍ତରବନ୍ଧୁଙ୍କ କୃତିତ୍ୱ ନୁହେଁ, ଡାକ୍ତରବନ୍ଧୁ ନିଜେ ହତବାକ୍, ଏକଥା ବୁଝିବାକୁ ତାଙ୍କୁ ସମୟ ଲାଗିଲା । ଏ ପ୍ରସଙ୍ଗ ଆମେ ପଢ଼ିବାକୁ ପାଉଁ ଡାକ୍ତର ମୁଡ଼ିଙ୍କର ଦ୍ୱିତୀୟ ବହି ''ସେପାରିର ଆଲୋକ'' (The Light Beyond) ବହିରେ ।

ବର୍ତ୍ତମାନ ଆଧ୍ୟାତ୍ମିକ ପ୍ରଜ୍ଞାର ଆଲୋକରେ ଆତ୍ମହତ୍ୟାର ପରିଣତି ଉପରେ ଦୃଷ୍ଟିପାତ କରିବା । (ନିମ୍ନୋକ୍ତ ଉଦ୍ଧୃତି ପୂର୍ବରୁ ପ୍ରକାଶିତ ମୋର ଗୋଟିଏ ନିବନ୍ଧରେ ରହିଥିବା ସତ୍ତ୍ୱେ ପ୍ରାସଙ୍ଗିକତା ଦୃଷ୍ଟିରୁ ଏଠାରେ ଉଦ୍ଧାର କରୁଛି ।)

କେହି ଜଣେ ଆତ୍ମହତ୍ୟା କରିବାକୁ ମନସ୍ଥ କରିଥିବା କଥା ଜଣେ ପତ୍ରପ୍ରେରକ ଶ୍ରୀଅରବିନ୍ଦଙ୍କୁ ଜଣାନ୍ତେ ସେ ଉତ୍ତରରେ ଲେଖିଥିଲେ :

''ଆତ୍ମହତ୍ୟା ଗୋଟିଏ ଉଦ୍ଭଟ ସମାଧାନ : ତାହା ଦ୍ୱାରା ତାକୁ ଶାନ୍ତି ମିଳିବ ବୋଲି ତା'ର ଯେଉଁ ଧାରଣା, ତାହା ସମ୍ପୂର୍ଣ୍ଣ

ଭୁଲ୍ । ସେ ନିଜ ସହ ନିଜ ସମସ୍ୟାସବୁକୁ ପରପାରିର ଆହୁରି ଅଧିକ ଦୟନୀୟ ପରିସ୍ଥିତି ଭିତରକୁ ନେଇଯିବ ଏବଂ ପୃଥିବୀରେ ନିଜର ପରବର୍ତ୍ତୀ ଜୀବନ ଭିତରକୁ ସେସବୁ ସମସ୍ୟାକୁ ଫେରାଇ ଆଣିବାହିଁ ସାର ହେବ । ଏଭଳି ବିକୃତ ଚିନ୍ତାକୁ ଝାଡ଼ି ଫୋପାଡ଼ି ଦେଇ ଶାନ୍ତ ଓ ସକ୍ରିୟ ସାହସ ସହକାରେ କୌଣସି ନିର୍ଦ୍ଦିଷ୍ଟ କର୍ମ ସାଧନକୁ ଜୀବନର ଲକ୍ଷ୍ୟ ଭାବରେ ଗ୍ରହଣ କରି ଜୀବନକୁ ସାମନା କରିବାହିଁ ଏକମାତ୍ର ସମାଧାନ ।''

ଅନ୍ୟ ଏକ ପତ୍ରରେ ଶ୍ରୀଅରବିନ୍ଦ ଲେଖି ଯାଇଛନ୍ତି, ''ଜଣେ ଯଦି ଇଚ୍ଛା କରି ଦେହକୁ ଫୋପାଡ଼ି ଦିଏ, ସେ ଅନ୍ୟ ଜଗତରେ ବହୁତ କଷ୍ଟ ପାଏ ଏବଂ ଯେତେବେଳେ ସେ ପୁନର୍ବାର ଜନ୍ମ ନିଏ ସେତେବେଳେ ସେ ଜନ୍ମ ନିଏ ଆହୁରି ଖରାପ ପରିସ୍ଥିତିରେ, ଭଲ ପରିସ୍ଥିତିରେ ନୁହେଁ ।''

ଏକାଧିକ ପ୍ରଶ୍ନର ଉତ୍ତରରେ ଶ୍ରୀମା ମଧ୍ୟ ବୁଝାଇଛନ୍ତି ଯେ ଆମ ଚୈତ୍ୟ ସତ୍ତା ଏ ଜୀବନରେ କେତେକ ଅଭିଜ୍ଞତା ଅର୍ଜନର ଲକ୍ଷ୍ୟ ନେଇ ମୂର୍ତ୍ତ ହୋଇଥାଏ – ଏ କଳେବର ଗ୍ରହଣ କରିଥାଏ । ''ସେତକ ସମାଧା ହେବା ପୂର୍ବରୁ ଯଦି ତୁମେ ଚାଲିଯାଅ, ତେବେ ତୁମକୁ ପ୍ରତ୍ୟାବର୍ତ୍ତନ କରି ସେତକ ସମାଧା କରିବାକୁହିଁ ପଡ଼ିବ – ବହୁ ଅଧିକ ଅସୁବିଧାଜନକ ପରିସ୍ଥିତି ଭିତରେ । ଅର୍ଥାତ୍ ଗୋଟାଏ ଜୀବନରେ ତୁମେ ଯେତେ ଯାହା ଏଡ଼ାଇ ଯାଉଛ, ସେସବୁ ତୁମେ ସାମନା କରିବ ପର ଜୀବନରେ; ସେସବୁ ହେବ ଆହୁରି କଷ୍ଟସାଧ୍ୟ ।''

ବର୍ତ୍ତମାନ ଇଚ୍ଛାମୃତ୍ୟୁ ପ୍ରସଙ୍ଗକୁ ଆସିବା । ଯଥାସମ୍ଭବ ସଂକ୍ଷେପରେ : ଜଣେ ଯୋଗୀ ବା ଋଷି ବା ଆଧ୍ୟାତ୍ମିକତା-ସମର୍ପିତ ଜଣେ ସାଧକଙ୍କ ଉପରୁ ପ୍ରକୃତି ତା'ର ଆଧିପତ୍ୟ ପ୍ରତ୍ୟାହାର କରି ନେଇଥାଏ; ଅର୍ଥାତ୍ ମାମୁଲି ଜୀବନଯାପନ କରିଥିଲେ ପ୍ରକୃତିର ବିଧାନ ଅନୁସାରେ ତାଙ୍କ ମୃତ୍ୟୁ ଯେବେ ଅବଧାରିତ ହୋଇଥାଏ, ତାଙ୍କ ତପସ୍ୟା ବା ସାଧନା ବଳରେ ନିଜ ମାମୁଲି କର୍ମଫଳ ବଳେ ବଳେ ଅପ୍ରାସଙ୍ଗିକ ହୋଇଯିବା ଫଳରେ ସେ ଭବିତବ୍ୟ ବାତିଲ ହୋଇ ଯାଇଥାଏ । ତାହା ବୋଲି ସେ ଅବଶ୍ୟ ଅମର ହୋଇଯିବେ ନାହିଁ – ଏ ସ୍ଥୂଳ କଳେବରର ଦିବ୍ୟ ରୂପାନ୍ତର ନହେବା ପର୍ଯ୍ୟନ୍ତ ଅମରତା ସମ୍ଭବପର ନୁହେଁ – କିନ୍ତୁ ନିଜ ମହାପ୍ରସ୍ଥାନ ମୁହୂର୍ତ୍ତ ନିର୍ଣ୍ଣୟ କରିବାର ଅଧିକାର ବଳେ ବଳେ ତାଙ୍କୁ ମିଳିଥାଏ । ସେ ସ୍ୱୟଂ ମୁହୂର୍ତ୍ତ ନିରୂପଣ କରି ପ୍ରାୟତଃ ଧ୍ୟାନସ୍ଥ ଅବସ୍ଥାରେ ଦେହତ୍ୟାଗ କରନ୍ତି । କେହି କେହି ପ୍ରସ୍ତୁତି ଭାବରେ ଆହାର ତ୍ୟାଗ କରନ୍ତି । ସେ ଶୃଙ୍ଖଳାକୁ ପ୍ରାୟୋପବେଶନ କୁହାଯାଏ ।

**– ମନୋଜ ଦାସ**

['ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୧୪-୧୬] ❑

ତୁମର ପ୍ରାଣସତ୍ତାର ଦ୍ୱାରଦେଶରେ ଏଣିକି ଶ୍ରୀମା'ଙ୍କର ଗୋଟିଏ ଆଦେଶନାମା ଲଗାଅ : ''ଆଜିଠାରୁ ଏଠାକୁ କୌଣସି ପ୍ରକାର ମିଥ୍ୟାଚାରର ପ୍ରବେଶ ନିଷେଧ ।'' ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେଠାରେ ଏକ ପ୍ରହରୀ ନିଯୁକ୍ତ କର ।

*

ନିମ୍ନପ୍ରାଣର ନିଜସ୍ୱ ସ୍ଥାନ ରହିଛି; ତାକୁ ନିର୍ଯାତିତ କିଂବା ନିହତ ନ କରି ପରିବର୍ତ୍ତିତ କରିବାକୁ ହେବ, ''ଦୁଇ ପ୍ରାନ୍ତରୁ ତାକୁ ଧରି ରଖିବାକୁ ହେବ'' । ଊର୍ଦ୍ଧ୍ୱରେ ତାହା ଉପରେ ରହିବ କର୍ତ୍ତୃତ୍ୱ ଓ ନିୟନ୍ତ୍ରଣ ଏବଂ ନିମ୍ନରେ ତାହାର ଯଥାର୍ଥ ପ୍ରୟୋଗ । ପ୍ରଧାନ ବିଷୟ ହେଉଛି କାମନା-ବାସନା ଓ ଆସକ୍ତିରୁ ମୁକ୍ତ ରହିବା; ସେତେବେଳେ ଯାଇ ପୂର୍ଣ୍ଣଭାବେ ପ୍ରାଣର ଯଥାଯଥ ଉପଯୋଗ ସମ୍ଭବପର ।

*

ସାଧାରଣ ମାନୁଷୀ ପ୍ରାଣପ୍ରକୃତିର କର୍ଦ୍ଦମାକ୍ତ ପଥରେ ନରମ ଓ ନିସ୍ତେଜ କାଦୁଅ ମେଞ୍ଚାଏ ହେବା ଅପେକ୍ଷା ଭଗବାନଙ୍କ ପଥରେ ଏକ ପଥର ହୋଇ ରହିବା ଶ୍ରେୟସ୍କର ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ଶ୍ରୀତନୁ-ସ୍ମାରକ (Relics) : ଏକ ସ୍ପଷ୍ଟୀକରଣ

ଶ୍ରୀଅରବିନ୍ଦଙ୍କର ଶ୍ରୀତନୁ-ସ୍ମାରକର ଆଧ୍ୟାତ୍ମିକ ତାତ୍ପର୍ଯ୍ୟକୁ ଭାଷା ଦ୍ୱାରା ପ୍ରକାଶ କରିବା ସମ୍ଭବପର ନୁହେଁ । ‘‘... ଶ୍ରୀତନୁ ସ୍ମାରକ କେବଳ ଏକ ସ୍ମୃତି-ଉଦ୍‌ବୋଧକ ବସ୍ତୁ ନୁହେଁ । ଶ୍ରୀତନୁ ସ୍ମାରକ ଶ୍ରୀଅରବିନ୍ଦଙ୍କର ଜୀବନ୍ତ ଉପସ୍ଥିତି, ଯାହା ତାଙ୍କର ଜୀବନବ୍ୟାପୀ ସାଧନାର ଆଲୋକ ଓ ଶକ୍ତିରେ ଅନୁସିକ୍ତ, ଠିକ୍ ଯେପରି ପରମାଣୁଟିଏ ନିଜ ଭିତରେ ଧାରଣ କରିଥାଏ ଏକ ଅନନ୍ତ ପରାକ୍ରମ – ଏହାହିଁ ଶ୍ରୀତନୁ ସ୍ମାରକ ପଶ୍ଚାତ୍‌ରେ ରହିଥିବା ସତ୍ୟ ।’’

– ନୀରଦବରଣ (Divinity’s Comrade, ପୃଷ୍ଠା - ୨୧୬-୨୧୭)

ଶ୍ରୀମାଙ୍କ ପ୍ରବର୍ତ୍ତିତ ବ୍ୟବସ୍ଥାନୁସାରେ ଶ୍ରୀତନୁ-ସ୍ମାରକ ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀଅରବିନ୍ଦଙ୍କ କକ୍ଷରୁହିଁ ପ୍ରଦାନ କରାଯାଏ । ଆଶ୍ରମ-ପ୍ରଦତ୍ତ ଏବଂ ବିଶେଷଭାବରେ ପ୍ରସ୍ତୁତ ଆଧାରକ୍ରମ ଭିତରେ ତାହା ସଂରକ୍ଷିତ ଥାଏ ।

ଏହାର ଗ୍ରହଣକାରୀ ପ୍ରତିଷ୍ଠାନ, ପ୍ରତିଷ୍ଠାସ୍ଥଳ, ଆଶ୍ରମରୁ ଗ୍ରହଣ କରୁଥିବା ଏବଂ ଏହାର ଦାୟିତ୍ୱରେ ରହୁଥିବା ବ୍ୟକ୍ତି ବା ବ୍ୟକ୍ତିବୃନ୍ଦ, ଏହାର ଯାତ୍ରାପଥ ଏବଂ ଯାହାଙ୍କ ଦ୍ୱାରା ଏହା ସଂସ୍ଥାପିତ ହେବ – ଏ ସମଗ୍ର ସୂଚୀ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍ ଦ୍ୱାରା ଅନୁମୋଦିତ ହେବା ଅପରିହାର୍ଯ୍ୟ ।

ଏକ ବିଶେଷ ଉଲ୍ଲେଖଯୋଗ୍ୟ କଥା ହେଲା, ଶ୍ରୀମା ସ୍ୱୟଂ କୌଣସି ବ୍ୟକ୍ତି-ବିଶେଷଙ୍କୁ କେବେ ମଧ୍ୟ ଶ୍ରୀତନୁ-ସ୍ମାରକ ପ୍ରଦାନ କରି ନଥିଲେ । ଶ୍ରୀତନୁ-ସ୍ମାରକ ହସ୍ତାନ୍ତର ବା ବିତରଣ କରିବା ନିମନ୍ତେ ମଧ୍ୟ ଶ୍ରୀମା କାହାକୁ ହେଲେ ଅଧିକାର ପ୍ରଦାନ କରି ନଥିଲେ । ଯଦି କେହି ବ୍ୟକ୍ତି କୌଣସି ସୂତ୍ରରୁ ପାଇଥିବା ଶ୍ରୀତନୁ-ସ୍ମାରକ ତାଙ୍କ ପାଖରେ ଥିବାର ଦାବି କରନ୍ତି, ତାହା ବ୍ୟକ୍ତିଗତ ଭାବେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବୁଝିବାକୁ ହେବ । ତାହାକୁ ସେ ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥାକୁ ହସ୍ତାନ୍ତର କରିବା ଅନଧିକାର କର୍ମ । ଶ୍ରୀତନୁ ସ୍ମାରକର ଏପରି ଅଧିକାରୀ ବା ତତ୍ତ୍ୱାବଧାରକବୃନ୍ଦ ଯଦି କୌଣସି କାରଣରୁ ଏହାକୁ ସମୁଚିତ ପବିତ୍ରତା ସହ ଆପଣା ପାଖରେ, ଅନୁମୋଦିତ ସ୍ଥାନରେ ରଖିବାକୁ ଅସମର୍ଥ ବୋଧ କରନ୍ତି, ତେବେ ସେମାନେ ଏହାକୁ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟକୁ ପ୍ରତ୍ୟର୍ପଣ କରିପାରନ୍ତି ।

ଏହି ବିଧାନ ଉଲ୍ଲଂଘନ କରି ଯଦି କୌଣସି ସ୍ଥାନରେ ଶ୍ରୀତନୁ-ସ୍ମାରକ ସଂସ୍ଥାପିତ ହୋଇଛି ବୋଲି ଘୋଷଣା କରାଯାଏ, ତାହା ଶ୍ରୀମାଙ୍କ ଦ୍ୱାରା ପ୍ରଦତ୍ତ ସର୍ବନିମ୍ନ ଶୃଙ୍ଖଳା ଏବଂ ନୀତି-ବହିର୍ଭୂତ କର୍ମ । ଶ୍ରୀଅରବିନ୍ଦ ଆଶ୍ରମ ତା’ର ଯାଥାର୍ଥ୍ୟ ସ୍ୱୀକାର କରିବାକୁ ଅକ୍ଷମ ଏବଂ ସେଥିପାଇଁ ଆଶ୍ରମ କୌଣସି ଭାବରେ ଦାୟୀ ନୁହେଁ ।

**ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ୍**

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com